# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୫/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, August 5/2025 | Page 12 | ₹ 7.00 | SAMBALPUR

୫୧ଶ ଭାଗ ୨୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 251 | ମୂଲ୍ୟ ₹୭/-




**ପ୍ରତୀକ ସାଜିଲେ ର' ଏଜେଣ୍ଟ**
ଅଭିନେତା ପ୍ରତୀକ ଗାନ୍ଧୀ 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍‌ରେ ର' ଏଜେଣ୍ଟ ଭୂମିକାରେ ଆସୁଛନ୍ତି।
୦୨

୧୨
**ବିପର୍ଯ୍ୟୟ ଘଟାଇଲେ ଟସନ**
ନ୍ୟାଶନାଲ ବ୍ୟାଙ୍କ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଟେକ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଡେନମାର୍କର କ୍ଲାରା ଟସନ।



# ଭାରତର ରୋମାଞ୍ଚକ ବିଜୟ

### ସିରାଜଙ୍କ ମ୍ୟାଜିକ୍ ସ୍ପେଲ: ସିରିଜ୍ ୨-୨ରେ ଡ୍ର'



ଅନ୍ତିମ ବ୍ୟାଟର୍ ଗସ୍ ଆଟ୍‌କିନ୍‌ସନ୍‌ଙ୍କୁ ମହମ୍ମଦ ସିରାଜ୍ ଆଉଟ୍ କରିବା ପରେ ଉଲ୍ଲସିତ ଭାରତୀୟ ଦଳର ଖେଳାଳି।

**ଲଣ୍ଡନ,୪।୮**

ମହମ୍ମଦ ସିରାଜ୍‌ଙ୍କ ମ୍ୟାଜିକ୍ ସ୍ପେଲ ବଳରେ ଭାରତ ଓଭାଲରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ସୋମବାର ଅନ୍ତିମ ଦିବସରେ ଇଂଲଣ୍ଡକୁ ୬ ରନରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଶେଷ ଦିବସରେ ଇଂଲଣ୍ଡକୁ ବିଜୟ ପାଇଁ ୩୫ ରନ ଆବଶ୍ୟକ ହେଉଥିବାବେଳେ ୪ ଉଇକେଟ ସୁରକ୍ଷିତ ଥିଲା। ମାତ୍ର ସିରାଜ ଓ ☞ପୃଷ୍ଠା-୪

# ରାହୁଲ ସେଠି ଥିଲେ କି

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରିବାକୁ ଯାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନେକ ମନ୍ତବ୍ୟ ଦେଉଛନ୍ତି, ଯାହାକୁ ନେଇ ସେ ନିଜେ ହରଡ଼ଘଣାରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ରାହୁଲଙ୍କ କେତେକ ଟିପ୍ପଣୀ ତଥ୍ୟ ପ୍ରମାଣ ଆଧାରିତ ହୋଇ ନ ଥିବାରୁ ତାଙ୍କ ଭାବମୂର୍ତ୍ତି ଉପରେ ପ୍ରଶ୍ନ ଉଠୁଛି। ସେ ମୋଦିଙ୍କୁ ଟାର୍ଗେଟ କରିବା ଲକ୍ଷ୍ୟରେ ଦେଶର ସ୍ୱାର୍ଥକୁ ବଳି ପକାଇ ଦେଉଛନ୍ତି ବୋଲି ଅନେକେ ମତ ଦେଉଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ସୋମବାର ରାହୁଲଙ୍କ ଏକ ଟିପ୍ପଣୀକୁ ନେଇ ତାଙ୍କ ଉପରେ କ୍ଷୁବ୍ଧ ହୋଇ ଭର୍ତ୍ସନା କରିଛନ୍ତି। ଲୋକ ସଭାରେ ସମ୍ପ୍ରତି ବିରୋଧୀ ଦଳ ନେତା ଥିବା ରାହୁଲ ୨୦୨୨ ଡିସେମ୍ବରରେ ଭାରତ ଯୋଡ଼ୋ ଯାତ୍ରାରେ ଥିବାବେଳେ ୨୦୨୦ର ଗଲୱାନ୍ ସଂଘର୍ଷ ପ୍ରସଙ୍ଗ ଉଠାଇ ଭାରତର ୨,୦୦୦ ବର୍ଗ କି.ମି. ଭୂଖଣ୍ଡକୁ ଚାଇନା ମାଡ଼ିବସିଥିବା କହିଥିଲେ। ଏନେଇ ରାହୁଲଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲାରେ ଲକ୍ଷ୍ନୌ ହାଇକୋର୍ଟ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିବାବେଳେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏହାର ଶୁଣାଣି କରି କହିଛନ୍ତି, ରାହୁଲ ହେଉଛନ୍ତି ବିରୋଧୀ ଦଳର ନେତା। ସେ ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ନ ଉଠାଇ ସୋସିଆଲ ମିଡିଆରେ କାହିଁକି କହୁଛନ୍ତି? ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ଦଖଲ କରିଥିବା ରାହୁଲ କିପରି ଜାଣିଲେ ଏବଂ ସେଠାରେ ସେ ଥିଲେ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ତାଙ୍କ କଥାର କ'ଣ ବିଶ୍ୱସନୀୟ ତଥ୍ୟ ରହିଛି ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।**





ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୪।୮(ପି.ଟି.)**

ଭାରତ ଯୋଡ଼ୋ ଯାତ୍ରା ସମୟରେ ଭାରତୀୟ ସେନା ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟ ସୋମବାର ଭର୍ତ୍ସନା କରିଛନ୍ତି। ଯଦି ଆପଣ ଜଣେ ସଚ୍ଚା ଭାରତୀୟ ହୋଇଥାନ୍ତେ, ତେବେ ଏଭଳି କଥା କହି ନ ଥାନ୍ତେ ବୋଲି ଶୀର୍ଷ ଅଦାଲତ କହିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ନୌ କୋର୍ଟରେ ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ମାମଲାର କାର୍ଯ୍ୟାନୁଷ୍ଠାନ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିଛନ୍ତି। ଏନେଇ ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି। ରାହୁଲଙ୍କୁ ଖଣ୍ଡପୀଠ କହିଥିଲେ, ଆପଣ ବିରୋଧୀ ଦଳ ନେତା। ଏହି ପ୍ରସଙ୍ଗ ପାର୍ଲାମେଣ୍ଟରେ ନ ଉଠାଇ ସୋସିଆଲ ମିଡିଆରେ କହିବାକୁ ପଡ଼ିଲା କ'ଣ ପାଇଁ? ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ଦଖଲ କରିଥିବା କିପରି ଜାଣିଲେ। ଆପଣ ସେଠାରେ ଥିଲେ କି? ଏନେଇ ଆପଣଙ୍କ ପାଖରେ କୌଣସି ବିଶ୍ୱସନୀୟ ତଥ୍ୟ ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ରାହୁଲଙ୍କ ତରଫରୁ ଉପସ୍ଥିତ ଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଥିଲେ, ଯଦି ଜଣେ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇ ନ ପାରିବେ, ତେବେ ତାହା ଏକ ଦୁର୍ଭାଗ୍ୟଜନକ ସ୍ଥିତି ହେବ। ଗଣମାଧ୍ୟମରେ ପ୍ରକାଶିତ ବିଷୟ ଯଦି କହି ନ ପାରିବେ, ତେବେ ସେ ବିରୋଧୀ ଦଳ ନେତା ରହିପାରିବେ ନାହିଁ ବୋଲି ସିଂଘଭି କହିଥିଲେ। ଖଣ୍ଡପୀଠଙ୍କ ସଚ୍ଚା ଭାରତୀୟ ମନ୍ତବ୍ୟ ଉପରେ ଆଇନଜୀବୀ କହିଥିଲେ, ୨୦ ଜଣ ଭାରତୀୟ ସୈନ୍ୟଙ୍କୁ ମାଡ଼ ମରାଯାଇଥିଲା ଓ ମୃତ୍ୟୁ ଘଟିଥିଲା ବୋଲି ଜଣେ ସଚ୍ଚା ଭାରତୀୟ କହିବା ସମ୍ଭବ। ଏହା ମଧ୍ୟ ଏକ ଚିନ୍ତାର ବିଷୟ। ଏହା ଉପରେ ଶୀର୍ଷ ଅଦାଲତ କହିଥିଲେ, ସଂଘର୍ଷ ବେଳେ ଉଭୟ ପକ୍ଷରୁ ମୃତାହତ ହେବା ଅସାଧାରଣ ନୁହେଁ। ସିଂଘଭି କହିଥିଲେ, ରାହୁଲ କେବଳ ଘଟଣାକୁ ପ୍ରଘଟ କରିଛନ୍ତି ଓ ତଥ୍ୟକୁ ଚାପିଦିଆଯାଉଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏହାର ଜବାବରେ ଜଷ୍ଟିସ୍ ଦତ୍ତା କହିଥିଲେ, ଜଣେ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ନେତା ଭାବେ ରାହୁଲ ଏଭଳି କରିବାର ନ ଥିଲା। ଏଭଳି ପ୍ରଶ୍ନ ଉଠାଇବା ପାଇଁ ଉପଯୁକ୍ତ ଫୋରମ୍ ରହିଛି। ସିଂଘଭି ଏହାକୁ ଗ୍ରହଣ କରିବା ସହ ଆପରାଧିକ ଅଭିଯୋଗକୁ ଅଦାଲତ ସଜ୍ଞାନକୁ ନେବା ପୂର୍ବରୁ ଅଭିଯୁକ୍ତଙ୍କ ଯୁକ୍ତି ଶୁଣିବା ବାଧ୍ୟତାମୂଳକ, ଯାହା ବର୍ତ୍ତମାନର ମାମଲାରେ ☞ପୃଷ୍ଠା-୪

# ଶିବୁ ସୋରେନ୍‌ଙ୍କ ପରଲୋକ



**ରାଞ୍ଚି/ନୂଆଦିଲ୍ଲୀ,୪।୮**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍)ର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। କିଡ୍‌ନୀ ସମ୍ବନ୍ଧୀୟ ସମସ୍ୟା ପାଇଁ ଗତ ଜୁନ୍ ୧୯ରେ ସେ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସମ୍ମାନନୀୟ ଦିଶୋମ ଗୁରୁଜୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଗଣତନ୍ତ୍ର ପାଇଁ ଅଶୁଭ**

# ଅପାରଗ ବାବୁଙ୍କ ତଥ୍ୟ ମାଗିଲେ ସରକାର


### ସବୁ ସଚିବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଚିଠି

**ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)**

ରାଜ୍ୟର କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ(ବାବୁ) ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି ତା'ର ଚିକିନିଖି ହିସାବ ରାଜ୍ୟ ସରକାର ଲୋଡ଼ିଛନ୍ତି। ଏନେଇ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ନିକଟରେ ସଚିବସ୍ତରୀୟ ବୈଠକରେ ସମସ୍ତ ସଚିବଙ୍କୁ ସୂଚାଇ ଥିବାବେଳେ ଜୁଲାଇ ୩୧ରେ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(ଓଏସ୍‌ଡି) କଲ୍ୟାଣ କୁମାର ରଥ ସମସ୍ତ ବିଭାଗର ସଚିବମାନଙ୍କୁ ପତ୍ର ଲେଖିଛନ୍ତି। ଚଳିତମାସ ୭ତାରିଖ ପୂର୍ବରୁ ସରକାରଙ୍କୁ ସମସ୍ତ ତଥ୍ୟ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ଏହାକୁ ନେଇ ସବୁ ବିଭାଗରେ ଏବେ ଘଣ୍ଟାଚକଟା ଆରମ୍ଭ ହୋଇଯାଇଛି। ବିଭାଗରେ କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି, ସେନେଇ ଖୋଳତାଡ଼ ଆରମ୍ଭ ହୋଇଥିବାବେଳେ ସୋମବାର ଜଳସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକୁ ନେଇ ଅତିରିକ୍ତ ସଚିବ ସମସ୍ତ ଅଧିକାରୀଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି।

ସବୁ ବିଭାଗୀୟ ସଚିବଙ୍କୁ ଓଏସ୍‌ଡି କଲ୍ୟାଣ କୁମାର ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ଜଣାଉଛି କି ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗତ ସଚିବସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା। ସେଥିମଧ୍ୟରେ କର୍ମଚାରୀଙ୍କ ଅବସରଠାରୁ ଆରମ୍ଭ କରି ବାଧ୍ୟତାମୂଳକ ଅବସର ପର୍ଯ୍ୟନ୍ତ, ପ୍ରଶାସନରେ ବୈଷୟିକ ପ୍ରଣୟନ, ନାଗରିକକୈନ୍ଦ୍ରିକ ସରକାରଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟସଚିବ ୧୨ଟି ବିଷୟ ଉପରେ ଏହାର ସ୍ଥିତାବସ୍ଥା ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି।

ସେ ଦର୍ଶାଇଛନ୍ତି, ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଚିକିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନା କରୁ ନାହାନ୍ତି ତଥା ଅପାରଗ ବୋଲି ବିବେଚିତ ହେବେ ସେମାନଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବର ୨୪ର ସର୍କୁଲାର ଅନୁଯାୟୀ, ସମ୍ପୃକ୍ତ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ଏ ସମ୍ପର୍କରେ କେଉଁ ବିଭାଗ କେତେ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ସମୀକ୍ଷା କରିଛି ଏବଂ କେତେଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ବିବରଣୀ ପ୍ରଦାନ କରିବାକୁ ହେବ। ଏହାସହିତ କେତେଜଣ ସରକାରୀ ☞ପୃଷ୍ଠା-୪



# ଦୀପିକାଙ୍କ ରିଲ୍ସର ସର୍ବାଧିକ ଭ୍ୟୁଅର୍ସ

**ମୁମ୍ବାଇ, ୪।୮**

ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ୍ ବଲିଉଡ୍‌ରେ ପ୍ରାୟ ୨ ଦଶନ୍ଧି ଧରି ଅନେକ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ଯୋଗୁ ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। କିଛିଦିନ ତଳେ ପ୍ରସିଦ୍ଧ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ତାଙ୍କୁ 'ଷ୍ଟାର' ସମ୍ମାନ ମିଳିଥିଲା। ଏବେ ତାଙ୍କ ସହ ଆଉ ଏକ ସଫଳତା ଯୋଡ଼ି ହୋଇଛି। ଦୀପିକାଙ୍କର ଏକ ଇନ୍‌ଷ୍ଟାଗ୍ରାମ ରିଲ୍ସ ୧.୯ ବିଲିୟନ ଭିଉଜ୍ ଅତିକ୍ରମ କରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଦୀପିକାଙ୍କ ଏହି ଭିଡିଓ ସାରା ବିଶ୍ୱରେ ସର୍ବାଧିକ ଦେଖାଯାଇଥିବା ରିଲ୍ସ ଭାବେ ପରିଣତ ହୋଇଛି। ଦୀପିକା ସାଧାରଣତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବହୁ ସକ୍ରିୟ ରହିଥାନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୮୦ ମିଲିୟନ ଫଲୋଅର୍ସ ରହିଛନ୍ତି।



ସେ ପ୍ରାୟତଃ ଇନ୍‌ଷ୍ଟାଗ୍ରାମରେ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନର ବିଭିନ୍ନ ଝଲକକୁ ଶେୟାର କରିଥାନ୍ତି। ପରିବାର ଲୋକଙ୍କ ସହ ବିଭିନ୍ନ ଫଟୋ ହେଉ ଅବା ଫିଲ୍ମ ଶୁଟିଂ ସେଟ୍‌ର ଝଲକ, ଦୀପିକାଙ୍କ ବିଭିନ୍ନ ପୋଷ୍ଟକୁ ଇନ୍‌ଷ୍ଟାଗ୍ରାମରେ ୟୁଜର୍ସ ବେଶ୍ ପସନ୍ଦ କରିଥାନ୍ତି। ସେହିପରି ବିଭିନ୍ନ ଫଟୋଶୁଟ୍ ସହ ସେ ପ୍ରମୋଟ କରୁଥିବା ବିଭିନ୍ନ ବ୍ରାଣ୍ଡର ଅପଡେଟଗୁଡ଼ିକୁ ମଧ୍ୟ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥାନ୍ତି। ସମ୍ପ୍ରତି ସେ ଅନେକ ଅନ୍ତର୍ଜାତୀୟ କମ୍ପାନୀର ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ତେଣୁ ନିଜ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସେ ଉକ୍ତ ବ୍ରାଣ୍ଡଗୁଡ଼ିକୁ ପ୍ରମୋଟ କରିଥାନ୍ତି। ଦୀପିକା ଗ୍ଲୋବାଲ ହସ୍ପିଟାଲିଟି କମ୍ପାନୀ 'ହିଲ୍‌ଟନ'ର ବ୍ରାଣ୍ଡ ଆମ୍ବାସଡର ହୋଇଥିବାବେଳେ ଗତ ଜୁନ ୯ରେ ସେ କମ୍ପାନୀର ପ୍ରଚାର କରୁଥିବା ଏକ ରିଲ୍ସକୁ ଶେୟାର କରିଥିଲେ। ଉକ୍ତ ରିଲ୍ସରେ ଦୀପିକା ହିଲ୍‌ଟନର ☞ପୃଷ୍ଠା-୪

## ସଂକ୍ଷେପରେ

### କଂଗ୍ରେସ ଏମ୍‌ପିଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ


ଆର୍. ସୁଧା

ନୂଆଦିଲ୍ଲୀ, ୪।୮

ତାମିଲନାଡୁ ମାଇଲାଦୁଥୁରାଇର କଂଗ୍ରେସ ଏମ୍‌ପି ଆର୍. ସୁଧାଙ୍କଠାରୁ ସୋମବାର ଦିଲ୍ଲୀର ତ୍ରିଲୋକପୁରୀ ଅଞ୍ଚଳରେ ଜଣେ ଦୁର୍ବୃତ୍ତ ସୁନାଚେନ୍ ଲୁଟ୍ କରିଛନ୍ତି। ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ରାଜାଥି ସଲମାଙ୍କ ସହ ସୁଧା ତ୍ରିଲୋକପୁରୀସ୍ଥିତ ପୋଲାଣ୍ଡର ଦୂତାବାସ ସମ୍ମୁଖରେ ପ୍ରାତଃଭ୍ରମଣ କରୁଥିବାବେଳେ ବିପରୀତ ଦିଗରୁ ସ୍କୁଟିରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଦୁର୍ବୃତ୍ତ ଜଣକ ମୁଣ୍ଡରେ ହେଲମେଟ ଲଗାଇଥିବାରୁ ସେ ତାଙ୍କୁ ଦେଖିପାରି ନ ଥିଲେ ବୋଲି ସୁଧା କହିଛନ୍ତି। ଘଟଣାସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ଅଭାବରୁ ଏପରି ଘଟିଥିବା ସେ କହିଛନ୍ତି। ତ୍ରିଲୋକପୁରୀ ଭଳି ଉଚ୍ଚ ସୁରକ୍ଷା ବଳୟ ଅଞ୍ଚଳରେ ଜଣେ ମହିଳା ଏମ୍‌ପିଙ୍କଠାରୁ କିପରି ସୁନାଚେନ୍ ଲୁଟ୍ ହେଉଛି ବୋଲି ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଏକ ପତ୍ର ଲେଖି ପ୍ରଶ୍ନ କରିଛନ୍ତି। ତାଙ୍କ ବେକରେ ଆଘାତ ଲାଗିଛି ବୋଲି ଏହି ଚିଠିରେ ଦର୍ଶାଇଛନ୍ତି। ଅପରାଧୀଙ୍କୁ ଖୋଜି ବାହାର କରି ତୁରନ୍ତ ଗିରଫ କରିବାକୁ ସେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ଭାରତୀୟ ବଂଶୋଦ୍ଭବ ମଥୁରା ଶ୍ରୀଧରନ ଓହିଓର ନୂଆ ସଲିସିଟର ଜେନେରାଲ

ୱାଶିଂଟନ, ୪।୮

ଭାରତୀୟ ବଂଶୋଦ୍ଭବ ଆଇନଜୀବୀ ମଥୁରା ଶ୍ରୀଧରନ୍ ଓହିଓର ଦ୍ୱାଦଶ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିବା ଆର୍ଟର୍ନି ଜେନେରାଲ ଡାଭେ ୟୋଷ୍ଟ ଘୋଷଣା କରିଛନ୍ତି। ସେ ରାଜ୍ୟର ଶୀର୍ଷ ଆପିଲେଟ୍ ଲୟର ଭାବେ ଆମେରିକା



ସୁପ୍ରିମକୋର୍ଟ ସମେତ ଫେଡେରାଲ ଅପିଲ୍ କୋର୍ଟଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ମାମଲାରେ ଓହିଓର ପ୍ରତିନିଧିତ୍ୱ କରିବେ। ଶ୍ରୀଧରନ ଏବେ ସଲିସିଟର ଜେନେରାଲଙ୍କ ଓହିଓ କାର୍ଯ୍ୟାଳୟରେ ଡେପୁଟି ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରୁଛନ୍ତି।

# ଝାଡ଼ଖଣ୍ଡ ଆନ୍ଦୋଳନର ଅଗ୍ରଦୂତ ଶିବୁ ସୋରେନ୍



ନୂଆଦିଲ୍ଲୀ,୪।୮

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)ର ପ୍ରତିଷ୍ଠାତା ତଥା ୩ ଥରର ମୁଖ୍ୟମନ୍ତ୍ରୀ ବର୍ଷୀୟାନ ଆଦିବାସୀ ନେତା ଶିବୁ ସୋରେନ୍ ଝାଡ଼ଖଣ୍ଡ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ନେଇଥିଲେ। ସୋମବାର ତାଙ୍କର ପରଲୋକ ହୋଇଥିବାବେଳେ ସେ ଏକ ଲିଗାସି ଛାଡ଼ିଯାଇଛନ୍ତି, ଯାହା ଦେଶର ରାଜନୀତିକୁ ନୂଆ ରୂପ ଦେଇଥିଲା। ଆଦିବାସୀମାନଙ୍କ ଅଧିକାରୀ ପାଇଁ ଲଢ଼ିଆସିଥିବା ଶିବୁ ଅନେକ ସମୟରେ ଆଇନଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଝାଡ଼ଖଣ୍ଡ ରାଜ୍ୟ ଗଠନ ନେଇ ଦୀର୍ଘ ଦଶନ୍ଧିର ଆନ୍ଦୋଳନର ଅଗ୍ରଦୂତ ଥିବା ଶିବୁ ରାଜନୀତିରେ ଅଲିଭା ଚିହ୍ନ ଛାଡ଼ିଯାଇଛନ୍ତି। ତାଙ୍କ ଉଦ୍ୟମକ୍ରମେ ୨୦୦୦ରେ ବିହାରରୁ ଅଲଗା ହୋଇ ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଥିଲା।

୧୯୪୪ ଜାନୁଆରୀ ୧୧ରେ ତତ୍କାଳୀନ ବିହାର (ବର୍ତ୍ତମାନର ଝାଡ଼ଖଣ୍ଡ)ର ରାମଗଡ଼ ଜିଲା ଅନ୍ତର୍ଗତ ନେମ୍ରା ଗ୍ରାମରେ ଶିବୁ ସୋରେନଙ୍କ ଜନ୍ମ। ଦିଶୋମ ଗୁରୁ ଭାବେ ଲୋକପ୍ରିୟ ଶିବୁ ଦେଶର ଆଦିବାସୀ ଏବଂ ଆଞ୍ଚଳିକ ରାଜନୀତି ପୃଷ୍ଠଭୂମିରେ ସର୍ବକାଳୀନ ରାଜନୈତିକ ବ୍ୟକ୍ତିତ୍ୱ। ତାଙ୍କର ଆଦ୍ୟ ଜୀବନ ବହୁ ଅସୁବିଧା ଏବଂ ସାମାଜିକ-ଅର୍ଥନୈତିକ ସଂଘର୍ଷ ମଧ୍ୟରେ କଟିଥିଲା। ଶିବୁଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କ ବାପା ଶୋବରନ୍ ସୋରେନଙ୍କୁ ସାହୁକାରମାନେ ଲୁକାୟତଣ୍ଡ ଜଙ୍ଗଲରେ ହତ୍ୟା କରିଥିଲେ। ଏହି ଦୁଃଖଦ ଘଟଣା ଶିବୁଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ୧୯୭୩ରେ ସେ ବଙ୍ଗାଳୀ ମାର୍କ୍ସିଷ୍ଟ ଟ୍ରେଡ୍ ୟୁନିୟନ ନେତା ଏ.କେ. ରୟ ଏବଂ କୁର୍ମି-ମାହତୋ ନେତା ବିନୋଦ ବିହାରୀ ମାହତୋଙ୍କ ସହ ମିଶି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଗଠନ କରିଥିଲେ। ଏହି ସଂଗଠନ ସ୍ୱତନ୍ତ୍ର ଆଦିବାସୀ ରାଜ୍ୟ ଗଠନ ନେଇ ପ୍ରଥମ ରାଜନୈତିକ ସ୍ୱର ଉଠାଇଥିବା ସହ ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣାରୁ ସମର୍ଥନ ପାଇଥିଲା। ବହୁ ଦଶନ୍ଧିର ଆନ୍ଦୋଳନ ପରେ ୨୦୦୦ ନଭେମ୍ବର ୧୫ରେ ଝାଡ଼ଖଣ୍ଡ ଗଠନ ଲକ୍ଷ୍ୟ ପୂରଣ ହୋଇଥିଲା।

ସୋରେନ୍‌ଙ୍କ ପ୍ରଭାବ କେବଳ ରାଜ୍ୟ ରାଜନୀତିରେ ସୀମିତ ନ ଥିଲା। ସେ ଦୁମ୍‌କା ଆସନରୁ ଲୋକ ସଭାକୁ ୮ ଥର ନିର୍ବାଚିତ ହୋଇଥିବାବେଳେ ୨୦୨୦ ଜୁନ୍‌ରେ ରାଜ୍ୟ ସଭାକୁ ଯାଇଥିଲେ। ଉପା ସରକାରରେ ସେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ ଓ ୩ ଥର ଅଳ୍ପଦିନ ପାଇଁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ଏହି ସମୟରେ ତାଙ୍କୁ ଗମ୍ଭୀର ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୧୯୭୫ ଚିରୁଡିହ ଗଣହତ୍ୟା ମାମଲାରେ ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇ ୨୦୦୪ ଜୁଲାଇରେ ଗିରଫ ପରୱାନା ଜାରି ହୋଇଥିଲା। ତେବେ ଗିରଫ ହେବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ୨୦୦୪ ସେପ୍ଟେମ୍ବରରେ ଜାମିନରେ ଆସି ସେ ପୁଣି କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ୨୦୦୮ ମାର୍ଚ୍ଚରେ ଅଦାଲତ ତାଙ୍କୁ ସବୁ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। ପୂର୍ବତନ ବ୍ୟକ୍ତିଗତ ସଚିବ ଶଶିନାଥ ଝାଙ୍କୁ ଅପହରଣ ଓ ହତ୍ୟା ମାମଲାରେ ୨୦୦୬ ନଭେମ୍ବରରେ ଶିବୁଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲାବେଳେ ପରେ ସେ ଦୋଷମୁକ୍ତ ହୋଇଥିଲେ। ବିବାଦ ସତ୍ତ୍ୱେ ସୋରେନ୍ ଝାଡ଼ଖଣ୍ଡ ରାଜନୀତିରେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ। ସେ ୨୦୦୫ ମାର୍ଚ୍ଚରେ ପ୍ରଥମେ ୧୦ ଦିନ ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ୨୦୦୮ ଅଗଷ୍ଟ ୨୭ରୁ ୨୦୦୯ ଜାନୁଆରୀ ୧୨ ଏବଂ ୨୦୦୯ ଡିସେମ୍ବର ୩୦ରୁ ୨୦୧୦ ମେ' ୩୧ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିଲେ। ମେଣ୍ଟ ସରକାରରୁ ସହଯୋଗୀ ଦଳ ସମର୍ଥନ ପ୍ରତ୍ୟାହାର କରିବାରୁ ୩ ଥର ଯାକ ତାଙ୍କ ସରକାର ଭାଙ୍ଗିଯାଇଥିଲା। ୨୦୦୭ ଜୁନ୍‌ରେ ସେ ଏକ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଗିରିଡିହ କୋର୍ଟରେ ହାଜର ହୋଇ ଦୁମ୍‌କା ଜେଲକୁ ଫେରୁଥିବାବେଳେ ଦେଓଘର ଜିଲାର ଡୁମାରିଆ ଗ୍ରାମ ନିକଟରେ ତାଙ୍କ କନ୍‌ଭୟ ଉପରକୁ ବୋମା ଫିଙ୍ଗାଯାଇଥିଲା। ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ଧରି ସୋରେନ୍ ଜେଏମ୍ଏମ୍ ଅଧ୍ୟକ୍ଷ ରହିଥିଲେ। ପରେ ତାଙ୍କ ପୁଅ ତଥା ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ହେମନ୍ତ ସୋରେନ୍ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏବେ ଜେଏମ୍ଏମ୍ ଜାତୀୟ ସ୍ତରରେ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ସଦସ୍ୟ ରହିଛି। ଶିବୁଙ୍କର ସ୍ତ୍ରୀ ରୂପି ସୋରେନ୍, ୩ ପୁଅ ଏବଂ ଗୋଟିଏ ଝିଅ। ତାଙ୍କ ଝିଅ ଅଞ୍ଜନି ଜେଏମ୍ଏମ୍‌ର ଓଡ଼ିଶା ଶାଖା ମୁଖ୍ୟ ଅଛନ୍ତି। ବଡ଼ପୁଅ ଦୁର୍ଗା ସୋରେନଙ୍କର ୨୦୦୯ ମେ'ରେ ମୃତ୍ୟୁ ଘଟିଥିଲା। ହେମନ୍ତ ସୋରେନ୍ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବାବେଳେ ସାନପୁଅ ବସନ୍ତ ସୋରେନ ଜଣେ ବିଧାୟକ ଅଛନ୍ତି।





ସାର୍ ଗଙ୍ଗାରାମ ହସ୍ପିଟାଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଭେଟି ସାନ୍ତ୍ୱନା ଦେଉଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହସ୍ପିଟାଲରେ ଜେଏମ୍ଏମ୍ ନେତା ଶିବୁ ସୋରେନ୍‌ଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି।

### ୟୁକ୍ରେନ୍ ଯୁଦ୍ଧ: ଭାରତ ରୁଷିଆକୁ ପାଣ୍ଠି ଯୋଗାଇବା ଗ୍ରହଣୀୟ ନୁହେଁ: ଷ୍ଟିଫେନ ମିଲର

ନ୍ୟୁୟର୍କ,୪।୮

ବିଶ୍ୱରେ ଭାରତ ନିଜକୁ ଆମେରିକାର ଘନିଷ୍ଠ ବନ୍ଧୁ ବୋଲି ଚିତ୍ରଣ କରୁଥିବାବେଳେ ଆପ୍ରବାସନ ନୀତିରେ ଠକେଇ ଏବଂ ରୁଷିଆରୁ ତେଲ କିଣି ଏହାକୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଇ ଦେଉଛି। ଏଥିପାଇଁ ଭାରତ ଉପରେ ଅଧିକ ଶୁଳ୍କ ଲଗାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନ୍ୟତମ ଶୀର୍ଷ ସହଯୋଗୀ କହିଛନ୍ତି। ରୁଷିଆରୁ ତେଲ କିଣି ଏହାକୁ ଯୁଦ୍ଧ ପାଇଁ ପାଣ୍ଠି ଯୋଗାଣ ଜାରି ରଖିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଟ୍ରମ୍ପ ସ୍ପଷ୍ଟ କହିଥିବା ହ୍ୱାଇଟ୍ ହାଉସ୍‌ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଷ୍ଟିଫେନ୍ ମିଲର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ରୁଷିଆରୁ ତେଲ କିଣିବା ପାଇଁ ଭାରତ ମୂଳତଃ ଚାଇନା ସହ ସମ୍ପର୍କ ଯୋଡ଼ିଥିବା ଆଶ୍ଚର୍ଯ୍ୟର କଥା। ଭାରତ ନିଜକୁ ଆମେରିକାର ଘନିଷ୍ଠ ବନ୍ଧୁ କହୁଥିବାବେଳେ ଆମ ସାମଗ୍ରୀକୁ ଗ୍ରହଣ କରୁନାହିଁ। ଆମ ସାମଗ୍ରୀ ଉପରେ ନୂଆଦିଲ୍ଲୀ ଉଚ୍ଚ ହାରରେ ଶୁଳ୍କ ଲଗାଇଛି। ଆପ୍ରବାସନ ନୀତିରେ ସେମାନେ ଆମ ସହ ଠକେଇରେ ଲିପ୍ତ ଅଛନ୍ତି, ଯାହାକି ଆମେରିକୀୟ କର୍ମଚାରୀମାନଙ୍କ ପାଇଁ କ୍ଷତିକାରକ ବୋଲି ମିଲର କହିଛନ୍ତି।

### ପ୍ରତି ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଶାହାଙ୍କ ନିବେଦନ

ନୂଆଦିଲ୍ଲୀ,୪।୮

ସ୍ୱାଧୀନତା ଦିବସ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋମବାର ସମସ୍ତ ନାଗରିକଙ୍କୁ ସେମାନଙ୍କ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ନିବେଦନ କରିଛନ୍ତି। ଏଥିସହିତ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନର ଅଂଶ ସ୍ୱରୂପ ନିର୍ଦ୍ଦିଷ୍ଟ ପୋର୍ଟାଲରେ ଜାତୀୟ ପତାକା ସହ ସେଲ୍‌ଫି ଅପ୍‌ଲୋଡ୍ କରିବାକୁ ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଆରମ୍ଭ ହୋଇଥିଲା, ଯାହା ଦେଶବାସୀଙ୍କୁ ଏକତ୍ର କରିବାରେ ଉଲ୍ଲେଖନୀୟ ଭୂମିକା ନେଇଛି। ଏହି କ୍ୟାମ୍ପେନ୍ ଏବେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପରସ୍ପର ସହ ଯୋଡ଼ିଛି ଏବଂ ଦେଶାତ୍ମବୋଧ ଓ ଦେଶପ୍ରେମର ଭାବନା ପ୍ରତି ନାଗରିକଙ୍କ ମଧ୍ୟରେ ସ୍ପଷ୍ଟ ଦୃଶ୍ୟ ହେଉଛି ବୋଲି ଶାହା Xରେ ଲେଖିଛନ୍ତି।

## ୧୫ ବର୍ଷରେ ରେଳ ଟ୍ରାକ୍‌ରେ ଯାଇଛି ୧୮୬ ହାତୀଙ୍କ ଜୀବନ

ନୂଆଦିଲ୍ଲୀ, ୪।୮

ବର୍ଷ ୨୦୦୯-୧୦ରୁ ୨୦୨୪ ମଧ୍ୟରେ ରେଳ ଟ୍ରାକ୍‌ରେ ଟ୍ରେନ୍ ସହ ଧକ୍କା ହୋଇ ଅତିକମ୍‌ରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ଦେଶର ୩୪୫୨ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ୧୪ ରାଜ୍ୟର ୧୨୭ ରେଳପଥରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଭାରତରେ ରେଳ ନେଟ୍‌ୱର୍କ ୬୯ ହଜାର କି.ମି. ବ୍ୟାପିଥିବା ବେଳେ ସେଥିମଧ୍ୟରୁ ଅନେକ ଶହ ରେଳପଥ ଘନ ଜଙ୍ଗଲ ଦେଇ ଯାଉଥିବାରୁ ହାତୀମାନେ ବାରମ୍ବାର ବିପଦର ସମ୍ମୁଖୀନ ହେଉଛନ୍ତି। ଏହି ସର୍ଭେରେ ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ମୃତ୍ୟୁକୁ ରୋକିବା ପାଇଁ ଅନେକ ସମାଧାନର ପ୍ରସ୍ତାବ ଦିଆଯାଇଛି। ବନ୍ୟପ୍ରାଣୀଙ୍କ ଗତିବିଧି ଏବଂ ଅତୀତର ମୃତ୍ୟୁହାରକୁ ଆଧାର କରି ୧୪ ରାଜ୍ୟର ୭୭ଟି ରେଳପଥକୁ ଚିହ୍ନଟ କରାଯାଇଛି। ଉକ୍ତ ରେଳପଥଗୁଡ଼ିକର ଟ୍ରାକ୍‌ରେ ହାତୀ ମୃତ୍ୟୁ ହ୍ରାସ ପାଇଁ ମୋଟ ୭୦୫ ଭିତ୍ତିଭୂମି ଗଠନ ଲାଗି ପ୍ରସ୍ତାବ ଦିଆଯାଇଛି। ୫୦୩ଟି ରାମ୍ପ ଏବଂ ଲେଭଲ କ୍ରସିଂ, ୭୨ ସେତୁ ସମ୍ପ୍ରସାରଣ ଏବଂ ପରିବର୍ତ୍ତନ, ୩୯ ବ୍ୟାରିକେଡିଂ ଏବଂ ଟ୍ରେଞ୍ଚିଂ ଭିତ୍ତିଭୂମି ଗଠନ, ୪ ଏକ୍ସିଟ ରାମ୍ପ, ୬୫ଟି ନୂତନ ଅଣ୍ଡରପାସ୍, ୨୨ଟି ଓଭରପାସ୍ ନିର୍ମାଣ କରିବାକୁ ଏହି ସର୍ଭେରେ ପ୍ରସ୍ତାବ ଦିଆଯାଇଛି।

## ଭଗବାନ୍ କୃଷ୍ଣ ପ୍ରଥମ ମଧ୍ୟସ୍ଥ : ସୁପ୍ରିମକୋର୍ଟ

### ବାଙ୍କେବିହାରୀ ମନ୍ଦିର ମାମଲାରେ ୟୁପି ସରକାରଙ୍କୁ ଝଟକା

ନୂଆଦିଲ୍ଲୀ,୪।୮



ବୃନ୍ଦାବନର ଶ୍ରୀ ବାଙ୍କେବିହାରୀ ମନ୍ଦିରରେ ୫୦୦ କୋଟି ଟଙ୍କାର ମନ୍ଦିର ପାଣ୍ଠି ବ୍ୟୟରେ କରିଡରର ପୁନଃ ବିକାଶ ସମ୍ପର୍କିତ ଅଧ୍ୟାଦେଶକୁ ନେଇ ମନ୍ଦିର ଟ୍ରଷ୍ଟ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ସୋମବାର ଏହି ମାମଲାର ଶୁଣାଣି ବେଳେ ଭଗବାନ୍ କୃଷ୍ଣ 'ପ୍ରଥମ ମଧ୍ୟସ୍ଥ' ଥିଲେ ବୋଲି ସୁପ୍ରିମକୋର୍ଟ କହିବା ସହ ଦୟାକରି ଉକ୍ତ ମାମଲାରେ ମଧ୍ୟସ୍ଥତା କରିବାକୁ କହିଛନ୍ତି। ରାଜ୍ୟ ସରକାର ଏବଂ ମନ୍ଦିର ଟ୍ରଷ୍ଟ ମଧ୍ୟରେ ବିବାଦର ସମାଧାନ ପାଇଁ ଏକ କମିଟି ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ପ୍ରସ୍ତାବ ଦେଇଛନ୍ତି। ୟୁପି ସରକାର ତରବରିଆ ଭାବେ ଅଧ୍ୟାଦେଶ ଗୃହୀତ କରାଇଥିବାରୁ ଏହାର ସାମ୍ବିଧାନିକ ବୈଧତାକୁ ପ୍ରଥମେ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରା ପରୀକ୍ଷା କରିବାକୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଫଳରେ ରାଜ୍ୟ ସରକାରଙ୍କୁ ଝଟକା ଲାଗିଛି। ମନ୍ଦିର ପାଣ୍ଠି ବ୍ୟବହାର ପାଇଁ ସୁପ୍ରିମକୋର୍ଟରୁ ଅନୁମତି ହାସଲ କରିବାରେ ଗୋପନ ତରିକାକୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିବା ସହ ୟୁପି ସରକାରଙ୍କୁ ପ୍ରଶ୍ନ କରିଥିଲେ। ଗତ ମେ' ୧୫ରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ମନ୍ଦିର ପାଣ୍ଠି ବ୍ୟବହାର ପ୍ରସ୍ତାବ ଦେଇଥିବାବେଳେ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଖଣ୍ଡପୀଠ ମୌଖିକ ପ୍ରସ୍ତାବ ଦେଇଛନ୍ତି। କମିଟି ଦ୍ୱାରା ମନ୍ଦିର ପରିଚାଳନା କରିବାକୁ ଖଣ୍ଡପୀଠ ପ୍ରସ୍ତାବ ଦେବା ସହ ପୂର୍ବରୁ ବିଶ୍ୱସ୍ତ ରହିଆସିଥିବା ପରିବାର ଦ୍ୱାରା ରୀତିନୀତି ଜାରି ରଖିବାକୁ କହିଛନ୍ତି। ଭିତ୍ତିଭୂମିର ବିକାଶ ଏବଂ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷିତ ତୀର୍ଥଯାତ୍ରା ସୁନିଶ୍ଚିତ କରିବା ଦିଗରେ ପାଣ୍ଠି ବ୍ୟବହାର ପାଇଁ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଅନ୍ତରୀଣ କମିଟି ଗଠନ କରିବାକୁ ଖଣ୍ଡପୀଠ କହିଛନ୍ତି।

## ଫୁରସତ

## ଲାଞ୍ଜାରୋନ୍ ସହରରେ ମୃତ୍ୟୁ କଟକଣା

ମାଡ୍ରିଡ୍



ମୃତ୍ୟୁ ଉପରେ କାହାର ନିୟନ୍ତ୍ରଣ ନ ଥାଏ। ଭାଗ୍ୟରେଖା ଅନୁଯାୟୀ, ଉପଯୁକ୍ତ ସମୟ ଏବଂ ସ୍ଥାନରେ ମୃତ୍ୟୁ ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତେବେ ୧୯୯୯ ମସିହାରେ ସ୍ପେନ୍‌ର ଆଣ୍ଡାଲୁସିଆସ୍ଥିତ ଗ୍ରାନାଡ଼ା ଅଞ୍ଚଳରେ ଥିବା ଏକ ଛୋଟ ସହର ଲାଞ୍ଜାରୋନ୍‌ରେ ମୃତ୍ୟୁକୁ ନେଇ ଏକ ଅଦ୍ଭୁତ ଆଇନ ପ୍ରଣୟନ ହୋଇଥିବା ନେଇ ନିକଟରେ ନ୍ୟୁୟର୍କ ପୋଷ୍ଟ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଆଇନ ଅନୁଯାୟୀ, ଲାଞ୍ଜାରୋନ୍ ସହରରେ ମୃତ୍ୟୁ ଉପରେ କଟକଣା ଜାରି କରାଯାଇଥିଲା ଯାହା ସମ୍ପ୍ରତି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

୧୯୯୯ରେ ଲାଞ୍ଜାରୋନ୍ ମ୍ୟୁନିସିପାଲିଟିରେ ମୃତଦେହଗୁଡ଼ିକ ପାଇଁ କବରସ୍ଥାନର ଅଭାବ ଦେଖାଦେଇଥିଲା। ଫଳରେ ଅନେକ ଲୋକ ନିଜ ପ୍ରିୟ ଜନଙ୍କ ମୃତ୍ୟୁ ପରେ ମୃତଦେହଗୁଡ଼ିକୁ କବର ଦେବାରେ ବିଭିନ୍ନ ସମସ୍ୟାରେ ପଡୁଥିଲେ। କବରସ୍ଥାନ ସମସ୍ୟାକୁ ନେଇ ଲାଞ୍ଜାରୋନ୍‌ର ତତ୍କାଳୀନ ମେୟର ଜୋସ୍ ରୁବିଓଙ୍କ ବିରୋଧରେ ସ୍ୱର ତୀବ୍ର ହୋଇଥିଲା। ଫଳରେ ସ୍ଥିତିକୁ ଦେଖି ରୁବିଓ ଲାଞ୍ଜାରୋନ୍ ସହରରେ ମୃତ୍ୟୁ ଉପରେ କଟକଣା ଲଗାଇଥିଲେ। ସେତେବେଳେ ସେ ଏକ ଘୋଷଣାପତ୍ର ଜାରି କରି ଲାଞ୍ଜାରୋନ୍‌ର ନାଗରିକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଅନୁରୋଧ କରିବା ସହ କବରସ୍ଥାନ ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ହେବା ପର୍ଯ୍ୟନ୍ତ ମୃତ୍ୟୁବରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଏହି ବିବାଦୀୟ ଆଇନକୁ ନେଇ ରୁବିଓ କହିଥିଲେ, ଜନସାଧାରଣ ଉକ୍ତ ଆଇନକୁ ସକାରାତ୍ମକତାର ସହ ନେଇଛନ୍ତି। ତେବେ ଉକ୍ତ ଆଇନକୁ ପ୍ରତୀକାତ୍ମକ ଭାବେ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଏହାକୁ ଭଙ୍ଗ କରିବା ପାଇଁ କାହାରି ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା କିମ୍ବା ଜରିମାନା କରାଯାଇ ନ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। କବରସ୍ଥାନ ସଙ୍କଟ ଉପରେ ଧ୍ୟାନ କେନ୍ଦ୍ରୀତ କରିବାକୁ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଉକ୍ତ ଆଇନକୁ ପ୍ରତୀକାତ୍ମକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଏବେ ମଧ୍ୟ ଲାଞ୍ଜାରୋନ୍ ସହରରେ କବରସ୍ଥାନ ସମସ୍ୟା ଲାଗିରହିଛି ଏବଂ ପୂରା ମ୍ୟୁନିସିପାଲଟିରେ ମାତ୍ର ଗୋଟିଏ କବରସ୍ଥାନ ରହିଥିବା ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ଖଣିଜ ପଦାର୍ଥରେ ସମୃଦ୍ଧ ଲାଞ୍ଜାରୋନ୍ ସହରରେ ସମ୍ପ୍ରତି ପ୍ରାୟ ୪ ହଜାର ଲୋକ ବସବାସ କରୁଛନ୍ତି।

## ର' ଏଜେଣ୍ଟ ସାଜିଲେ ପ୍ରତୀକ


ମୁମ୍ବାଇ



ଆସନ୍ତା ଅଗଷ୍ଟ ୧୩ରେ ଓଟିଟି ପ୍ଲାଟ୍‌ଫର୍ମ ନେଟଫ୍ଲିକ୍ସରେ 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍ ରିଲିଜ୍ ହେବ। ସୋମବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଟ୍ରେଲରରେ ଅଭିନେତା ପ୍ରତୀକ ଗାନ୍ଧୀ ଜଣେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର') ଏଜେଣ୍ଟଙ୍କ ଭୂମିକା ନିଭାଉଥିବାର ଦେଖିବାକୁ ମିଳିଛି। ସେ ର' ଏଜେଣ୍ଟ ବିଷ୍ଣୁ ଶଙ୍କରଙ୍କ ଚରିତ୍ର ନିଭାଉଛନ୍ତି। ପାକିସ୍ତାନରେ ଏକ ବିପଦପୂର୍ଣ୍ଣ ମିଶନରେ ତାଙ୍କୁ ପୋଷ୍ଟିଂ କରାଯାଇଛି। ସେ ପାକିସ୍ତାନରେ ବିଭିନ୍ନ ଆଣବିକ

**'ସାରେ ଜହାଁ ସେ ଅଚ୍ଛା' ଟ୍ରେଲର ଆଉଟ**

କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ସହ ଆଣବିକ ସଂଘର୍ଷ ରୋକିବା ଦିଗରେ କାର୍ଯ୍ୟ କରୁଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। 'ସାରେ ଜହାଁ ସେ ଅଚ୍ଛା' ୱେବ୍‌ସିରିଜ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ରଣନୈତିକ ମୁକାବିଲାକୁ ଭଲ ଭାବେ ଚିତ୍ରଣ କରାଯାଇଛି। ସୁମିତ ପୁରୋହିତଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ଅଭିନେତା ସନି ହିନ୍ଦୁଜା, ରଜତ କପୁର, ଅନୁପ ସୋନୀ, କ୍ରିତିକା କାମରା ଏବଂ ତିଲୋତ୍ତମା ଶୋମ ପ୍ରମୁଖ ନଜରକୁ ଆସିବେ।




# ବଲଙ୍ଗା ପୀଡ଼ିତାଙ୍କ ମୃତଦେହକୁ କବର ଦିଆଗଲା

## ଝିଅ ଜୀବନ ବଞ୍ଚିପାରିଲେ ମୁଁ ଶହେଥର ଇସ୍ତଫା ଦେବାକୁ ପ୍ରସ୍ତୁତ: ପ୍ରଭାତୀ

### ପରିବାରକୁ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଦେଲେ ରାଣୀ ପଣ୍ଡା

ବଲଙ୍ଗା,୪।୮ (କେଦାରେଶ୍ୱର ନନ୍ଦ)

ବହୁଚର୍ଚ୍ଚିତ ବଲଙ୍ଗା ପିଡ଼ିତା ସମିଦା ଖାତୁନ୍‌ଙ୍କ ମୃତଦେହକୁ ସୋମବାର ସକାଳେ ତାଙ୍କ ନିଜ ଗ୍ରାମ ପୁରୀ ଜିଲା ବଲଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମରେ କବର ଦିଆଯାଇଛି। ସମ୍ପ୍ରଦାୟର ରୀତିନୀତି ଅନୁଯାୟୀ, ପୂର୍ବାହ୍ନ ୯ଟା ୩୦ରେ ପୀଡ଼ିତାଙ୍କ ଜ୍ଞାତି କୁଟୁମ୍ବ, ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ମୃତଦେହକୁ କବର ଦିଆଯିବା ସହ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ଉପଜିଲାପାଳ ପ୍ରମୁଖ ଯୋଗଦେଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ତାଙ୍କ ଇସ୍ତଫା ଦାବିକୁ ନେଇ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୁଁ ଶହେଥର ଇସ୍ତଫା ଦେବାକୁ ରାଜି। ଯଦି ଇସ୍ତଫା ଦେଲେ, ସମ୍ପୃକ୍ତ ଝିଅଟିର ଜୀବନ ବଞ୍ଚିଯାଇପାରନ୍ତା, ତା'ହେଲେ ମୁଁ ଶହେଥର ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛି ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ଏହି ଖବର ଶୁଣି ଗ୍ରାମରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ୫୦ ହଜାର ଟଙ୍କାର ଆର୍ଥିକ ଅନୁକମ୍ପା ରାଶି ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଅଦ୍ୟାବଧି ଏହି ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରି ନ ଥିବାରୁ ଲୋକଙ୍କ ମନରେ ନାନା ପ୍ରଶ୍ନ ଉଙ୍କିମାରୁଛି।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୯ରେ ସମିଦାଙ୍କୁ ୩ଜଣ ଯୁବକ କିରୋସିନି ଢାଳି ଜାଳିଦେବା ଉଦ୍ୟମ ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ସମିଦାଙ୍କୁ


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ପ୍ରଥମେ ଭୁବନେଶ୍ୱର ଏମ୍ସ ଏବଂ ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ୨ ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ରାତିରେ ଦିଲ୍ଲୀରୁ ତାଙ୍କ ମୃତଦେହ ଭୁବନେଶ୍ୱରକୁ ଅଣାଯିବା ପରେ କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଏବଂ ସ୍ୱତନ୍ତ୍ର କାର୍‌କେଡ୍ ଯୋଗେ ନିଆଯାଇ ରାତି ପ୍ରାୟ ୧୨ଟା ୪୫ରେ ତାଙ୍କ ଗ୍ରାମ ବାୟାବରରେ ପହଞ୍ଚିଥିଲା। ରୀତିନୀତି ଅନୁସାରେ ମୃତଦେହକୁ କବରସ୍ଥାନ ନେବା ପାଇଁ ତାବୁତ ପ୍ରସ୍ତୁତ କରାଯିବା ସହ କୋରାନ ପାଠ କରାଯାଇଥିଲା।

## ୬ ଘଣ୍ଟିଆ ପୁରୀ ବନ୍ଦ ଡାକରା ଦେଲା ବିଜେଡି

ପୁରୀ,୪।୮ (ଅଜିତ୍ କୁମାର ମହାନ୍ତି)

ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ପୋଲିସ ପ୍ରଶାସନର ଅପାରଗତା ପ୍ରତିବାଦରେ ଆସନ୍ତା ୭ ତାରିଖରେ ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏନେଇ ସୋମବାର ଏକ ହୋଟେଲରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ କହିଛନ୍ତି, ପୀଡ଼ିତାଙ୍କୁ ନ୍ୟାୟ ପାଇଁ ଆସନ୍ତା ୭ରେ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପୁରୀ ଜିଲାରେ ବିଜେଡି ପକ୍ଷରୁ ବନ୍ଦ ପାଳନ କରାଯିବ। ଦୁଃଖ ଓ କ୍ଷୋଭର ବିଷୟ, ଯେଉଁଦିନ ପୀଡ଼ିତାଙ୍କ ସହିତ ଏପରି ଘଟଣା ଘଟିଲା ଓ ସେ ଏମ୍ସରେ ଚିକିତ୍ସିତ ହେଲେ ସେହି ଦିନ ବିଜେଡିର ଏକ ପ୍ରତିନିଧି ଦଳ ପହଞ୍ଚି ଡାକ୍ତର ଓ ପୋଲିସ ସହ ଆଲୋଚନା କରିଥିଲେ। ପୀଡ଼ିତା ପୋଲିସକୁ ବୟାନ ଦେଇଥିଲେ କି ଦୁଇଟି ବାଇକରେ ତିନିଜଣ ଦୃବୃତ ଆସି ତାଙ୍କ ମୁହଁରେ ରୁମାଲ ଦେଇ ଟେକି ନେଇଯାଇଥିଲେ। ତେବେ ତାଙ୍କର ଚେତା ଆସିବା ବେଳକୁ ତାଙ୍କ ଦେହରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ସେ ଚିତ୍କାର କରି ଦୌଡ଼ିଥିଲେ। ଓ ତାଙ୍କ ସ୍ଥାନୀୟ ତାଙ୍କୁ ବଞ୍ଚାଇଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀ ଏମ୍ସକୁ ପୀଡ଼ିତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ପୀଡିତା ସୁସ୍ଥ ହେଉଛନ୍ତି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍ସରେ ପୀଡ଼ିତାଙ୍କୁ ଦେଖିବା ପାଇଁ ସମୟ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଇନଥିବା ବେଳେ ଦିଲ୍ଲୀ ଏମ୍ସ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ କହିଥିଲେ, ପୀଡ଼ିତାଙ୍କ ଚିକିତ୍ସା ଠିକ୍ ଭାବେ ଚାଲିଛି। ସେ ସୁସ୍ଥ ହେଉଛନ୍ତି ଓ ଖୁବ୍‌ଶୀଘ୍ର ଭଲ ହୋଇଯିବେ। କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିବା ଘୋଷଣା କରାଗଲା, ଯାହାକି ସବୁଠୁ ବଡ଼ ରହସ୍ୟମୟ ହୋଇରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୀଡ଼ିତାଙ୍କ ବାପା ପୂର୍ବରୁ ମତ ଯାହା ଦେଇଥିଲେ, ତାଙ୍କଉପରେ କ'ଣ ଚାପ ପଡିଲା ଯେ, ସେ ତାଙ୍କର ମତ ପରିବର୍ତ୍ତନ କଲେ। ଯଦି ଝିଅ ଆତ୍ମହତ୍ୟା କରିବାର ଥିଲା ସେ ତାଙ୍କ ଘରେ କରିପାରିଥାନ୍ତେ। ତାହା ନ କରି ଅଧ କିଲୋମିଟର ଦୂରକୁ ଯାଇ ଆତ୍ମହତ୍ୟା କଲେ କାହିଁକି ବୋଲି ବିଜେଡି ପ୍ରଶ୍ନ କରିଛି। ସେହିପରି ପୋଲିସ ପ୍ରଥମରୁ କହି ଆସୁଥିଲା କି, ତଦନ୍ତରେ ଅନେକ କିଛି ସୁରାଗ ମିଳିଛି। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରିବୁ। ମାତ୍ର ପୋଲିସ ସୂଚନା ଦେଇଛି ଏଥିରେ କାହାର ସଂପୃକ୍ତି ନାହିଁ। ତେବେ ଦୋଷୀ କୁଆଡେ ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ହଷ୍ଟେଲ ଛାତ୍ରୀଛାତ୍ରଙ୍କୁ ମିଳିବ ଡିଜିଟାଲ ହେଲ୍‌ଥ କାର୍ଡ

ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର ଦାୟିତ୍ୱ ନେବା ଦିନଠାରୁ ଅଦ୍ୟାବଧି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗରେ କେଉଁ କ୍ଷେତ୍ରରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ତା'ର ଚିଠିକିଣି ହିସାବ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲୋଡ଼ିଛନ୍ତି।

ସୋମବାର ପୂର୍ବାହ୍ନରେ ମନ୍ତ୍ରୀ ଗଣ୍ଡ ଲୋକସେବା ଭବନରେ ଥିବା ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପରିଦର୍ଶନ ଅବସରରେ ବିଭାଗୀୟ ସଚିବ ବି. ପରମେଶ୍ୱରନ ଏବଂ ନିର୍ଦ୍ଦେଶକମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଭାଗର କାର୍ଯ୍ୟକାରିତା କିଭଳି ରହିଛି, ଆଗାମୀ ଦିନରେ ବିଭାଗ କିଭଳି ଚଳଚଞ୍ଚଳ ହେବ ସେଥିନେଇ ତାଗିଦ୍ ମଧ୍ୟ କରିଛନ୍ତି। ଏହାସହିତ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ଭିତ୍ତିଭୂମି



ଏବଂ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ରିପୋର୍ଟ ଲୋଡ଼ିଛନ୍ତି।

ମନ୍ତ୍ରୀ କହିଛନ୍ତି, ଏଣିକି ପ୍ରତ୍ୟେକ ମାସରେ ବିଭାଗର ସମୀକ୍ଷା କରାଯିବ। ଛାତ୍ରୀଛାତ୍ରଙ୍କୁ ଗୁଣବତ୍ତା ଶିକ୍ଷା ମିଳୁଛି କି ନାହିଁ ତାହାକୁ ମାପିବା ପାଇଁ ତୃତୀୟପକ୍ଷଙ୍କୁ ନିୟୋଜିତ କରାଯିବ। ଶିକ୍ଷାଠାରୁ ଆରମ୍ଭ କରି ବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ ପର୍ଯ୍ୟନ୍ତ ସବୁକିଛିର ସମୀକ୍ଷା କରାଯିବ। ଯେଉଁଠାରେ ତ୍ରୁଟି ପରିଲକ୍ଷିତ ହେବ ସେଠାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ଥିବା ହଷ୍ଟେଲଗୁଡ଼ିକରେ ରହୁଥିବା

### ସଚିବଙ୍କଠାରୁ ବିଭାଗୀୟ ରିପୋର୍ଟ ମାଗିଲେ ମନ୍ତ୍ରୀ

ଛାତ୍ରୀଛାତ୍ରଙ୍କ ପାଇଁ ଡିଜିଟାଲ ହେଲ୍‌ଥ କାର୍ଡ ବ୍ୟବସ୍ଥା ପ୍ରଚଳନ କରାଯିବ। ଏହାଦ୍ୱାରା ବିଭିନ୍ନ ସମୟରେ ହଷ୍ଟେଲ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଲୋକଲୋଚନକୁ ଆସୁଥିବା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଆଗାମୀ ଦିନରେ ଛାତ୍ରୀମାନଙ୍କୁ ନେଇ ଯେଉଁ ଅଭିଯୋଗ ଆସୁଛି ତାହାକୁ ଏଡ଼ାଯାଇ ପାରିବ। ମନ୍ତ୍ରୀ କହିଥିଲେ, ରାଜ୍ୟର ବିଭିନ୍ନ ଆଇଟିଡିଏଗୁଡ଼ିକରେ ସରକାରଙ୍କ ବିଭିନ୍ନ ଯୋଜନାରେ ଯେଉଁ ସବୁ କାର୍ଯ୍ୟକ୍ରମ ହେଉଛି ତାହାର ମଧ୍ୟ ସମୀକ୍ଷା ଖୁବ୍‌ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

## ୪ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କଲା ବିଜେଡି

ଭୁବନେଶ୍ୱର,୪।୮ (ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ସୋମବାର ୪ ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଗଞ୍ଜାମ ଜିଲା ପାଇଁ ବିକ୍ରମ ପଣ୍ଡାଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି। ସେହିପରି କେନ୍ଦ୍ରପଡ଼ାରେ ଶିବପ୍ରସାଦ ଭୋଇ, କଳାହାଣ୍ଡି ପାଇଁ ପ୍ରଦୀପ କୁମାର ଦିଶାରି ଏବଂ କଟକରେ ପ୍ରଫୁଲ୍ଲ ସିଂଙ୍କୁ ଦଳ ସଭାପତି ଭାବେ ନିଯୁକ୍ତ କରିଛି।

ସୂଚନାଯୋଗ୍ୟ, ପୂର୍ବରୁ ବିଜେଡି ୨୪ଟି ସାଙ୍ଗଠନିକ ଜିଲାର ସଭାପତିଙ୍କ ନାମ ଘୋଷଣା କରିଥିଲା। ଏବେ ୪ ଜିଲାର ସଭାପତିଙ୍କ ନାମ ଘୋଷଣା କରିବା ପରେ ଏହି ସଂଖ୍ୟା ୨୮ରେ ପହଞ୍ଚିଛି। ମୋଟ ୩୩ଟି ସାଙ୍ଗଠନିକ ଜିଲା ମଧ୍ୟରୁ ଆଉ ୫ ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇ ନାହିଁ। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଘୋଷଣା ହୋଇଥିବା ୪ ଜିଲାର ସଭାପତି ପଦକୁ ନେଇ ନେତାମାନଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିଲା। ଏବେ ଯେଉଁ ନାମଗୁଡ଼ିକ ପ୍ରକାଶ ପାଇଛି,ଏହା ଦଳର ଅନ୍ୟଏକ ଗୋଷ୍ଠୀକୁ ଅସନ୍ତୁଷ୍ଟ କରିଛି। ଅନ୍ୟପଟେ ଢେଙ୍କାନାଳ, କୋରାପୁଟ, ଖୋର୍ଦ୍ଧା, ରାୟଗଡ଼ା ଓ ବାଲେଶ୍ୱର ଜିଲାର ସଭାପତିଙ୍କ ନାମ ଘୋଷଣା କରାଯାଇ ନାହିଁ।



ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀରେ ସୋମବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱର ରାଜଭବନ ଛକ ନିକଟ ଏଲ୍ଆଇସି ଅଫିସ୍ ପାର୍ଶ୍ୱରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ସ୍କୁଲରେ ଇତିହାସ ପଢ଼ାଇଲେ ଜିଲାପାଳ


କୁତ୍ରା ବ୍ଲକର ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ପାଠ ପଢ଼ାଉଛନ୍ତି।

କୁତ୍ରା,୪।୮ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲାପାଳ ଡ.ଶୁଭଙ୍କର ମହାପାତ୍ର ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଇତିହାସ ପାଠ ପଢାଇଛନ୍ତି। ଜିଲାପାଳ ସୋମବାର କୁତ୍ରା ବ୍ଲକର ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀ କୋଠରି ପରିଦର୍ଶନ ସମୟରେ ଦଶମ ଶ୍ରେଣୀଗୃହରେ ପ୍ରବେଶ କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ନିଜେ ହାତରେ ବହି ଧରି ଛାତ୍ରୀଛାତ୍ରଙ୍କୁ ଇତିହାସ ବିଷୟରେ ସ୍ମାର୍ଟବୋର୍ଡରେ ପାଠ ପଢ଼ାଇଥିଲେ। ପାଖାପାଖି ଗୋଟିଏ ଘଣ୍ଟା ସେ ପାଠ ପଢ଼ାଇଥିଲେ। ଛାତ୍ରୀଛାତ୍ର ମଧ୍ୟ ଆଗ୍ରହର ସହ ଜିଲାପାଳଙ୍କ ପାଠ ପଢ଼ାଇବା ପ୍ରତି ଧ୍ୟାନ ଦେଇଥିଲେ। ଜିଲାପାଳଙ୍କର ଶିକ୍ଷା ପ୍ରତି ଥିବା ଆଗ୍ରହ, ଉତ୍ସାହ ତଥା ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ଶ୍ରଦ୍ଧା ଏଥିରୁ ସ୍ପଷ୍ଟ ବାରି ହୋଇଛି। ଏହି ଘଟଣା ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଛି ଓ ଏହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଜିଲାପାଳ ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଓ ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକଙ୍କୁ ଶିକ୍ଷାନୁଷ୍ଠାନର ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ବିଦ୍ୟାଳୟର ପରିବେଶ ଦେଖି ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳଙ୍କ ସହିତ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଅନନ୍ତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରବିନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆସାହି ବାଲିଆ ପଟା ରସୁଲଗଡ଼ ଜ୍ଞାନବିଜ୍ଞାନ ମେଳା, ସ୍ଥାନ: ସ୍କୁଲ୍ ପରିସର, ସମୟ: ସକାଳ ୯ଟା।
- ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଓଡ଼ିଶା ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ୬୩ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପ୍ରତିଷ୍ଠାନ ପରିସରସ୍ଥ ନୂତନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୋଲୋ ଆର୍ଟ ଏକ୍ଜିଭିଶନ୍ 'କଳା ଚକ୍ର', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ୟୁସିଆଇର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ୫୦ତମ ମୃତ୍ୟୁ ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ଜନସଭା କାର୍ଯ୍ୟକ୍ରମ, ସ୍ଥାନ: ସାମନ୍ତରାପୁରସ୍ଥ ରୟାଲ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନାରୀମାନଙ୍କ ଉପରେ ହେଉଥିବା ଅଶୋଭନୀୟ ଆଚରଣର ପ୍ରତିକାର ଓ ନ୍ୟାୟ ପାଇଁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଗଣମାଧ୍ୟମ ସମ୍ବେଦନଶୀଳତା କାର୍ଯ୍ୟକ୍ରମ, ସ୍ଥାନ:ଏଚ୍ଓଡି ବିଲ୍‌ଡିଙ୍ଗ ୟୁନିଟ୍ ୫, ସମୟ: ମଧ୍ୟାହ୍ନ ୧୨ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ କ୍ରାନ୍ତି ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସ୍ମିତା ଦେବ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପୁସ୍ତକ କ୍ରିଷ୍ଠାବିକା ଉନ୍ମୋଚନ, ସ୍ଥାନ: କେ.ଏମ୍ କନ୍‌ଭେନ୍‌ଶନ୍ ଟଙ୍କପାଣି ରୋଡ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସ ଅଥରିଟି ପକ୍ଷରୁ ମେଡିଟେଶନ ପ୍ରଶିକ୍ଷଣ ଶିବିର, ସ୍ଥାନ– ଓଡ଼ିଶା ଜୁଡିସିଆଲ ଏକାଡେମୀ, ସମୟ– ସକାଳ ୯ଟା

## ପୁରୀ

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ହରିହର ଯୁବ ପରିଷଦ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଶାସନ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ନୀଳମଣି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ରୂପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଭଦ୍ରକ

- ସର୍ପାଘାତ ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାରୋ ଦହପାଣିଆ ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଭୂମିକନ୍ୟା ମହିଳା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରରେ ବାର୍ଷିକ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଭୂଇଁପୁର, ଛେନାପଦି, ସମୟ: ଅପରାହ୍ନ ୨ ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଚମ୍ପୁଆ, ସମୟ: ଅପରାହ୍ନ ୫ ଟା।
- ଓଡ଼ିଆ ଅସ୍ମିତା, ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଜାତୀୟସ୍ତରୀୟ ସେମିନାର, ସ୍ଥାନ: ଡିଡି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- କପ୍ତିପଦା ଉପଖଣ୍ଡ ଅମଲା ସଂଘ ପକ୍ଷରୁ ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଉଦଳା ୧ନଂ. ୱାର୍ଡସ୍ଥିତ ବିଧାୟକଙ୍କ ବାସଭବନ,ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚଳଚ୍ଚିତ୍ର 'ଆନ୍ଦୋଳନ'ର ପୋଷ୍ଟର ରିଲିଜ, ସ୍ଥାନ: ମା' ଭୈରବୀ ମନ୍ଦିର ପ୍ରାଙ୍ଗଣ, ମଧୁବନ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ନୀଳକଣ୍ଠ କଲେଜ ଛତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## କନ୍ଧମାଳ

- ବରିଷ୍ଠ ନାଗରିକ ସଂଘର ବୈଠକ, ସ୍ଥାନ: ବନାସୀ ସେବା ସମିତିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୩ ଟା।

- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ ଫୁଲବାଣୀ, ସମୟ: ଅପରାହ୍ନ ୪ ଟା।

## ଢେଙ୍କାନାଳ

- ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ଆର୍‌ଏସିପିଏସ୍/ ଏମ୍‌ଏସିପିଏସ୍ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଏଫ୍‌ବିୱାଇର ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର,ସମୟ: ପୂର୍ବାହ୍ନ ୧୧ଟା ୩୦।
- ଏମ୍‌କେୟୁୱାଇର ଡିଏଲ୍‌ସି ବୈଠକ. ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା।
- ଏଭିଏୱାଏ ସ୍କିମ ୨୦୨୪–୨୫ ଉପରେ ଡିଏଲ୍‌ପିଏସି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ଆଇଇସି ପ୍ଲାନ ଉପରେ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ଚାମ୍ବର, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର

- ଶିକ୍ଷକଙ୍କ ବଦଳି ପ୍ରତିବାଦରେ ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଳପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଷ୍ଠା ଚୟନ କାର୍ଯ୍ୟକ୍ରମରେ ଦୌଡ଼କୁଦ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ, ସମୟ: ସକାଳ ୮ଟା।

## ନୟାଗଡ଼

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ, ଆକାଂକ୍ଷା ହାଟର ୫ମ ଦିବସ, ସ୍ଥାନ: ନୟାଗଡ଼ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରାର ପ୍ରଥମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ନୟାଗଡ ପୁରୁଣା ସହରର ଗୋପିନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ସ୍ଥାନ: ନୟାଗଡ଼ ପୁରୁଣା ସହରର ଗୋପୀନାଥ ମନ୍ଦିର, ସମୟ: ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ସାଢ଼େ ୭ଟା, ଓଡଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା, ସ୍ଥାନ: କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ରାତି ୯ଟା, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଟାଉନ ହଲ୍, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ, ସ୍ଥାନ: ଝରିଗାଁ, ସମୟ: ସମୟ: ପୂର୍ବାହ୍ନ ୧୧ଟା ।
- ବେଟି ବଚାଅ ବେଟି ପଢାଅ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ଅପରାହ୍ନ ୪ ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ:ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୋରୁକୋଣ୍ଡା, ସମୟ: ପୂର୍ବାହ୍ନ ୧୧ ଟା।
- ଜିଲାପାଳଙ୍କ ଦ୍ୱାରା ଟ୍ରାଫିକ୍ ସିଗ୍‌ନାଲ୍ ପୋଷ୍ଟ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ମୁଖ୍ୟ ରାସ୍ତା ବାଲିମେଳା ଛକ, ସମୟ: ପୂର୍ବାହ୍ନ ୧୧ ଟା ।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା ।
- କଲମ ପରିବାର ପକ୍ଷରୁ କବି ସମ୍ମିଳନୀର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ସମ୍ବଲପୁରୀ ଦିନ ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ଖପ୍ରାଖୋଲ ବ୍ଲକ ସ୍ତରୀୟ ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ ଟା ୩୦
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବ୍ୟାସ ଜୟନ୍ତୀ ଓ ଭାଗବତ ଚର୍ଚ୍ଚାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ବ୍ରାହ୍ମଣପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା

## ରାଉରକେଲା

- ରାଉରକେଲା କଲେଜରେ ସାହିତ୍ୟ କର୍ମଶାଳା, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଝୁଡି ବସ୍ତିରେ ରାସ୍ତା ସମସ୍ୟା ନେଇ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଏଡିଏମ୍ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପ୍ରସ୍ତୁତି ବୈଠକ, ସ୍ଥାନ: ଛେଣ୍ଡ କଲୋନି, ସମୟ: ଅପରାହ୍ନ ୫ଟା ୩୦।
- ଗୋପବନ୍ଧୁ ପାଠାଗାରର ସାହିତ୍ୟ ଆସର, ସ୍ଥାନ: ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ବଣାଇ ବ୍ଲକ ପରିଦର୍ଶନ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ବଣାଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- କୁଆଁରମୁଣ୍ଡା ବିଡ଼ିଓଙ୍କ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ, ସ୍ଥାନ: ଡୁମେରଯୋର ପଞ୍ଚାୟତ ବାନିଗୁନି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗଣ ଇସ୍ତାହାରର ଜୟନ୍ତୀ ସମାରୋହ, ସ୍ଥାନ: ବରଗଡ଼ ମହିଳା ସମିତି ସଭାଗୃହ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ନାରୀ ସୁରକ୍ଷାକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର, ସ୍ଥାନ: କେସିଙ୍ଗା ଏସ୍‌ଡିପିଓ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

- ଜିଲା ଉନ୍ନୟନ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଗୋପାଳନ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼

- ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ସହର ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା

- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଚତୁର୍ଥ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।
- ୧୬ତମ ଚର୍ତୁବେଦ ଯଜ୍ଞ ତୃତୀୟ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ଜିଲାସ୍ତରୀୟ ମେଡିକାଲ ବୋର୍ଡ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ, ସ୍ଥାନ: ପୋଲିସ ପଡିଆ ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଟ୍ରାଫିକ ପୋଷ୍ଟ ଉଦ୍‌ଘାଟନ, ସ୍ଥାନ: ଏକତା ଛକ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟିହେବ। କଠିନ ପରିଶ୍ରମଜନିତ ସ୍ୱାସ୍ଥ୍ୟରେ ବ୍ୟତିକ୍ରମ ଦେଖାଦେବ। ପ୍ରଶାସନ, ଆଇନ ଅଦାଲତ, ସଭା ସମିତି ଓ ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉପକୃତ ହେବେ। ବନ୍ଧୁ କିମ୍ବା ଆତ୍ମୀୟମାନଙ୍କ ସହ ପ୍ରତ୍ୟୁଷ ଯାତ୍ରା ସଫଳ ହେବା ଆଶା କରାଯାଇପାରେ।

**ବୃଷ** ସପ୍ତମ ଚନ୍ଦ୍ରଙ୍କ ଶୁଭଦୃ କାରଣରୁ ମାନସିକ ଅସ୍ଥିରତା ଦୂରହେବ ଏବଂ କାମ ହାସଲକରି ଆଶ୍ୱସ୍ତି ଲାଭ କରିବେ। ଜଣେ ବନ୍ଧୁଙ୍କ ପ୍ରରୋଚନାରେ ଅପରିଚିତଙ୍କ ସହ ମିତ୍ରତା ସମସ୍ୟା ସୃଷ୍ଟିକରିବ। ଗୃହସୀମା, ଗାଡ଼ି ମୋଟର, ପ୍ରତିଦ୍ୱନ୍ଦ୍ୱିତାରେ ମାନସିକ ଅସ୍ଥିରତା ବଢ଼ିବ। ସହକର୍ମୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନ୍‌ସନ ଦୂରହେବ।

**ମିଥୁନ** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ଶିକ୍ଷା, ପରୀକ୍ଷା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶା ଅନୁଯାୟୀ ଫଳ ପାଇବେ। ବନ୍ଧୁଙ୍କ ନିକଟରେ ମନକଥାକୁ ଲୁଚାଇ ରଖିପାରିବେ ନାହିଁ, କିନ୍ତୁ କହି ସାରିବା ପରେ ମନସ୍ତାପ କରିବେ। ସାଙ୍ଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଲୋକଙ୍କ ପାଇଁ ଯେତେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ସହଜରେ ବୁଝି ପାରିବେ ନାହିଁ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟରେ ସଫଳତା ପାଇବେ। ଘରର ବରାଦ ଅନୁଯାୟୀ ବିଳାସ ଉପକରଣ କିଣିପାରନ୍ତି। ଶୁଣା ଖବରକୁ ବିଶ୍ୱାସକରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଭଲ ସମ୍ପର୍କ ଥିବା ବ୍ୟକ୍ତି ଆପଣଙ୍କ ଉନ୍ନତିରେ ଈର୍ଷାପରାୟଣ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ଆଜି ପାଇଁ ବନ୍ଧୁଙ୍କ ସାହାଯ୍ୟକାରୀ ମନୋଭାବ ଓ ଅବଦାନ ଅବିସ୍ମରଣୀୟ ରହିବ। ଅର୍ଥାଭାବ, ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କୌଣସି ଖୁସି ଖବର ପାଇ ଆହ୍ଲାଦିତ ହେବେ।

**କନ୍ୟା** ଶତ୍ରୁତା କରୁଥିବା ମିତ୍ରମାନେ ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣକରି ଦ୍ୱନ୍ଦ୍ୱରେ ପଡ଼ିବା ସୂଚନା ରହିଛି । ବହୁଦିନର ଆଶା ପୂରଣ ହେବ ଓ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। ପାରିବାରିକ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଆଶା କରିପାରନ୍ତି।

**ତୁଳା** ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ଆପଣଙ୍କୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ଆଜି ବିଭିନ୍ନ ସ୍ଥାନ ପରିଦର୍ଶନର ମଉକା ଜୁଟିବା ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ, ପରିବାର, କର୍ମକ୍ଷେତ୍ର, ଅର୍ଥ ସମ୍ପର୍କିତ କଥା ପାଇଁ ସମୟ ଅନୁକୂଳ ରହିବ।

**ବିଛା** କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ବ୍ୟବସାୟୀମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। ଯାତ୍ରା ସମୟରେ ସତର୍କ ନ ରହିଲେ ପକେଟମାର ହାବୁଡ଼ରେ ପଡ଼ିଯିବା ସମ୍ଭାବନା ରହିଛି। ବନ୍ଧୁଙ୍କ ସହାୟତାରେ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ।

**ଧନୁ** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନକରିବା ପାଇଁ ବ୍ୟସ୍ତତା ବଢ଼ିଯାଇପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବିଳାସ ଉପକରଣ କ୍ରୟକରିବା ସକାଶେ ଘରୁ ବରାଦ ପାଇବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନକରି ବନ୍ଧୁଗହଣରେ ରହିପାରନ୍ତି।

**ମକର** ବନ୍ଧୁମାନଙ୍କ ଅନୁରୋଧକ୍ରମେ ସମାଜ ସଂସ୍କାରମୂଳକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ନିଜ ପରିସରରେ ମଧ୍ୟ ସମ୍ମାନ ଓ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ପିଲାଙ୍କ ଆଚରଣ ସନ୍ତୋଷଜନକ ନ ହେବା କାରଣରୁ କିଛି ମାତ୍ରାରେ ବ୍ୟସ୍ତତା ବୃଦ୍ଧିପାଇବ।

**କୁମ୍ଭ** ଆଜି ଆପଣଙ୍କ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଲକ୍ଷ୍ୟ ହାସଲ କରିବେ। ପରିବାରରେ ପାରସ୍ପରିକ ଅସହଯୋଗ କେତେକ ସାଧାରଣ ସମସ୍ୟା ସୃଷ୍ଟି କରିପାରେ। ସରକାରୀ କ୍ଷେତ୍ରରୁ ସହାୟତା ଲାଭକରି ଖୁସି ଅନୁଭବ କରିବେ।

**ମୀନ** ଆଜିର ଯାତ୍ରା ସମୟରେ ସତର୍କତାର ଅଭାବ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିପାରନ୍ତି। ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବାରୁ ସ୍ୱାସ୍ଥ୍ୟହାନି ଘଟିବ। ଅନ୍ୟମାନଙ୍କ ଉପରେ କିଛି ନ ବୁଝି ନ ଶୁଝି ଦୋଷାରୋପକଲେ ନିଜେ ହିଁ ଅପଦସ୍ଥ ହେବାକୁ ପଡ଼ିପାରେ।

ଆଜି ଅଗଷ୍ଟ ୫ ତାରିଖ, ଶ୍ରାବଣ ଶୁକ୍ଳପକ୍ଷର ସର୍ବସମ୍ମତ ପୁତ୍ରଦା ଏକାଦଶୀ ମଙ୍ଗଳବାର। ଉତ୍କଳେ ସର୍ବତ୍ର ଝୁଲଣଯାତ୍ରା, ପଣ୍ଡିତ ନୀଳକଣ୍ଠ ଦାସ ଜୟନ୍ତୀ। ରାଶିନକ୍ଷତ୍ର–ଦିବା ଘ.୧୧।୧୧ ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ପାର୍ବଣଶ୍ରାଦ୍ଧ। ଦିବା ଘ. ୦୮।୪୦ ଗତେ, ଘ.୧୦।୩୫ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୧ ମଧ୍ୟେ ରାହୁକାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ଫୁଲାଣିଆ ଗୀତ ଗାଏ,
ରସିକା ନାରୀ ବାପଘର ଯାଏ।**

କର୍ତ୍ତା ନେଇ ସଦସ୍ୟଙ୍କ କାର୍ଯ୍ୟ। ଯେବେ କାର୍ତ୍ତାଙ୍କର କିଛି ଆପତ୍ତି ଅଭିଯୋଗ ନ ଥାଏ ତେବେ ସଦସ୍ୟ ନିଜ ମନ ମୁତାବକ କାର୍ଯ୍ୟ କରିବାରେ କିଛି ଅସୁବିଧା ରହି ନ ଥାଏ। ପରୋକ୍ଷରେ ଶାଶୁଘରର ଜଞ୍ଜାଳ ମଧ୍ୟରେ ମୁଣ୍ଡ ପୂରାଉ ନ ଥିବା ବା ଦାୟିତ୍ୱ ନେଉ ନ ଥିବା ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମୁକୁଟିଆର
ସାକ୍ଷୀ କି କଲେଣି ଅକଟିଆର।**

ନ୍ୟାୟ ନିଶାପ ବେଳେ ସାକ୍ଷୀଙ୍କ ଆବଶ୍ୟକତା ଦେଖାଦିଏ। ଯାହା ପକ୍ଷରେ ଯେତେ ଅଧିକ ସାକ୍ଷୀ ଓ ପ୍ରମାଣ ରହିଥାଏ ତାହା ସପକ୍ଷରେ ନ୍ୟାୟ ମିଳିବାର ସେତେ ସମ୍ଭାବନା ବଢ଼ିଯାଇଥାଏ। ସାକ୍ଷୀଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷରେ ସାକ୍ଷ୍ୟ ଦେବାକୁ ମତେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ରାହୁଲ ସେଠି ...

ହୋଇନାହିଁ। ଏହା ଶୁଣିବା ପରେ ଶୀର୍ଷ ଅଦାଲତ ୩ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିବା ସହ ଲକ୍ଷ୍ନୌ ଅଦାଲତଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସ୍ଥଗିତାଦେଶ ଲଗାଇଥିଲେ। ସୂଚନାଯୋଗ୍ୟ, ରାହୁଲଙ୍କ ଆବେଦନକୁ ଗତ ମେ' ୨୯ରେ ଆଲ୍ଲାହାବାଦ ହାଇକୋର୍ଟ ଖାରଜ କରିଦେବା ପରେ ସେ ସମନ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରିଥିଲେ। ୨୦୨୨ ଡିସେମ୍ବରରେ ଭାରତ ଯୋଡ଼ୋ ଯାତ୍ରା ବେଳେ ଅଭିଯୋଗକାରୀ ଉଦୟଶଙ୍କର ଶ୍ରୀବାସ୍ତବ କୋର୍ଟରେ ଦାଖଲ କରିଥିବା ପିଟିଶନରେ ଦର୍ଶାଇଥିଲେ, ଚାଇନା ସୈନ୍ୟଙ୍କ ସହ ସଂଘର୍ଷ ପରିପ୍ରେକ୍ଷୀରେ ରାହୁଲ ଭାରତୀୟ ସେନା ବିରୋଧରେ ଅନେକ ଅପମାନଜନକ ମନ୍ତବ୍ୟ ଦେଇଥିଲେ। ଫଳରେ ତଳକୋର୍ଟ ରାହୁଲଙ୍କୁ ଜଣେ ଅଭିଯୁକ୍ତ ଭାବେ ସମନ କରିଥିଲେ।

## ଭାରତର ରୋମାଞ୍ଚକ ...

ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ବୋଲିଂ କରି ୨୮ ରନ ମଧ୍ୟରେ ଆବଶ୍ୟକ ୪ ଉଇକେଟ ଅକ୍ତିଆର କରି ଇଂଲଣ୍ଡକୁ ପରାଜୟ ସ୍ୱାଦ ଚଖାଇଥିଲେ। ଏହି ବିଜୟ ସହ ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଣ୍ଡରସନ–ତେନ୍ଦୁଲକର ଟ୍ରଫି (ଏଟିଟି) ଲାଗି ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨–୨ରେ ବରାବର କରିଛି। ପ୍ରଥମ ଇନିଂସରେ ୨୨୪ ରନ କରିଥିବା ଭାରତ ପ୍ରତିପକ୍ଷ ଇଂଲଣ୍ଡକୁ ୨୪୭ ରନରେ ସୀମିତ ରଖିଥିଲା। ପ୍ରଥମ ଇନିଂସ ଭିତ୍ତିରେ ୨୩ ରନରେ ପଛୁଆ ଥିବା ଭାରତ ଦ୍ୱିତୀୟ ଇନିଂସରେ ୩୯୬ ରନ୍ କରିଥିଲା। ଫଳରେ ୩୭୪ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଇଂଲଣ୍ଡ ସୋମବାର ତା'ର ଅସମାପ୍ତ ଦ୍ୱିତୀୟ ଇନିଂସରେ ୩୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ସହିତ ମ୍ୟାଚ୍‌ରେ ମୋଟ ୯ ଉଇକେଟ୍ ନେଇଥିବା ସିରାଜଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ ଓ ଇଂଲଣ୍ଡର ହ୍ୟାରୀ ବ୍ରୁକ ମିଳିତ ଭାବେ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ ହୋଇଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୩୯/୬ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଜେମି ସ୍ମିଥ ଓ ଜେମି ଓଭରଟନ କ୍ରିଜକୁ ଓହ୍ଲାଇଥିଲେ। ଦୁହିଁଙ୍କୁ କ୍ରମାଗତ ଓଭରରେ ସିରାଜ ପାଭିଲିଅନ ପଠାଇଥିଲେ। ସ୍ମିଥ(୨) ଉଇକେଟ ପଛରେ କ୍ୟାଚ୍ ଆଉଟ୍ ହୋଇଥିବା ବେଳେ ଓଭରଟନ(୯ ରନ୍, ୨ ଚୌକା) ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାର ଦୁଇ ଓଭର ପରେ ଖାତା ଖୋଲି ନ ଥିବା ଜୋଶ ଟଙ୍ଗଙ୍କୁ ପ୍ରସିଦ୍ଧ କ୍ରିଷ୍ଣା କ୍ଲିନ୍ ବୋଲ୍ଡ କରି ଟିମ୍ ଇଣ୍ଡିଆ କ୍ୟାମ୍ପକୁ ଉଲ୍ଲସିତ କରିଥିଲେ। ବାମ କାନ୍ଧରେ ଗୁରୁତର ଆଘାତ ଲାଗିଥିବାରୁ ଗୋଟିଏ ହାତରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ କ୍ରିସ ୱୋକ୍ସ। ଦର୍ଶକମାନେ ଛିଡ଼ା ହୋଇ ତାଳି ମାରି ତାଙ୍କୁ ସ୍ୱାଗତ କରିଥିଲେ। ଅବଶ୍ୟ ତାଙ୍କୁ ବ୍ୟାଟିଂ କରିବାକୁ ପଡ଼ି ନ ଥିଲା। କାରଣ ଗସ୍ ଆଟକିନସନ ଏକାକୀ ମ୍ୟାଚ୍ ଶେଷ କରିବାକୁ ଉଦ୍ୟମ କରିଥିଲେ। ସିରାଜଙ୍କ ଓଭରରେ ଏକ ଛକା ଲଗାଇ ଆଟକିନସନ ଘରୋଇ ଦଳର ବିଜୟ ସମ୍ଭାବନାକୁ ଉଜ୍ଜୀବିତ ରଖିଥିଲେ। ଏହାପରେ ସେ ପ୍ରସିଦ୍ଧଙ୍କ ଓଭରରେ ୩ ରନ କରିଥିଲେ। ହେଲେ ପରବର୍ତ୍ତୀ ଓଭରର ପ୍ରଥମ ବଲରେ ତାଙ୍କୁ ସିରାଜ କ୍ଲିନ ବୋଲ୍ଡ କରି ଭାରତକୁ ଚମତ୍କାର ବିଜୟ ଆଣି ଦେଇଥିଲେ। ଫଳରେ ଇଂଲଣ୍ଡ ୩୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ପାଇଁ ବ୍ରୁକ ୧୧୧ ଓ ଜୋ ରୁଟ୍ ୧୦୫ ଶତକୀୟ ପାଳି ଖେଳିଥିବା ବେଳେ ଆଟକିନସନ ୧୭ ରନ (ଗୋଟିଏ ଛକା) କରି ଅନ୍ତିମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଭାରତ ପାଇଁ ସିରାଜ ୫, ପ୍ରସିଦ୍ଧ ୪ ଓ ଆକାଶ ଦୀପ ଗୋଟିଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୨୪/ଅଲଆଉଟ୍। ଇଂଲଣ୍ଡ ପ୍ରଥମ ଇନିଂସ: ୨୪୭/ଅଲଆଉଟ୍। ଭାରତ ଦ୍ୱିତୀୟ ଇନିଂସ: ୩୯୬/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୬୭/ଅଲଆଉଟ୍ (ହ୍ୟାରୀ ବ୍ରୁକ–୧୧୧, ଜୋ ରୁଟ୍–୧୦୫, ବେନ ଡକେଟ–୫୪, ମହମ୍ମଦ ସିରାଜ–୫/୧୦୪, ପ୍ରସିଦ୍ଧ କ୍ରିଷ୍ଣା–୪/୧୨୬)।

## ଶିବୁ ସୋରେନ୍‌ଙ୍କ ...

ଆମ ସମସ୍ତଙ୍କୁ ଛାଡ଼ି ଚାଲିଗଲେ, ଆଜି ମୁଁ ଶୂନ୍ୟ ହୋଇଗଲି ବୋଲି ତାଙ୍କ ପୁଅ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ Xରେ ପୋଷ୍ଟ କରିଛନ୍ତି। ସୋମବାର ସକାଳ ୮ଟା ୫୬ ମିନିଟ୍ ସମୟରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ବୋଲି ନେଫ୍ରୋଲୋଜି ବିଭାଗର ବରିଷ୍ଠ କନ୍‌ସଲ୍ଟାଣ୍ଟ ଡ. ଏ.କେ. ଭାଲ୍ଲା କହିଛନ୍ତି। ତାଙ୍କ ନିକଟରେ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ପ୍ରିୟ ଗୁରୁଜୀଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଶିବୁ ସୋରେନ୍ ଜେଏମ୍‌ଏମ୍‌ର ପ୍ରତିଷ୍ଠାତା ଓ ୩୮ ବର୍ଷ ଧରି ଏହାର ନେତା ରହିଥିଲେ। ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ଗରିବ, ଦଳିତଙ୍କ ସମେତ ଝାଡ଼ଖଣ୍ଡର ଜନତାଙ୍କର ସ୍ୱର ଥିଲେ। ତାଙ୍କ ପରଲୋକ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସୋମବାର ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହସ୍ପିଟାଲ ଯାଇ ଶିବୁଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ପିଟାଲରେ ପହଞ୍ଚି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଦିବାସୀ ସମ୍ପ୍ରଦାୟ, ଗରିବ ଏବଂ ଦଳିତଙ୍କୁ ସଶକ୍ତ କରିବାରେ ଶିବୁ ସୋରେନଙ୍କର ବିଶେଷ ଆଗ୍ରହ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ହସ୍ପିଟାଲରେ ପହଞ୍ଚି ଜେଏମ୍‌ଏମ୍ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦୀପିକାଙ୍କ ରିଲ୍ସର...

'ଇଟ ମ୍ୟାଟର୍ସ ହ୍ୱେୟାର ୟୁ ଷ୍ଟେ' ଅଭିଯାନ ଅନ୍ତର୍ଗତ କମ୍ପାନୀର ବିଭିନ୍ନ ହୋଟେଲରେ ଥିବା ଆରାମଦାୟକ ସୁବିଧା ସମ୍ପର୍କରେ ଅବଗତ କରାଉଥିଲେ। ସୋମବାର ସୁଦ୍ଧା ଏହି ରିଲ୍ସର ଭିଉଜ୍ ୧.୯ ବିଲିୟନ ଅତିକ୍ରମ କରିଥିବା ବେଳେ ୧ ମିଲିୟନ ୟୁଜର୍ସ ଉକ୍ତ ରିଲ୍ସକୁ ଲାଇକ କରିଛନ୍ତି। ପୂର୍ବରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ମୋବାଇଲ ଗେମିଂ ପ୍ଲାଟ୍‌ଫର୍ମ ବ୍ୟାଟଲ ଗ୍ରାଉଣ୍ଡସ୍ ମୋବାଇଲ ଇଣ୍ଡିଆ (ବିଜିଏମ୍‌ଆଇ) ପାଇଁ କରିଥିବା ବିଜ୍ଞାପନ ରିଲ୍ସ ୧.୬ ବିଲିୟନ ଭିଉଜ୍ ପାଇଥିଲା। ଦୀପିକାଙ୍କ ହିଲଟନ୍ ପ୍ରମୋଶନ ରିଲ୍ସ ଉକ୍ତ ରେକର୍ଡକୁ ଭାଙ୍ଗିଛି। ପ୍ରକାଶ ଯେ, ସମ୍ପ୍ରତି ଦୀପିକା ଏଟଲିଙ୍କ ନିର୍ଦ୍ଦେଶିତ 'ଏଏ୨୨*ଏ୬' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜ୍ଜୁନଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଉକ୍ତ ଫିଲ୍ମ ମୁକ୍ତିଲାଭ କରିବ।

## ଅପାରଗ ବାବୁଙ୍କ ...

ଚାକିରିଆଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତା'ର ତଥ୍ୟ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ୍ ହୋଇଛି କିମ୍ବା ଗଚ୍ଛିତ ରହିଛି ତା'ର ବିବରଣୀ ମଧ୍ୟ ଦେବାକୁ ପଡ଼ିବ। ସେହିପରି ଯେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଯଦି ସେ ପଦୋନ୍ନତି ପାଇବାକୁ ଯୋଗ୍ୟ ଅଛନ୍ତି ତାଙ୍କର ନାମ ପଦୋନ୍ନତି ତାଲିକାରେ ନ ଦର୍ଶାଇ କେବଳ ସିଲ୍‌ଡ କଭର ଭିତରେ ରଖାଯାଇପାରିବ ବୋଲି ସେ ଦର୍ଶାଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଚାକିରିଆଙ୍କ ଅବସରଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ ପ୍ରଦାନ କରାଯିବାକୁ କୁହାଯାଇଥିଲା। ତେଣୁ ସମ୍ପୃକ୍ତ ବିଭାଗରେ କେତେଜଣ ଚାକିରିଆ କେଉଁ ମାସରେ ଅବସର ନେଇଛନ୍ତି ଏବଂ କେତେଜଣଙ୍କୁ ବାସ୍ତବରେ ତାଙ୍କର ପେନ୍‌ସନ ପ୍ରମାଣପତ୍ର ପ୍ରଦାନ କରାଯାଇଛି ତା'ର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ଦେବାକୁ ହେବ। ଏହାସହିତ ସରକାରଙ୍କ ପକ୍ଷରୁ ବିଭାଗୀୟ ସଚିବଙ୍କ ସହିତ ବରିଷ୍ଠ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବାପାଇଁ କୁହାଯାଇଥିଲା। ଏହାକୁ ନେଇ କେଉଁ ଅଧିକାରୀ କେଉଁ ତାରିଖରେ କେଉଁ ସ୍ଥାନକୁ ଗନ୍ତବ୍ୟ କରିଛନ୍ତି ଏବଂ ତୃଣମୂଳସ୍ତରରେ ସରକାରଙ୍କ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ କ'ଣ ତଥ୍ୟ ରହିଛି ତାହା ଜଣାଇବାକୁ ପତ୍ରରେ ଉଲ୍ଲେଖ ରହିଛି। ଏହାସହିତ କର୍ମଚାରୀଙ୍କ ଉପସ୍ଥାନ, ବିଭାଗୱାରି କେତେ ପଦ ଖାଲି ରହିଛି ଭଳି ବିଭିନ୍ନ ଦିଗ ଉପରେ ହୋଇଥିବା ଆଲୋଚନାକୁ ନେଇ ବିବରଣୀ ପ୍ରଦାନ କରିବାକୁ ଓଏସ୍‌ଡି ପତ୍ରରେ ଦର୍ଶାଇଛନ୍ତି।


# ଶିକ୍ଷକ ଅଭାବ, କମୁଛି ଉପସ୍ଥାନ

## ବିଶ୍ରା ଶିକ୍ଷାଞ୍ଚଳ

ରାଉରକେଲା,୪।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିକ୍ଷା ବିଭାଗ ଅଧୀନ ବିଶ୍ରା ଶିକ୍ଷା ଅଞ୍ଚଳର ବିଭିନ୍ନ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଶେଷ କରି ତୃତୀୟରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଓଡିଆ, ଇଂଲିଶ ଏବଂ ଗଣିତ ବିଷୟରେ ଉପଯୁକ୍ତ ଶିକ୍ଷା ପାଇପାରୁନାହାନ୍ତି। ଏଥିଯୋଗୁ ଅଭିଭାବକମାନେ ନିଜ ପିଲାମାନଙ୍କୁ ଘରୋଇ ସ୍କୁଲରେ ଭର୍ତ୍ତି କରୁଛନ୍ତି। ସରକାରୀ ସ୍କୁଲଗୁଡିକରେ ଛାତ୍ରୀଛାତ୍ର ଉପସ୍ଥାନ କମିବାରେ ଲାଗିଛି। ପ୍ରକାଶଥାଉକି, ବିଶ୍ରା ଶିକ୍ଷା ଅଞ୍ଚଳରେ ୧୫୦ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ରହିଛି। ଏହିସବୁ ସ୍କୁଲରେ ପ୍ରାୟ ୧୫ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଅନୁରୂପ ଭାବେ ବିଶ୍ରା ଶିକ୍ଷାଞ୍ଚଳରେ ୧୨୦ରୁ ଉର୍ଦ୍ଧ୍ୱ ଘରୋଇ ସ୍କୁଲ ଥିବାବେଳେ ଏସବୁ ସ୍କୁଲରେ ୨୦ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରୀ ସ୍କୁଲଗୁଡିକରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ଏବଂ ଦକ୍ଷ ଓ ତାଲିମପ୍ରାପ୍ତ ଶିକ୍ଷକଙ୍କ ଅଭାବ ଯୋଗୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରୋଇ ସ୍କୁଲକୁ ପଠାଇବାକୁ ବେଶୀ ପସନ୍ଦ କରୁଛନ୍ତି। ଅନ୍ୟପକ୍ଷେ ସ୍କୁଲରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ଦେଇ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସାମୟିକ ନିଯୁକ୍ତି ଦିଆଯିବା ମଧ୍ୟ ଏହାର ଅନ୍ୟତମ କାରଣ ବୋଲି ଆର୍‌ଏସ୍‌ପି ରିଟାୟାର୍ଡ ଟିଚର ଆସୋସିଏଶନ ସଭାପତି ଅନ୍ତର୍ଯାମୀ ସାହୁ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ସହରର ସରକାରୀ ସ୍କୁଲରେ ୬ଷ୍ଠ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଥିବା ୬୦ଭାଗ ପିଲାଙ୍କ ଶିକ୍ଷା ଆହରଣ ମାନ ସାମାନ୍ୟ ରହୁଛି। ଏହାର ପରିଣାମ ଜିଲା ଶିକ୍ଷା ବିଭାଗ ଅଧୀନ ୬୨ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ର ଦେଇଥିବା ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଦେଖିବାକୁ ମିଳିଛି। ବି-୧ ଓ ବି-୨ରେ କେହି ଜଣେ ହେଲେ ଉତ୍ତୀର୍ଣ୍ଣ ହୋଇନାହାନ୍ତି। ଏଥିପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦାୟୀ କରାଯାଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏ ନେଇ ବିହିତ ପଦକ୍ଷେପ ଗ୍ରହଣ ହେବା ଜରୁରୀ ବୋଲି ସହରର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ବିଶ୍ରା ବିଇଓ ସୁପ୍ରଭାତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ବିଶ୍ରା ଶିକ୍ଷାଞ୍ଚଳ ଅଧୀନ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ବହୁ ଶିକ୍ଷକ ପଦବୀ ଖାଲି ଥିଲା। ଏଣୁ ସରକାର ବିଭିନ୍ନ ଜିଲାରୁ ଶିକ୍ଷକ ଆଣି ଏଠାରେ ଅବସ୍ଥାପିତ କରିଛନ୍ତି। ବର୍ତ୍ତମାନ ୧୦୦ ଶିକ୍ଷକ ପଦବୀ ଖାଲି ରହିଛି। ଏଥିସହ ପିଲାଙ୍କୁ ଯେଭଳି ଉଚ୍ଚମାନର ଶିକ୍ଷା ପ୍ରଦାନ କରାଯିବ ସେ ନେଇ ଶିକ୍ଷାଦାନର ମାନ ଆକଳନ କରାଯାଉଛି ବୋଲି ବେହେରା କହିଥିଲେ।

## ଆଇଜିଏଚ୍‌ରେ ଜର୍ଜଙ୍କୁ ଭେଟିଲେ ଆର୍‌ଏସ୍‌ପି ଡିଆଇସି



ଆର୍‌ଏସ୍‌ପି ଡିଆଇସି ଜର୍ଜ ତିର୍କୀଙ୍କୁ ସାକ୍ଷାତ କରୁଛନ୍ତି।

ରାଉରକେଲା,୪।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ଜଣାଶୁଣା ନେତା ତଥା ପୂର୍ବତନ ମନ୍ତ୍ରୀ ଏବଂ ବିଧାୟକ ଜର୍ଜ ତିର୍କୀ ଆଇଜିଏଚ୍‌ରେ ଅସୁସ୍ଥତା ଯୋଗୁ ଭର୍ତ୍ତି ହୋଇଛନ୍ତି। ସୋମବାର ଅପରାହ୍ନ ୪ଟାରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଡିଆଇସି ଆଲୋକ ବର୍ମା ତାଙ୍କୁ ଆଇଜିଏଚ୍ ଆଇସିୟୁରେ ଭେଟିଛନ୍ତି। ଏହି ସମୟରେ ବର୍ମା ଜର୍ଜଙ୍କ ସହିତ ଅସୁସ୍ଥତା ନେଇ ବାର୍ତ୍ତାଳାପ କରି ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିସହ ଯତ୍ନର ସହ ଜର୍ଜଙ୍କ ଚିକିତ୍ସା କରିବାକୁ ଆଇଜିଏଚ୍ ଡାକ୍ତରୀ ଦଳଙ୍କୁ ପରାମର୍ଶ ଦେଇଥିଲେ।

## ସଂକ୍ଷେପରେ

### ଯୁବକ ନିଖୋଜ ମାମଲା ୪୦ ଘଣ୍ଟା ପରେ ମିଳିଲା ମୃତଦେହ

ରାଉରକେଲା,୪।୮(ସଙ୍ଗୀତା ଜେନା): ରଘୁନାଥପାଲୀ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ବ୍ରିଜ୍ ଉପରୁ ଡେଇଁ ନିଖୋଜ ଥିବା ଯୁବକ ଗଣେଶ ଚନ୍ଦ୍ର ବାଗ(୨୩)ଙ୍କ ମୃତଦେହକୁ ୪୦ ଘଣ୍ଟା ପରେ ସୋମବାର ଉଦ୍ଧାର କରାଯାଇଛି। ଅଗ୍ନିଶମ ଏବଂ ଓଡ୍ରାଫ ଦଳ ଅପରାହ୍ନ ୩ଟାରେ ଜଳଦା ଘାଟରେ ମୃତଦେହ ଠାବ କରିଥିଲେ। ଆର୍‌ଜିଏଚ୍ ମର୍ଗ ହାଉସରେ ମୃତଦେହ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଉକ୍ତ ଯୁବକ ନଦୀକୁ ଡେଇଁବା କାରଣ ଅସ୍ପଷ୍ଟ ଥିବାବେଳେ ପାରିବାରିକ କଳହ କିମ୍ବା ଅନ୍ୟ କୌଣସି କାରଣ ଥାଇପାରେ ବୋଲି ଆଲୋଚନା ହେଉଛି। ହେଲେ ଘଟଣା ଦିନ ଗଣେଶଙ୍କ ସାନଭଉଣୀ ତାଙ୍କ ସହ ଥିଲେ। କୌଣସି କଥା କହି ଗଣେଶ ଦୌଡ଼ି ବ୍ରିଜ୍ ଉପରୁ ଡେଇଁ ପଡିଥିଲେ। ତାଙ୍କ ଭଉଣୀ ପଛରେ ରହିଯିବାରୁ ସେ ଭାଇର ଜୀବନ ବଞ୍ଚାଇ ପାରି ନ ଥିଲେ ବୋଲି ଆଲୋଚନା ହେଉଛି।

### ଜୁଆ ଚଢ଼ାଉ, ୫ ଗିରଫ

ରାଉରକେଲା,୪।୮(ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ରବିବାର ରାତିରେ ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଏଥିରେ ୫ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୋଏଲ ବ୍ୟାଙ୍କର ଜାଫର ପରୱାଜ(୨୮), ଆନନ୍ଦ ଭବନ ଲେନ୍‌ର ଏମ୍‌ଡ଼ି ନିୟାଜ୍(୪୨), ହସନପୁରର ଏମଡି ଫିରୋଜ ଅହମ୍ମଦ(୨୫), ଆନନ୍ଦ ଭବନ ଲେନ୍‌ର ଏମ୍‌ଡ଼ି ହସନ୍ ଅଲ୍ଲୀ(୨୮) ଏବଂ ଶିବଶଙ୍କର ନଗର ଫଟାପାଇପ୍‌ର ୟାସିନ୍ ଖାନ୍(୫୧)। ସେମାନଙ୍କଠାରୁ ୧ ଲକ୍ଷ ୩୮ ହଜାର ୪୦ ଟଙ୍କା, ୩ଟି ବାଇକ, ୨ଟି ମୋବାଇଲ, ତାସ୍ ଓ ମ୍ୟାଟ୍ ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୫୯୨/୨୫) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ମଧ୍ୟାହ୍ନ ୧୨ଟାରେ କୋର୍ଟଚାଲାଣ କରିଛି।

### ଗଙ୍ଗାଧର କବିତା ଆବୃତ୍ତି ପ୍ରତିଯୋଗିତା

ରାଉରକେଲା, ୪।୮(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ସେକ୍ଟର-୭ ସ୍ଥିତ ସଂସଦ କାର୍ଯ୍ୟାଳୟରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେର କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉଲକେଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ କବିଙ୍କ ରଚିତ କବିତାଗୁଡ଼ିକୁ ନିଜ ନିଜ ଢଙ୍ଗରେ ଆବୃତ୍ତି କରିଥିଲେ। ଆରମ୍ଭରେ ସଂସଦର ସାଧାରଣ ସମ୍ପାଦକ ମନୋଜ ନନ୍ଦ ପ୍ରତିଯୋଗିତାର ନିୟମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ବିଚାରକ ଭାବେ ଶିକ୍ଷାବିତ୍ ତଥା ଲେଖିକା ମଞ୍ଜୁଳା କୁମାରୀ ରଥ, କବି ହୀତାରାଣୀ ବେହେରା, ସୁଚିତ୍ରା ଲେଙ୍କା ଏବଂ ପଦ୍ମାରାଣୀ ବେହୁରା ଯୋଗ ଦେଇଥିଲେ। ଶ୍ରେଷ୍ଠ ୭ଜଣ ପ୍ରତିଯୋଗୀଙ୍କୁ ଆସନ୍ତା ୧୦ ତାରିଖରେ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

## ଏମ୍‌ଓପିପି ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ତାଲିମ ନେଇଥିବା ଛାତ୍ରୀଛାତ୍ର ଓ ଅତିଥିଗଣ।

ରାଉରକେଲା,୪।୮(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଏସ୍‌ଆର ପଦକ୍ଷେପ ଅଧୀନ ମେଶିନ ଅପରେଟର ପ୍ଲାଷ୍ଟିକ ପ୍ରକ୍ରିୟାକରଣ (ଏମ୍‌ଓପିପି) ତାଲିମ ସଫଳତାର ସହିତ ସମାପ୍ତ କରିଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ସୋମବାର ସେକ୍ଟର-୨୦ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ସମ୍ବର୍ଦ୍ଧିତ କରାଯାଇଛି। ଆର୍‌ଏସ୍‌ପି ସହର ସେବା ଏବଂ ସିଏସ୍‌ଆର ବିଭାଗ ସିଜିଏମ ଟି. ଜି. କାନେକର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟକ୍ରମ ସମାପ୍ତି ପ୍ରମାଣପତ୍ର ବିତରଣ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ୍ ଟି. ବି. ଟପ୍ପୋ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ତାଲିମ କେନ୍ଦ୍ରୀୟ ପେଟ୍ରୋ କେମିକାଲ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି ପ୍ରତିଷ୍ଠାନ (ସିପେଟ) ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏ ନେଇ ସୋମବାର ସମ୍ମିଳିତ ସମାବେଶକୁ କାନେକର ସମ୍ବୋଧିତ କରି ଏଭଳି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗୁଡିକୁ ସୁଗମ କରିବା ପାଇଁ ସିଏସ୍‌ଆର ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ପ୍ରାର୍ଥୀମାନଙ୍କୁ ଏକ ସ୍ଥାୟୀ ଜୀବିକା ଗଠନ ପାଇଁ ତାଲିମକୁ ସଠିକ୍ ଉପଯୋଗ କରିବାକୁ ପ୍ରେରଣା ଦେଇଥିଲେ। ଏହି ୬ମାସିଆ ତାଲିମ କାର୍ଯ୍ୟକ୍ରମ ଫେବୃୟାରୀ ୧ତାରିଖରେ ଆରମ୍ଭ ହୋଇ ଜୁଲାଇରେ ସମାପ୍ତ ହୋଇଥିଲା। ଏଥିପାଇଁ ମୋଟ ୩୧.୯୦ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା। ସିନିୟର ଫିଲ୍ଡ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା ଏବଂ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଡ଼ିବୁଟି ଦିବସରେ ଔଷଧୀୟ ଚାରାରୋପଣ

ରାଉରକେଲା,୪।୮(ବିପ୍ଳବ ରଞ୍ଜନ ଦାଶ): ସୁନ୍ଦରଗଡ ଜିଲା ପତାଞ୍ଜଳି ଯୋଗ ପରିବାର ପକ୍ଷରୁ ସେକ୍ଟର-୧୬ ଡି ବ୍ଲକ ସ୍ଥିତ ମା' ତାରିଣୀ ମନ୍ଦିର ପରିସରରେ ସୋମବାର ଜଡ଼ିବୁଟି ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ଯୋଗଦେଇ ଜଡ଼ିବୁଟି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତସ୍ମିନୀ ସ୍ୱାଇଁ, ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ ଓ ଜିଲା ମହିଳା ସୋସିଆଲ ମିଡ଼ିଆ ପ୍ରଭାରୀ ଆରତୀ କର ଜଡ଼ିବୁଟି ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଏହାପରେ ବିଭିନ୍ନ ଜଡି ବୁଟି ଚାରା ରୋପଣ କରାଯାଇଥିଲା। ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ଅନୁସୂୟା ବାରିକ ଓ ମନ୍ଦିର କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମର ଆୟୋଜକ ଥିଲେ। ସେହିଭଳି ବନ୍ଧମୁଣ୍ଡାରେ ଯୋଗ ଶିକ୍ଷୟିତ୍ରୀ ଏମ୍ ମଧୁରାୱାନୀଙ୍କ ଆୟୋଜନରେ ଜଡ଼ିବୁଟି ଦିବସ ପାଳନ କରାଯିବା ସହିତ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ରା ତହସିଲ ପ୍ରଭାରୀ ହେମନ୍ତ କୁମାର ଜେନା, ଅଜିତ ପୃଷ୍ଟି, ଶିବାନୀ ଜେନା, ଗଙ୍ଗାଧର ତ୍ରିପାଠୀ, ରାମକୃଷ୍ଣ ପଣ୍ଡା, ଶ୍ରୀକର ତନ୍ତୀ, ନଗେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସିପିଆଇ ଆଞ୍ଚଳିକ କମିଟି ସମ୍ମିଳନୀ



ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ରାଉଲକେଲା,୪।୮(ସଙ୍ଗୀତା ଜେନା)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଉରକେଲା ଆଞ୍ଚଳିକ କମିଟି ସମ୍ମିଳନୀ ହରିବନ୍ଧୁ ଭବନଠାରେ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାରେ ଖାଲି ପଡ଼ିଥିବା ପଦବୀ ପୂରଣ, ଆର୍‌ଏମ୍‌ସିରେ ହୋଇଥିବା ଦୁର୍ନୀତିର ତଦନ୍ତ, ବେକାର ଯୁବକଙ୍କୁ ନିଯୁକ୍ତି, ପାନପୋଷ ସବ୍‌ଡିଭିଜନର ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ପରିବେଶ ଆଇନକୁ କଡାକଡି ଭାବେ କାର୍ଯ୍ୟ କରିବା, ଜମି ନ ଥିବା ଲୋକଙ୍କୁ ଆର୍‌ଡିଏ ପ୍ଲଟିଂ କରି ଅଗ୍ରାଧିକାର ଭିତ୍ତିରେ ଜମି ପ୍ରଦାନ, ପଶ୍ଚିମ ଓଡ଼ିଶାରୁ ଉତ୍ତର ଓଡ଼ିଶାକୁ ସ୍ୱତନ୍ତ୍ର ରେଳ ଚଳାଚଳ, ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବିରେ ଏହି ସମ୍ମିଳନୀ ହୋଇଥିଲା। ଏହାକୁ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ ଦାସ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସାମ୍ପ୍ରଦାୟିକ ରାଜନୀତିକୁ ତୀବ୍ର ବିରୋଧ କରିବା ସହ ଭାଜପା ସରକାର ପାଇଁ ନାରୀ ସୁରକ୍ଷିତ ନୁହନ୍ତି ବୋଲି କହିଥିଲେ। ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ଅତିଥି ଭାବେ ଯୋଗଦେଇ କମ୍ୟୁନିଷ୍ଟ ପାର୍ଟିର ୧୦୦ ବର୍ଷର ସଂଘର୍ଷମୟ ଇତିହାସ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଜୋନ ସମ୍ପାଦକ ସଦାନନ୍ଦ ସାହୁ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ମେରୀ ବର୍ ଓ ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ୬ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ତିନି ବର୍ଷ ପାଇଁ ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି। ମହେଶ୍ୱର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## କଳା, ସଂସ୍କୃତି, ଐତିହ୍ୟକୁ ଋଦ୍ଧିମନ୍ତ କରେ ସାହିତ୍ୟ ଆସର

ରାଉରକେଲା, ୪।୮(ବିପ୍ଳବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାରରେ ସୋମବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। 'ଗଙ୍ଗାଧର ମେହେର ସାହିତ୍ୟରେ ଜାତୀୟତାବୋଧ' ଶୀର୍ଷକ ଆଲୋଚନାଚକ୍ରର ପ୍ରଥମାର୍ଦ୍ଧରେ ସଭାପତି ବିଶିଷ୍ଟ ସାହିତ୍ୟିକ ଓ କଥାକାର ଭୂପେନ ମହାପାତ୍ର ଯୋଗ ଦେଇଥିଲେ। ଗୀତି କବି ସମାଜର ସଭାପତି ତାରିଣୀ ଚରଣ ସାହୁ ମୁଖ୍ୟ ଅତିଥି, ଅଭୟ କୁମାର ଦାସ, ସମାଜସେବୀ ପଶୁପତି ନାଥ ଚାଟାର୍ଜୀ ସମ୍ମାନୀୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ସନାତନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମେହେର ସାହିତ୍ୟରେ ଜାତୀୟତାବୋଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମଧୁସୂଦନ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଆସରରେ ସାହିତ୍ୟିକା ମଞ୍ଜୁଳା କୁମାରୀ ରଥ ଗଳ୍ପ ପଠନ କରିଥିଲେ। କବି ସୁଶାନ୍ତ କୁମାର ନାୟକ ସମ୍ପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନୋଜ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। କବି ବିଭୂପ୍ରସାଦ ନାଏକ ଓ କବି ବସନ୍ତ ବିଶ୍ୱକର୍ମା ପାଠୋତ୍ସବ ସଂଯୋଜନା କରିଥିଲେ। କବି ବ୍ରଜେନ୍ଦ୍ର ଦାଶ, ପ୍ରତାପ ପଣ୍ଡା, ଉପେନ୍ଦ୍ର ବସ୍ତିଆ, ଅର୍ଚ୍ଚନା ପାତ୍ର, ବ୍ରହ୍ମାନନ୍ଦ ପାଢୀ, ବଳରାମ ଦାଶ, ସୁନିତା ସାହୁ, କନକଲତା ମିଶ୍ର, ନିରୁପମା ନାୟକ, ସାଗର ମହାନ୍ତି, ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗୀତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ରାଉତ, ବିକ୍ରମ ଆଚାର୍ଯ୍ୟ, ବ୍ରଜକିଶୋର ପାଣି, ସୂର୍ଯ୍ୟମଣି ପଣ୍ଡା ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି।

## ଡାକଘରେ ନୂତନ ସଫ୍ଟୱେର ଶୁଭାରମ୍ଭ

ରାଉରକେଲା,୪।୮(ସଙ୍ଗୀତା ଜେନା)

ଭାରତୀୟ ଡାକ ବିଭାଗ ସ୍ୱନିର୍ମିତ ସଫ୍ଟୱେର ଉନ୍ନତ ପୋଷ୍ଟାଲ ଟେକ୍ନୋଲୋଜି ୨.୦ର ଶୁଭାରମ୍ଭ ସୋମବାର ପୂର୍ବାହ୍ନ ୧୦ଟାରେ ରାଉରକେଲା ଡାକମଣ୍ଡଳର ସମସ୍ତ ଡାକଘରେ କରାଯାଇଛି। ଡାକ ଅଧୀକ୍ଷକ ଶ୍ୟାମସୁନ୍ଦର ମହାରଣା, ଉପ ଡାକ ଅଧୀକ୍ଷକ ଚକ୍ରଧର ନାକ ଏହି ନୂତନ ସେବାକୁ ରାଉରକେଲା ଓ ଉଦିତନଗର ପ୍ରଧାନ ଡାକଘରେ ଉଦ୍‌ଘାଟନ କରିଥିଲେ। ଭାରତୀୟ ଡାକ ବିଭାଗ ଏହି ନୂଆ ଯୁଗରେ ନିଜକୁ ଅଧିକ ଆଧୁନିକ ପ୍ରଯୁକ୍ତିବିଦ୍ୟା ଅନୁକୂଳ କରିପାରିଛି। ସୂଚନାଯୋଗ୍ୟ, ଏହି ସଫ୍ଟୱେର କାର୍ଯ୍ୟାନ୍ୱୟନ ପାଇଁ ଗତ ୨ ତାରିଖରେ ସମସ୍ତ ଡାକଘରେ ଡାକ କାରବାର ସ୍ଥଗିତ ରଖାଯାଇଥିଲା।

## ୟୁନାଇଟେଡ୍ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ଗଠିତ




ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ରାଉରକେଲା,୪।୮(ସଙ୍ଗୀତା ଜେନା)

ରାଉରକେଲାରେ ଠିକାଦାରମାନଙ୍କୁ ନେଇ ୟୁନାଇଟେଡ୍ କଣ୍ଟ୍ରାକ୍ଟର୍ସ ଆସୋସିଏଶନ ଗଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ସେକ୍ଟର-୪ କମ୍ୟୁନିଟି ସେଣ୍ଟରରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଅଭିଷେକ ସିଂହ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଚର୍ତୁଭୁଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବିଭିନ୍ନ ପ୍ରସ୍ତାବ ଆଲୋଚନା ହୋଇଥିଲା। ଉପଦେଷ୍ଟା ସୀମାଞ୍ଚଳ ସାହୁ, ସୁଦର୍ଶନ ସାହୁ, ବିରେନ ବେହେରା, ପ୍ରଦୀପ ପରିଜା, ଦୀପକ ଠାକୁର, ଆୟୁବ ଅଂସାରୀ, ଦୁର୍ଯ୍ୟୋଧନ ପାଲ, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ପାତ୍ର, ଉପସଭାପତି ଅନୀଲ ଅଗ୍ରୱାଲ, ପ୍ରଦୀପ ପ୍ରଧାନ, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ସାହୁ, ରାକେଶ ଦାଶ, କୋଷାଧ୍ୟକ୍ଷ କଳ୍ପତରୁ ବିଶ୍ୱାଳ, ବିଭୁଦାନନ୍ଦ ତ୍ରିପାଠୀ, ଅମୀୟ ଶତପଥୀ, ଆର୍ତ୍ତତ୍ରାଣ ନାୟକ, ଅଜୟ ଦାସ, ପ୍ରକାଶ ନାୟକ, ବିଦ୍ୟାଧର ନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ।

## ଶିବ ମନ୍ଦିରରେ କାଉଡିଆଙ୍କ ଜଳାଭିଷେକ

### ଶ୍ରାବଣ ଶେଷ ସୋମବାର

ରାଉରକେଲା,୪।୮(ଦିନେଶ ମିଶ୍ର)

ଶ୍ରାବଣ ମାସର ଶେଷ ସୋମବାର ରାଉରକେଲା ସହରରେ ଥିବା ବିଭିନ୍ନ ଶିବ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉଦିତନଗର ସ୍ଥିତ ପଞ୍ଚଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପଣ୍ଡିତ ଦୀନବନ୍ଧୁ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ମହାଦେବଙ୍କ ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ପରେ ମହାଦେବଙ୍କୁ ବେଲବରଣୀ କରାଯାଇ ଭକ୍ତଙ୍କ ଦର୍ଶନ ଲାଗି ଛଡାଯାଇଥିଲା। ବହୁ କାଉଡିଆ ଭକ୍ତ ମହାଦେବଙ୍କ ଉପରେ ଜଳାଭିଷେକ କରିଥିଲେ। ସେହିପରି ପ୍ଲାଣ୍ଟସାଇଟ୍‌ସ୍ଥିତ ଲିଙ୍ଗେଶ୍ୱର ପୀଠରେ ଭୋର୍ ସାଢେ ୩ଟାରୁ କାଉଡିଆଙ୍କ ଭିଡ୍ ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ଶଶାଙ୍କ ମିଶ୍ରଙ୍କ ତତ୍ତ୍ୱାବଧାନରେ ଲିଙ୍ଗେଶ୍ୱର ମହାଦେବଙ୍କୁ ପୁଷ୍ପମାଲ୍ୟ ଓ ଦୁଦୁରାଫୁଲ ଅର୍ପଣ କରାଯିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ମାଲଗୋଦାମସ୍ଥିତ କାଳୀମନ୍ଦିର, ଦୁର୍ଗାପୁର ବସ୍ତି ସ୍ଥିତ ବାବା ଆଖଣ୍ଡଳମଣି ମଣ୍ଡପ, ବାସନ୍ତୀ କଲୋନି ସ୍ଥିତ ଶିବ ମନ୍ଦିରରେ ବହୁ କାଉଡିଆ ମହାଦେବଙ୍କ ଉପରେ ଜଳାଭିଷେକ କରିଥିଲେ। ସେହିପରି ବେଦବ୍ୟାସ ତ୍ରିବେଣୀ ସଙ୍ଗମରେ ଥିବା ଚନ୍ଦ୍ରଶେଖର ମନ୍ଦିର ଓ ବାଲୁକେଶ୍ୱର ମନ୍ଦିରରେ ବହୁ କାଉଡିଆ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ରୁଦ୍ରେଶ୍ୱରଙ୍କ ଉପରେ ଜଳାଭିଷେକ କରିଥିଲେ। ହନୁମାନ ବାଟିକା, ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଶିବ ମନ୍ଦିର, ରେଲୱେ କଲୋନି, ଶଙ୍କଟ ମୋଚନ ମନ୍ଦିର ପରିସରରେ ଥିବା ଶିବ ମନ୍ଦିରରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।



ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

## କ୍ଷତିପୂରଣ ପରେ ଉଠିଲା ମୃତଦେହ

### ସ୍ୱଞ୍ଜୀ କାରଖାନାରେ ଶ୍ରମିକ ମୃତ୍ୟୁ ମାମଲା

ରାଉରକେଲା, ୪।୮(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଶିଳ୍ପାଞ୍ଚଳ ବଲଣ୍ଡାଠାରେ ଥିବା ରାଉରକେଲା ସ୍ୱଞ୍ଜୀ ଏଲ୍‌ଏଲ୍‌ପିରେ ରବିବାର ଶ୍ରମିକ ବିଜୟ ଲାକ୍ରାଙ୍କ ମୃତ୍ୟୁ ମାମଲା ଭିନ୍ନ ମୋଡ ନେଇଥିଲା। କ୍ଷତିପୂରଣ ଦାବିରେ ୫ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ କାରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉଭୟ ପକ୍ଷ ଥାନାରେ ଆଲୋଚନା କରିବା ପରେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବାରୁ ମାମଲା ଶାନ୍ତ ହୋଇଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ପ୍ରଦାନ କରାଯାଇଥିଲା। ଅପରପକ୍ଷେ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପକ୍ଷରୁ କାରଖାନା ଉପରେ ତଦନ୍ତ ଏବଂ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସୂଚନା ମିଳିଛି।

ସୂଚନାଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସାମାଜିକ କର୍ମୀ ଉମେଶ ନାଗ, ଗର୍ଜନ ଗ୍ରାମପଞ୍ଚାୟତ ସରପଞ୍ଚ ସଚିନ ଏକ୍କା, ଦଲକି ସରପଞ୍ଚ ରାଙ୍କା ଓରାମ, ବିରଡା ସରପଞ୍ଚ ବିର୍ସା ଓରାମ, ବିର୍ସା ଓରାମ, ଗଣେଶ କେର୍କେଟା, ପୂର୍ବତନ ଜିଲା ପରିଷଦ ସଭ୍ୟ ମହେଶ ନାଗଙ୍କ ନେତୃତ୍ୱରେ ମହିଳା ପୁରୁଷ କାରଖାନା ମୁଖ୍ୟ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମୃତକ ପରିବାର ଏକମାତ୍ର ରୋଜଗାରିଆ ଥିଲେ। ମୃତକଙ୍କ ପତ୍ନୀ ଏବଂ ନାବାଳିକା ଝିଅ ଅଛନ୍ତି। ବିଜୟ ଜଣେ ଅଣକୁଶଳୀ ଶ୍ରମିକ ଥିବା ସତ୍ତ୍ୱେ ତାଙ୍କୁ କାରଖାନାର ୨୦ଫୁଟ୍ ଉଚ୍ଚତାରେ ୱେଲ୍ଡିଂ କାମ ଦିଆଯାଇଥିଲା। ସମ୍ଭବତଃ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବାରୁ ତାଙ୍କୁ ତୁରନ୍ତ ଆର୍‌ଜିଏଚ୍ ନିଆଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ସହ ପିଏଫ୍ ଏବଂ ଇଏସ୍‌ଆଇ ସୁବିଧା ପ୍ରଦାନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଥିଲେ। ଅପରାହ୍ନ ୩ଟାରେ ଉଭୟ ପକ୍ଷଙ୍କୁ ନେଇ ଥାନାରେ ଆଲୋଚନା ହୋଇଥିଲା। ମୃତକଙ୍କ ପରିବାରକୁ ଅନ୍ତ୍ୟେଷ୍ଟି କ୍ରିୟା ବାବଦରେ ୭୫ ହଜାର ଟଙ୍କା ଏବଂ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ଡେପୁଟି ଡାଇରେକ୍ଟର ବିଭୁ ପ୍ରସାଦ କହିଛନ୍ତି ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ। ତେବେ ଶୀଘ୍ର କାରଖାନାରେ ଯାଞ୍ଚ କରାଯିବ ଏବଂ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ପ୍ରସାଦ କହିଥିଲେ।



କାରଖାନା ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କର: ନରସିଂହ

ବଲାଙ୍ଗୀର,୪।୮(ବୀରେନ୍ଦ୍ର କୁମାର ଝାଙ୍କର)

ମହାରାଷ୍ଟ୍ରର କୋହ୍ଲାପୁରଠାରେ ବମ୍ବେ ହାଇକୋର୍ଟର ଚତୁର୍ଥ ବେଞ୍ଚ ପ୍ରତିଷ୍ଠା ଖବର ପ୍ରଚାରିତ ହେବା ପରେ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ସୋମବାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀରର ଯଥାର୍ଥତା ରହିଛି ଏବଂ ଆଉ କାଳ ବିଳମ୍ବ ନକରି ସରକାର ତୁରନ୍ତ ପଶ୍ଚିମ ଓଡିଶାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରନ୍ତୁ ବୋଲି ଦାବି କରିଛନ୍ତି।

ସେ ଆହୁରି କହିଛନ୍ତି, ଯଶବନ୍ତ ସିଂ କମିଶନଙ୍କ ସୁପାରିଶ ଓ ଗଡଜାତ ମିଶ୍ରଣ ଚୁକ୍ତି ଅନୁସାରେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବାର ଯଥାର୍ଥତା ରହିଛି। ସ୍ୱାଧୀନତା ପରଠାରୁ ଏଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ବାରମ୍ବାର ଦାବି ଓ ଆନ୍ଦୋଳନ ହୋଇଆସୁଛି। କଂଗ୍ରେସ ସରକାର ଅମଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଭୁବନେଶ୍ୱର ଆସିଥିବା ବେଳେ କଂଗ୍ରେସ ଭବନରେ ସେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ଏନେଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଂ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ତତ୍କାଳୀନ ଆଇନମନ୍ତ୍ରୀ କପିଲ ସିବଲ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ନେଇ ଓଡିଶା ହାଇକୋର୍ଟ ଓ ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ। ଏନେଇ ବିଧାନସଭାରେ ସେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର


ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର।

ପ୍ରସ୍ତାବ ଦେବାକୁ ଦାବି କରିଥିଲେ। ତେବେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖି ବସି ଯାଇଥିଲେ। ଉକ୍ତ ଚିଠିରେ ନିର୍ଦ୍ଦିଷ୍ଟ ସ୍ଥାନ କଥା ଉଲ୍ଲେଖ କରି ନ ଥିଲେ। ବିଧାନସଭାରେ ସେ ଏହି ପ୍ରସଙ୍ଗ ବହୁବାର ଉଠାଇ ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାର ଯଥାର୍ଥତା କଥା କହିଛନ୍ତି। ମାତ୍ର ନବୀନ ବାବୁ ସେତେବେଳେ ସମସ୍ତଙ୍କ ସହମତି କଥା ଉଠାଇଥିଲେ। କଟକରୁ ଭୁବନେଶ୍ୱର ରାଜଧାନୀ ସ୍ଥାନାନ୍ତରଣ ବେଳେ ରଙ୍ଗେଇଲୁଣ୍ଡା, ଅନୁଗୁଳ ଓ ଅନ୍ୟ ସ୍ଥାନରେ ରାଜଧାନୀ ପ୍ରତିଷ୍ଠା କରାଯିବା ଦାବି ଉଠିଥିଲା। ସେତେବେଳେ କ'ଣ ସମସ୍ତଙ୍କ ସହମତି ନିଆଯାଇଥିଲା କି ବୋଲି ପୂର୍ବତନ ମନ୍ତ୍ରୀ ମିଶ୍ର ପ୍ରଶ୍ନ କରି ପଶ୍ଚିମ ଓଡିଶା ଓ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଉଠିଲେ କାହିଁକି ସହମତି କଥା ଉଠାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବଲାଙ୍ଗୀର ଓ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଦାର ହେବାରୁ ଭର୍ଚ୍ଚୁଆଲ କୋର୍ଟ କଥା କୁହାଯାଉଥିଲା। ମାତ୍ର ଏବେ ବମ୍ବେ ହାଇକୋର୍ଟର ଚତୁର୍ଥ ବେଞ୍ଚ କିଭଳି ପ୍ରତିଷ୍ଠା ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ବିଜେଡି ସରକାର ଭଳି ଭାଜପା ସରକାର ମଧ୍ୟ ସମାନ ଢ଼ଙ୍ଗରେ ଚାଲିଛି। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଭାଜପା ମନ୍ତ୍ରୀ ମଧ୍ୟ ନବୀନ ବାବୁଙ୍କ ଭାଷା କହିଲେଣି।

ଏଭଳି ଭୁଆଁ ବୁଲା ରାଜନୀତି ଓ ଦୋମୁହାଁ ନୀତି ଛାଡି ନିର୍ଦ୍ଦିଷ୍ଟ ଭାବେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପାଖକୁ ରାଜ୍ୟ ସରକାର ଶୀଘ୍ର ପ୍ରସ୍ତାବ ପଠାନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ତଥା ଲ' କମିଶନର ପୂର୍ବତନ ସଦସ୍ୟ ମିଶ୍ର ଦାବି କରିଛନ୍ତି। ଏହାସହିତ ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଓ କୃଷି ବିଶ୍ୱବିଦ୍ୟାଳୟ ମଧ୍ୟ ବଲାଙ୍ଗୀରରେ ଶୀଘ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଅନ୍ତୁ, ନହେଲେ ସରକାରଙ୍କ ଅବହେଳା ଓ ପାତରଅନ୍ତର ରାଜ୍ୟକୁ ବିଭାଜନ ଆଡକୁ ନେବ ବୋଲି ସେ ଚେତାବନୀ ଦେଇଛନ୍ତି।

# ବୃଦ୍ଧଙ୍କୁ ଧକ୍କା ଦେଇ ଫେରାର ମାରିଲା କାର୍

## ହିଟ୍ ଏଣ୍ଡ ରନ୍: ଆଇନକୁ ଉଲ୍ଲଂଘନ


ଲାଠୋର ଅଗ୍ରସେନ ଭବନ ସମ୍ମୁଖରେ ବୃଦ୍ଧଙ୍କୁ କାର ଧକ୍କା ଦେବାର ସିସି ଟିଭି ଫୁଟେଜ।

ଲାଠୋର,୪।୮(ଭୁବନେଶ୍ୱର ବାରିକ)

ଦୁର୍ଘଟଣାରେ ଲୋକଙ୍କ ଜୀବନ ହାନୀ ଯେପରି ନ ଘଟେ ସେଥିପାଇଁ ସରକାର କଡାକଡ଼ି ଆଇନ ଆଣି ହିଟ୍ ଏଣ୍ଡ ରନକୁ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବ୍ୟବସ୍ଥା କରିଛନ୍ତି। ହେଲେ ଏ ନେଇ ଚେକିଂ ହେଉ ନ ଥିବାରୁ ଅନେକ ସମୟରେ ବେପାରୁଆ ଗାଡ଼ି ଚାଳକମାନେ ଏହି ଆଇନର ଖୁଲମଖୁଲା ଉଲ୍ଲଂଘନ କରୁଛନ୍ତି। ଏପରି ଏକ ଘଟଣା ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମର ଅଗ୍ରସେନ ଭବନଠାରେ ସୋମବାର ଘଟିଛି। ଏହି ସ୍ଥାନରେ ଏକ ଧଳା ରଙ୍ଗର କାର୍ ଦ୍ରୁତ ଗତିରେ ଆସି ଜଣେ ବୃଦ୍ଧଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ସୌଭାଗ୍ୟବଶତଃ ବୃଦ୍ଧ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ପ୍ରକାଶ ଯେ, ତୁରେକେଲା ଥାନା ଅଧୀନ ଗୁର୍ଜିଭଟା ଗ୍ରାମର ଜଣେ ମୁଢି(ଭୁଜା) ବ୍ୟବସାୟୀ ବୁଧୁ ମେହେର(୬୫) ସକାଳେ ନିଜ ବାଇକ୍‌ରେ ମୁଢି କିଣିବାକୁ ଲାଠୋର ଆସିଥିଲେ। ମୁଢି କିଣି ଘରକୁ ଫେରିବା ବେଳେ କୌଣସି କାରଣରୁ ଅଗ୍ରସେନ ଭବନ ସମ୍ମୁଖରେ ବାଇକ୍ ରଖି ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ଏକ ନମ୍ବର ବିହୀନ ଧଳା ରଙ୍ଗର କାର୍ ଲାଠୋର ହସ୍ପିଟାଲ ପଟୁ ଦ୍ରୁତ ଗତିରେ ଆସି ବୃଦ୍ଧଙ୍କୁ ଧକ୍କା ଦେଇ ଫେରାର ମାରିଥିଲା। ଏହାଦେଖି ସ୍ଥାନୀୟ ଲୋକେ ଉକ୍ତ କାର୍‌କୁ ପିଛା କରିଥିଲେ ହେଁ ଧରି ପାରି ନ ଥିଲେ।। ଦୁର୍ଘଟଣାରେ ଆହତ ବୁଧୁଙ୍କୁ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇ ପରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନନ୍ତର କରାଯାଇଥିବା ଲାଠୋର ଡାକ୍ତରଖାନାର ଆୟୁଷ ଡ଼ାକ୍ତର ରାଜେଶ୍ୱରୀ ସାହୁ କହିଛନ୍ତି। ଏନେଇ ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କୁ ପଚାରିବାରେ ନମ୍ବର ବିହୀନ କାର୍ ହୋଇଥିବା ଯୋଗୁ ଖୋଜିବାରେ ଡ଼େରି ହେଉଛି। ନିକଟବର୍ତ୍ତୀ ଥାନାଗୁଡିକୁ ଖବର ଦିଆଯାଇଛି। ଖୁବଶୀଘ୍ର ଧରାପଡ଼ିବ ବୋଲି ସେ କହିଥିଲେ। ତେବେ ଅଞ୍ଚଳରେ ବେପାରୁଆ ଗାଡ଼ି ଚାଳନା କରୁଥିବା ଚାଳକମାନଙ୍କୁ ଲଗାମ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ଯୋଗେଶ୍ୱର ପୀଠରେ କାଉଡିଆଙ୍କ ଭିଡ଼


ଯୋଗୀସର୍ଡା ଯୋଗେଶ୍ୱର ମନ୍ଦିର ଆଗରେ ଭକ୍ତଙ୍କ ଲମ୍ବା ଲାଇନ।

ଲୋଇସିଂହା,୪।୮(ସୁଶାନ୍ତ ବାରିକ)

ଶ୍ରାବଣ ଶେଷ ସୋମବାର ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଯୋଗୀସର୍ଡାସ୍ଥିତ ଯୋଗେଶ୍ୱର ମନ୍ଦିରରେ କାଉଡିଆ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା । ମହାଦେବଙ୍କୁ ଜଳ ଲାଗି ପାଇଁ ଭୋର ସମୟରୁ ହଜାର ହଜାର ସଂଖ୍ୟାରେ ବୋଲବମ୍ ଭକ୍ତ ଭିଡ ଜମାଇଥିଲେ । ପୋଲିସ ଓ ସ୍ଥାନୀୟ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଜଳ ଲାଗି ପାଇଁ ବ୍ୟବସ୍ଥା କରାଯାଇଥିଲା । ଏଥର ପ୍ରଥମ କରି ମନ୍ଦିର ପରିସରରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବୋଲବମ ଭକ୍ତଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ଅପରାହ୍ନ ଯାଏ ବୋଲବମ୍ ଭକ୍ତ ଧାଡିରେ ରହି ମହାଦେବଙ୍କ ନିକଟରେ ଜଳ ଲାଗି କରି ପୂଜାର୍ଚ୍ଚନା କରିଥିଲେ । ସେହିପରି ବୁର୍ଡା ସ୍ୱପ୍ନେଶ୍ୱର ବାବା, ସାନଟିକା ଜଳେଶ୍ୱର ବାବା ସମେତ ଦୁମଦୁମି, ସୁଜିଆ,ବାଦିବାହାଲ ଆଦି ଶୈବପୀଠରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା । ଶ୍ରାବଣ ମାସ ଚାଲିଥିବାରୁ ମାନସିକଧାରୀଙ୍କ ପକ୍ଷରୁ ଶୈବପୀଠରେ ନିୟମିତ ଭାବେ ଗଙ୍ଗା ଜଳ, କ୍ଷୀର ଆଦି ଜଳାଭିଷେକ ଅନୁଷ୍ଠିତ ହେଉଥିବା ଜଣାଯାଇଛି ।

# ରେଳଷ୍ଟେଶନରୁ ୮୦କେଜି ଗଞ୍ଜେଇ ଜବତ: ୬ ଗିରଫ

ଟିଟିଲାଗଡ଼,୪।୮(ସନ୍ତୋଷ ପଟ୍ଟନାୟକ)

ସୋମବାର ଟିଟିଲାଗଡ ରେଳଷ୍ଟେଶନ ପରିସରରୁ ୮୦ କେଜି ଗଞ୍ଜେଇ ଅବକାରୀ ଓ ରେଳ ସୁରକ୍ଷା ବଳ ଜବତ କରିଛି। ଏହି ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ, ୬ ଜଣ ବ୍ୟକ୍ତି ଟିଟିଲାଗଡରୁ ନାଗପୁରକୁ ଗଞ୍ଜେଇ ଚାଲାଣ ପାଇଁ ରେଳ ଷ୍ଟେଶନ ପରିସରରେ ବସିଥିବା ବେଳେ ଅବକାରୀ ବିଭାଗ ଓ ରେଳ ସୁରକ୍ଷା ବଳ କୌଣସି ସୂତ୍ରରୁ ଖବରପାଇ ସେମାନଙ୍କୁ ମାଡି ବସିଥିଲେ। ସେମାନଙ୍କ ପାଖରୁ ୮୦କେଜି ଗଞ୍ଜେଇ ଓ ଦୁଇଟି ବାଇକ୍ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯ ଲକ୍ଷ ୪୪ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କହିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ପ୍ରତାପ କୁମ୍ଭାର, ଅତୁଲ୍ୟ ମେହର, ଚନ୍ଦ୍ରମଣି ନାଗ,


ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ।

ଶମ୍ଭୁପ୍ରସାଦ ମେହେର, କିଶୋର ନାୟକ ଓ ଅଶ୍ୱିନୀ ମେହେର । ରେଳ ସୁରକ୍ଷା ବଳ ଆଇଆଇସି ଭଗବାନ ପୁନିଆ, ଅବକାରୀ ବିଭାଗ ଓଆଇସି ଆଶିଷ ବେହେରା, ସୁମିତ ସାହୁ, ଏଏସଆଇ ଭୃଗୁ ପତି ଦିଗାଲ, କୁମୁଦିନୀ ମଲ୍ଲିକ, ରାମପ୍ରସାଦ ବେହେରା, ଗଗନ ବିହାରୀ ମିଶ୍ର, ଆଶିଷ ପଟେଲ, ରଞ୍ଜନ ମିଶ୍ର ଓ ପ୍ରଫୁଲ୍ଲ ନାଗ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଏନେଇ ନଂ ୭୮/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର



ଶିବିରରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ପାଟଣାଗଡ଼,୪।୮(ସଚ୍ଚିଦାନନ୍ଦ ମହାକୁର)


ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ବା ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ବିଶେଷକରି ନୂତନ ବାର୍ଦ୍ଧକ୍ୟ ଭତ୍ତା , ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ପାଇଁ ହିତାଧିକାରୀମାନେ ଆବେଦନ କରିଥିବା ଜଣାପଡିଛି । ଏହି ଶିବିରରେ ଜିପିଓ, ତହସିଲଦାର ରୁଦ୍ରମୋହନ ନାଏକ, ସିଡିପିଓ ପ୍ରଭାମୟୀ ନାଏକ, ବ୍ଲକ ଯୋଗାଣ ଅଧିକାରୀ ରାଜାରାମ ହୋତା, ସାମାଜିକ ସୁରକ୍ଷା ଅଧିକାରୀ କମଳକାନ୍ତ ବାରିକ , ସରପଞ୍ଚ, ସମିତି ସଭ୍ୟ,କାର୍ଯ୍ୟନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ବ୍ଲକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କୁଟି ଡିକିରୁ ୩ ଲକ୍ଷ ଲୁଟ୍

ବଲାଙ୍ଗୀର,୪।୮(ବୀରେନ୍ଦ୍ର କୁମାର ଝାଙ୍କର)

ସୋମବାର ବଲାଙ୍ଗୀର ସହରରେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକିରୁ ୩ ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏକ ଦୋକାନ ସାମ୍ନାରେ ଥିବା ସ୍କୁଟିରୁ ଲୁଟେରାମାନେ ଟଙ୍କା ଲୁଟ୍ କରି ଫେରାର ମାରିଛନ୍ତି। ଉକ୍ତ ଦୋକାନର ସିସି ଟିଭି ଫୁଟେଜରୁ ୫/୬ ଜଣ ବ୍ୟକ୍ତିଙ୍କ ସନ୍ଦିଗ୍ଧ ଗତିବିଧିକୁ ଲକ୍ଷ୍ୟ କରି ଏକ ବଡ଼ଧରଣର ଲୁଟେରା ଗ୍ୟାଙ୍ଗ୍ ସହରରେ ସକ୍ରିୟ ରହିଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ବଲାଙ୍ଗୀର ସହର ଗେଟସରୋବରପଡାର ତରଣୀସେନ୍ କୁମ୍ଭାର ଡେଲିମାର୍କେଟ ନିକଟସ୍ଥ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ୩ ଲକ୍ଷ ଟଙ୍କା


ସିସି ଟିଭିରେ କଏଦ ହୋଇଥିବା ଲୁଟର ଦୃଶ୍ୟ।

ଉଠାଇ ତାଙ୍କ ସ୍କୁଟି ଡିକିରେ ରଖିଥିଲେ। ସେଠାରୁ ସେ ରାଧାରାଣୀପଡାସ୍ଥିତ ତାଙ୍କ ସାଙ୍ଗଙ୍କ ଏକ ଦୋକାନକୁ ଯାଇଥିଲେ। ଉକ୍ତ ଦୋକାନ ସାମ୍ନାରେ ସ୍କୁଟିକୁ ରଖିଦେଇ ଦୋକାନ ଭିତରକୁ ପଶିଥିଲେ। ଏହି ସମୟରେ ପୂର୍ବରୁ ପିଛା କରୁଥିବା ଯୁବକମାନେ ଉକ୍ତ ଦୋକାନ ନିକଟକୁ ଆସିଥିଲେ। କେତେଜଣ ଦୋକାନ ସାମ୍ନାରେ ଜିନିଷ କିଣିବାକୁ ଭିଡ କଲା ଭଳି ସ୍ଥିତିରେ ଠିଆ ହୋଇଥିଲା ବେଳେ ଅନ୍ୟ ଜଣେ ଯୁବକ ଉକ୍ତ ସ୍କୁଟି ଡିକି ଖୋଲି ସେଥିରୁ ୩ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ସମୟରେ ଆଉ ଜଣେ ଯୁବକ ଏକ ମୋଟର ସାଇକେଲରେ ସେଠାକୁ ଆସିଥିଲେ। ଏହାପରେ ଲୁଟେରା ଜଣକ ଉକ୍ତ ମୋଟର ସାଇକେଲରେ ବସି ଫେରାର ହୋଇଯାଇଥିବା ସିସିଟିଭି ଫୁଟେଜ୍‌ରେ ଦେଖାଯାଇଛି। ଅପରାହ୍ନରେ କୁମ୍ଭାର ଲୁଟ ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବଲାଙ୍ଗୀର ସହରକୁ କିଛି ଦିନ ହେଲା ଜିଲା ତଥା ରାଜ୍ୟ ବାହାରର ଲୁଟେରା ଗ୍ୟାଙ୍ଗ୍ ସକ୍ରିୟ ରହିଛି।

# ଶ୍ରାବଣ ଶେଷ ସୋମବାର: ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଖପ୍ରାଖୋଲ,୪।୮(ଅଭୟ ତ୍ରିପାଠୀ)

ପଶ୍ଚିମ ଓଡ଼ିଶାର ପ୍ରମୁଖ ଶୈବପୀଠ ତଥା ବଲାଙ୍ଗୀର ଜିଲା ଖପ୍ରାଖୋଲର ହରିଶଙ୍କରଠାରେ ଶ୍ରାବଣ ମାସ ଶେଷ ସୋମବାର ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଦୂର ଦୁରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ପାପ ନାଶିନୀ ଝରଣାରେ ସ୍ନାନ କରିବା ସହିତ ସୋମବାର ସକାଳୁ ଲମ୍ବା ଧାଡ଼ିରେ ରହି ହରିଶଙ୍କର ବାବାଙ୍କଠାରେ ପାଣି ଢାଳିଥିଲେ। ଅନ୍ୟ ବର୍ଷ ତୁଳନାରେ ଚଳିତବର୍ଷ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା। ଅପରାହ୍ନରେ ଭିଡ ସାମାନ୍ୟ କମିଥିବା ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସୂଚନା ଦେଇଛନ୍ତି।

# ଚାଷଜମିରେ ପହ୍ଲା ଲଗାଇ ଶିକ୍ଷୟିତ୍ରୀଙ୍କ ସଚେତନତା ବାର୍ତ୍ତା

ଲୋଇସିଂହା,୪।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ଶିକ୍ଷୟିତ୍ରୀ ସସ୍ମିତା ସାହୁ (୩୮) ନିକଟରେ ତାଙ୍କ ଚାଷ ଜମିରେ ପହ୍ଲା ରୋପଣ କରିବା ସହିତ ଏକ ଭିଡିଓ ପ୍ରସ୍ତୁତ କରି ଯୋଗ ଓ ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ଆଲୋକପାତ କରିଛନ୍ତି । ଏହି ଭିଡିଓରେ ସେ ମାଟି ଥେରାପିର ସୁଫଳ ସମ୍ପର୍କରେ କହିଛନ୍ତି । ତାଙ୍କ କହିବା ଅନୁଯାୟୀ ମାଟି ଥେରାପି ଚିକିତ୍ସା ପାଇଁ ଲୋକେ ଟଙ୍କା ଖର୍ଚ୍ଚ କରଥାନ୍ତି । କିନ୍ତୁ ଚାଷ ସମୟରେ ଚାଷ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଏପରି ଚିକିତ୍ସାର ଫାଇଦା ନେବାକୁ ସେ ଉକ୍ତ ବାର୍ତ୍ତାରେ ଲୋକଙ୍କୁ ସଚେତନ କରିଛନ୍ତି।

ସସ୍ମିତା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସୁନାପାଲି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରନ୍ତି। ଏହାଛଡା ସେ ବଲାଙ୍ଗୀର ଜିଲା ପାତଞ୍ଜଳି ଯୋଗ ସମିତିର ସାମାଜିକ ଗଣମାଧ୍ୟମ ପ୍ରଭାରୀ ଅଛନ୍ତି । ଏବେ ଖରିଫ ଚାଷ ଚାଲିଛି । ଲୋଇସିଂହା ତହସିଲରେ କିରାଣି ଭାବେ କାର୍ଯ୍ୟରତ ତାଙ୍କ ସ୍ୱାମୀ ଜ୍ୟୋତିପ୍ରକାଶ ସାହୁଙ୍କ ସହ ସସ୍ମିତା ବୁର୍ଡା ଗ୍ରାମର କ୍ଷେତକୁ ଯାଇ ଶ୍ରମିକଙ୍କ ସହ ପହ୍ଲା ରୋପଣ କରିଥିଲେ । ନିକଟରେ ସେ ଏ ନେଇ ଛାଡିଥିବା ଭିଡିଓ ବାର୍ତ୍ତାରେ ଜୀବନରେ ପ୍ରଥମ ଥର ପାଇଁ ଚାଷ କାର୍ଯ୍ୟରେ ସାମିଲ ହୋଇଥିବା ଜଣାଇଛନ୍ତି । ସସ୍ମିତା


ଚାଷ ଜମିରେ ଶିକ୍ଷୟିତ୍ରୀ ସସ୍ମିତା।

କହିଛନ୍ତି ମଣିଷ ଶରୀର ପଞ୍ଚତତ୍ତ୍ୱକୁ ନେଇ ଗଠିତ। ଏଣୁ ପଞ୍ଚତତ୍ତ୍ୱ ସହ ଜଡିତ ରହିଲେ ଶରୀରକୁ ସୁସ୍ଥ ରଖି ପାରିବା । ବର୍ତ୍ତମାନ ସମୟରେ ପ୍ରତ୍ୟେକଙ୍କ ଘରେ କେହି ନା କେହି ବିଭିନ୍ନ ରୋଗରେ ପୀଡିତ ଦେଖିବାକୁ ମିଳୁଛି । ଶାରୀରିକ ପରିଶ୍ରମ ଅଭାବରୁ ଏସବୁ ରୋଗର ଶିକାର ହେବାକୁ ଲୋକଙ୍କୁ ପଡୁଛି । ଯୋଗ ଓ ପ୍ରାକୃତିକ ପଦ୍ଧତିରେ ଏସବୁ ସସସ୍ୟାରୁ ମୁକୁଳି ପାରିବା ବୋଲି ସେ କହିଛନ୍ତି । ଘରେ ଘରୋଇ କାର୍ଯ୍ୟ ସମ୍ପାଦନ କରିବା ସହ ଚାଷ ସମୟରେ ଜମିକୁ ଯାଇ ଚାଷ କାର୍ଯ୍ୟ କରି ନିଜକୁ ସୁସ୍ଥ ରଖାଯାଇ ପାରିବ। ଚର୍ମରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାରୁ ସୁସ୍ଥ ହେବା ପାଇଁ ବର୍ତ୍ତମାନ ସମୟରେ ଲୋକେ ବିଭିନ୍ନ ସ୍ଥାନକୁ ଯାଇ ମାଟି ଥେରାପି କରୁଥିବା ଦେଖାଯାଉଛି । ଚାଷ ମସୟରେ ଚାଷ କାର୍ଯ୍ୟରେ ସାମିଲ କରି ଏହି ସମସ୍ୟାର ସମାଧାନ କରିପାରିବା ବୋଲି ସେ କହିଛନ୍ତି । ଏହାଛଡା ଚାଷ ହେଉଛି ଆମର ମୁଖ୍ୟ ଜୀବିକା । ଉତ୍ପାଦିତ ଫସଲରୁ ଖାଦ୍ୟ ପ୍ରସ୍ତୁତ କରି ଆମେ ଜୀବନ ଧାରଣ କରିଥାଉ । ଯେଉଁ ଚିନ୍ତାଧାରା ନେଇ ଆମେ ଚାଷ, ଅମଳ ଓ ଅନ୍ନ ପ୍ରସ୍ତୁତ କରିବା ସେପରି ପୋଷଣ ଆମେ ପାଇ ପାରିବା ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଥିବା ଶିକ୍ଷୟିତ୍ରୀ ସସ୍ମିତା କହିଛନ୍ତି ।

# ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ

ଟିଟିଲାଗଡ଼,୪।୮(ଶରତ ମିଶ୍ର)

ଚଳିତ ଖରିଫରେ ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ଟିଟିଲାଗଡ଼ ଏବଂ ସଇଁତଲା ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ପଛେଇ ଯାଇଛି। ଏଭଳି କ୍ଷେତ୍ରରେ ଟିଟିଲାଗଡ଼ ଏବଂ ସଇଁତଲା ବ୍ଲକରେ ପୂର୍ବ ସରକାର ସମୟରେ ନିର୍ମାଣ ହୋଇଥିବା ୬ଟି ବୃହତ୍ ଜଳସେଚନ ପ୍ରକଳ୍ପରେ ତାଲା ପଡିବା ଚାଷୀଙ୍କ କଟା ଘାରେ ଚୂନ ସଦୃଶ ହୋଇଛି । ଏନେଇ ଚାଷୀ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ଆସୁଛନ୍ତି। ରୁଆ ବେଉଷଣ, ବିହୁଡା କାର୍ଯ୍ୟ ହୋଇ ପାରି ନ ଥିବା ନେଇ ପ୍ରକଳ୍ପଗୁଡିକର ତଳି ଅଞ୍ଚଳର ଚାଷୀମାନେ ପ୍ରଶାସନ ତଥା ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କୁ ଜଣାଇ ଆସୁଛନ୍ତି । ନିକଟରେ ସଇଁତଲା ବ୍ଲକ ବରଗାଁଠାରେ ଚାଷୀମାନେ ଜାତୀୟ ରାଜପଥ ୨୬କୁ ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଟିଟିଲାଗଡ଼ ବିଧାୟକ ଜୈନ ଗତ ୨୫ ତାରିଖରେ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ପ୍ରଶାସନ ପକ୍ଷରୁ ଅଗଷ୍ଟ ୧ ମଧ୍ୟରେ ତାଲା ପଡ଼ିଥିବା ଜଳସେଚନ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଉକ୍ତ ପ୍ରକଳ୍ପଗୁଡିକର ତାଲା ଖୋଲିନାହିଁ । ଏନେଇ ସୋମବାର ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଢେ, ବେଣୁଧର ଝାଙ୍କର, ଗୋକୁଲ ସୁନାନୀ, ପ୍ରଭାକର ସାହୁ, ଭୋଦେବ ଝାଙ୍କର, ଗତିକୃଷ୍ଣ ବଗର୍ତ୍ତୀ, ତୁଳସୀ ସାହୁ, ଅମରେଶ ଯୋଷୀ, ପ୍ରତାପ ପୁଝାରୀ, ଚନ୍ଦ୍ର ଚନ୍ଦନ, ରଞ୍ଜନ ଝାଙ୍କର, ବୈକୁଣ୍ଠ ସାହୁ, ପୁରନ୍ଦର ଚନ୍ଦନ ପ୍ରମୁଖ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କୁ ସାକ୍ଷାତ କରି ପ୍ରଶାସନର ପ୍ରତିଶ୍ରୁତି ପୂରଣ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନ ଥିବାରୁ ପାଣି ଅଭାବରୁ ସେମାନଙ୍କ ଧାନ ଫସଲ ଦରମରା ହୋଇ ପଡ଼ିଥିବା ଅଭିଯୋଗ କରିଥିଲେ। ଏଭଳି ପରିସ୍ଥିତିରେ ଉପଜିଲାପାଳ ଚାଷୀଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ ବଦଳରେ ଲିଖିତ ଭାବରେ ଦାବିପତ୍ର ଦେବା ପାଇଁ କହିଥିଲେ । ଏନେଇ ଚାଷୀମାନେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାଯାଇଛି । ଦାବିପତ୍ରରେ ମୁଖ୍ୟତଃ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ତେବେ ପ୍ରଶାସନ ଚାଷୀଙ୍କୁ ପୂର୍ବରୁ ପ୍ରକଳ୍ପ ଚାଲୁ କରିବା ପାଇଁ କହି ବର୍ତ୍ତମାନ କିଛି ନ ଜାଣିବା ଭଳି ଦାବିପତ୍ର ଦେବାକୁ କହିବା ଚାଷୀଙ୍କ ପ୍ରତି ପ୍ରଶାସନର ଉପହାସ ବୋଲି ଅଭିଯୋଗ ହୋଇଛି। ଏନେଇ ବଲାଙ୍ଗୀର ଜିଲାପାଳ ତଥା ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ


ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୃଷକ ସଂଘର୍ଷ ଅଭିଯାନ ସମିତିର ସଦସ୍ୟମାନେ।

# ମହାରାଷ୍ଟ୍ରରେ ହଁ, ଓଡ଼ିଶାରେ ନା

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନ ପ୍ରସଙ୍ଗ**

**■ ଡବଲ ଇଞ୍ଜିନ ସରକାରର ଭିନ୍ନ ରାଜ୍ୟରେ ଭିନ୍ନ ପଦକ୍ଷେପ**

ସମ୍ବଲପୁର,୪।୮(ଭବାନୀ ଶଙ୍କର ଭୋଇ)

ଆଗାମୀ ୧୮ତାରିଖରେ ମହାରାଷ୍ଟ୍ରର କୋହ୍ଲାପୁରରେ ହାଇକୋର୍ଟର ଏକ ସର୍କିଟ ବେଞ୍ଚ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ମହାରାଷ୍ଟ୍ରର କୋହ୍ଲାପୁର, ସତାରା, ସଙ୍ଗଲି, ସୋଲାପୁର, ରତ୍ନଗିରି ଓ ସିନ୍ଧୁଦୁର୍ଗର ଲୋକମାନେ ଉପକୃତ ହେବେ। ପୂର୍ବରୁ ମହାରାଷ୍ଟ୍ରରେ ବମ୍ବେ ସମେତ ନାଗପୁର ଏବଂ ଔରଙ୍ଗାବାଦରେ ହାଇକୋର୍ଟର ଦୁଇଟି ସ୍ଥାୟୀ ବେଞ୍ଚ ରହିଛି । ଅର୍ଥାତ ମହାରାଷ୍ଟ୍ରର ପ୍ରାୟ ୧୩ କୋଟି ୩୯ ଲକ୍ଷ ଲୋକଙ୍କ ପାଇଁ ରାଜ୍ୟର ୩୬ଟି ଜିଲାରେ ହାଇକୋର୍ଟର ୩ଟି ବେଞ୍ଚ କାର୍ଯ୍ୟକାରୀ ହେଉଥିଲା। ଏବେ ଯୋଡି ହେବାକୁ ଯାଉଛି କୋହ୍ଲାପୁର ସର୍କିଟ ବେଞ୍ଚ। ଅନ୍ୟପଟେ ଓଡ଼ିଶାର ୩୦ଟି ଜିଲାର ଲୋକସଂଖ୍ୟା ପ୍ରାୟ ୪ କୋଟି ୮୦ ଲକ୍ଷ ହୋଇଥିବା ବେଳେ ହାଇକୋର୍ଟର ଆଉ ଏକ ବେଞ୍ଚ ପ୍ରତିଷ୍ଠା ହୋଇପାରୁନାହିଁ। ଏପରିକି ଗତବର୍ଷ ସେପ୍ଟେମ୍ବର ୨ରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ପଷ୍ଟ କରିଛନ୍ତି, ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ପାଇଁ କୌଣସି ପ୍ରସ୍ତାବ ନାହିଁ । ସୁପ୍ରିମକୋର୍ଟଙ୍କ ଦ୍ୱାହି ଦେଇ ଓଡ଼ିଶା ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। କିନ୍ତୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍. ଗଭାଇ କୋହ୍ଲାପୁର ସର୍କିଟ ବେଞ୍ଚ ପ୍ରତିଷ୍ଠାକୁ ସମର୍ଥନ କରିଛନ୍ତି । ବିଭିନ୍ନ କେସରେ କୋହ୍ଲାପୁର ଅଞ୍ଚଳର ଲୋକେ ବମ୍ବେ ହାଇକୋର୍ଟକୁ ଯିବା ଫଳରେ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। କୋହ୍ଲାପୁର ହାଇକୋର୍ଟର ଏକ ଖଣ୍ଡପୀଠ ପ୍ରତିଷ୍ଠା ହେଲେ ଲୋକଙ୍କୁ ମୁମ୍ବାଇ ଯିବାକୁ ପଡିବ ନାହିଁ। ଯଦି ବମ୍ବେ ହାଇକୋର୍ଟଠାରୁ ପ୍ରାୟ ୩୮୧ କିଲୋମିଟର ଦୂରରେ ଥିବା କ୍ଲୋହାପୁର ସର୍କିଟ ବେଞ୍ଚ ପ୍ରତିଷ୍ଠା ହୋଇପାରିଲା, ତେବେ କଟକଠାରୁ ପ୍ରାୟ ୪୦୦ କିଲୋମିଟର ଦୂରରେ ରହୁଥିବା ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା କିପରି ଅପ୍ରାସଙ୍ଗିକ ବୋଲି ପ୍ରଶ୍ନ ଉଠିଛି।

କ୍ଲୋହାପୁରରେ ସର୍କିଟ ବେଞ୍ଚ ଘୋଷଣା ହେବା ପରେ ସମ୍ବଲପୁରରେ ମଧ୍ୟ ଲୋକଙ୍କ ମଧ୍ୟରେ ପୁଣିଥରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥପନ ନେଇ ଆଶା ସଞ୍ଚାର ହୋଇଛି। ତେଣୁ ଯଦି ମହାରାଷ୍ଟ୍ର ସରକାର ନିଜ ଲୋକଙ୍କୁ ନ୍ୟାୟ ଦେବା କଥା ଚିନ୍ତା କରି ପାରିଲେ ଓଡ଼ିଶା ସରକାର ମଧ ପଶ୍ଚିମ ଓଡିଶା ବାସୀଙ୍କୁ ନ୍ୟାୟ ଦେବାକୁ ଚିନ୍ତା କରିବା ଜରୁରୀ ବୋଲି କହିଛନ୍ତି ସମ୍ବଲପୁର ଜିଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର। ଏନେଇ ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ କହିଛନ୍ତି, ଯଦି ମହାରାଷ୍ଟ୍ରର ୬ଟି ଜିଲାର ଅଧିବାସୀଙ୍କ ସ୍ୱାର୍ଥକୁ ରକ୍ଷା ପାଇଁ କ୍ଲୋହାପୁରରେ ସର୍କିଟ ବେଞ୍ଚ ପ୍ରତିଷ୍ଠା ହେଉଛି ତାହେଲେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଜନସାଧାରଣଙ୍କ ସ୍ୱାର୍ଥକୁ କାହିଁକି ଅଣଦେଖା କରାଯାଉଛି । ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ ସରକାରର ଚାଲିଛି। ପଶ୍ଚିମଓଡ଼ିଶାର ଏହି ଦୀର୍ଘକାଳୀନ ଦାବି ପୂରଣ କରିବାରେ ଭାଜପା ସରକାରକୁ କିଏ ବାଧା ଦେଉଛି ବୋଲି ରୋହିତ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ପୂର୍ବରୁ ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ସେମାନଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ କେନ୍ଦ୍ର ସରକାରଙ୍କୁ ଅନେକ ଥର ଚିଠି ଲେଖି ଅନୁରୋଧ କରିଥିଲେ। ମାତ୍ର ଏହାକୁ କେନ୍ଦ୍ର ସରକାର କର୍ଣ୍ଣପାତ କରି ନ ଥିଲେ। ତେଣୁ ଯଥାଶୀଘ୍ର ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରି କେନ୍ଦ୍ରୀୟ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟ ସମୟସୀମା ଓ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ସେ ଦାବି କରିଛନ୍ତି।

ସମ୍ବଲପୁର ଜିଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢୀ କହିଛନ୍ତି କର୍ନାଟକ, ମାଡ୍ରାସ, ଆଲାହାବାଦ, ଗୁଆହାଟି, ମଧ୍ୟପ୍ରଦେଶ, କେରଳ ସମେତ କେତେକ ରାଜ୍ୟରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ରହିଛି । ୧୩ ମାସର ଡବଲ ଇଞ୍ଜିନ ଭାଜପା ସରକାର ନିଜ ପ୍ରତିଶ୍ରୁତି ରକ୍ଷକରୁ। ସମ୍ବଲପୁରରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରୁ।

ଏନେଇ ସମ୍ବଲପୁର ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶା ସରକାର ବିଶେଷଜ୍ଞମାନଙ୍କ ମତାମତ ନେଇ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରସଙ୍ଗରେ ଆଗକୁ ପଦକ୍ଷେପ ନେବେ ବୋଲି ଆଶା କରୁଛି। ତେବେ ପୂର୍ବର ବିଜେଡି ସରକାରଙ୍କ ବାଟରେ ବର୍ତ୍ତମାନର ଭାଜପା ସରକାର ଯିବେ ନା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ବାସ୍ତବ ରୂପ ଦେବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## ସାମୂହିକ ଔଷଧ ସେବନକୁ ବ୍ୟାପକ କରାଯିବ

**ଫାଇଲେରିଆ ନିରାକରଣ ଅଭିଯାନ**



ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଉପସ୍ଥିତ ଚିକତ୍ସାଧିକାରୀ ଓ କର୍ମକର୍ତ୍ତା ।

ସମ୍ବଲପୁର,୪।୮(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ଓ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଇଁଠାପାଲିସ୍ଥିତ ସହର ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୂହିକ ଔଷଧ ସେବନ ଅଭିଯାନ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଉକ୍ତ ଅଭିଯାନରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ(ଏମ୍‌ଡିଏ)କୁ ନିଶ୍ଚିତ କରାଯିବ। ସେଥିମଧ୍ୟରେ ସମସ୍ତ ଜନସାଧାରଣଙ୍କୁ ଫାଇଲେରିଆ ପ୍ରତିଷେଧକ ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ୍‌ର ଔଷଧ ସେବନ କରାଯିବ। ଜିଲାର ଗ୍ରାମ ଓ ପଞ୍ଚାୟତ ସ୍ତରରେ ନିର୍ଦ୍ଧାରିତ ସ୍ଥାନ ଓ ବୁଥ ପ୍ରଣାଳୀ ତଥା ଘରକୁ ଘର ପହଞ୍ଚି ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଉକ୍ତ ପ୍ରତିଷେଧକ ବଟିକା ସେବନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କ ପାଇଁ ମଧ ଏହି ସୁବିଧା ଉପଲବ୍ଧ ହେବ। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନ, ଉଭୟ ମଣ୍ଡଳ କାରାଗର ଓ ନାରୀ ବନ୍ଦି ନିକେତନ ଆଦି ବିଭିନ୍ନ ସ୍ଥାନକୁ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରେରଣ କରାଯାଇ ଔଷଧ ସେବନକୁ ନିଶ୍ଚିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଇଁଠାପାଲି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟାଧିକାରୀ ଡା. ସନ୍ତୋଷ ସାହୁ, ଭେକ୍ଟର ବୋନ କନସଲଟାଣ୍ଟ ଯଶୋବନ୍ତ ହୋତା, ସିଟି ପ୍ରୋଗ୍ରାମ ମ୍ୟାନେଜର ନିକୁ ରଞ୍ଜନ ପ୍ରତିହାରୀ, ଏନ୍‌ଟିଡି ଜିଲା ଅଧିକାରୀ ଚିନ୍ମୟ ମହନ୍ତ ପ୍ରମୁଖଙ୍କ ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିକାଶ ହସ୍ପିଟାଲରେ ରକ୍ତଦାନ ଶିବିର

ସମ୍ବଲପୁର,୪।୮(ବି.ଶଙ୍କର)

ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିକାଶ ହସ୍ପିଟାଲରେ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁରସ୍ଥିତ ବାଳକ୍ରିଷ୍ଣା ପଟୱାରୀ ଟ୍ରଷ୍ଟ, ରକ୍ତାଦନ ସଂସ୍ଥା ଉତ୍ସର୍ଗ ଓ ସମ୍ବଲପୁର ବିକାଶ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଶିବିର ହୋଇଥିଲା । ଶିବିରରେ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ରାଷ୍ଟ୍ରିୟ ସ୍ୱୟଂ ସଂଘର ପ୍ରାକ୍ତନ ପଶ୍ଚିମ ପ୍ରାନ୍ତ ସଂଘ ଚଳାକ ବିପିନ ବିହାରି ନନ୍ଦ, ବାଳକ୍ରିଷ୍ଣା ପଟୱାରୀ ଟ୍ରଷ୍ଟର ଅରୁଣ ପଟୱାରୀ, ଉତ୍ସର୍ଗର ସୁଧିର ପୂଜାରୀ, ଡାକ୍ତର ଦିଲିପ କୁମାର ନନ୍ଦ, ଜିତେଶ ଅଗ୍ରୱାଲ ଏବଂ ଦିଲିପ ପଣ୍ଡା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବିକାଶ ହସ୍ପିଟାଲର ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ସହାୟତା କରିଥିଲେ । ଶିବିରରେ ମହିଳା, ଯୁବତୀମାନେ ମଧ ରକ୍ତଦାନ ଉଦାହରଣ ସୃଷ୍ଟି କରିଥିଲେ ।



ବିକାଶ ହସ୍ପିଟାଲରେ ଅତିଥିଙ୍କ ଉପସ୍ଥିତିରେ ରକ୍ତଦାନ କରାଯାଉଛି ।

## ରାସ୍ତାକଡରେ ଠିଆ ହୋଇଥିବା କାର ଜଳିଗଲା



କାରରେ ଲାଗିଥିବା ନିଆଁକୁ ଆୟତ୍ତ କରୁଛନ୍ତି ଅଗ୍ନିଶମ ବାହିନୀ।

ସମ୍ବଲପୁର,୪।୮(ପ୍ରମୋଦ ବହିଦାର)

ସମ୍ବଲପୁର ସହର ଚର୍ଚ୍ଚଛକ ନିକଟରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ କାର୍‌ରେ ସୋମବାର ନିଆଁ ଲାଗି ଜଳି ଉଠିଥିଲା। ଖବର ପାଇ ସମ୍ବଲପୁର ଅଗ୍ନିଶମ ଅଧିକାରୀ ସୁଦାମ କିସ୍‌କୋଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ କାରର ସମ୍ମୁଖଭାଗ ପୋଡ଼ି ପାଉଁଶ ହୋଇ ସାରିଥିଲା। ରବିନ୍ଦ୍ର ପଟ୍ଟନାୟକ ପରିବାର ସହିତ ଉକ୍ତ କାର(ଓଡି-୧୫-ଇ-୦୯୫୦)ରେ ଭୁବନେଶ୍ୱରରୁ ଆସି ମଧ୍ୟାହ୍ନ ୧୨ଟାରେ ସମ୍ବଲପୁରରେ ପହଞ୍ଚିଥିଲେ। ସେ ଚର୍ଚ୍ଚ ଛକସ୍ଥିତ ହୋଟେଲ ସଂଗ୍ରାମ ଅପରପାର୍ଶ୍ୱସ୍ଥ ରାସ୍ତାକଡ଼ରେ ଉକ୍ତ କାରକୁ ପାର୍କିଂ କରି ବ୍ୟକ୍ତିଗତ କାର୍ଯ୍ୟରେ ଯାଇଥିଲେ। ଦୀର୍ଘ ସମୟ ଧରି ଛିଡ଼ା ହୋଇଥିବା ଏହି କାରରୁ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ହଠାତ ଧୂଆଁ ବାହାରି ସମ୍ମୁଖଭାଗ ହଠାତ ଜଳି ଉଠିଥିଲା।

## କର୍ତ୍ତବ୍ୟନିଷ୍ଠ ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୪।୮(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ କର୍ତ୍ତବ୍ୟନିଷ୍ଠ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ଚାରମାଲ ଷ୍ଟେଶନ ଟ୍ରାକ୍ ମ୍ୟାଣ୍ଟେନର-୧ ଅଜିତ କୁମାର ପିଲାଇ, ଲୋଇସିଂହା ଷ୍ଟେଶନ ଟ୍ରାକ୍ ମ୍ୟାଣ୍ଟେନର-୪ ମନୋଜ ସିକା ଓ ଲକ୍ଷ୍ମଣ କୁମାର ପାତ୍ର, ସମ୍ବଲପୁର ବରିଷ୍ଠ ମାଲବାହୀ ରେଳ ପ୍ରବନ୍ଧକ ସବ୍ୟସାଚୀ ବିଶ୍ୱାସ ଓ ଟିଟିଲାଗଡ଼ ବରିଷ୍ଠ ସହାୟକ ଲୋକୋ ପାଇଲଟ୍ ଅନିଶ ରଞ୍ଜନ। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତଙ୍କୁ ନିରାପତ୍ତା ପ୍ରତି ସତର୍କତା ଓ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି ସେମାନଙ୍କ କର୍ତ୍ତବ୍ୟନିଷ୍ଠା ତଥା ନିରାପତ୍ତା ନିୟମ ଉପରେ ଗଭୀର ଜ୍ଞାନ ପାଇଁ ପୁରସ୍କୃତ କରାଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ସମସ୍ତ କର୍ମଚାରୀଙ୍କୁ ପ୍ରମାଣପତ୍ର ଓ ନଗଦ ରାଶିରେ ପୁରସ୍କୃତ କରିଛନ୍ତି। ଏହି ଅବସରରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଅପରେଶନ) ବିନାୟକ ବେହେରା, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକଙ୍କ ସମେତ ମଣ୍ଡଳ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୁରସ୍କୃତ ରେଳ କର୍ମଚାରୀଙ୍କ ସହ ରେଳ ମଣ୍ଡଳ ପ୍ରବନ୍ଧକ।

## ଏମ୍‌ଡି ପଦରୁ ହଟିଲେ ମଞ୍ଜିଲ ପଟେଲ | ଏମ୍‌ଡିଙ୍କ ଦୁର୍ବ୍ୟବହାରର ପ୍ରତିବାଦ, କର୍ମଚାରୀଙ୍କ ଆନ୍ଦୋଳନ

କୁଚିଣ୍ଡା,୪।୮(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ସମବାୟ ସମିତି ସମୂହ ସହକାରୀ ନିବନ୍ଧକଙ୍କ ନିୟନ୍ତ୍ରଣାଧୀନ ପାରୁଆଭାଡି ଲ୍ୟାମ୍ପ୍ସ(ବୃହଦାକାର ବହୁମୁଖୀ କୃଷି ସମବାୟ ସମିତି)ରେ ଏମ୍‌ଡି ମଞ୍ଜିଲ ପଟେଲଙ୍କ ଦୁର୍ବ୍ୟବହାର ଓ ମନମୁଖୀ କାର୍ଯ୍ୟ ପ୍ରତିବାଦରେ ସୋମବାର କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଏମ୍‌ଡିଙ୍କ ବଦଳି ପ୍ରତିବାଦରେ କର୍ମଚାରୀମାନେ ଲ୍ୟାମ୍ପ୍ସ ପରିଚାଳନା ପରିଷଦ ସଭାପତି, କୁଚିଣ୍ଡା ଏଆର୍‌ସିଏସ, ସମ୍ବଲପୁର ଡିଆରସିଏସ ଓ କୁଚିଣ୍ଡା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକଙ୍କୁ ଲିଖିତ ଅଭିଯୋଗ କରିଥିଲେ। କର୍ମଚାରୀଙ୍କ ଏତାଦୃଶ ଆନ୍ଦୋଳନ ଯୋଗୁ ଖରିଫ ଧାନ ଚାଷୀ ପଞ୍ଜିକରଣରେ ଗୁରୁତର ବାଧା ସୃଷ୍ଟି ହୋଇଥିଲା। କୁଚିଣ୍ଡା ଏଆରସିଏସ୍ ପ୍ରଦୀପ ପ୍ରଧାନ କର୍ମଚାରୀଙ୍କ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ତାଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟାରେ ପାରୁଆଭାଡି ଲ୍ୟାମ୍ପ୍ସ ପରିଚାଳନା ପରିଷଦ ସଭାପତି ହୃଦାନନ୍ଦ ମାଝିଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ବସିଥିଲା। ପରିଚାଳନା ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ମଞ୍ଜିଲ ପଟେଲଙ୍କୁ ଏମ୍‌ଡି ପଦରୁ ଅପସାରଣ କରି ତାଙ୍କୁ ବାଉରୀଗୋଡା ଶାଖା ପରିଚାଳକ ଏବଂ ମୋତିଲାଲ ପୃଷେଠଙ୍କୁ ଭାରପ୍ରାପ୍ତ ଏମଡ଼ି ଦାୟିତ୍ୱ ଦିଆଯାଇଛି!

କୁଚିଣ୍ଡା ବ୍ଲକ ପାରୁଆଭାଡ଼ି ଲ୍ୟାମ୍ପ୍ସ ଏମ୍‌ଡି ପଟେଲ ଅଧସ୍ତନ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ସୋମବାର ପୂର୍ବାହ୍ନରେ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଥିଲେ। ଅଭିଯୋଗରେ ଦର୍ଶାଇଥିଲେ ଯେ, ବର୍ତ୍ତମାନ ଚାଷୀ ପଞ୍ଜିକରଣ କାମ ଚାଲିଥିବାରୁ ସେମାନେ ସକାଳ ୮ରୁ ଅଫିସକୁ ଆସି ରାତି ୮ ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ମଝିରେ କେବଳ ଖାଇବା ପାଇଁ କିଛି ସମୟ ଛୁଟି କରିଥାନ୍ତି। ଏହାକୁ ନେଇ ଏମଡି ମଞ୍ଜିଲ ପଟେଲ କର୍ମଚାରୀମାନଙ୍କୁ ସର୍ବସାଧାରଣରେ ଗାଳିଗୁଲଜ କରୁଛନ୍ତି। ଏହା ଛଡା ଏହି ଲ୍ୟାମ୍ପ୍ସ କର୍ମଚାରୀ ଋଷିକେଶ ମେହେରଙ୍କ ଦରମାରୁ କଟାଯାଇଥିବା ଟଙ୍କାକୁ ଏମବିଏ ପଟେଲ ଜିପିଏଫ ଆକାଉଣ୍ଟରେ ଜମା ନ କରି ଏକ ବର୍ଷ ହେବ ନିଜ ପାଖରେ ରଖିଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଲିଖିତ ଭାବେ ଜଣାଇଥିଲେ। ଏଆରସିଏସ ପ୍ରଧାନ ପାରୁଆଭାଡି ଲ୍ୟାମ୍ପ୍ସ ଏମଡି ପଟେଲଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ ଏବଂ ଚାଷୀ ପଞ୍ଜିକରଣ ପର୍ଯ୍ୟନ୍ତ ସମସ୍ତେ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ଚାଷୀ ପଞ୍ଜିକରଣ କାମ ସମାପ୍ତ ହେଲେ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ କର୍ମଚାରୀମାନେ ଲ୍ୟାମ୍ପ୍ସକୁ ଫେରି ଅପରାହ୍ନ ୨ଟା ପରେ କାମ ଆରମ୍ଭ କରିଥିଲେ। ମାତ୍ର ଏମଡି ପଟେଲଙ୍କ ଏତାଦୃଶ ଆଚରଣ ଆଗାମୀ ଦିନରେ ଲ୍ୟାମ୍ପ୍ସରେ ଅଡୁଆ ପରିସ୍ଥିତି ସୃଷ୍ଟି କରିବା ଆଶଙ୍କାରେ ପରିଚାଳନା ପରିଷଦର ଜରୁରୀକାଳୀନ ବୈଠକ ଆହ୍ୱାନ କରାଯାଇ ପଟେଲଙ୍କୁ ଏମ୍‌ଡି ପଦରୁ ଅପସାରଣ କରାଯାଇଛି। ଏ ସମ୍ପର୍କରେ ଏମଡି ପଟେଲଙ୍କୁ ପଚାରିବାରେ କର୍ମଚାରୀମାନେ କରିଥିବା ଅଭିଯୋଗରେ ସତ୍ୟତା ନାହିଁ ବୋଲି କହିଥିଲେ। ଏଆରସିଏସ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଚାଷୀମାନଙ୍କ ବୃହତ୍ତର ସାର୍ଥକୁ ଦୃଷ୍ଟିରେ ରଖି ପରିଚାଳନା ପରିଷଦ ଏଭଳି ନିଷ୍ପତ୍ତି ନେଇଛନ୍ତି।

## ସମ୍ବଲପୁରରୁ ପୁଟପର୍ତ୍ତୀ ସିଧାସଳଖ ଟ୍ରେନ ଚଳାଚଳ ଦାବି

**ଚିକିତ୍ସା ଏବଂ ଭକ୍ତଙ୍କ ପାଇଁ ସୁବିଧା ହେବ**

ସମ୍ବଲପୁର,୪।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଏବଂ ପୁଟପର୍ତ୍ତୀସ୍ଥିତ ଶ୍ରୀସତ୍ୟସାଇ ପ୍ରଶାନ୍ତି ନିଳୟମ ଷ୍ଟେଶନକୁ ସିଧାସଳଖ ଟ୍ରେନ ଯୋଗାଯୋଗ ନଥିବା ବିଷୟ ନେଇ ସତ୍ୟସାଇ ସେବା ସମିତି ପକ୍ଷରୁ ସୋମବାର କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଡାକ ଯୋଗେ ଦାବିପତ୍ର ପଠାଯାଇଛି। ସମ୍ବଲପୁର ବାଙ୍ଗାଲୁର ମଧ୍ୟରେ ଏକ ସିଧାସଳଖ ଟ୍ରେନ ସେବା ଆରମ୍ଭ କରିବା ପାଇଁ ରେଳ ମନ୍ତ୍ରୀଙ୍କୁ ଦାବି କରାଯାଇଛି। ଏହାସହ ସାରସ୍ୱତ କଲୋନୀସ୍ଥିତ ଦତ୍ତାତ୍ରୟ ସତ୍ୟସାଇ ମନ୍ଦିର ପରିସରରେ ଏନେଇ ସେବା ସମିତିର ସଂଯୋଜକ ଦିଲୀପ କୁମାର ପରମାରଙ୍କ ସଭାପତିତ୍ୱରେ ବୈଠକ କରାଯାଇ ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା କରାଯାଇଛି। ସମ୍ବଲପୁରରୁ ପୁଟପର୍ତ୍ତୀ ଷ୍ଟେଶନକୁ ସିଧା ସଳଖ ଟ୍ରେନ ଯୋଗାଯୋଗ ନ ଥିବାରୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର ଏବଂ ଆଖପାଖ ଅଞ୍ଚଳର ଭକ୍ତ ଏବଂ ରୋଗୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ବୈଠକରେ ଆଲୋଚନା କରାଯାଇଥିଲା। ସମ୍ବଲପୁର ଏବଂ ବାଙ୍ଗାଲୁର ମଧ୍ୟରେ କୌଣସି ସିଧାସଳଖ ଟ୍ରେନ ନ ଥିବାରୁ ଯାତ୍ରୀମାନେ ଏକାଧିକ ସଂଯୋଗକାରୀ ଟ୍ରେନ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଲୋକଙ୍କ ସମୟ ଅପଚୟ ସହ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଛି । ପୁଟ୍ଟପର୍ତ୍ତୀରେ ଶ୍ରୀ ସତ୍ୟ ସାଇ ଉନ୍ନତ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ ରୋଗୀମାନଙ୍କୁ ମାଗଣା ସୁପର-ସ୍ପେଶାଲିଟି ଚିକିତ୍ସା ସେବା ପ୍ରଦାନ କରାଯାଉଛି। ସେଥିପାଇଁ ଏହି ରାସ୍ତା ଦେଇ ଟ୍ରେନ ବ୍ୟବସ୍ଥା ହେଲେ ଓଡ଼ିଶାର ଶହ ଶହ ରୋଗୀଙ୍କୁ ଉପକୃତ କରିବ ବୋଲି ଆଲୋଚନା କରାଯାଇଥିଲା । ବିକଳ୍ପ ଭାବେ ଏହି ମାର୍ଗ ଦେଇ ସମ୍ବଲପୁର କିମ୍ବା ରାଉରକେଲାରୁ ବାଙ୍ଗାଲୋରକୁ ଏକ ଟ୍ରେନ ସମ୍ପ୍ରସାରଣ କରାଯାଇ ପାରିବ ବୋଲି ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ସମିତିର ଦେବରାଜ ସ୍ୱାଇଁ, ପୁଷ୍ପାଞ୍ଜଳୀ ଭୋଇ, ଅନ୍ତର୍ଯ୍ୟାମୀ ସାହୁ, ଜି. ସାଇ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

## ସବୁଜ ଅଞ୍ଚଳ ବିକାଶ, ପରିବେଶ ସ୍ଥିରତା ଲକ୍ଷ୍ୟ

**ଜେଏସଡବ୍ଲ୍ୟୁ-ବିପିଏସ୍ଏଲ, ଓଏସ୍‌ପିସିବି, ଓଏଫଡିସି ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ**

ସମ୍ବଲପୁର,୪।୮(ବି.ଶଙ୍କର)

ସବୁଜ ଅଞ୍ଚଳ ବିକାଶ ଦୃଷ୍ଟିରେ ରଖି ଜେଏସ୍‌ଡବ୍ଲ୍ୟୁ-ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଲିମିଟେଡ ( ଜେଏସ୍‌ଡବ୍ଲ୍ୟୁ-ବିପିଏସଏଲ) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସୋମବାର ସ୍ୱାକ୍ଷରିତ ହୋଇଛି । ଏହା ପରିବେଶଗତ ସ୍ଥିରତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ । ଏଥିସହ ଅଞ୍ଚଳକୁ ସବୁଜ ଏବଂ ସୁନ୍ଦର କରିବା ମୁଖ୍ୟ ଲକ୍ଷ୍ୟ ରହିଛି। ଜେଏସ୍‌ଡବ୍ଲ୍ୟୁ-ବିପିଏସ୍ଏଲ ମୁଖ୍ୟ ପରିଚାଳନା ଅଧିକାରୀ ଉମେଶ ରାୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ଆଞ୍ଚଳିକ ଅଧିକାରୀ ଡ. ସତ୍ୟନାରାୟଣ ନନ୍ଦ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମର ବିଭାଗୀୟ ପରିଚାଳକ ଦିଲୀପ ରାଉତ ଏମ୍ଓୟୁରେ ସ୍ୱାକ୍ଷର କରିଥିଲେ । ଏହି ସହଯୋଗ ସବୁଜ ଶିଳ୍ପ ସ୍ଥାନ ସୃଷ୍ଟି କରିବା ଏବଂ ପରିବେଶ ସୁରକ୍ଷାରେ ଶିଳ୍ପ ଏବଂ ସରକାରଙ୍କ ମିଳିତ ଦାୟିତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରିବା ଦିଗରେ ଏକ ଏକୀକୃତ ଦୃଷ୍ଟିକୋଣକୁ ଗୁରୁତ୍ୱାରୋପ କରୁଛି । ସବୁଜ କ୍ଷେତ୍ର ବିକାଶର ଗୁରୁତ୍ୱ, କମ୍ପାନୀର ପରିବେଶ ସଚେତନ ଉତ୍ପାଦନ ପଦ୍ଧତି ଗ୍ରହଣ କରିବା, କାର୍ବନ ନିର୍ଗତ ହ୍ରାସ କରିବା, ଶକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ ଅଞ୍ଚଳରେ ଜୈବ ବିବିଧତା ସଂରକ୍ଷଣ କରିବା ପାଇଁ ଚାଲିଥିବା ପ୍ରୟାସ ଉପରେ ଅଧିକାରୀମାନେ ଆଲୋକପାତ କରିଥିଲେ । ଜେଏସ୍‌ଡିବ୍ଲ୍ୟୁ-ବିପିଏସ୍ଏଲ ସଭାପତି ଏବଂ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ସ୍ୱଚ୍ଛ, ସବୁଜ ଶିଳ୍ପର ପରିକଳ୍ପନା କରାଯାଇଛି। ଏହି ଚୁକ୍ତିନାମା ପରିବେଶଗତ ପ୍ରଗତିକୁ ଆଗେଇ ନେବାରେ ଶିଳ୍ପ ଏବଂ ନିୟାମକ ସଂସ୍ଥା ମଧ୍ୟରେ ପ୍ରଭାବଶାଳୀ ସହଯୋଗର ଏକ ମଡେଲ ଭାବେ କାର୍ଯ୍ୟ କରିବ । ସବୁଜ ଅଞ୍ଚଳ ଅଭିଯାନ ଭାରତ ସରକାରଙ୍କ ଚାରାରୋପଣ ଅଭିଯାନ ଏକ ପେଡ ମା’ କେ ନାମର ଏକ ଅଂଶ ଅଟେ, ଯାହା ବନୀକରଣ ଏବଂ ପରିବେଶଗତ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ମିଶନ ସହିତ ଆହୁରି ସମନ୍ୱୟ ରକ୍ଷା କରିଛି । ଏହି ପଦକ୍ଷେପ କେବଳ ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଜେଏସ୍‌ଡବ୍ଲ୍ୟୁ-ବିପିଏସ୍ଏଲ ଭୂମିକାକୁ ପୁନଃ ନିର୍ଦ୍ଦିଷ୍ଟ କରେ ନାହିଁ ବରଂ ପରିବେଶଗତ ସୁରକ୍ଷାରେ ଶିଳ୍ପ ଅଂଶ ଗ୍ରହଣ ପାଇଁ ଏକ ଦୃଢ଼ ଉଦାହରଣ ମଧ ସ୍ଥାପନ କରୁଛିବୋଲି କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ରାୟ ସୂଚିତ କରିଛନ୍ତି ।




ଜେଏସ୍‌ଡବ୍ଲ୍ୟୁ-ବିପିଏସ୍ଏଲ୍ ଓ ଓଏସ୍‌ପିସିବି ଏବଂ ଓଏଫ୍‌ଡିସି ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି ।

## ହୀରାକୁଦ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ

ସମ୍ବଲପୁର,୪।୮(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ହୀରାକୁଦ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ସିଏ ନବୀନ ତିୱାରୀ ଯୋଗଦେଇ ବାଣିଜ୍ୟ ଦିବସ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସିଦ୍ଧାନ୍ତ ମହାନ୍ତି ପାଠଚକ୍ରକୁ ପରିଚାଳନା କରିଥିଲେ । ଏଥିରେ ମହାବିଦ୍ୟାଳୟର ଆଇୟୁଏସି ସଂଯୋଜକ ଡ. ଅକ୍ଷୟ କୁମାର ସୂତାର. ଏକାଡେମିକର ସୀମାନ୍ତିକା ଦାସ, ଅଧ୍ୟାପକ ଡ. ସ୍ମୃତିଶିଖା ଗୁରୁ, ଅଧ୍ୟାପକ ଡ.ସଞ୍ଜୟ ଜେନା, ଅଧ୍ୟାପିକା ସୌଦାମିନୀ ପଧାନ, ଡ. ରଶ୍ମିଲତା ମହାନନ୍ଦ ଆଲୋଚନାରେ ଭାଗ ନେଇଥିଲେ। ସ୍ମୃତିଶିଖା ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ୧ଟାରେ ବିଭାଗ ପକ୍ଷରୁ ଫୁଡ଼ ଫେଷ୍ଟ ଆରମ୍ଭ ହୋଇଥିଲା । ଏଥିରେ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

**ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ**

ବୌଦ୍ଧ,(ଅଜିତ କୁମାର ବାରିକ): ହରଭଙ୍ଗା ବ୍ଲକ ପରଗଳପୁର ବୁଦ୍ଧଦେବ ମନ୍ଦିର ନିକଟ ଗୋଚର ଜମିରେ କେତେକ ଲୋକ ଗୃହ ନିର୍ମାଣ କରିଛନ୍ତି। ସେମାନଙ୍କୁ କହିଲେ ବି ଶୁଣୁ ନାହାନ୍ତି। ପରଗଳପୁର ଗ୍ରାମ କମିଟି ହରଭଙ୍ଗା ତହସିଲଦାର ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କାର୍ଯ୍ୟ ଜାରି ରହିଛି। କାମ ବନ୍ଦ ପାଇଁ ପରଗଳପୁର ଗ୍ରାମବାସୀ ସୋମବାର ବୌଦ୍ଧ ବ୍ଲକରେ ଚାଲିଥିବା ଜନଶୁଣାଣିରେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଗ୍ରାମ କମିଟି ସଭାପତି ସୁଜିତ କର୍ଣ୍ଣ, ସମ୍ପାଦକ ଅଶୋକ ଡାଙ୍ଗ, ସଞ୍ଜୀବ ପ୍ରଧାନ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ଛାତ୍ର ଗୁରୁତର

ଡୁଙ୍ଗୁରିପାଲି, ୪।୮ (ଦୀନବନ୍ଧୁ ସୁନା)

ଟିଉସନ ଯାଉଥିବା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଟୁଆଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଇଲାସାରି ଗ୍ରାମର ମଧୁ ଅଦାବରଙ୍କ ପୁଅ ଆଦିତ୍ୟ(୧୨)ଙ୍କୁ ସୋମବାର ସନ୍ଧ୍ୟା ୬ଟାରେ ଏକ ବୋଲେରୋ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ବୋଲେରୋ ଅଇଲାସାରି ଦେଇ ଆସୁଥିବାବେଳେ ଗାଁ ବୁଲାଣି ରାସ୍ତାରେ ଏକ ବିଦ୍ୟୁତ୍ ପୋଲକୁ ଧକ୍କା ଦେବାପରେ ଟିଉସନ ଆସୁଥିବା ୭ମ ଶ୍ରେଣୀର ଛାତ୍ର ଆଦିତ୍ୟଙ୍କୁ ଧକ୍କା ଦେଇଥିଲା। ବୋଲେରୋ ଓ ଡ୍ରାଇଭରଙ୍କୁ ଲୋକେ ଅଟକ ରଖିଛନ୍ତି। ଖବର ପାଇ ଡୁଙ୍ଗୁରିପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି।

### ଜିଲାପାଳଙ୍କ ନିର୍ମାଣାଧୀନ ପ୍ରକଳ୍ପ ପରିଦର୍ଶନ

ବାଉଁଶୁଣୀ,୪।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ତାଳ ସରଡା ଓ ବାଉଁଶୁଣୀ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ନିର୍ମାଣାଧୀନ ପ୍ରକଳ୍ପକୁ ସୋମବାର ଜିଲାପାଳ ବିଭୂତି ଭୂଷଣ ନାୟକ ପରିଦର୍ଶନ କରିଛନ୍ତି। ଜିଲାପାଳ ନାୟକ ଅପରାହ୍ନରେ ତାଳସରଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପିଡିଏସ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସାହାଜ ପାଲଠାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ କଙ୍କଲା ବନ ସୁରକ୍ଷା ସମୀତି ଗୃହ ପରିଦର୍ଶନ କରିଥିଲେ। ସେହିପରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡିମିରିପାଲି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ଦବୁଛି ଦନ୍ତା ବ୍ରିଜ, ଯାତାୟାତ ବିପଦସଙ୍କୁଳ

ବରଗଡ଼, ୪।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଦନ୍ତାବ୍ରିଜ ବିପଦସଙ୍କୁଳ ହୋଇପଡିଛି। ବରଗଡ଼ ସମ୍ବଲପୁର ରାସ୍ତାର କଲାପାଣି ନିକଟରେ ଦନ୍ତାନଦୀ ଉପରେ ରହିଥିବା ଏହି ବ୍ରିଜର ଗୋଟିଏ ପାର୍ଶ୍ୱ ଦବିବାରେ ଲାଗିଛି। ଫଳରେ ଫାଟ ସୃଷ୍ଟି ହେବା ସହିତ ଯାତାୟାତ ବିପଦପୂର୍ଣ୍ଣ ରହିଛି। ଏହି ଦୃଷ୍ଟିରୁ ମରାମତି ନ ସରିବା ପର୍ଯ୍ୟନ୍ତ ବ୍ରିଜର ସମ୍ପୃକ୍ତ ପାର୍ଶ୍ୱରେ ଯାତାୟାତକୁ ବନ୍ଦ କରି ଦିଆଯାଇଛି। ଉକ୍ତ ବ୍ରିଜ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ କରି ଏହାର ମରାମତି ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ମାତ୍ର ତାକୁ ଗୁରୁତ୍ୱ ଦିଆଯାଇ ନଥିବାତ୍ରରୁ ବ୍ରିଜ୍ ଏଭଳି ସ୍ଥିତିକୁ ଆସିଥିବା ସ୍ଥାନୀୟ ଲୋକେ କହୁଛନ୍ତି। ୬ନମ୍ବର ଜାତୀୟ ରାଜପଥରେ ରହିଥିବା ଯୋଗୁ ଏହି ବ୍ରିଜରେ ଅନେକ ଯାନବାହାନ ଚଳାଚଳ କରିଥାଏ। ଫଳରେ ବ୍ରିଜର ସ୍ଥାୟୀ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

# ଭ୍ୟାନକୁ ଧକ୍କା ଦେଲା ବଲକର, ୮ ଗୁରୁତର



ଓ୍ୱିଙ୍ଗରକୁ ଧକ୍କା ଦେଇଥିବା ବଲକର।



ଦୁର୍ଘଟଣାରେ ଓ୍ୱିଙ୍ଗର ଭ୍ୟାନ୍ ଭାଙ୍ଗି ଚୁରମାର ହୋଇଯାଇଛି।

- ସାଗରପାଲିରୁ କଣ୍ଟିଲୋ ଯାଉଥିଲେ ୧୮ ତୀର୍ଥଯାତ୍ରୀ
- ନୋହିଲା ନୀଳମାଧବଙ୍କ ଦର୍ଶନ

ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)

ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ସୁବର୍ଣ୍ଣପୁର ସହର ଝିଙ୍କି ନିକଟସ୍ଥ ପଞ୍ଚେଇ ଠାକୁରାଣୀ ପୀଠ ସମ୍ମୁଖରେ ରବିବାର ରାତି ୨ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାର ବାମ ପାର୍ଶ୍ୱରେ ଛିଡା ହୋଇଥିବା ଟାଟା ଓ୍ୱିଙ୍ଗର ଭ୍ୟାନ୍(ନଂ ଓଡି୩୧କେ-୮୯୧୪)କୁ ପଛପଟୁ ଦ୍ରୁତବେଗରେ ଆସୁଥିବା ଏକ ୧୬ଚକିଆ ବଲକର ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଓ୍ୱିଙ୍ଗର ଭ୍ୟାନ୍‌ର ପଛପଟ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଫଳରେ ଓ୍ୱିଙ୍ଗର ଭିତରେ ଥିବା ୧୮ଜଣ ତୀର୍ଥଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ସୋନପୁର ଅଗ୍ନିଶମ ସେବାକେନ୍ଦ୍ରର କର୍ମଚାରୀମାନେ ଗ୍ୟାସ୍ କଟର ସହାୟତାରେ ଆହତଙ୍କୁ ଉଦ୍ଧାର କରିଥିଲେ। ଗୋଡ ଓ ହାତ ଭାଙ୍ଗିଥିବା ତୀର୍ଥଯାତ୍ରୀଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ୮ ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସାଗରପାଲିର ଦୀନବନ୍ଧୁ ମେହେର(୬୫), ତାଙ୍କ ସ୍ତ୍ରୀ ସାନନ୍ଦିନୀ(୫୮), ଶରତ ମେହେର(୩୯), ତାଙ୍କ ସ୍ତ୍ରୀ ଅରୁନ୍ଧତୀ(୨୭), ସଞ୍ଜୟ ମେହେର(୪୫), ତାଙ୍କ ସ୍ତ୍ରୀ ସନ୍ତୋଷିନୀ(୪୦), ଗୁରୁବାରୀ ମେହେର(୬୫) ଓ ଧରିତ୍ରୀ ମେହେର(୧୦) ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟମାନେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଘରକୁ ଫେରିଛନ୍ତି। ସୂଚନା ଅନୁଯାୟୀ ସୋନପୁର ଥାନା ସାଗରପାଲି ଗାଁ ନୂଆପଡାର ୪ ଶିଶୁ, ୬ ମହିଳା ଓ ୮ ପୁରୁଷ ପବିତ୍ର ଶ୍ରାବଣ ମାସ ସୋମବାର ଜଗନ୍ନାଥଙ୍କ ଆଦି ପୀଠ କଣ୍ଟିଲୋକୁ ନୀଳମାଧବଙ୍କ ଦର୍ଶନ ପାଇଁ ଯାଉଥିଲେ। ତେବେ ଯାତ୍ରା ପୂର୍ବରୁ ରାସ୍ତାପାର୍ଶ୍ୱରେ ଥିବା ଗ୍ରାମଦେବୀ ପଞ୍ଚେଇ ଠାକୁରାଣୀଙ୍କୁ ଦର୍ଶନ ଓ ପୂଜା କରିବା ପାଇଁ ଡ୍ରାଇଭର ଭ୍ୟାନ୍ ଅଟକାଇ ଥିଲେ। ଏହି ସମୟରେ ଅଘଟଣ ଘଟିଥିଲା। ଅନ୍ୟପଟେ ଡ୍ରାଇଭର ଦୁର୍ଘଟଣା ଘଟାଇଥିବା ବଲକର (ନଂ ଓଡି୧୬ଏନ-୮୩୨୧)କୁ ସୋନପୁର-ସମ୍ବଲପୁର ରାସ୍ତାର ବୀରମହାରାଜପୁର ଥାନା ହିକୁଡି ଆଇଟିଆଇ ସମ୍ମୁଖରେ ଛିଡା କରି ଫେରାର ହୋଇ ଯାଇଥିଲେ। ପରେ ବଲକର ମାଲିକଙ୍କ ପରାମର୍ଶକ୍ରମେ ଡ୍ରାଇଭର ସୋନପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ସିମେଣ୍ଟ ପାଇଁ ବ୍ୟବହୃତ କଞ୍ଚାମାଲ ବୋଝେଇ କରି ବଲକର ସୁନ୍ଦରଗଡର ରାଜଗାଙ୍ଗପୁରସ୍ଥିତ ଏକ ସିମେଣ୍ଟ ଶିଳ୍ପାନୁଷ୍ଠାନ ଅଭିମୁଖେ ଯାଉଥିବା ଜଣାପଡିଛି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ କରିଛି। ପୋଲିସ ଟାଟା ଓ୍ୱିଙ୍ଗର ଭ୍ୟାନ୍ ଓ ବଲକରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି।

# ଯୁଗୀମୁଣ୍ଡା ଧବଳେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଧବଳେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ।

ଅମରପାଲି,୪।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଶଲଗା ନିକଟ ଯୁଗୀମୁଣ୍ଡା ଧବଳେଶ୍ୱର ଶିବ ମନ୍ଦିରରେ ଶ୍ରାବଣ ଶେଷ ସୋମବାରରେ ପଇଡ ଜଳାଶାୟୀ ହୋଇଯାଇଛି। ଏଥିରେ ମନ୍ଦିର ପୂଜକ ଶଶୀ ଥନାପତିଙ୍କ ସମେତ ଗୋପାଳ ବନମାଳୀ, ଅତ୍ରି ଚୈତନ୍ୟ ଜୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ସଭାପତି ରଞ୍ଜିତ ଖେତିଙ୍କ ତତ୍ତ୍ୱାବଧାନରେ ୧୫ ଶହଟି ପଇଡ ଆଣି ପ୍ରାୟ ୪୫୦ ଲିଟର ପଇଡ଼ ପାଣିରେ ମହାଦେବଙ୍କୁ ଜଳାଶାୟୀ କରାଯାଇଥିଲା। ମନ୍ଦିରରେ ଭଜନ, ସଙ୍କୀର୍ତ୍ତନ ପରିବେଷଣ ହୋଇଥିଲା। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆୟୋଜକ କମିଟିର ବ୍ରଜ ମୋହନ ପ୍ରଧାନ, ଅକ୍ଷୁଜ ପଣ୍ଡା, ଅମରେଶ ପଣ୍ଡା, ଟିକେଶ୍ୱର ନାଏକ, ପବିତ୍ର ପଧାନ, ରାଜେଶ ମହାକୁର, ଅନନ୍ତ ପର୍ଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରାବଣ ଶେଷ ସୋମବାର ସୁବର୍ଣ୍ଣପୁର ଜିଲା ବିନିକା ଚରଦା କପିଳେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼।

## କପିଳେଶ୍ୱର ମନ୍ଦିରରେ ଶେଷ ସୋମବାରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ଡୁଙ୍ଗୁରିପାଲି, ୪।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସ୍ଥିତ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାବା କପିଳେଶ୍ୱର ମନ୍ଦିରରେ ଶ୍ରାବଣର ଶେଷ ସୋମବାରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରାତଃ ୩ ଟାରୁ ମନ୍ଦିର ଦ୍ୱାର ଖୋଲା ରହିଥିଲା। ପାହାନ୍ତିଆ ପ୍ରହରରୁ ବୋଲବମ ଭକ୍ତ ଓ ସାଧାରଣ ଲୋକେ ଲମ୍ବାଲାଇନରେ ରହି ମହାଦେବଙ୍କ ଦର୍ଶନ କରି ସହ ଜଳାଭିଷେକ କରିଥିଲେ। ମନ୍ଦିର ପରିସରରେ ଭଜନ, କୀର୍ତ୍ତନ ହୋଇଥିଲା। ବୋଲବମ ଭକ୍ତଙ୍କ ପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିଚାଳନା କମିଟିର ସ୍ୱେଚ୍ଛାସେବୀଙ୍କ ସହ ଡୁଙ୍ଗୁରିପାଲି ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ମନ୍ଦିର ପରିଚାଳନା କମିଟି ଓ ସେବାସଂଘ ପକ୍ଷରୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ସ୍ୱାସ୍ଥ୍ୟ ଶିବିରରେ ୨୬୫ଜଣଙ୍କ ଚିକିତ୍ସା



ବଡ଼କିରାସିରାରେ ଡାକ୍ତର ଜଣେ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ଅମରପାଲି,୪।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବଡ଼କିରାସିରା ଓ ପିତାମହୁଲ ଗ୍ରାମରେ ସୋମବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଢାଖୋଲ କେନ୍ଦୁପତ୍ର ବନଖଣ୍ଡ ଅଧୀନ ବଡ଼କିରାସିରା କେନ୍ଦୁପତ୍ର ରେଞ୍ଜ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଚିକିତ୍ସା ଶିବିର ସୋମବାର ପୂର୍ବାହ୍ନରେ ବଡ଼କିରାସିରା କେନ୍ଦୁପତ୍ର ସେକ୍ସନରେ ହୋଇଥିବାବେଳେ ଅପରାହ୍ନରେ ପିତାମହୁଲ ସେକ୍ସନରେ ହୋଇଥିଲା। ବଡ଼କିରାସିରା କେନ୍ଦୁପତ୍ର ରେଞ୍ଜ ଅଧିକାରୀ ଦୀପ୍ତି ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବୀରମହାରାଜପୁର ଚିକିତ୍ସାଳୟର ଚିକିତ୍ସକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଉଭୟ ସ୍ଥାନରେ ପ୍ରାୟ ୨୬୫ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ହେଡ ଚେକର ଶଙ୍କର୍ଷଣ ଦେହୁରୀ, ବନପାଳ ଅନିଲ ପୁରୋହିତ, ରଶ୍ମିତା ଭୋଇ, ନମିତା ମେହେର, ପ୍ରଜାପତି କିଶାନ, ଡିଇଓ ମଧୁସ୍ମିତା କଲତା, ୱାଚର ଦିଲ୍ଲୀପ ମହାକୁଡ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

# ନାରୀ ନିର୍ଯାତନା ପ୍ରତିବାଦରେ ବିକ୍ଷୋଭ

ବୌଦ୍ଧ,୪।୮ (ଅଜିତ କୁମାର ବାରିକ)

ସାରା ରାଜ୍ୟରେ ନାରୀ ନିର୍ଯାତନା ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ମହିଳାମାନେ ଅସୁରକ୍ଷିତ। ଅପରାଧୀମାନେ ବିଭିନ୍ନ କାଣ୍ଡ ଘଟାଇବା ପରେ ପୋଲିସ ପକ୍ଷରୁ ଯେତିକି ତତ୍ପରତା ପ୍ରକାଶ ପାଇବା କଥା ତାହା ପରିଲକ୍ଷିତ ହେଉନାହିଁ ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବଳାତ୍କାର, ନାରୀ ନିର୍ଯାତନା ଦ୍ରୁତଗତିରେ ବୃଦ୍ଧି ପାଉଥିବା ବେଳେ ଅପରାଧୀ ଆଦୌ ଭୟ କରୁନାହାନ୍ତି। ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା, ଅପରାଧୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ବୌଦ୍ଧ ଜିଲା ଛାତ୍ର ବିଜେଡି ପକ୍ଷରୁ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ଗାନ୍ଧୀଛକରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ବରିଷ୍ଠ ନେତା ଅଶୋକ କୁମାର ସାହୁ, ସୁବୋଧ କୁମାର ପ୍ରଧାନ, ଅବକାଶ ସାହୁ, ଧୂରୀଣ କୁମାର ଦେହୁରୀ, ଅରୁଣ କୁମାର ପ୍ରଧାନ, କୈଳାଶ ବେହେରା, ମାନସ କୁମାର ପୁରୋହିତ, ବସନ୍ତ କୁମାର ସ୍ୱାଇଁ, ଅଂଶୁମାନ ହୋତା, ଅନିକେତ ଦାନୀ, ଧର୍ମେନ୍ଦ୍ର ମେହେର, ମନୋଜ କୁମାର ସାହୁ, ମାନସ ମିଶ୍ରଙ୍କ ସମେତ ବହୁ କଲେଜ ଛାତ୍ରୀଛାତ୍ର, ଏନ୍‌ଏସି କାଉନସିଲର ଓ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏହି ଅବସରରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏସପି ରାହୁଲ ଗୋଏଲ ଦାବିପତ୍ର ଗ୍ରହଣ କରିବା ସହ ଆପରାଧିକ କାର୍ଯ୍ୟକଳାପ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।



ବୌଦ୍ଧ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିଜେଡିର ବିକ୍ଷୋଭ ପ୍ରଦର୍ଶନ।

# ବୋଲବମ୍ ଡ୍ରେସ୍ ପିନ୍ଧି ମଦ ଚାଲାଣ

## ୫୦ଲିଟର ମଦ ଜବତ, ଅଭିଯୁକ୍ତ ଗିରଫ

ବିନିକା, ୪।୮ (ରାମ ଗୋପାଳ ବାଘ)

ବୋଲବମ ଡ୍ରେସ ପିନ୍ଧି ବାଇକରେ ମଦ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ସୁବର୍ଣ୍ଣପୁର ଜିଲା ବିନିକା ଥାନା କର୍ଡଙ୍ଗ ଛକରୁ ଅବକାରୀ ବିଭାଗ ସୋମବାର ଧରିଛି। ତାଙ୍କ ନିକଟରୁ ୫୦ଲିଟର ମଦ ସହ ବାଇକକୁ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ତରଭା ଥାନା ଅନ୍ତର୍ଗତ ବୁଦେଲବାହାକି ଗ୍ରାମର ସୁଦର୍ଶନ ମହାନନ୍ଦ(୨୪)। ଟ୍ରକ ଟିୟୁବରେ ମଦ ଭର୍ତ୍ତି କରି ଏହା ଉପରେ ବସ୍ତାଗୁଡାଇ ବାଇକ(ନଂ. ଓଡି ୩୧-ଏଫ-୨୦୦୩)ରେ ସେ ଚୋରାଚଲାଣ କରୁଥିଲେ। ଅବକାରୀ ବିଭାଗ ଓଆଇସି ରାମଚନ୍ଦ୍ର ପଟ୍ଟନାୟକ ଓ ତାଙ୍କ ଟିମ୍ ମହାନନ୍ଦଙ୍କୁ କର୍ଡଙ୍ଗ ଛକରେ ସନ୍ଦେହରେ ଅଟକାଇ ଯାଞ୍ଚ କରିବାବେଳେ ଟିୟୁବରେ ମଦ ଥିବା ଜଣାପଡିଥିଲା। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।



ଗିରଫ ମଦ ଚାଲାଣକାରୀ।

# ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ଆଧାତ୍ମିକ ପ୍ରବଚନ



ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଙ୍ଗଠନ ସଦସ୍ୟ ଗଣ।

ବୀରମହାରାଜପୁର,୪।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମା ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଶ୍ରାବଣ ଶେଷ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଗବାନ ଶିବ ଶଙ୍କରଙ୍କ ଉପରେ ଆଧାତ୍ମିକ ପ୍ରବଚନ ରଖିଥିଲେ ନନ୍ଦିଘୋଷ ଆଧାତ୍ମିକ ପରିଷଦ ସଭାପତି ଯୁଗଳ କିଶୋର ମିଶ୍ର। ପରିଷଦର ବରିଷ୍ଠ ଉପଦେଷ୍ଟା ଦିଲୀପ କୁମାର ତ୍ରିପାଠୀ, ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦ, ଦ୍ୱିତୀକୃଷ୍ଣ ପଣ୍ଡା, ଶଙ୍କର ମେହେର, ଦିଲୀପ ତ୍ରିପାଠୀ, ଗୁରୁ ହୃଷୀକେଶ ଦାସ, ଯୁଗେଶ୍ୱର ନାଏକ, ମିନକେତନ ମେହେର ବାଦ୍ୟଯନ୍ତ୍ର, ପାଳିଆ ଓ ଶବ୍ଦଗ୍ରହଣରେ ସହଯୋଗ କରିଥିଲେ। ଅନୁଷ୍ଠାନ କୋଷାଧ୍ୟକ୍ଷ ଦୟାନିଧି ହୋତା, କୁମାର ରଥଙ୍କ ଆଧାତ୍ମିକ ବାର୍ତ୍ତା ପରେ ସଦସ୍ୟ ଅନୁଷ୍ଠାନ ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ, ଜ୍ଞାନେନ୍ଦ୍ର ତ୍ରିପାଠୀ, ଶ୍ୟାମସୁନ୍ଦର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବକ୍ତା କୃଷ୍ଣଚନ୍ଦ୍ର ପାଢ଼ୀ, ପାରାୟଣ ଗାୟକ ଶ୍ରୀନିବାସ ନାୟକ, ପୀତବାସ ପଣ୍ଡା, ଚମରା ମହାକୁର, ରମେଶ କୁମାର ରଥ, ଦିଲୀପ ମିଶ୍ର, ନିତ୍ୟାନନ୍ଦ ତ୍ରିପାଠୀ, ବଳରାମ କାଣ୍ଡ, ଦାମୋଦର ମିଶ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ, ରାଧେଶ୍ୟାମ ରାଏ, ବାସୁଦେବ ରଥ, ଗୋପୀନାଥ ମହାକୁର, ବାସୁଦେବ ପଣ୍ଡା, ଇନ୍ଦ୍ରଜିତ ପରୁଆଏ,ଅକ୍ରୁର ଦନ୍ତା, ବୈକୁଣ୍ଠ ଶତପଥୀ , ପ୍ରଦିପ କୁମାର ପୁରୋହିତ, ଧନୁର୍ଦ୍ଧର ମିର୍ଦ୍ଧା ଏବଂ ଅନୁଷ୍ଠାନ ସଦସ୍ୟମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଭୂଷଣ କୁମାର ପାତ୍ର ଚାରି ସୋମବାର ପ୍ରବଚନର ସମୀକ୍ଷା କରିଥିବା ବେଳେ ଅକ୍ଷୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକସ୍ତରୀୟ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଶିବିରରେ ଯୋଗଦାନ କରି ୩୫ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିବା ସହ ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଥିଲା। ୨ଟି ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିଲା। ଅନ୍ୟ ସମସ୍ତ ଦରଖାସ୍ତଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୋନପୁର ବିଡିଓ ସଞ୍ଜିବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୂପା ରଥ, ସୋନପୁର ତହସିଲଦାର ଜି ରଶ୍ମିରେଖାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# ରୋଗୀ, ପରିଜନଙ୍କୁ ଭଲ ବ୍ୟବହାର କର

ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳ ଡ. ନୃପରାଜ ସାହୁ ବସ୍‌ଷ୍ଟାଣ୍ଡ ପରିସରରେ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

**ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲାପାଳଙ୍କ ଅଚାନକ ଗସ୍ତ**

- ପରିଚୟ ନ ଦେଇ ଅବ୍ୟବସ୍ଥାର ଅନୁଧ୍ୟାନ କଲେ

ସୁବର୍ଣ୍ଣପୁର ଜିଲାପାଳ ଭାବେ ଗତ ୨୮ତାରିଖରେ ଡ. ନୃପରାଜ ସାହୁ ଯୋଗଦାନ କଲା ପରେ ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ବିଗିଡିଯାଇଥିବା ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ରୋଗୀ ସେବା ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ସୋମବାର ଅପରାହ୍ନ ୧ଟା ୫୦ରେ ଜିଲାପାଳ ଅଚାନକ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଏ ସମ୍ପର୍କରେ ଆଗୁଆ ସୂଚନା ଦିଆ ଯାଇ ନ ଥିଲା। ଏପରିକି ଡାକ୍ତର ଓ କର୍ମଚାରୀଙ୍କ ଭିତରେ ନିଜର ପରିଚୟକୁ ଗୁପ୍ତ ରଖିବା ପାଇଁ ଜିଲାପାଳ ନିଜର ଗାଡିକୁ ମୁଖ୍ୟ ଫାଟକଠାରୁ ଦୂରରେ ରଖିଥିଲେ। ସୁରକ୍ଷା କର୍ମୀଙ୍କୁ ସାଙ୍ଗରେ ନ ନେଇ ଏକୁଟିଆ ଚାଲି ଚାଲି ଚିକିତ୍ସାଳୟ ଭିତରକୁ ଯାଇଥିଲେ। ଚିକିତ୍ସାଳୟର ରୋଗୀ ସେବା ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ନିଜେ ଅବଗତ ହୋଇଥିଲେ। ରୋଗୀ ଓ ସେମାନଙ୍କ ପରିଜନଙ୍କ ସହିତ ପରିଚୟ ଗୋପନ ରଖି ମିଳୁଥିବା ଚିକିତ୍ସା ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏପରିକି ଗତ ୨ ତାରିଖରେ ବର୍ହିଃ ବିଭାଗରେ କାର୍ଯ୍ୟରତ ଜଣୈକା ମହିଳା ଡାକ୍ତର ସାମାନ୍ୟ କଥାରେ ରାଗିଯାଇ ଜଣେ ନାବାଳିକାଙ୍କ ଔଷଧ ଚିଠା(ପ୍ରେସକ୍ରିପ୍‌ସନ)କୁ ଚିରି ଦେଇଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ସମ୍ପୃକ୍ତା ଡାକ୍ତରଙ୍କ ସହିତ କଥା ହେବା ସହ ରୋଗୀ ଓ ପରିଜନଙ୍କ ସହିତ ଭଲ ବ୍ୟବହାର ଦେଖାଇବାକୁ ତାଗିଦ୍ କରିଥିଲେ। ସେହିପରି ପରିମଳ ବ୍ୟବସ୍ଥାର ସୁଧାର ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଜିଲାପାଳ କାର୍ଯ୍ୟରେ ଯୋଗଦେବା ଦିନଠାରୁ ସାପ୍ତାହିକ ବଜାରରେ ପରିବା ବିକାଳିଙ୍କ ସମସ୍ୟାଠାରୁ ଆରମ୍ଭ କରି ଷ୍ଟେଟ୍ ବ୍ୟାଙ୍କ୍ ବଜାର ଶାଖା ସମ୍ମୁଖ ରାସ୍ତା ପାର୍ଶ୍ୱ ପରିବା ଓ ଫଳ ବିକାଳିଙ୍କ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ସୋନପୁର ବ୍ଲକ ଛକ ଭେଣ୍ଡିଂ ଜୋନକୁ କାର୍ଯ୍ୟକ୍ଷମ କରିବା, ପୌରାଞ୍ଚଳର ସମସ୍ତ ଡ୍ରେନ୍‌ର ସଫେଇ, ପରିମଳ ବ୍ୟବସ୍ଥାକୁ ଠିକ୍ କରିବା ଦିଗରେ ଗୁରୁତ୍ୱ ଦେଇ ଆସୁଛନ୍ତି। ସେହିପରି ବସଷ୍ଟାଣ୍ଡ ପରିସର ବୁଲିବା ସହ କୁଷ୍ଠାଶ୍ରମକୁ ଯାଇ ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ- ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା

# ଗଣତନ୍ତ୍ର ପାଇଁ ଅଶୁଭ

ଭାରତ ଓ ଚାଇନା ମଧ୍ୟରେ ୧୯୬୨ ଯୁଦ୍ଧ ପରେ ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି) ଟଣାଯାଇଥିଲା। ଏଲ୍ଏସି ଥିଲେ ମଧ୍ୟ ଦୁଇ ଦେଶର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ସୀମା ବିବାଦ ଲାଗି ରହିଛି। ଭାରତ ପୂରା ଅକ୍ସାଇ ଚୀନ୍‌କୁ ଦାବି କରୁଥିବା ବେଳେ ଚାଇନା ଅରୁଣାଚଳ ପ୍ରଦେଶକୁ ନିଜର ବୋଲି କହୁଛି। ୧୯୯୩ରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଚୁକ୍ତିରେ ଏଲ୍ଏସିକୁ ବୈଧ ଭାବେ ସମ୍ମାନ ଦେବା ଲାଗି ଉଭୟ ରାଷ୍ଟ୍ର ସ୍ୱୀକାର କରିଥିଲେ ମଧ୍ୟ ତା'ପରଠାରୁ ଚାଇନା ବହୁବାର ଉତ୍ତେଜନା ସୃଷ୍ଟି କରିଆସିଛି। ବିଶେଷକରି ୨୦୧୩ରେ ଏଲ୍ଏସିରେ ଉତ୍ତେଜନା ପ୍ରକାଶ ପାଇବା ପରେ ଭବିଷ୍ୟତରେ ଯେଭଳି ଏପରି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିପାଇଁ ଉଭୟ ରାଷ୍ଟ୍ର ମଧ୍ୟରେ ସୀମା ସୁରକ୍ଷା ସହଯୋଗ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ତେବେ ୧୫ ଜୁନ୍ ୨୦୨୦ରେ ଚାଇନା ଓ ଭାରତ ମଧ୍ୟରେ ଗଲୱାନଘାଟିରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଚାଇନାର ଅନୁପ୍ରବେଶକୁ ରୋକିବାକୁ ଯାଇଥିବା ଯବାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ହାତରେ ପିଟି ହତ୍ୟା କରାଯାଇଥିଲା। ସେପଟେ ଚାଇନାର ୪୫ରୁ ଅଧିକ ସୈନ୍ୟଙ୍କ ମୃତ୍ୟୁ ହୋଇଥିବା ପ୍ରତିପକ୍ଷ ବହୁବିଳମ୍ବରେ ସ୍ୱୀକାର କରିଥିବାବେଳେ ଭାରତ ପକ୍ଷରୁ ଏହି ସଂଖ୍ୟା ୬୦ ବୋଲି ଦାବି କରାଯାଇଥିଲା। ହେଲେ ଉଭୟ ପଟର କେତେ ଜଣ ମରିଥିଲେ ସେ ସଂକ୍ରାନ୍ତରେ ଏବେ ମଧ୍ୟ ସ୍ପଷ୍ଟ ଖବର ନାହିଁ। ଏଲ୍ଏସିରେ ଉତ୍ତେଜନା ଲାଗି ରହିଥିବା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଡିସେମ୍ବର ୨୦୨୨ରେ ଭାରତ ଯୋଡ଼ୋ ଯାତ୍ରା ବେଳେ କହିଥିଲେ ଯେ, ଭାରତର ୨୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚାଇନା ମାଡ଼ିବସିଛି । ତେବେ ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୀମା ସଡ଼କ ସଙ୍ଗଠନ(ବିଆର୍ଓ) ପୂର୍ବତନ ନିର୍ଦ୍ଦେଶକ ଉଦୟ ଶଙ୍କର ଶ୍ରୀବାସ୍ତବ ଲକ୍ଷ୍ନୌ କୋର୍ଟରେ ମାନହାନି ମକଦ୍ଦମା କରିଥିଲେ। ୪ ଅଗଷ୍ଟ ୨୦୨୫ରେ ସୁପ୍ରିମକୋର୍ଟ ରାହୁଲଙ୍କ ମନ୍ତବ୍ୟକୁ ନିନ୍ଦା କରି ପଚାରିଛନ୍ତି ଯେ, ଆପଣ କିଭଳି ଜାଣିଲେ ଭାରତର ୨୦୦୦ ବର୍ଗ କିଲୋମିଟର ଚାଇନା ମାଡ଼ିବସିଛି। ଆପଣଙ୍କ ପାଖରେ ସେଭଳି ବିଶ୍ୱସନୀୟ ପ୍ରମାଣ ଦେବାର ଭରସାଯୋଗ୍ୟ ଉତ୍ସ ଅଛି କି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି । ଆପଣ ଯଦି ଜଣେ ପ୍ରକୃତ ଭାରତୀୟ ହୋଇଥାଆନ୍ତେ, ତେବେ ଏଭଳି କହି ନ ଥାନ୍ତେ। ଏହାସହ ଶୀର୍ଷ କୋର୍ଟ କହିଛନ୍ତି ଯେ, ଆପଣ ଏ ବିଷୟ ପାର୍ଲାମେଣ୍ଟରେ କାହିଁକି ଉଠାଇନାହାନ୍ତି। ସଂସଦରେ ନ କହି ସୋସିଆଲ ମିଡିଆରେ କାହିଁକି ପୋଷ୍ଟ କରିଥିଲେ ବୋଲି ସୁପ୍ରିମକୋର୍ଟ ରାହୁଲଙ୍କୁ ପଚାରିଛନ୍ତି। ଏଥିସହିତ ବିଚାରପତି କହିଛନ୍ତି ଯେ, ଅଭିବ୍ୟକ୍ତିର ସ୍ୱାଧୀନତା ଅର୍ଥ ନୁହେଁ ଯେ ଜଣେ ଦାୟିତ୍ୱବାନ ବିରୋଧୀ ଦଳ ନେତା ଏଭଳି ସବୁ କରିବେ।

> ସୁପ୍ରିମକୋର୍ଟଙ୍କ ଦ୍ୱାରା ଯେଉଁଭଳି ଭାବେ ରାହୁଲଙ୍କୁ ଭର୍ତ୍ସନା କରାଯାଇଛି, ତାହା ଅନେକ ଚିନ୍ତାଶୀଳ ଭାରତୀୟଙ୍କୁ ବ୍ୟସ୍ତ ମଧ୍ୟ କରିଛି। ଆଜିର ଭାରତରେ ଏକ ସୁସ୍ଥ ବିରୋଧୀ ଦଳର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ ମୁଖ୍ୟ ବିରୋଧୀ ଦଳ-କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଏହିଭଳି ଖାମଖିଆଲ ଓ ପିଲାଳିଆମି ଦେଶବାସୀଙ୍କୁ ଦୁଃଖ ଆଣିଦେଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ଶୁଭ ହୋଇ ନ ପାରେ।

ଦେଖିବାକୁ ଗଲେ ରାହୁଲଙ୍କ ପ୍ରତି ସୁପ୍ରିମକୋର୍ଟ ଯେଉଁ ଭାଷା ପ୍ରୟୋଗ କରିଛନ୍ତି, ତାହାର ପ୍ରାସଙ୍ଗିକତା ରହିଛି। ଜଣେ ବିରୋଧୀ ଦଳ ନେତା ଭାବେ ସେ ବିଭିନ୍ନ ପ୍ରସଙ୍ଗରେ ରାଜନୀତି କରିବାକୁ ଖୁଣି ହେବ ନାହିଁ। କିନ୍ତୁ ଜାତୀୟ ନିରାପତ୍ତା ଓ ଆଞ୍ଚଳିକ ଅଖଣ୍ଡତାକୁ ବ୍ୟାହତ କଲା ଭଳି ମନ୍ତବ୍ୟ ଦେବା ଦେଶଦ୍ରୋହ ଭାବେ ବିଚାର କରାଯାଏ। ରାହୁଲଙ୍କ ସମସ୍ୟା ହେଲା ସେ ସରକାରଙ୍କ ଭୁଲ୍ ନୀତି ଓ ପଦକ୍ଷେପକୁ ସମାଲୋଚନା କରିବାକୁ ଯାଇ ଯେଉଁ ପ୍ରକାରର ମତ ଦେଉଛନ୍ତି, ତାହା ରାଜନୈତିକ ପ୍ରତିପକ୍ଷ ପରିବର୍ତ୍ତେ ସମଗ୍ର ଦେଶ ବିରୋଧରେ ଚାଲିଯାଉଛି। ଯଦି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା କିମ୍ବା ଆର୍ଏସ୍ଏସ୍ ବିରୋଧରେ ମତ ପ୍ରକାଶ କରୁଥାଆନ୍ତେ, ତେବେ ତାହା ଏକ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତିର ପରିଚୟ ଦେଇଥାଆନ୍ତା। କିନ୍ତୁ ଚାଇନା ଏକ ବିରାଟ ଅଞ୍ଚଳକୁ ନିଜ ଦଖଲକୁ ନେଇଗଲାଣି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିବା 'ଭାରତୀୟ ମୃତ ଅର୍ଥନୀତି' ସତ୍ୟ ବୋଲି କହିବା ଫଳରେ ତାଙ୍କର ଦେଶ ପ୍ରତି ଆଭିମୁଖ୍ୟ ସନ୍ଦେହ ଘେରକୁ ଚାଲିଆସୁଛି। କେବଳ ଏବର କଥା ନୁହେଁ, ତାଙ୍କ ଦଳ ନେତୃତ୍ୱାଧୀନ ଉପା-୨ ସରକାର ସମୟରେ ରାହୁଲ ନିଜେ ଯେଉଁଭଳି ଭାବେ ମନମୋହନ ସିଂଙ୍କ ଦ୍ୱାରା ଆଗତ 'ରିପ୍ରେଜେଣ୍ଟେଶନ ଅଫ୍ ଦି ପିପୁଲ (ସେକେଣ୍ଡ୍ ଆମେଣ୍ଡମେଣ୍ଟ ଆଣ୍ଡ୍ ଭାଲିଡେଶନ), ବିଲ୍ ୨୦୧୩ର ଅଧ୍ୟାଦେଶକୁ ଗଣମାଧ୍ୟମ ପ୍ରତିନିଧିଙ୍କ ସାମ୍ନାରେ ଚିରି ଅସମ୍ମାନିତ କରିଥିଲେ, ସେବେଠାରୁ ସେ ତାଙ୍କର ରାଜନୈତିକ ଅପରିପକ୍ୱତାର ପ୍ରମାଣ ଦେଇଆସୁଛନ୍ତି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ଯେଉଁଭଳି ଭାବେ ରାହୁଲଙ୍କୁ ଭର୍ତ୍ସନା କରାଯାଇଛି, ତାହା ଅନେକ ଚିନ୍ତାଶୀଳ ଭାରତୀୟଙ୍କୁ ବ୍ୟସ୍ତ ମଧ୍ୟ କରିଛି। ଆଜିର ଭାରତରେ ଏକ ସୁସ୍ଥ ବିରୋଧୀ ଦଳର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ ମୁଖ୍ୟ ବିରୋଧୀ ଦଳ-କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ଏହିଭଳି ଖାମଖିଆଲ ଓ ପିଲାଳିଆମି ଦେଶବାସୀଙ୍କୁ ଦୁଃଖ ଆଣିଦେଇଛି। ଭାରତୀୟ ଗଣତନ୍ତ୍ର ପାଇଁ ଏହା ଶୁଭ ହୋଇ ନ ପାରେ।

# ଜନାଦେଶର ଉପହାସ



ସହଦେବ ସାହୁ

ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ନାମରେ ଶାସନର ଯେଉଁ ତିନୋଟି ଅଙ୍ଗ ଅଛି, ସେଗୁଡ଼ିକ ନିଜ ନିଜ ସୀମା ଭିତରେ ରହିଲେ 'ଗଣ'ର ବା ସମସ୍ତଙ୍କ ବିକାଶ ସମ୍ଭବ ହେବ: କୌଣସି ବ୍ୟକ୍ତି ବା କେତେକ ବ୍ୟକ୍ତିଙ୍କ ଗୋଷ୍ଠୀ ଅନ୍ୟକୁ ବା ଅନ୍ୟଗୋଷ୍ଠୀକୁ ଶୋଷଣ କରିବାର ଅବସର ପାଇବ ନାହିଁ। ରାଜନୀତି ଶାସ୍ତ୍ରରେ ଯେତେ ପ୍ରକାରର ଶାସନ ବ୍ୟବସ୍ଥା ଉଲ୍ଲେଖ ଅଛି ତହିଁରେ ଗଣତନ୍ତ୍ରର ଜନାଦେଶକୁ ସର୍ବୋତ୍ତମ ଧରାଯାଏ। ବ୍ୟକ୍ତିଗୋଷ୍ଠୀ ଏକ ରାଜନୈତିକ ଦଳ ହୋଇଗଲେ ଗୋଷ୍ଠୀର ସ୍ୱାର୍ଥକୁ ଦେଖେ ଓ ଅନ୍ୟ ରାଜନୈତିକ ଦଳ ଯେପରି ଶାସନ ଗାଦିକୁ ନ ଆସୁ, ତାହାର ବିଭିନ୍ନ ଉପାୟ କରେ। ଏ ପ୍ରକାରର କନ୍ଦଳ ଜଙ୍ଗଲୀ ପରିବେଶ ସୃଷ୍ଟି କରେ: ହେଟାପଲର ମୁଖ୍ୟ ହେଟା (ଯାହାକୁ ରୁଡ୍‌ୱାର୍ଡ କିପ୍ଲିଙ୍ଗ୍ ତାଙ୍କ ବହି 'ଦି ଜଙ୍ଗଲ୍ ବୁକ୍'ରେ ଆଲ୍ଫା ମେଲ୍ ଆଖ୍ୟା ଦେଇଛନ୍ତି ; ଆଜିକାଲି ମହିଳାମାନେ ବି ନେତୃସ୍ଥାନକୁ ଆସୁଥିବାରୁ ଆଲ୍ଫା ଫିମେଲ୍ ବି ସମ୍ଭବ) ଯେପରି ସାରା ପଲକୁ କଣ୍ଟ୍ରୋଲ କରେ, ପ୍ରତି ରାଜନୈତିକ ଦଳର ମୁଖ୍ୟ (ସୁପ୍ରିମୋ ବା ହାଇକମାଣ୍ଡ) ଦଳର ସମସ୍ତ ସଦସ୍ୟଙ୍କୁ କଣ୍ଟ୍ରୋଲ କରନ୍ତି ଏବଂ ତାଙ୍କର ମତ ନ ମାନିଲେ ଗୋଠରୁ ବାହାର, ମାନେ ରାଜନୈତିକ ମୃତ୍ୟୁ। ଆମ ସମ୍ବିଧାନ-ପ୍ରଣୟନକାରୀମାନେ 'ରାଜନୈତିକ ଦଳ'ର ଚିନ୍ତା କରିନଥିଲେ, ସେମାନେ ଯେଉଁ ଦୁଇଟି ସମ୍ବିଧାନକୁ ଅନୁକରଣ କରୁଥିଲେ ତାହା ଆମେରିକା ଯୁକ୍ତରାଷ୍ଟ୍ରର ଲିଖିତ ସମ୍ବିଧାନ ଓ ବିଲାତର ପରମ୍ପରାଗତ ସମ୍ବିଧାନ, ତହିଁରେ ପଲିଟିକାଲ୍ ପାର୍ଟିର ଉଲ୍ଲେଖ ନ ଥିଲା। ସମ୍ବିଧାନ ପ୍ରଣୟନର ୩୫ ବର୍ଷ ପରେ ୧୯୮୫ରେ ୫୨ତମ ସମ୍ବିଧାନ ସଂଶୋଧନ ଆଇନ ଅଣାଯାଇ ସମ୍ବିଧାନ ଭିତରେ ୧୦ମ ତଫସିଲ ପୂରାଗଲା ଏବଂ ପରବର୍ତ୍ତୀ କାଳରେ ଲୋକ ପ୍ରତିନିଧି ଆଇନ (ଦି ରିପ୍ରେଜେଣ୍ଟେସନ୍ ଅଫ୍ ଦି ପିପୁଲ୍ ଆକ୍ଟ ୧୯୫୧)ର ସଂଶୋଧନ ହେଲା- ଭାରତର ନିର୍ବାଚନ କମିଶନ୍ (ଇସିଆଇ)ଙ୍କ ତାଲିକାଭୁକ୍ତ ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ସଂଗୃହୀତ ଚାନ୍ଦା ଉପରେ ଆୟକର ଛାଡ଼ ପାଇଲେ ଏବଂ ନିର୍ବାଚନ ପ୍ରଚାରରେ ଦଳ କରୁଥିବା ଖର୍ଚ୍ଚକୁ ପ୍ରାର୍ଥୀର ନିର୍ବାଚନ-ଖର୍ଚ୍ଚସୀମା ବାହାରେ ରଖାଗଲା। ଏ ସବୁ ପରିବର୍ତ୍ତନ ରାଜନୈତିକ ଦଳମାନେ ସେମାନଙ୍କ ସୁବିଧା ପାଇଁ କରିନେଲେ। ଏଥିରୁ ଭ୍ରଷ୍ଟାଚାର ବୈଧାନିକ ହୋଇଗଲା। ୫ ବର୍ଷଯାକ ଜଣେ ଏମ୍‌ପି ୬୦ ଲକ୍ଷ ଟଙ୍କା ପାଖାପାଖି ଦରମା ପାଇବାର ଥିଲେ ବି ସେ ନିର୍ବାଚନରେ ୯୦ ଲକ୍ଷ ଖର୍ଚ୍ଚ କରିପାରିବେ ବୋଲି ଲୋକ ପ୍ରତିନିଧି ଆଇନ ଅଧୀନରେ ତିଆରି ହୋଇଥିବା ଆଦର୍ଶ ଆଚରଣ ବିଧିରେ ରହିଲା। ଏ କି ପ୍ରକାରର ଆଦର୍ଶ ଦଳର ପ୍ରତିନିଧିମାନେ ବିଚାର କଲେ ନାହିଁ। ଜଳ ଜଳ ଦିଶୁଥିବା ଏଭଳି ଭ୍ରଷ୍ଟାଚାରକୁ ରାଜନୈତିକ ଦଳମାନେ ଆଇନର ରୂପ ଦେଲେ। ଯେତେ ଅଧର୍ମ ବା ଭ୍ରଷ୍ଟାଚାରୀ ବା ଆପରାଧିକ କାମ କରିଥିଲେ ବି ଥରେ ରାଜ୍ୟପାଳ ବା ରାଷ୍ଟ୍ରମୁଖ୍ୟ ହୋଇଗଲେ ଚାରିଖୁଣ ମାଫ୍। ମାର୍କିନ୍ ଗଣତନ୍ତ୍ରରେ ମଧ୍ୟ ସେହି କଥା। ସମ୍ବିଧାନ ତିଆରି ବେଳେ ପଲିଟିକାଲ୍ ପାର୍ଟି ନ ଥିଲା, କି ଲୋକଙ୍କୁ ନିଜ ସାଙ୍ଗରେ ଭସାଇ ନେବା ଭଳି ଓଜସ୍ୱିନୀ ଭାଷଣବାଜି (demagogues) ନଥିଲା।

ଆମେରିକାରେ ରାଷ୍ଟ୍ରପତିଙ୍କ ଆଡକୁ ପାୱାର ଢଳିବା ଆଜିକାର କଥା ନୁହେଁ। ବହୁ ଦିନ ହେଲା ଡିବେଟ୍ ଚାଲିଆସିଛି କିପରି ରାଷ୍ଟ୍ରପତିଙ୍କ କ୍ଷମତାକୁ ସୀମିତ ରଖିବା। ରିଚାର୍ଡ ନିକ୍ସନ୍ ରାଷ୍ଟ୍ରପତୀୟ ପରମ୍ପରା ଭୁଲି ଯେପରି ୧୯୭୦ ଦଶକର ୱାଟର୍‌ଗେଟ୍ ସ୍କାଣ୍ଡାଲ୍‌ରେ ଫସିଗଲେ ତାହା କଂଗ୍ରେସକୁ ପ୍ରବର୍ତ୍ତାଇଲା ବହୁତ ନୂଆ ଆଇନ ଆଣିବାକୁ- ଏକ୍‌ଜିକ୍ୟୁଟିଭ୍ ପାୱାରକୁ ସୀମିତ କରି ତାକୁ ଆହୁରି ଦାୟିତ୍ୱଶୀଳ (accountable) ହେବାକୁ - ଯଥା ପ୍ରେସିଡେଣ୍ଟଙ୍କ ଟାକ୍ସ ରିଟର୍ନ, ଆର୍ଥିକ ସ୍ୱାର୍ଥ ଦ୍ୱନ୍ଦ୍ୱ ସାଧାରଣରେ ପ୍ରକାଶ କରିବାକୁ ହେବ। ଟ୍ରମ୍ପ୍ ତାଙ୍କର ଦ୍ୱିତୀୟବାର ପ୍ରେସିଡେନ୍ସିରେ କାଣିଚାଏ ବି ମାନୁନାହାନ୍ତି। ପ୍ରେସିଡେଣ୍ଟ ଆଉ ଜୁଡିସିଆରି ଭିତରେ ସମ୍ପର୍କରେ କେବେ ତିକ୍ତତା ସୃଷ୍ଟି ହୋଇନଥିଲା। ମନା କରୁଥିବା ନିକ୍ସନ ବି ଶେଷରେ କୋର୍ଟ ଅର୍ଡର ମାନି ପୂରା ୱାଟର୍‌ଗେଟ୍ ଟେପ୍ ପେଶ୍ କରିଥିଲେ। ଟ୍ରମ୍ପ୍ ଏଯାଏ ନ୍ୟାୟାଳୟର ଗୋଟିଏ ମାତ୍ର ରାୟ -ଏଲ୍ ସାଲଭାଡର୍‌ର କିଲମର୍ ଆବ୍ରେଗୋ ଗାର୍ସିଆଙ୍କ ନିର୍ବାସନରୁ ଫେରାଇ ଆଣିବା- ପାଳନ କରିଛନ୍ତି, ତା ବି ୨ ମାସ ଡେରିରେ। ମଝିରେ ଟ୍ରମ୍ପ୍‌ଙ୍କ ଆର୍ଟର୍ନି ଜେନେରାଲ, ପାମ୍ ବଣ୍ଡି, କହିସାରିଥିଲେ 'ସେ ଆମ ଦେଶକୁ ଆସୁନାହାଁ।' ଫିଲ୍ମ ଷ୍ଟାର୍ ଷ୍ଟର୍ମି ଡାନିଏଲ୍‌ଙ୍କ ଯୌନ ନିର୍ଯାତନା ଅଭିଯୋଗକାରିଣୀଙ୍କୁ ଚୁପ୍ କରିବାକୁ ଓକିଲ ଜରିଆରେ ଟ୍ରମ୍ପ୍ ପ୍ରଚୁର ଡଲାର ('ଚୁପ୍ କରିବା ଟଙ୍କା', ହଶ୍ ମନି, hush money) ଦେଇଥିଲେ। ତଥାପି ମାନହାଟ୍ଟାନରେ ଜୁରି ତାଙ୍କ ୨୦୨୪ ମେ'ର ରାୟରେ ଯେ ଟ୍ରମ୍ପ୍‌ଙ୍କୁ ୩୪ଟାଯାକ ଦଫାରେ ଦୋଷୀ କହିଛନ୍ତି। ଜଣେ ପ୍ରାକ୍ତନ ରାଷ୍ଟ୍ରପତି 'ଦଣ୍ଡିତ ଅପରାଧୀ' ଘୋଷିତ ହେବା ପରେ ପୁଣି ରାଷ୍ଟ୍ରପତି ହୋଇ ରହିଥିବାଯାଏ ଏ ଦଣ୍ଡ କାର୍ଯ୍ୟକାରୀ ହେବ ନାହିଁ, ଅବସର ପରେ କ'ଣ ହେବ ତାକୁ ଟ୍ରମ୍ପ୍ ଖାତିର ନ କରୁଥିବା କାରଣ ଏହି ସମୟରେ ତିନି ତିନିଟି ସୁପ୍ରିମ୍‌କୋର୍ଟ ରାୟ ତାଙ୍କ ସପକ୍ଷରେ ବାହାରି ତାଙ୍କୁ ସାହସୀ କରିଦେଇଛି- (୧) ୨୦୨୦ର ନିର୍ବାଚନ ଫଳକୁ ଓଲଟପାଲଟ କରିବା ଉଦ୍ୟମ ଟ୍ରମ୍ପ୍‌ଙ୍କୁ ଆଉ ଥରେ ପ୍ରେସିଡେଣ୍ଟ ପ୍ରାର୍ଥୀ ହେବାକୁ ଅଯୋଗ୍ୟ କରିଥିବା ରାୟକୁ ସୁପ୍ରିମ୍‌କୋର୍ଟ ନାକଚ କରିଦେଲେ; (୨) ପ୍ରେସିଡେଣ୍ଟଙ୍କ କ୍ଷମତାକୁ ରୋକିପାରିବାର ଯେଉଁ କ୍ଷମତା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କର ଥିଲା, ତାକୁ ସୁପ୍ରିମ୍‌କୋର୍ଟ ବେଆଇନ କହିଦେଲେ।



ଟ୍ରମ୍ପ୍ ଏବେ ତାଙ୍କ ଆପ୍ରବାସନ (ଇମିଗ୍ରେସନ୍) ନୀତି ବିରୋଧରେ ରାୟ ଦେଇଥିବା ଡିଷ୍ଟ୍ରିକ୍ଟ ଜଜ୍‌ମାନଙ୍କୁ ଯାଚ୍ଛା ତା' ଭାଷାରେ ଗାଳି ଦେଉଛନ୍ତି, କେତେକଙ୍କ ନାଁରେ ମକଦ୍ଦମା କରିଲେଣି। ତାଙ୍କ ରିପବ୍ଲିକାନ୍ ଦଳର ଲୋକେ ଜଜ୍‌କୁ ଅପମାନିତ କରୁଛନ୍ତି, ମାରିଦେବା ଧମକ ଦେଉଛନ୍ତି, ସେମାନଙ୍କ ପରିବାର ସମ୍ପର୍କରେ ଏମିତିକା ଖବର ବାହାର କରୁଛନ୍ତି ଯେ ଦଳର ଲୋକେ ସେମାନଙ୍କୁ ବାଡ଼େଇବା ଧମକ ଦେଉଛନ୍ତି (ମାର୍କିନ୍ ଭାଷାରେ ଡକ୍ସିଙ୍ଗ, doxxing, କୁତ୍ସାରଟନା)। ପ୍ରାୟ ୧୦୦ରୁ ଅଧିକ ଜଜ୍‌ଙ୍କ ନାଁରେ ମିଛରେ ମିଛରେ ପିଜା ଡେଲିଭରି ଅର୍ଡର ପଠାଇ ତା' ଫେରିଆସିଲେ ଜଜ୍‌ମାନେ ଦୋକାନୀମାନଙ୍କ ଦ୍ୱାରା ଭର୍ତ୍ସିତ ହେଉଛନ୍ତି। ୧. ନିର୍ବାଚନରେ ହରାଇବା ଓ ୨. କଂଗ୍ରେସରେ ମହାଭିଯୋଗ ଆଣି ପଦମୁକ୍ତ କରିବା - ଏ ଦୁଇଟାଯାକ ସାମ୍ବିଧାନିକ ଉପାୟକୁ ଟ୍ରମ୍ପ୍ ବିଫଳ କରିଦେଇଛନ୍ତି। ପରବର୍ତ୍ତୀ କାଳରେ କ'ଣ ଘଟିବ ସେଥିପାଇଁ ସେ ଚିନ୍ତା ନ କରି ମାର୍କିନ୍ ଶାସନକୁ ତାଙ୍କ ଦଳର ଶକ୍ତିବୃଦ୍ଧି କାମରେ ଲାଗି ପଡିଛନ୍ତି, ଆମେରିକା ଦଳତନ୍ତ୍ର ବା ଫାସିବାଦୀ ସରକାର ଆଡ଼କୁ ଆଡ଼କୁ ଢଳୁଛି। ଆମ ଭାରତରେ ତ ରାଜନୈତିକ ଦଳମାନେ ନେତାଙ୍କ ଶାସନ (ଫାସିବାଦୀ ସରକାର)କୁ ନିଜର ନୀତି କରିସାରିଲେଣି। ଆମେରିକାରେ ଦଳପତି କୌଣସି ନିର୍ବାଚିତ ପ୍ରତିନିଧିଙ୍କୁ ଆସନରୁ ବିଚ୍ୟୁତ କରିପାରିବେ ନାହିଁ। କିନ୍ତୁ ଆମ ସମ୍ବିଧାନରେ ଏହା ରହିଗଲାଣି। ୧୯୮୫ରେ ୧୦ମ ତଫସିଲ୍ ସମ୍ବିଧାନ ଅନ୍ତର୍ଭୁକ୍ତ ହେଲା, ଲୋକପ୍ରତିନିଧିଙ୍କ ବିବେକ ନେତାଙ୍କ ପାଖରେ ବନ୍ଧା ପଡିଗଲା। ୨୦୦୩ର ସମ୍ବିଧାନ ସଂଶୋଧନ ଆଇନ ଦ୍ୱାରା ଲୋକ-ପ୍ରତିନିଧିଙ୍କୁ ବିଧାୟିକା-ଦଳ (ଲେଜିସ୍‌ଲେଟର ପାର୍ଟି)ର ପ୍ରତିନିଧି ବୋଲି ଗଣାଗଲା ଏବଂ ସେ ଯଦି ଗୃହର ଦଳୀୟ ନେତାଙ୍କ ଛାଟ (ହ୍ୱିପ୍) ନ ମାନିବେ, ସେ କେବଳ ଦଳରୁ ନିଲମ୍ବନ ହେବେ ତା ନୁହେଁ, ସେ ସରକାରୀ କର୍ମଚାରୀଙ୍କ ଭଳି ନେତାଙ୍କ ଅଧଃସ୍ତନ କର୍ମୀ ହୋଇଗଲେ, ନେତା (ସୁପ୍ରିମୋ ବା ହାଇକମାଣ୍ଡ) ଗୃହର ବାଚସ୍ପତିଙ୍କ ମତକୁ ନେଇ ସମ୍ପୃକ୍ତ ଏମ୍‌ଏଲ୍ଏ/ଏମ୍‌ପି ପଦର ଅଯୋଗ୍ୟ (ଆସନ ତ୍ୟାଗ କରିବା) ଘୋଷଣା କରାଇପାରନ୍ତି। ଲୋକଙ୍କ ଭୋଟ୍ ସୁପ୍ରିମୋ/ହାଇକମାଣ୍ଡଙ୍କ ମତ ଆଗରେ ତୁଚ୍ଛ। ସମ୍ବିଧାନ-ପ୍ରଣେତାମାନେ କେବେ ଭାବିନଥିଲେ ଯେ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ ଦଳର ନେତା ପ୍ରତିନିଧିତ୍ୱରୁ ବଞ୍ଚିତ କରିପାରିବେ। ପୁଣି ବିଧାୟିକାସଭାରୁ ଉନ୍ନୀତ ହୋଇ ମନ୍ତ୍ରୀ ହୋଇଥିବା ନେତାମାନେ ନିୟମ କରିସାରିଲେଣି ଯେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ଅଧିକାରୀମାନେ ଚାକିରି ଛାଡିଲା କ୍ଷଣି (୨ ବର୍ଷ କୁଲିଂ ଅଫ୍ ପିରିଅଡ୍ ଆଉ ନାହିଁ) ନିର୍ବାଚନରେ ଲଢ଼ିପାରିବେ। ଏହାର ଗୂଢ଼ ତତ୍ତ୍ୱ ହେଲା- ହେ ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଅଫିସର୍‌ମାନେ ତୁମେ ଏବେଠୁ କୌଣସି ରାଜନୈତିକ ଦଳ ପ୍ରତି ଢଳ (ନେତାଙ୍କ କଥାକୁ କାମରେ ପରିଣତ କର) ତୁମକୁ ଦଳ ଜନପ୍ରତିନିଧି ନାଁରେ ପ୍ରାର୍ଥୀ କରେଇନେବ, ପାର୍ଟି ବି ସବୁ ଖର୍ଚ୍ଚ ସମ୍ଭାଳିବ, ନେତାମାନେ (ଦଳର ମୁଖ୍ୟ ବି) ପ୍ରଚାର କରିବେ। ଆମ ଶାସନ-ବ୍ୟବସ୍ଥା ପୂରାପୂରି ଫାସିବାଦୀ (ଦଳତନ୍ତ୍ର) ହେବାକୁ ବେଶି ଡେରିନାହିଁ। ନେତାଙ୍କ ସନ୍ତାନ ଜନ୍ମରୁ ଦଳର ଜେନେରାଲ୍ ସେକ୍ରେଟାରୀ ହେବେ ବା ନେତାଙ୍କ ମନୋନୀତ ବ୍ୟକ୍ତି ହିଁ ଦଳର ମୁଖ୍ୟ (ତେଣୁ ରାଷ୍ଟ୍ରମୁଖ୍ୟ) ହେବେ। ଯିଏ ପ୍ରଶ୍ନ ଉଠାଇବ ସେ ଜେଲ-ଯୋଗ୍ୟ ହେବ।

sahadevas@yahoo.com

# ଦୋଛକିରେ ଜୀବନ



କିଶୋର ଚନ୍ଦ୍ର ବେହେରା

ସାମାଜିକ ସମ୍ପର୍କ ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚିବାର ଅଧିକାର ଦେଇଥାଏ। ଈଶ୍ୱର ପ୍ରଦତ୍ତ ଓ ମନୁଷ୍ୟ କୃତ ସମ୍ପର୍କ ଆଗରେ ହାର୍ ମାନି ଯାଇଥାଏ ଛଳନା ଓ ମିଛ ଅଭିନୟ। ଆନ୍ତରିକତା ସହ ବନ୍ଧାଥିବା ସମ୍ପର୍କ ସଂକୁଚିତ ହୁଏନାହିଁ, ବରଂ ଦିନକୁଦିନ ହୋଇଥାଏ ଦୃଢ଼ତର ଓ ଚିରସ୍ଥାୟୀ। ସମ୍ପର୍କ ଭାଙ୍ଗିଦେବା ସହଜ, ମାତ୍ର ଗଢ଼ିବା କେତେ ଯେ କଷ୍ଟକର ଅନୁଭବ କରିଥିବା ବ୍ୟକ୍ତିଙ୍କଠାରୁ ଠିକ ଉତ୍ତର ମିଳିପାରିବ। ମଧୁର ସମ୍ପର୍କଟିଏ ଗଢ଼ିବା ପାଇଁ ଯେଉଁ ପୁଞ୍ଜି ଟିକକ ଆମର ଲୋଡ଼ା ହୋଇଥାଏ, ସେତକ ଆମ ପାଖରେ ରହିବା ଆବଶ୍ୟକ। ସୁସ୍ଥ ମନ ଓ ସୁସ୍ଥ ଚିନ୍ତନ ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥାଏ। ସମ୍ପର୍କ ତ ବିଭିନ୍ନ ସ୍ତରରେ ଓ ବିଭିନ୍ନ ମାଧ୍ୟମରେ କରାଯାଇଥାଏ, ମାତ୍ର ତା' ସ୍ଥାୟିତ୍ୱ ଆମ ଉପରେ ନିର୍ଭର କରିଥାଏ। ପାରସ୍ପରିକ ସଦ୍‌ଭାବ ଓ ଛନ୍ଦହୀନ ବିଚାରଧାରା ଏହାକୁ ମଜଭୁତ କରିବାରେ ସହାୟକ ହୋଇଥାଏ। ସମ୍ପର୍କ ପାଇଁ ସମଭାବାପନ୍ନ ମାନସିକତାର ଆବଶ୍ୟକତା ରହିଛି। ଅନ୍ୟର ସୁଖ ବେଳେ ନୁହେଁ, ବରଂ ଦୁଃଖ ସମୟରେ ପରସ୍ପର ମଧ୍ୟରେ ହାତକୁ ହାତ ମିଳାଇବା, ସମବେଦନା ଜଣାଇବା, ଆଶ୍ୱାସନା ଦେବା ଓ ସାହସ ଦେବାର ସୁସ୍ଥ ପରମ୍ପରା ଟିକକ ମନ ଭିତରେ ରହିବା ଏକାନ୍ତ ପ୍ରୟୋଜନ। ଆଜିର ଯୁଗରେ ସହରରେ ସମ୍ପର୍କ ସ୍ଥାପନ କରିବା ହେଉ କି ନିଜ ପରିବାର ସହ ସମ୍ପର୍କ ଯୋଡ଼ି ହେଉ, କାହା ପାଖେ ସମୟ ନାହିଁ। ଫଳରେ ସମ୍ପର୍କ ଧୀରେ ଧୀରେ ନିରାଶ ପଥକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି। କଥା ଛଳରେ ଆଡ଼େଇ ଯାଆନ୍ତି ସଭ୍ୟତା ଓ ସମୟକୁ ବାହାନା କରି। ବାସ୍ତବରେ ଆମ ପାଖରେ ସମୟ ନାହିଁ ନା' ସମ୍ପର୍କକୁ ଚିର ସ୍ଥାୟୀ କରିବା ପାଇଁ ଆନ୍ତରିକତାର ଅଭାବ ? ନୂଆ ସମ୍ପର୍କ ଗଢ଼ିବା ଓ ପୁରୁଣାକୁ ମନେ ପକାଇବା ଏକ ପ୍ରମୁଖ ମାଧ୍ୟମ ପାଲଟି ଥାଏ ବାହାଘର, ବ୍ରତଘର, ମୃତ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା। ଗାଁର ଦେବଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ସହ ଗାଁର ପାରମ୍ପରିକ ଯାନିଯାତ୍ରା ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିଥାଏ ; ଯାହାଦ୍ୱାରା ସମ୍ପର୍କରେ ନିବିଡ଼ତା ଓ ଆତ୍ମୀୟତା ବୃଦ୍ଧି ପାଇଥାଏ।

ଜଣେ ମଣିଷର ବାଲ୍ୟ କାଳରେ ମା' ଘର ଲୋକଙ୍କ ସହିତ ବାପାଙ୍କ ପରିବାର ଲୋକଙ୍କ ସମ୍ପର୍କ ବିଭିନ୍ନ ରୂପରେ ଦେଖିବାକୁ ମିଳେ। କିଶୋର ବୟସରେ ସାମାଜିକ ସମ୍ପର୍କ ଜନିତ କିଛି ପାରିବାରିକ ରକ୍ତଗତ ସମ୍ପର୍କ ବ୍ୟତୀତ କେତେକ ବନ୍ଧୁଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇଥାଏ। ପ୍ରାପ୍ତ ବୟସରେ ଏକ ନୂତନ ଅଧ୍ୟାୟ ଯୋଡ଼ିହୁଏ ସ୍ତ୍ରୀ ଓ ସ୍ୱାମୀ ଏବଂ ତାଙ୍କ ପରିବାର ବର୍ଗଙ୍କ ସହିତ। ମଣିଷ ଧୀରେ ଧୀରେ ପୁରୁଣା ସମ୍ପର୍କ ଗୁଡ଼ିକୁ ଭୁଲିବାକୁ ଲାଗେ ଯେତେବେଳେ ବୈବାହିକ ଜୀବନ ଆରମ୍ଭ ହୁଏ। ସାମାଜିକ ପରିବେଷ୍ଟନୀରେ ଗଢ଼ିଉଠିଥିବା ସମସ୍ତ ସମ୍ପର୍କଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି କେବଳ ସ୍ୱାମୀ, ସ୍ତ୍ରୀ ସମ୍ପର୍କ ଏତେ



ମାତ୍ରାରେ ଘନିଷ୍ଠତା ସୃଷ୍ଟି କରେ ଯେ ମଣିଷର ସମସ୍ତ ଅତୀତ ସ୍ମରଣିକା ଲିଭିଯାଏ ମନ ମାନସରୁ। ତେଣୁ ଅତି ସର୍ବତ୍ର ଗହୀର୍ତ୍ତମ ଉକ୍ତିର ସତ୍ୟତା ଉପରେ ଆଧାରିତ ଏକ ପ୍ରକାର ମାନସିକ ଉତ୍ତେଜନା ସୃଷ୍ଟି ହୁଏ ସମୟକ୍ରମେ, ଯେତେବେଳେ ସେହି ସମ୍ପର୍କ ଦୁର୍ବଳ ହେବାକୁ ଲାଗେ। ଏମିତିକି ପରିପକ୍ୱ ସମୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଅତ୍ୟନ୍ତ ଦୁର୍ବଳ ଅବସ୍ଥାକୁ ଆସିଗଲା ପରେ ଉଭୟଙ୍କ ମଧ୍ୟରେ ବାହ୍ୟ ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳେ, କେବଳ ସହାନୁଭୂତି ଏବଂ ସାମାଜିକ ସୁରକ୍ଷା କାରଣରୁ। ଠିକ୍ ସେତିକି ବେଳେ ପୁନଃ ଏକ ନୂତନ ତଥା ଶେଷ ସମ୍ପର୍କର ଅଧ୍ୟାୟ ଆରମ୍ଭ ହୁଏ ନିଜ ସନ୍ତାନମାନଙ୍କ ସହିତ, ଯାହା ସେମାନଙ୍କୁ ସାମାଜିକ ସୁରକ୍ଷା, ସହାୟତା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାର ଆଶା ରଖିଥାଏ। କେତେକ କ୍ଷେତ୍ରରେ ସେହି ସମ୍ପର୍କର ଦୃଢ଼ତା ଦେଖିବାକୁ ମିଳୁଥିବା ବେଳେ ଆଜିକାଲି ଆଉ ସେହି ଶେଷ ସମ୍ପର୍କ ଏମିତି ଏକ ସ୍ତରରେ ଆସି ପହଞ୍ଚିଲାଣି ଯେ ଜୀବନର ଶେଷ ଅଧ୍ୟାୟରେ ସମସ୍ତେ ନିଜର ନିଃସହାୟ ଭାବକୁ ନେଇ ପ୍ରାୟତଃ ବୁଝିବାକୁ ଲାଗନ୍ତି ଯେ ସମ୍ପର୍କ ବୋଲି ସମାଜରେ କିଛି ନାହିଁ।

ସାମାଜିକ ଓ ପାରମ୍ପରିକ ସମ୍ପର୍କ ଯେତେବେଳେ ନିଶ୍ଚିହ୍ନ ହେବାକୁ ଯାଉଥାଏ, ସେତେବେଳେ ଆରମ୍ଭ ହୁଏ ସମ୍ପର୍କର ନୂତନ ଅଧ୍ୟାୟ 'ଲିଖିତ ସମ୍ପର୍କ'। ସେ ସମ୍ପର୍କ ଆତ୍ମୀୟଙ୍କ ଉପସ୍ଥିତି, ଗାଁ ଭଦ୍ର ମଣ୍ଡଳୀ କିମ୍ବା ସାମ୍ବିଧାନିକ ନୀତି ନିୟମ ଅନୁଯାୟୀ ନ୍ୟାୟାଳୟ ବିଚାରପତିଙ୍କ ସ୍ୱାକ୍ଷର କ୍ରମେ ଗଢ଼ି ଉଠିଥାଏ । ବାପା-ପୁଅ, ଭାଇ-ଭଉଣୀ ଓ ସ୍ୱାମୀ-ସ୍ତ୍ରୀଙ୍କ ପବିତ୍ର ସମ୍ପର୍କରେ ଲିଖିତ ଚୁକ୍ତିନାମା ସ୍ୱାକ୍ଷରିତ କରିବାକୁ ପଡ଼ିଲାଣି। ଏ ସମ୍ପର୍କ ସଦାସର୍ବଦା ଅବିଶ୍ୱାସ ଓ ଆତଙ୍କୀ ଜୀବନ ଭଳି ବଞ୍ଚିବାକୁ ପଡ଼ିଥାଏ। ଏଭଳି ପରିସ୍ଥିତିରେ ସାମାଜିକ ବିଶେଷଜ୍ଞଙ୍କ ସହିତ ଯୋଗାଯୋଗ କରିବାର ଆବଶ୍ୟକତା ରହିଛି। ଉତ୍ତମ ପରିବେଶ ଓ ଉପଯୁକ୍ତ ଶିକ୍ଷା ଯଦି ଜଣେ ମଣିଷର ବାଲ୍ୟ କାଳରୁ ଉଦୟ ହୋଇଥା'ନ୍ତା ହୁଏତ ସମୟ କ୍ରମରେ ସେ ନିଜକୁ ଏବଂ ସମସ୍ତ ସମ୍ପର୍କକୁ ସନ୍ତୁଳିତ କରି ରଖିଥା'ନ୍ତା, ଯାହା ତାକୁ ଜୀବନର ଶେଷ ସମୟରେ ଏତେ ଦୁଃଖ ଦେଇ ନ ଥା'ନ୍ତା। ଅଜ୍ଞାନ ମଣିଷ ସାମାଜିକ ସମ୍ପର୍କ ଗୁଡ଼ିକୁ ସମୀକ୍ଷା କରି ବୁଝିବା କ୍ଷମତା ନ ରଖି କେବଳ ପାରିପାର୍ଶ୍ୱିକ କୁହେଳିକାରେ ନିଜକୁ ସମାନ୍ତରାଳ କରି ଯାହା ସବୁ ଶିକ୍ଷା ପାଇଥା'ନ୍ତି ତାହାର ପ୍ରତିଫଳନ ସ୍ୱରୂପ ନିଜର ସାମାଜିକ ଦାୟିତ୍ୱ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ରଖି ଗଢ଼ି ଉଠିଥିବା ସମ୍ପର୍କ ସେମାନଙ୍କୁ ଏବେ ଧୋକା ମନରେ ଉଙ୍କି ମାରି ନ ଥାନ୍ତା। ଜୀବନର ଶେଷ ସମୟରେ ସବୁ ବୁଝିଲା ବେଳକୁ ଆଉ କିଛି ନ ଥାଏ, ଦୁଃଖ ଓ ଯନ୍ତ୍ରଣାରେ ବଞ୍ଚିବାକୁ ପଡ଼ିଥାଏ ଅବଶିଷ୍ଟ ଜୀବନ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ- ୯୪୩୭୯୫୫୫୬୮

## ଏଇ ଭାରତରେ

ଅନ୍ୟକୁ ଖୁସି କରିବା ପାଇଁ ବେଳେବେଳେ ଲୋକେ ମିଛ କହନ୍ତି। ହେଲେ ଏଇ ମିଛ ପାଇଁ ଅନେକ ସମୟରେ ବହୁମୂଲ୍ୟ ଦେବାକୁ ପଡ଼େ। ଠିକ୍ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ବାରାଣସୀର ସକଲଡିହା ଥାନା ଅଞ୍ଚଳରେ। ଏହି ଅଞ୍ଚଳର ଭୋଜପୁର ଗାଁର ଯୁବକ ସିଦ୍ଧାର୍ଥ ସିଂହ ମିଛରେ ଘରଲୋକଙ୍କ ଆଗରେ ସୈନିକ ଚାକିରି କରିଥିବା କଥା କହିଥିଲେ। ଏଥିପାଇଁ ସେ ସୈନ୍ୟବାହିନୀର ପୋଷାକ ଓ ନକଲି ପରିଚୟପତ୍ର ତିଆରି କରିଥିଲେ। ଘରଲୋକଙ୍କୁ କହିଥିଲେ, ସୈନିକ ନିମନ୍ତେ ତାଙ୍କୁ ଚୟନ କରାଯିବା ପରେ ଏବେ ଟ୍ରେନିଂ ଚାଲିଛି। ସିଦ୍ଧାର୍ଥ ବାହାରେ ଏକ ଛୋଟ ଘର ଭଡ଼ା ନେଇ ରହୁଥିଲେ। ଆଉ କଲେଜରୁ ମିଳୁଥିବା ନିଜ ଷ୍ଟାଇପେଣ୍ଡ ଅର୍ଥ ୧୦ହଜାର ଟଙ୍କା ଘରକୁ ଦରମା କହି ପଠାଉଥିଲେ। ପ୍ରକୃତରେ ସେ ତାଙ୍କ ପ୍ରେମିକାକୁ ଖୁସି କରିବା ପାଇଁ ଏଭଳି ମିଛ ସୈନିକ ଚାକିରି କରିଥିଲେ। ସେନା ପୋଷାକ ପିନ୍ଧି ବାହାରେ ବୁଲିବା ସମୟରେ ସ୍ଥାନୀୟ ପୋଲିସ ତାଙ୍କୁ ସନ୍ଦେହ କରି ଗିରଫ କରିଥିଲା। ଏହାପରେ ପଚରାଉଚରା କରିବା ପରେ ସେ ସବୁ ସତ ମାନି ଯାଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୭୬

- ଭିଏତନାମ୍‌ର ଫମର୍ଥଡିପ୍ ନାମ୍ନୀ ମହିଳା ସନ୍ତରଣକାରୀଙ୍କୁ 'କ୍ରୀଡ଼ା ନିପୁଣା' ଉପାଧି ଦେବାପାଇଁ ସରକାର ସ୍ଥିର କରିଛନ୍ତି।
- ଭାରତରେ ଭାରୀ ଇଞ୍ଜିନିୟରିଂ ଶିଳ୍ପ ପ୍ରତିଷ୍ଠାର କର୍ଣ୍ଣଧାର ଶ୍ରୀ ହେନିଂ ହଲ୍‌କ ଲାଗସେନ୍‌ଙ୍କୁ ମାଗାସେସେ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଚିରନ୍ତନୀ

ତୀବ୍ର ଜାଳ ନ ପାରେଁ ସହି
ପରଶି ମନ ଅନ୍ତର
କରୁଣ ତବ କରୁଣା ତହିଁ
ଅରୁଣ ବାରେ ସଞ୍ଚର
ମରମ ମରୁ ହେଉ ସୁରଭି
ନନ୍ଦନ ହେ ନନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | 9 | | 3 |
| | | 3 | | | 8 | | | |
| | | 8 | | | 6 | | 5 | |
| | 2 | | 4 | 7 | | | 1 | |
| | 7 | | 8 | | 2 | 3 | | 4 |
| | | | | | | | 9 | |
| | | | | 5 | | | | |
| 2 | 5 | | | | | 1 | | |
| | | | | | 9 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 8 | 4 | 5 | 6 | 3 | 9 |
| 9 | 4 | 3 | 1 | 7 | 6 | 8 | 5 | 2 |
| 5 | 6 | 8 | 9 | 2 | 3 | 4 | 1 | 7 |
| 1 | 3 | 6 | 7 | 8 | 2 | 9 | 4 | 5 |
| 7 | 2 | 9 | 5 | 3 | 4 | 1 | 6 | 8 |
| 4 | 8 | 5 | 6 | 1 | 9 | 7 | 2 | 3 |
| 8 | 5 | 2 | 4 | 9 | 1 | 3 | 7 | 6 |
| 6 | 9 | 1 | 3 | 5 | 7 | 2 | 8 | 4 |
| 3 | 7 | 4 | 2 | 6 | 8 | 5 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳୁଛି କମ୍, କଟୁଛି ଅଧିକ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ଏବେ ବିଦ୍ୟୁତ୍ ଜଳୁଛି କମ୍, କଟୁଛି ଅଧିକ। ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବିଦ୍ୟୁତ୍ ବିତରଣ କମ୍ପାନୀର ଏଭଳି ମନଇଚ୍ଛା ଲାଇନ କାଟିବାକୁ ତୀବ୍ର ବିରୋଧ କରାଯାଇଛି। ରୋଗୀ, ବୃଦ୍ଧାଙ୍କ କଷ୍ଟ ନ କହିଲେ ଭଲ। ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରା.ପ.ରେ ରାତି ଅଧରୁ ଲାଇନ କଟୁଛି ଏବଂ ଆସିଲା ବେଳକୁ ସକାଳ ୭ଟା। ବିଦ୍ୟୁତ୍ କଟିବା ପରେ ବିଦ୍ୟୁତ୍ କାର୍ଯ୍ୟାଳୟର ହେଲ୍ପଲାଇନ ନମ୍ବରକୁ ଯୋଗାଯୋଗ କଲେ ତାହା ସବୁବେଳେ ବ୍ୟସ୍ତ। ବର୍ଷାଦିନ ପୂର୍ବରୁ ସାଧାରଣ ମରାମତି କାର୍ଯ୍ୟ ଠିକ୍ ଢଙ୍ଗରେ ହେଉନଥିବାରୁ ବାରମ୍ବାର ଓଭରଲୋଡ଼ ହୋଇ ଫ୍ୟୁଜ କଟି ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଗତ କିଛିବର୍ଷ ଧରି ଚାଇନା ମିଟର ଉପଭୋକ୍ତାଙ୍କ ଠାରୁ ବିତରଣ କମ୍ପାନୀ ୬୦୦ରୁ ୮୦୦ ଟଙ୍କା ବିଲ ବଳପୂର୍ବକ ନେଉଛି। ଉପଭୋକ୍ତା ମାନେ ମାସକୁ ମାସ ଠିକ୍ ସମୟରେ ବିଲ୍ ପଇଠ କରି ମଧ୍ୟ ଅବିଚ୍ଛିନ୍ନ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ମାତ୍ରାଧିକ ବିଲ ପରିଶୋଧ କରିବା ଗରିବ ଉପଭୋକ୍ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି।

– ଦେବତ୍ତିକ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩୩ ନବନିଯୁକ୍ତ ଦେୱାନୀ ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ



କଟକ,୪।୮ (ଶିଳ୍ପୀ ପ୍ରିୟଦର୍ଶିନୀ): ଓଡ଼ିଶା ଜୁଡିସିଆଲ ଏକାଡେମୀଠାରେ ଜଷ୍ଟିସ୍ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ୩୩ଜଣ ନବନିଯୁକ୍ତ ଦେୱାନି ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ହରିଶ ଟଣ୍ଡନ ଯୋଗଦେଇ ନବନିଯୁକ୍ତ ଦେୱାନି ନ୍ୟାୟାଧୀଶଙ୍କୁ ଶପଥପାଠ କରାଇବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଓଡ଼ିଶା ନ୍ୟାୟିକ ଏକାଡେମୀର ପତ୍ରିକା ନ୍ୟାୟିକ ବିଶେଷ ସଂସ୍କରଣ ୨୦୨୪-୨୫କୁ ମୁଖ୍ୟ ବିଚାରପତି, ଓଡ଼ିଶା ନ୍ୟାୟିକ ଏକାଡେମୀ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଉନ୍ମୋଚନ କରିଥିଲେ। ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି କୃଷ୍ଣରାମ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ନ୍ୟାୟିକ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ସମେତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା କେନ୍ଦ୍ରର ଅତିରିକ୍ତ ସଂଯୋଜକ ନାଗିଶ ଚଣ୍ଡକ ଉଦ୍‌ଘୋଷିକା ରୂପେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଶେଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ସଦସ୍ୟ ନ୍ୟାୟମୂର୍ତ୍ତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ଅବସରପ୍ରାପ୍ତ ବିଚାରପତିଗଣ, ସରକାରୀ ଆଇନ ବିଭାଗର ପ୍ରମୁଖ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, କଟକ ଜିଲ୍ଲା ଓ ଦୌରା ଜଜ୍, ଓଡ଼ିଶା ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରି ଅଧିକାରୀଗଣ ଏବଂ ନବ ନିଯୁକ୍ତ ଦେୱାନି ନ୍ୟାୟାଧୀଶଙ୍କ ଅଭିଭାବକ ଉପସ୍ଥିତ ଥିଲେ।

# ଏମ୍‌କେସିଜି: ଗୋଟିଏ ସିଲିଣ୍ଡରରୁ ୨ ଶିଶୁଙ୍କୁ ଅକ୍ସିଜେନ



ବ୍ରହ୍ମପୁର,୪।୮ (ସୁବାସ ଚନ୍ଦ୍ର ପାଢ଼ୀ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ସୁପର ସ୍ପେଶାଲିଟି କୋଠା ପରିସରରେ ସୋମବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଗୋଟିଏ ସିଲିଣ୍ଡରରୁ ୨ ଶିଶୁଙ୍କୁ ଅକ୍ସିଜେନ୍ ଦିଆଯିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। ଜଣେ ଆଟେଣ୍ଡାଣ୍ଟ ସିଲିଣ୍ଡରକୁ ଟାଣି ଟାଣି ନେଉଥିବା ବେଳେ ତାଙ୍କ ପଛରେ ୮ ଓ ୧୪ ଦିନର ୨ ଶିଶୁଙ୍କ ନାକରେ ଅକ୍ସିଜେନ ଟ୍ୟୁବ୍ ଲଗାଯାଇଥିବା ଅବସ୍ଥାରେ ସେମାନଙ୍କ ମା' ଓ ସମ୍ପର୍କୀୟ କୋଳରେ ଧରି ଚାଲିକି ଯାଉଥିଲେ। ସେଣ୍ଟ୍ରାଲ ନ୍ୟୁ ବର୍ନ କେୟାର ୟୁନିଟ (ଏସ୍‌ଏନ୍‌ସିୟୁ)ରୁ ଉକ୍ତ ୨ ଶିଶୁଙ୍କୁ ଇକୋ ପରୀକ୍ଷା ପାଇଁ ଏପରି ଭାବେ ୩୦୦ ମିଟର ପର୍ଯ୍ୟନ୍ତ ନିଆଯାଇଥିଲା। ଶିଶୁମାନଙ୍କ ସୁରକ୍ଷା ପ୍ରତି ସାମାନ୍ୟ ସଚେତନ ନ ହୋଇ ଏଭଳି ଭାବେ ଅକ୍ସିଜେନ ଯୋଗାଇବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏମ୍‌କେସିଜି ମେଡିକାଲର ଶିଶୁରୋଗ ବିଭାଗ ଏସଏନ୍‌ସିୟୁରେ କିଛିଦିନ ହେଲା ପାତ୍ରପୁର ବ୍ଲକ ପଦାଦିଗି ଗ୍ରାମର କୌଶଲ୍ୟା ସାହୁଙ୍କ ୮ ଦିନର ଶିଶୁପୁତ୍ର ଓ ଗଜପତି ଜିଲ୍ଲା ଗୁମାଗଡ଼ ବ୍ଲକ ବଦପଦା ଗ୍ରାମର ପଲ୍ଲବୀ ବେହେରାଙ୍କ ୧୪ ଦିନର ଶିଶୁକନ୍ୟାଙ୍କ ଚିକିତ୍ସା ଚାଲିଛି। ଦୁଇ ଶିଶୁଙ୍କ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ସେମାନଙ୍କୁ ସୋମବାର ମେଡିକାଲ ପରିସରରେ ଥିବା ସୁପର ସ୍ପେଶାଲିଟି କୋଠାକୁ ଇକୋ ପରୀକ୍ଷା କରିବାକୁ ନିଆଯାଇଥିଲା। ୱାର୍ଡରେ ଥିବା ଆଟେଣ୍ଡାଣ୍ଟ ଗୋଟିଏ ଅକ୍ସିଜେନ ସିଲିଣ୍ଡରରୁ ଉଭୟ ଶିଶୁଙ୍କୁ ଅକ୍ସିଜେନ ଲଗାଇଥିଲେ। ସେ ସିଲିଣ୍ଡର ଧରି ଆଗେ ଆଗେ ଯାଉଥିବା ବେଳେ ଉକ୍ତ ଦୁଇ ଶିଶୁଙ୍କ ମା' ଓ ସମ୍ପର୍କୀୟ ପିଲାଙ୍କୁ ଧରି ପଛରେ ଚାଲିଥିଲେ। ଏହି ସମୟରେ ଶିଶୁ ବିଭାଗର ଜଣେ ଡାକ୍ତର ମଧ୍ୟ ଶିଶୁଙ୍କ ନିକଟରେ ରହିଥିଲେ। ଶିଶୁମାନେ ହୃଦ୍‌ରୋଗ ବିଭାଗରେ ପହଞ୍ଚିବା ପରେ ସେମାନଙ୍କ ଇକୋ ପରୀକ୍ଷା କରାଯାଇଥିଲା। ତେବେ ଏ ନେଇ ଏମ୍‌କେସିଜି ଅଧ୍ୟକ୍ଷ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି, ଉଭୟ ଶିଶୁଙ୍କ ଅକ୍ସିଜେନ୍ ଫ୍ଲୋ ସମାନ ରହିଥିଲା। ଗୋଟିଏ ସିଲିଣ୍ଡରରୁ ଏକାଧିକ ରୋଗୀଙ୍କୁ ଅକ୍ସିଜେନ ପ୍ରଦାନ ନ କରିବାକୁ ଶିଶୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ଡା. ଶତପଥୀ କହିଛନ୍ତି। ମେଡିକାଲ ଶିଶୁ ବିଭାଗରେ ଯଥେଷ୍ଟ ପରିମାଣର ଅକ୍ସିଜେନ ସିଲିଣ୍ଡର ରହିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୧୫ ତାରିଖରେ ଏହି ମେଡିକାଲରେ ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ୩ ଜଣ ଶିଶୁଙ୍କୁ ଗୋଟିଏ ସିଲିଣ୍ଡରରୁ ଅକ୍ସିଜେନ୍ ଦିଆଯାଇଥିଲା। ଜଣେ କର୍ମଚାରୀ ସିଲିଣ୍ଡରଙ୍କୁ ଟାଣି ଟାଣି ନେଉଥିବା ବେଳେ ଶିଶୁମାନଙ୍କୁ ହାତରେ ଧରି ସେମାନଙ୍କ ମା'ମାନେ ପଛେ ପଛେ ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

# ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କନିଷ୍ଠ ଛାତ୍ରୀଙ୍କ ରାଗିଂ ମାମଲା

ସମ୍ବଲପୁର,୪।୮ (ପ୍ରମୋଦ ବହିଦାର): ସମ୍ବଲପୁର ବିଶ୍ୱବିଦ୍ୟାଳୟର ବ୍ରାହ୍ମଣୀ ଛାତ୍ରୀ ନିବାସରେ ଗତ ୨ତାରିଖ ବିଳମ୍ବିତ ରାତିରେ କନିଷ୍ଠ ଛାତ୍ରୀଙ୍କୁ ବରିଷ୍ଠଙ୍କ ମାନସିକ ନିର୍ଯାତନାଜନିତ ରାଗିଂ ଘଟଣାରେ ରାଜ୍ୟ ସରକାର କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ କରିଛନ୍ତି। ଉକ୍ତ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସୋମବାର ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତତ୍ପରତା ପ୍ରଦର୍ଶନ ପୂର୍ବକ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ କୈଫିୟତ କରି ତୁରନ୍ତ ଏସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୁଳପତି ପ୍ରଫେସର ମିଶ୍ର କହିଛନ୍ତି, ଏହି ଘଟଣାକୁ ନେଇ ରବିବାର ରାତିରୁ ଉଭୟ ଛାତ୍ରୀଗୋଷ୍ଠୀ ମଧ୍ୟରେ ଆପୋଷ ମିଳାମିଶା ସରିଛି। ଏ ନେଇ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ନିର୍ଦ୍ଦେଶ ଅନୁସାରେ ରିପୋର୍ଟ ମଧ୍ୟ ଦାଖଲ କରାଯାଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଏହାକୁ ନେଇ କୌଣସି ଛାତ୍ରୀ ବିଧିବଦ୍ଧ ଅଭିଯୋଗ କରିନାହାନ୍ତି। ତଥାପି ଆମେ ଉକ୍ତ ଘଟଣାର ରିପୋର୍ଟ ସରକାରଙ୍କୁ ପ୍ରେରଣ କରି ବୁର୍ଲା ଥାନାରେ ମଧ୍ୟ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି।

କୁଳପତି ମିଶ୍ର କହିଛନ୍ତି, ରିପୋର୍ଟ ଦାଖଲ ପୂର୍ବରୁ ବିଶ୍ୱବିଦ୍ୟାଳୟରେ ବିତ୍ତ ନିୟନ୍ତ୍ରକ ତଥା ଭାରପ୍ରାପ୍ତ କୁଳସଚିବ ଅଶୋକ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରାଗିଂ ବିରୋଧୀ କମିଟି ଗଠନ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ହ୍ୱାଟ୍‌ସଆପରେ ମ୍ୟାସେଜ୍ କରିଥିବା ଛାତ୍ରୀଙ୍କୁ କମିଟି ପକ୍ଷରୁ ପଚାରାଉଚରା କରାଯାଇଥିଲା। ଏଥିରେ ସେ ମ୍ୟାସେଜ କଥାକୁ ସ୍ୱୀକାର କରିଥିଲେ। ତାଙ୍କ ସ୍ୱୀକାରୋକ୍ତି ଅନୁସାରେ ସେ ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ସମ୍ପାଦକ ଥିବାରୁ ବ୍ରାହ୍ମଣୀ ଛାତ୍ରୀ ନିବାସର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ପାଇଁ ସମସ୍ତ କନିଷ୍ଠ ଓ ବରିଷ୍ଠ ଛାତ୍ରୀମାନଙ୍କୁ ଆଲୋଚନା କରିବାକୁ ବୈଠକ ଡାକିଥିଲେ। କେତେଜଣ ଛାତ୍ରୀ କଥା ନ ଶୁଣିବାରୁ ସାମାନ୍ୟ ବିରକ୍ତି ପ୍ରକାଶ କରି ଉଚ୍ଚସ୍ୱରରେ କିଛି କହି ଦେଇଥିଲେ। ଏହାକୁ ରାଗିଂର ଆଖ୍ୟା ଦିଆଯାଉଛି ବୋଲି ସେ କହିଥିଲେ। ତେବେ ଆଗକୁ ସେ ଏଭଳି କୌଣସି କାର୍ଯ୍ୟର ପନରାବୃତ୍ତି କରିବେ ନାହିଁ ବୋଲି କହି ଏଥିପାଇଁ ସେ କମିଟି ସମ୍ମୁଖରେ କ୍ଷମା ପ୍ରାର୍ଥନା କରିଛନ୍ତି ବୋଲି କୁଳପତି ପ୍ରଫେସର ମିଶ୍ର କହିଛନ୍ତି। ସେହିପରି ରାଗିଂ ବିରୋଧ କମିଟି ଅଧ୍ୟକ୍ଷ ବେହେରା କହିଛନ୍ତି, ଏଭଳି ଘଟଣାର ପୁନରାବୃତ୍ତି ହେଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୨ତାରିଖ ସନ୍ଧ୍ୟା ୬ଟା ୫୧ରେ ଉକ୍ତ ଛାତ୍ରୀନିବାସର ଅଙ୍କିତା ଦାସ ନାମକ ଜଣେ ଦ୍ୱିତୀୟ ବର୍ଷର ଛାତ୍ରୀ ଧମକପୂର୍ଣ୍ଣ ମାସେଜ କରି କନିଷ୍ଠ ଛାତ୍ରୀମାନଙ୍କୁ ଡାକିଥିଲେ। ଏଥିରେ ରାତି ୧୦ଟା ୧୫ରେ ସମସ୍ତ କନିଷ୍ଠ ଓ ବରିଷ୍ଠ ଛାତ୍ରୀ ଛାତ୍ରୀନିବାସର ଷ୍ଟଡିରୁମ୍‌ରେ ଏକ ବୈଠକରେ ସାମିଲ ହେବାକୁ ବାଧ୍ୟ କରାଯାଇଥିଲା। ଖାଲି ସେତିକି ନୁହେଁ ଷ୍ଟଡିରୁମ୍‌ରେ ଏକାଠି ହେବା ପରେ ସମସ୍ତ କନିଷ୍ଠ ଛାତ୍ରୀ ବରିଷ୍ଠଙ୍କ ନିର୍ଦ୍ଦେଶରେ ନିଜନିଜ ମୋବାଇଲ ଫୋନ୍‌ଗୁଡ଼ିକୁ ଗୋଟିଏ ସ୍ଥାନରେ ଜମା ଦେଇଥିଲେ। ଏହାପରେ କେତେକ କନିଷ୍ଠ ଛାତ୍ରୀଙ୍କୁ ବରିଷ୍ଠ ଛାତ୍ରୀ ଆଶାଳୀନ ମନ୍ତବ୍ୟ ଦେଇ ଦୀର୍ଘ ସମୟ ଧରି ଛିଡ଼ା କରାଇ ଏକ ପ୍ରକାର ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିବା ଏକ ମ୍ୟାସେଜ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏସମ୍ପର୍କରେ ଖବର ପ୍ରକାଶିତ ହେଲା ପରେ ରାଜ୍ୟ ସରକାର ଆକ୍ସନ ମୋଡ଼ରେ ଆସି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୈଫିୟତ ତଲବ କରିଛନ୍ତି।

# ୧୧ଗୋଟି ଅତିରିକ୍ତ ଜିଲା ଜଜ୍‌କୋର୍ଟ ପ୍ରତିଷ୍ଠା ନେଇ ବିଜ୍ଞପ୍ତି ଜାରି

ଭୁବନେଶ୍ୱର,୪।୮ (ରବିନାରାୟଣ ଜେନା) ରାଜ୍ୟବାସୀଙ୍କୁ ତ୍ୱରିତ୍ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ ୧୧ଗୋଟି ଅତିରିକ୍ତ ଜିଲା ଜଜ୍ କୋର୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଅତିରିକ୍ତ ଜିଲା ଜଜ୍ କୋର୍ଟ ମଧ୍ୟରେ ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡ଼ା ଜିଲାରେ ଗୋଟିଏ ଲେଖାଏ( ଭିଜିଲାନ୍ସ ) କୋର୍ଟ ରହିଛି। ଏତଦ୍‌ବ୍ୟତୀତ ପୁରୀ ଜିଲାର ପିପିଲି, ନୟାଗଡ଼ର ରଣପୁର, ଖୋର୍ଦ୍ଧାର ବାଣପୁର, ଭଦ୍ରକର ବାସୁଦେବପୁର, ଅନୁଗୋଳର ତାଳଚେର, ସୁନ୍ଦରଗଡ଼ର ରାଜଗାଙ୍ଗପୁର, କଟକର ବାଙ୍କୀ ଓ କନ୍ଧମାଳର ଜି. ଉଦୟଗିରିରେ ଗୋଟିଏ ଲେଖାଏ ଅତିରିକ୍ତ ଜିଲା ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ମଧ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିବା ଜଣାଯାଇଛି।

**Information & Public Relations Department.**
**Government of Jharkhand,**
**Suchana Bhawan, Ranchi.**

**Corrigendum / Cancellation Notice**

Tender Name: Selection of Event Management Agency to organise Jharkhand Tribal Festival in various states.
Tender ID: 2025_IPRD_103565_1
Tender Ref No.: 1064
PR No.- 358420
Subject: Corrigendum- Tender Cancellation Notice
Due to administrative reasons the above mentioned tender is hereby cancelled.

Sd/-
Director
Information & Public Relations Department
Government of Jharkhand

PR 358878
IPRD(25-26)#D

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସମ୍ବଲପୁର,୪।୮ (ପ୍ରମୋଦ ବହିଦାର): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୩ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ, ୩ଟି ସାମୂହିକ ଥିଲା। ୩ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୭ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ୨ ଜଣ ଭିନ୍ନକ୍ଷମଙ୍କୁ ଭତ୍ତା ଓ ଜଣେ ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ, ଜିଲା ପରିଷଦ ନିର୍ବାହୀ ଓ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ମାନେଶ୍ୱର ବିଡ଼ିଓ ଚିତ୍ତରଞ୍ଜନ ମଲ୍ଲିକ, ତହସିଲଦାର ବ୍ରଜକିଶୋର ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ସଂ. MD/CH/BBS/LP 251001A ତା.25.07.2025
**କାର୍ଯ୍ୟର ବିବରଣୀ :** ''ଦୈନିକ ଆବଶ୍ୟକତା ଅନୁଯାୟୀ କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଏବଂ CSP ହେଲ୍‌ଥ ୟୁନିଟ୍‌ର ଷ୍ଟକ୍‌ରେ ଉପଲବ୍ଧ ହେଉନଥିବା ଔଷଧ, ସର୍ଜିକାଲ୍ ଆଇଟମ୍ ଓ ବ୍ୟବହୃତ ସାମଗ୍ରୀଗୁଡ଼ିକର ଯୋଗାଣ କରିବା'' ।
**ବର୍ଷ 2024-25ରେ ଆନୁମାନିକ କ୍ରୟ ମୂଲ୍ୟ :** ₹ 65,00,000/-, EMD : ₹ 1,30,000/-, ଚୁକ୍ତିର ବୈଧତା : 2 ବର୍ଷ + 6 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 18.08.2025 (ସୋମବାର) 1500 ଘଟିକାରେ
ଆଶାୟୀ ବିକ୍ରେତା / ଔଷଧ ଦୋକାନୀମାନଙ୍କୁ IREPSରେ ପଞ୍ଜୀକରଣ କରିବା ଏବଂ ବିସ୍ତୃତ ବିବରଣୀ ନିମନ୍ତେ IREPSର ଟେଣ୍ଡର ସେକ୍ସନ ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି ।
ୱେବ୍‌ସାଇଟ୍ : www.ireps.gov.in
ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ/(ଷ୍ଟୋର)
PR-430/Q/25-26 କେନ୍ଦ୍ରୀୟ ହସ୍ପିଟାଲ, ଭୁବନେଶ୍ୱର

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
No.O-526
e-mail : serwsbd2003@yahoo.com
No. : 2757 / Date :31.07.2025
**e- Procurement Notice for Building works**
1. Name of the Work : Construction of Road Works - 03 Nos., Construction of Bridge Works - 04 Nos., Construction of Building Works - 09 Nos., 2. Class of Contractor : "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost : **Varies from Rs.109.78 Lakhs to Rs. 885.12 Lakhs (Approximately)**. 4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD - Online - 10/2025-26 | 08.08.2025 at 11.00 A.M. | 29.08.2025 up to 5.00 P.M. | 26.08.2025 up to 2.00 P.M. | 30.08.2025 at 11.00 A.M. | To be intimated separately |
| | CCERWCSBD - Online - 11/2025-26 | 08.08.2025 at 11.00 A.M. | 29.08.2025 up to 5.00 P.M. | 26.08.2025 up to 2.00 P.M. | 30.08.2025 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
Sd./- Chief Construction Engineer, Rural Works Circle, Sunabeda
OIPR-25182/11/0069/2526

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍: ୦୬୭୪-୨୫୪୬୧୬୮, ମୋ.: ୮୮୨୪୨୮୭୨୬୭/୮୭୨୩୦୮୧୦୪୨
**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଉତ୍ତମ ଭାବେ ନିର୍ମିତ ଏବଂ ପ୍ରସ୍ତୁତ ରହିଥିବା ହଲ୍ ଟାଇପର ଅଫିସ୍ ଗୃହ ସମସ୍ତ ସୁବିଧା ସହିତ ଯଥେଷ୍ଟ ପାୱାର ସପ୍ଲାଏ ଓ ଉତ୍ତମ ଫ୍ରଣ୍ଟେଜ୍ ଓ ପର୍ଯ୍ୟାପ୍ତ ପାର୍କିଂର ସ୍ଥାନ ସହିତ ତଳ ମହଲା / ପ୍ରଥମ ମହଲା, ନିମ୍ନଲିଖିତ ସ୍ଥାନରେ ଶାଖା ପାଇଁ ବ୍ୟବସାୟିକ ଲିଜ୍ ଭିତ୍ତିକ ଗୃହ ଆବଶ୍ୟକ କରୁଅଛି। ପ୍ରସ୍ତାବିତ ଗୃହଟିର ବୈଧାନିକ କର୍ତ୍ତୃପକ୍ଷଙ୍କ ଠାରୁ ସମସ୍ତ କ୍ଲିଅରାନ୍ସ ସାର୍ଟିଫିକେଟ ଥିବ ଓ ଉକ୍ତ ଗୃହକୁ ୩୦ଦିନ ମଧ୍ୟରେ ଦଖଲ ପାଇଁ ପ୍ରସ୍ତୁତ ହୋଇପାରୁଥିବା ଆବଶ୍ୟକ। ନିମ୍ନଲିଖିତ ସ୍ଥାନର ଆଗ୍ରହୀ ଗୃହ ମାଲିକମାନେ ସେମାନଙ୍କର ପ୍ରସ୍ତାବଗୁଡ଼ିକ ଧାର୍ଯ୍ୟ ଫର୍ମାଟ ଅନୁଯାୟୀ ୨ଟି ପୃଥକ ମୁଦ ଲଫାପାରେ, ଗୋଟିକରେ ବୈଷୟିକ ବିଡ୍ ଏବଂ ଅନ୍ୟ ଗୋଟିକରେ ଆର୍ଥିକ ବିଡ୍ ତତ୍‌ସହିତ ସ୍ଥାନ ଓ ଜିଲ୍ଲାର ନାମ ଉଲ୍ଲେଖ କରି ଦାଖଲ କରିବେ। ଉକ୍ତ ଧାର୍ଯ୍ୟ ଫର୍ମାଟ ବ୍ୟାଙ୍କର ୱେବସାଇଟ୍ **www.iob.in-Tender** ରେ ଉପଲବ୍ଧ କିମ୍ବା ଉପରୋକ୍ତ କାର୍ଯ୍ୟାଳୟରୁ ନେଇପାରିବେ।

| କ୍ର. ନଂ. | ସ୍ଥାନ | ଜିଲ୍ଲା | ଆବଶ୍ୟକ କାର୍ପେଟ ଏରିଆ (ବର୍ଗଫୁଟରେ) |
|---|---|---|---|
| ୧. | ନଳାଙ୍ଗ, ଗ୍ରାମ ଏବଂ ପୋ: ଭଦ୍ରକ, ପିନ୍-୭୫୬୧୦୦ | ଭଦ୍ରକ | ୧୬୦୦ (ଏଟିଏମ୍ ସ୍ଥାନ ସହିତ) |
| ୨. | ଆଖଣ୍ଡଳମଣୀ, ସା/ପୋ: ଆରଡି, ପିନ୍-୭୫୬୧୩୫ | ଭଦ୍ରକ | ୧୬୦୦ (ଏଟିଏମ୍ ସ୍ଥାନ ସହିତ) |

ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ପ୍ରସ୍ତାବଗୁଡ଼ିକ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଉପରୋକ୍ତ ଠିକଣାରେ **ତା.୨୧.୦୮.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ଖାରଜ କରିବାର ଅଖଣ୍ଡ କ୍ଷମତା ସଂରକ୍ଷିତ ରଖିଛନ୍ତି।
ତାରିଖ: ୦୫.୦୮.୨୦୨୫ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

# କାଉ ମଡ଼କ, ଅନୁଗୋଳରେ ବାର୍ଡଫ୍ଲୁ ଆଶଙ୍କା

## କୁକୁଡ଼ାଠାରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଗଲା

ଅନୁଗୋଳ,୪।୮ (ମାନସ ବିଶ୍ୱାଳ) ଅନୁଗୋଳ ସହରରେ କାଉ ମଡ଼କ ଦେଖାଦେଇଥିବାରୁ ବାର୍ଡଫ୍ଲୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫଳରେ କୁକୁଡ଼ା ଫାର୍ମ ମାଲିକମାନେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରାଣୀଧନ ବିଭାଗ ପକ୍ଷରୁ ବିଭିନ୍ନ କୁକୁଡ଼ା ଫାର୍ମରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସୂଚନା ଅନୁଯାୟୀ, ଅନୁଗୋଳ ସହରର ହେମସୁରପଡ଼ା, ନାଖରାସାହି, ସରକାରୀ ମେଡିକାଲ ପରିସରରେ କିଛିଦିନ ହେଲା କାଉମଡ଼କ ଦେଖାଯାଇଥିଲା। ପ୍ରାୟ ପନ୍ଦରରୁ କୋଡ଼ିଏ କାଉ ମରିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପ୍ରାଣୀଧନ ଚିକିତ୍ସକମାନେ ମୃତ କାଉଙ୍କୁ ଏକତ୍ର କରି ଗାତ ଖୋଳି ପୋତି ଦେଇଥିଲେ। ତେବେ ବାର୍ଡ ଫ୍ଲୁ ସନ୍ଦେହକୁ ନଜରରେ ରଖି ବିଭିନ୍ନ ଅଞ୍ଚଳର କୁକୁଡ଼ା ଫାର୍ମରୁ ୧୮ ଗୋଟି ସ୍ୱାବ୍ ସଂଗ୍ରହ କରାଯାଇ ଆନିମଲ୍ ଡିଜିଜ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫୁଲନଖରାକୁ ପଠାଇ ଦିଆଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନୀରୋଦ ଦାସ କହିଛନ୍ତି, ପରିସ୍ଥିତି ଉପରେ ନଜର ରଖାଯାଇଛି। ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ୭ ଦିନ ପରେ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ। ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି।

**ଦ.ପୂ. ରେଳପଥ – ଟେଣ୍ଡର**
**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୪ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ, ଟେଣ୍ଡର ନଂ. ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନ ଅନୁଯାୟୀ ଅଟେ: (୧) ଇ-କେଜିପି-ୱେଷ୍ଟ-୨୯-୨୦୨୫, ଏଡିଇଏନ୍/ଝାଡ଼ଗ୍ରାମଙ୍କ ଅଧୀନରେ ଏସ୍‌ଏସ୍‌ଇ (ପି.ୱେ) ଲାଗି ଲୋକ ଓ ସାମଗ୍ରୀ ପରିବହନ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ୧୫ ମାସ ଲାଗି ୦୪ଟନ୍ କ୍ଷମତାର ଟ୍ରକ୍ ଏବଂ ୯୦ ଦିନ ଲାଗି ୧୦ ଟନ୍ କ୍ଷମତାର ଟ୍ରକ୍ ଭଡ଼ାସୂତ୍ରରେ ନେବା । **ଟେଣ୍ଡର ମୂଲ୍ୟ:** ₹୧୨,୬୯,୭୬୭.୧୦ । **ଅମାନତ ରାଶି:** ₹୨୫,୪୦୦/-। (୨) ଇ-କେଜିପି-ୱେଷ୍ଟ-୩୦-୨୦୨୫, ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମପୁରା-ଗୋକୁଲପୁର ସେକ୍ସନରେ ଏଲ୍‌ସି ନଂ. କେୱାଇ-୧୨ର ଇଣ୍ଟରଲକିଂ ସମ୍ବନ୍ଧନରେ ୦୧ ଗୋଟି ଗେଟ୍ ଗୁମ୍ଟିର ନିର୍ମାଣ (ଯାହା ୪.୨ ମି. x ୩.୧ ମି., ୩.୨ ମି. x ୩.୧ ମି. ଏବଂ ୨.୫ ମି. x ୩.୧ ମି. ଆକାରର ୩ଟି ରୁମ୍ ସମ୍ବଳିତ ହେବ) । **ଟେଣ୍ଡର ମୂଲ୍ୟ:** ₹୧୮,୪୨,୩୨୫.୦୮ । **ଅମାନତ ରାଶି:** ₹୩୬,୯୦୦/-। (୩) ଇ-କେଜିପି-ୱେଷ୍ଟ-୩୧-୨୦୨୫, ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁରଠାରେ ବିଭିନ୍ନ ବିଦ୍ୟମାନ ସର୍ଭିସ୍ ବିଲ୍ଡିଂଗୁଡ଼ିକର ନବୀକରଣ ଓ ମରାମତି । **ଟେଣ୍ଡର ମୂଲ୍ୟ:** ₹୨,୪୭,୩୯,୨୨୫.୦୫ । **ଅମାନତ ରାଶି:** ₹୨,୭୩,୭୦୦/-। (୪) ଇ-କେଜିପି-ୱେଷ୍ଟ-୩୨-୨୦୨୫, ଏଡିଇଏନ୍/ୱେଷ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଷ୍ଟେଶନର ଯାତ୍ରୀ ସୁଖସୁବିଧା ଭିତ୍ତିଭୂମିର ନବୀକରଣ ଓ ମରାମତି । **ଟେଣ୍ଡର ମୂଲ୍ୟ:** ₹୨,୪୫,୮୮,୩୫୯.୫୬ । **ଅମାନତ ରାଶି:** ₹୨,୭୩,୦୦୦/-। (୫) ଇ-କେଜିପି-ୱେଷ୍ଟ-୩୩-୨୦୨୫, ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଆଧୁନିକୀକରଣ/ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୫୩,୫୩,୪୭୦.୧୦ । **ଅମାନତ ରାଶି:** ₹୨,୭୬,୮୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୨୧।୦୮।୨୦୨୫ରିଖ ଏବଂ କ୍ର.ସଂ. ୫ ପାଇଁ ତା୨୫।୦୮।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ ମାସ, କ୍ର.ସଂ. ୨ ପାଇଁ ୦୬ ମାସ ଏବଂ କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ ୧୮ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ରୁ ୪ ପାଇଁ ତା୦୭।୦୮।୨୦୨୫ରିଖରୁ ତା୨୧।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ସଂ. ୫ ପାଇଁ ତା୧୧।୦୮।୨୦୨୫ରିଖରୁ ତା୨୫।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **"www.ireps.gov.in"** ପରିଦର୍ଶନ କରିପାରନ୍ତି । (PR-472)

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ପାରାଦୀପ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ପାରାଦୀପ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଦୀନବନ୍ଧୁ ପାତ୍ର, ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୨) ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ୩) ଶ୍ରୀମତୀ ପ୍ରମିଳା ପାତ୍ର, ୪) ଶ୍ରୀମତୀ ପ୍ରଜ୍ଞା ପରମିତା ସିଂ, ସମସ୍ତଙ୍କ ଠିକଣା-୧: ଏମ୍ଆଇଭି-୩୧, ମଧୁବନ, ପାରାଦୀପ, ଜଗତ୍‌ସିଂହପୁର, ପିନ୍ - ୭୫୪୧୪୨, ଠିକଣା-୨: ଫ୍ଲାଟ୍ ନଂ.: ୩୦୧, ୨ୟ ମହଲା, ଅଞ୍ଜଳି ନିବାସ, ରବି ଟକିଜ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର - ୭୫୧୦୦୨, ଠିକଣା-୩: ଫ୍ଲାଟ୍ ନଂ.: ୩୦୧, ଏ-ବ୍ଲକ୍, ଗେଟ୍ ନଂ.: ୩, ଏନ୍‌ବିସିସି ଇମେରିଆ, ଗଜପତି ନଗର, ଭୁବନେଶ୍ୱର - ୭୫୧୦୧୩ | ୨୯.୦୪.୨୦୨୫ ସୁଦ୍ଧା ଟ.୩୮,୬୬,୫୪୦.୭୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୨.୦୮.୨୦୨୫ | ଶ୍ରୀ ଦୀନବନ୍ଧୁ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍-୩୫ ବରଗଡ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୯୪/୧୮୧୩, ପ୍ଲଟ୍ ନଂ.: ୪୩୩୨, ଫ୍ଲାଟ୍ ନଂ.: ୩୦୧, ଅଞ୍ଜଳି ନିବାସ, କ୍ଷେତ୍ର: ଏକର ୦.୦୧୮ ଡିସିମିଲି ସହିତ ୧୬୯୦ ବର୍ଗଫୁଟର ସୁପର ବିଲ୍ଟ ଅପ୍ ଏରିଆ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୮୩୭, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୪୩୩୦ ଏବଂ ୪୩୩୧, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୪.୦୮.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**କାନାରା ବ୍ୟାଙ୍କ Canara Bank** ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧
**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**
ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | କେନ୍ଦ୍ରାପଡ଼ା-୨ ଶାଖା (୧୮୦୨୮) / ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଆଲିସାନ ଏଜେନ୍ସି, ସ୍ୱତ୍ୱାଧିକାରୀ: ସେକ୍ ଅଲ୍ଲିଜାନ, ରସୁଲବାଦ, ମସଜିଦ ନିକଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଋଣଗ୍ରହୀତା ଏବଂ ବନ୍ଧକଦାତା: ସେକ୍ ଅଲ୍ଲିଜାନ, ପିତା: ୰ ସେକ୍ ଖୈର ମହମ୍ମଦ, ମୌଜା: ବଡହାଟ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ / ଜାମିନ୍‌ଦାର: ସେକ୍ ସାହିଦଉଲ୍ଲା, ପିତା: ସେକ୍ ଅସଦଉଲ୍ଲା, ସା: ଫକୀରାବାଦ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୧ | ସେକ୍ ଅଲ୍ଲିଜାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୩, ପ୍ଲଟ୍ ନଂ.: ୧୦୮୫, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ଖାତା ନଂ.: ୨୯୯/୨୭୯, ପ୍ଲଟ୍ ନଂ.: ୧୦୮୫/୨୦୫୭, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୫୦ଡିସିମିଲି ଯଥା ୨୧୭୮.୦୦ ବର୍ଗଫୁଟ, କିସମ: ଘରବାରି, ମୌଜା: ବଡହାଟ, ଥାନା: କେନ୍ଦ୍ରାପଡ଼ା ଟାଉନ୍ ନଂ. ୨୪୧, ତହସିଲ: କେନ୍ଦ୍ରାପଡ଼ା ନଂ. ୨୪୧, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୦୮୩, ଦକ୍ଷିଣ: ପ୍ଲଟ୍ ନଂ. ୧୦୭୯, ୧୦୭୯/୨୦୧୦ ଏବଂ ୧୦୮୦, ପୂର୍ବ: ପ୍ଲଟ୍ ନଂ. ୧୫୯୮, ପଶ୍ଚିମ: ବ୍ୟକ୍ତିଗତ ରାସ୍ତା | ୨୧.୦୫.୨୦୨୫ / ୦୨.୦୮.୨୦୨୫ / ୦୪.୦୮.୨୦୨୫ / ୦୪.୦୮.୨୦୨୫ ସୁଦ୍ଧା ଟ.୨୭,୨୫,୩୩୩.୩୬ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଅସେଟ୍ସ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି । ଏତଦ୍ୱାରା ଆପଣଙ୍କୁ **୩୦ ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ । ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮)ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ ।
ତାରିଖ: ୦୪.୦୮.୨୦୨୫, ସ୍ଥାନ: କଟକ କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

Khadi India
**खादी और ग्रामोद्योग आयोग**
**KHADI AND VILLAGE INDUSTRIES COMMISSION**
सूक्ष्म, लघु और मध्यम उद्यम मंत्रालय, भारत सरकार / Ministry of MSME, Govt. of India
राज्य कार्यालय, भुवनेश्वर / State Office, Bhubaneswar
No.OSO/KVIC/Legal/Advt./2025-26 Date: 4th August, 2025
**ସତର୍କତା ସୂଚନା**
ଆମେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (KVIC), ସଂସଦର ଆଇନ (1956 ର ନଂ. 61, 1987 ର ନଂ.12 ଓ 2006 ର ନଂ.10 ଦ୍ୱାରା ସଂଶୋଧିତ) ଅନୁଯାୟୀ ପଞ୍ଜୀକୃତ ଏକ ବୈଧାନିକ ସଂସ୍ଥା, ଯାହାର ମୁଖ୍ୟ କାର୍ଯ୍ୟାଳୟ ଗ୍ରାମୋଦୟ, ୩, ଇର୍ଲା ରୋଡ, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ-400 056, ଭାରତ ଓ ରାଜ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଓଡ଼ିଶା ଠାରେ ଅବସ୍ଥିତ।
ଏତଦ୍ୱାରା ସର୍ବସାଧାରଣ ଓ ଅନ୍ୟ ବ୍ୟକ୍ତିଙ୍କୁ ସୂଚିତ କରାଯାଉଛି ଯେ, KVIC ଖଦି ଓ ଗ୍ରାମୋଦ୍ୟୋଗ କାର୍ଯ୍ୟକ୍ରମ/କାର୍ଯ୍ୟକଳାପ ପାଇଁ ସୋସାଇଟି (Society) ଓ ଚାରିଟେବଲ ଟ୍ରଷ୍ଟ (Charitable Trust)ମାନଙ୍କୁ (ସାଧାରଣତଃ "ଖଦି ଅନୁଷ୍ଠାନ" ନାମରେ ପରିଚିତ) ସେମାନଙ୍କ ସ୍ଥାବର ସମ୍ପତ୍ତି KVIC ପାଖରେ ବନ୍ଧକ ରଖିବା ବଦଳରେ ଆର୍ଥିକ ଓ ବୈଷୟିକ ସହାୟତା ପ୍ରଦାନ କରେ। କେବଳ ଦାତବ୍ୟ ଉଦ୍ଦେଶ୍ୟରେ ଜମି ପ୍ରଦାନ କରାଯାଇ ନାହିଁ, ବରଂ ସରକାରୀ ପାଣ୍ଠିରୁ ବର୍ଷ ବର୍ଷ ଧରି ଅନେକ କଲ୍ୟାଣକାରୀ ସହାୟତା ପ୍ରଦାନ କରାଯାଇଛି, ଯାହା ନିଜ ଦେଶ/ରାଜ୍ୟର କରଦାତାଙ୍କ ରାଜସ୍ୱ ଭଣ୍ଡାର। ତେଣୁ, ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା KVIC, ନିର୍ଦ୍ଦିଷ୍ଟ ଉପଯୋଗ ପାଇଁ ବନ୍ଧକ ରଖିଥିବା ଏହି ସମ୍ପତ୍ତି ଉପରେ ଅଧିକାର ରଖେ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ, ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତିକୁ KVIC ର ଲିଖିତ ଅନୁମତି ବିନା କିଣା ବା ଲିଜରେ ନେବା ଉଚିତ ନୁହେଁ। KVIC ର ଲିଖିତ ଅନୁମତି ନ ନେଇ ଖଦି ଅନୁଷ୍ଠାନମାନଙ୍କ ସମ୍ପତ୍ତି କିଣୁଥିବା ବ୍ୟକ୍ତି ଭବିଷ୍ୟତରେ ଆଇନଗତ ସମସ୍ୟା ନିମନ୍ତେ ନିଜେ ଉତ୍ତରଦାୟୀ ରହିବେ।
ଯଦି କେହି ଏପରି ଅନୁଚିତ କାର୍ଯ୍ୟ ବିଷୟରେ ଜାଣିପାରନ୍ତି, ତେବେ ସେମାନଙ୍କୁ KVIC ଓ ସମ୍ପୃକ୍ତ ନ୍ୟାୟିକ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ସୂଚିତ କରିବାକୁ ଅନୁରୋଧ କରାଯାଉଛି।
**ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ**
ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ, ଭାରତ ସରକାର
ରାଜ୍ୟ କାର୍ଯ୍ୟାଳୟ
ଠିକଣା: ପ୍ଲଟ୍ ନଂ.J/16, ଭୀମପୁର, ଗଣ୍ଡମୁଣ୍ଡା, ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା-୭୫୧୦୩୦
ଇମେଲ୍ ଆଇଡି: sobhubaneshwar.kvic@gov.in, directorkvicbbsr@gmail.com
କାର୍ଯ୍ୟାଳୟ ନମ୍ବର: ୦୬୭୪-୨୩୫୧୧୩୧

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକଙ୍କ ଗୋଡ଼ କଟିଲା

**ଲାଞ୍ଜିଗଡ଼, ୪।୮ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଈପୁର ପଞ୍ଚାୟତ ହରେକୃଷ୍ଣପୁର ନିକଟ ଆମ୍ବଦଳାରୁ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ୍‌କୁ ଯାଉଥିବା ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ଗୋଡ଼ କଟିଯାଇଛି। ସୂଚନାନୁସାରେ ରବିବାର ରାତିରେ ଗାଈ ଖୋଜିବା ପାଇଁ ରେଳ ଧାରଣା ପାର ହେଉଥିବାବେଳେ ହରେକୃଷ୍ଣପୁର ଗ୍ରାମର ସମୀର ଧାଙ୍ଗଡ଼ା ମାଝୀଙ୍କୁ ଟ୍ରେନ୍ ଧକ୍କାଦେଇ ଘୋଷାଡି ନେବାରୁ ତାଙ୍କ ଡାହାଣ ଗୋଡ଼ର ଗୋଇଠି ଓ ବାମ ଗୋଡ଼ର ପାଦ ଛିଣ୍ଡି ଅଲଗା ହୋଇଯାଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରୁ ତାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ପରିବାର ଲୋକେ ବିଶାଖାପାଟଣା ଚିକିତ୍ସା ପାଇଁ ନେଇଥିବା ଲାଞ୍ଜିଗଡ ମେଡିକାଲ ଅଫିସର ଭବାନୀ ଶଙ୍କର ଲେଙ୍କା ପ୍ରକାଶ କରିଛନ୍ତି। ଏହାକୁ ନେଇ ହରେକୃଷ୍ଣପୁର ଗ୍ରାମବାସୀ ରେଳରୋକୋ କରିଥିଲେ। ଏପରି କି ସମୀରଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ସହ ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଅଡ଼ି ବସିଥିଲେ। ଖବର ପାଇ ରେଳବାଇ ପୋଲିସ ଓ ଲାଞ୍ଜିଗଡ଼ ପୋଲିସ ଟିମ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ଧାରଣ ପ୍ରତ୍ୟାହୃତ ହୋଇଥିବା ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି।

### ପ୍ରଦୀପ କଳାହାଣ୍ଡି ଜିଲା ବିଜେଡି ସଭାପତି

**ଭବାନୀପାଟଣା, ୪।୮ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ବିଜେଡି ସଭାପତି ଭାବେ ସୋମବାର ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ



କୁମାର ଦିଶାରୀ ମନୋନୀତ ହୋଇଛନ୍ତି। ଏ ନେଇ ଦଳର ସଭାପତି ନବୀନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ପ୍ରଦୀପ ଗତ ୨୦୧୯ ଓ ୨୦୨୪ରେ ଲାଞ୍ଜିଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଦଳର ସଙ୍ଗଠନକୁ ମଜଭୁତ କରିବା ସହ ଭାଜପା ସରକାରଙ୍କ ବିଭିନ୍ନ ଅବହେଳାକୁ ନେଇ ସ୍ୱର ଉତ୍ତୋଳନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା
### ପ୍ରଧାନଶିକ୍ଷକ ପ୍ରଶାନ୍ତ ଖମାରୀ ନିଲମ୍ବିତ

**ଭବାନୀପାଟଣା, ୪।୮ (ଉତ୍ତମ କୁମାର ଦାଶ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗତ ଗୁରୁବାର କଳାହାଣ୍ଡି



ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଖମାରୀଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଘଟଣାରେ ପ୍ରଧାନ ଶିକ୍ଷକ ଖମାରୀଙ୍କୁ ସୋମବାର ପତ୍ର ସଂଖ୍ୟା (୩୬୯୦/୩୦।୭।୨୫) ଅନୁଯାୟୀ ନିଲମ୍ବିତ କରାଯାଇଥିବା ଭବାନୀପାଟଣା ବିଇଓ ଆଚାରି ଶବର ପ୍ରକାଶ କରିଛନ୍ତି।

# ସରକାରଙ୍କ ମାଗଣା ବିହନ ଅପହଞ୍ଚ

**ଭବାନୀପାଟଣା, ୪।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଚାଷୀମାନେ କିଭଳି ଧାନ ସହ ଅନ୍ୟାନ୍ୟ ଡାଲିଜାତୀୟ ଶସ୍ୟ ଚାଷ କରିପାରିବେ ସେଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ବିରି ଓ ହରଡ ଡାଲି ବିହନ ବଣ୍ଟନ ଆରମ୍ଭ ହୋଇଛି। ଜିଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ତରରେ ଏହି ବିହନ ବଣ୍ଟନ ବ୍ୟବସ୍ଥା ରହିଛି । ହେଲେ କେତେକ ଅଞ୍ଚଳରେ ଏଥିରେ ଅନିୟମିତତା ସାମ୍ନାକୁ ଆସିଛି। ଧର୍ମଗଡ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତରୁ ଏପରି ସଙ୍ଗିନ ଅଭିଯୋଗ ଆସିଛି। ଏଠାରେ ଚାଷୀମାନେ ମାଗଣା ବିହନ ପାଇବାରୁ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ଏହି ପଞ୍ଚାୟତରେ ମେରଘରା, ବ୍ରାହ୍ମଣଛେଣ୍ଡିଆ, ଚିଲିଚିଲା, ଥନଟ ଭଳି ଗାଁ ରହିଥିବା ବେଳେ କାଁ ଭାଁ ଚାଷୀଙ୍କୁ ଛାଡିଦେଲେ ପ୍ରକୃତ ଚାଷୀଙ୍କ ପାଖରେ ଏହି ସରକାରୀ ବିହନ ପହଞ୍ଚି ନ ଥିବା ଅଭିଯୋଗ ଆଣିଛନ୍ତି ଚାଷୀ ଶାନ୍ତନୁ ମୁଣ୍ଡ, ରମଣୀ ମୁଣ୍ଡ। ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଭିଏଡବ୍ଲ୍ୟୁ (ଗ୍ରାମ୍ୟ



ଧର୍ମଗଡ଼ରେ ଥିବା ସରକାରୀ ବିହନ କେନ୍ଦ୍ର।

- ଚାଷୀ ମହଲରେ ଉଦ୍‌ବେଗ
- ଜିଲାକୁ ଆସିଛି ୨୯ ହଜାର ବିରି, ହରଡ ଡାଲି ବିହନ ପ୍ୟାକେଟ

କୃଷି କର୍ମଚାରୀ) ଅବଗତ କରାଇ ନ ଥିବାରୁ ସେମାନେ ଏହି ଯୋଜନାର ଲାଭ ଉଠାଇପାରୁ ନ ଥିବା ପ୍ରକାଶ କରିଛନ୍ତି। ଏପରି କି ଗତବର୍ଷ ମଧ୍ୟ ଏହି ସବୁ ମାଗଣା ବିହନ ପାଇ ନ ଥିବା ଚାଷୀ ନୟନ ବାଗ, ଶଙ୍ଖନାଦ ବାଗ ପ୍ରକାଶ କରିଛନ୍ତି।

କଳାହାଣ୍ଡି ଜିଲାରେ ଚଳିତ ଥର ବିରି ଡାଲି ବିହନ ୧୯ ହଜାର ପ୍ୟାକେଟ ଓ ହରଡ ଡାଲି ବିହନ ୧୦ ହଜାର ପ୍ୟାକେଟ ଆସିଥିବା ଜଣାପଡିଛି। ପ୍ରତ୍ୟେକ ବିହନ କିଟ୍‌ରେ ଚାରି କିଲୋ ଲେଖାଏ ରହିଥିବା ଜଣାପଡିଛି। ଅଣ ଜଳସେଚିତ ଅଞ୍ଚଳ ତଥା ଆଁଟ ଜମିରେ ଚାଷୀମାନେ ଏହି ଚାଷ କରିଥାନ୍ତି। ଆଉ ଚାଷୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଏହି ମାଗଣା ବିହନ ବେଶ ସହାୟକ ହୋଇଥାଏ। ତେବେ ଗ୍ରାମାଞ୍ଚଳରେ ଚାଷୀମାନେ ମାଗଣା ବିହନ ବାବଦରେ ଅବଗତ ନ ଥିବା କୃଷି ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚାଷୀମାନେ କିଭଳି ଯୋଜନାର ଲାଭ ପାଇପାରିବେ ସେ ଉପରେ ପ୍ରୟାସ ଜାରି ରହିଥିବା ବେଳେ ତଳ ସ୍ତରରେ ଥିବା କିଛି ଅସାଧୁ କର୍ମଚାରୀଙ୍କ ପାଇଁ ପ୍ରକୃତ ଚାଷୀ ପାଖରେ ଯୋଜନା ପହଞ୍ଚିପାରୁନାହିଁ, ଯାହା ବିଡମ୍ବନାର ବିଷୟ ବୋଲି ପ୍ରକାଶ କରିଛନ୍ତି ଜିଲାର କିଛି ବରିଷ୍ଠ ଚାଷୀ ନେତା। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ଼ କୃଷି ଜିଲା ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଚାଷୀମାନେ ମାଗଣା ବିହନ ପାଇ ନ ଥିବା ଘଟଣାକୁ ସ୍ୱୀକାର କରିବା ସହ ଯେଉଁମାନେ ଚଳିତଥର ବଞ୍ଚିତ ଅଛନ୍ତି ଆର ଥରକୁ ପାଇବେ ବୋଲି ପ୍ରକାଶ କରିଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କେନାଲ ଚାଷୀଙ୍କୁ ବରଦାନ

**ଗୋଲାମୁଣ୍ଡା, ୪।୮ (ବଟକୃଷ୍ଣ ପଣ୍ଡା)**

ସାଧାରଣତଃ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଷ ଜମିକୁ ପାଣି ଯୋଗାଣ ପାଇଁ କେନାଲ ଖନନ ହେଉଛି। ହେଲେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍‌ର ଯେଉଁ ଜାଗାକୁ କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ପହଞ୍ଚାଇପାରି ନ ଥିଲା ସେଠାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କଂକ୍ରିଟ କେନାଲ କାମ ହୋଇପାରିଛି। ବର୍ତ୍ତମାନ ଏହି କେନାଲ ଦ୍ୱାରା ଚାଷୀମାନେ ନିଜ ଜମିରେ ପାଣି ମଡ଼ାଇପାରୁଥିବାରୁ ଏହା ଚାଷୀଙ୍କ ପାଇଁ ବରଦାନ ସାଜିଛି। ସୂଚନାକ୍ରମେ ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ କେଗାଁ ଅଞ୍ଚଳକୁ ଆସିଥିବା ବେଳେ ଚାଷୀମାନେ ତାଙ୍କୁ ଅଟକାଇ ପାଖରେ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ କେନାଲ ଥିଲେ ମଧ୍ୟ ଚାଷଜମିକୁ ପାଣି ମଡାଇବାକୁ ଅସମର୍ଥ ହେଉଥିବା କହିଥିଲେ। ଚାଷୀ ନିଜେ ନାଳ କରି ଜମିକୁ ପାଣି ମଡାଉଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ଅଭିଯୋଗ କରିଥିଲେ। ବ୍ଲକ ଅଧ୍ୟକ୍ଷ ମହାନନ୍ଦ ଏ ବିଷୟରେ ବିଡିଓ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଆଲୋଚନାକରି କିଭଳି ସମସ୍ୟା ସମାଧାନ ହେବ ସେ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତତ୍କାଳୀନ ବିଡିଓ ଜିଲା ପ୍ରଶାସନ ସହ ଆଲୋଚନାକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେନାଲ ବ୍ୟବସ୍ଥା କରିଥିଲେ। ଚଳିତ ଆର୍ଥିକ ବର୍ଷରେ ଏହି କେନାଲ କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବର୍ତ୍ତମାନ ଚାଷୀ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ କେନାଲରୁ ନିଜ ଚାଷଜମିକୁ ଜଳସେଚିତ କରିପାରୁଛି। ଏଥିପାଇଁ କେଗାଁର ଚାଷୀ ଧୈର୍ଯ୍ୟ ନାଏକ, ପୁନି ଚଣ୍ଡି, ଦଶରଥ ମାଝୀ, କଳାକୃଷ୍ଣ ଧଙ୍ଗଡାମାଝୀ, ଦୁଖୁ ପୂଜାରୀ, ଦୁଲ ଚଣ୍ଡି, ନୀଳମଣି ପୁଟେଲ, ପଙ୍କଜ ପୁଟେଲଙ୍କ ସମେତ ଶତାଧିକ ଚାଷୀ ବ୍ଲକ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ) ଏହି କେନାଲ ଦ୍ୱାରା କେଗାଁ ଗ୍ରାମପଞ୍ଚାୟତ ସମେତ ସିନାପାଲି ପଞ୍ଚାୟତର ଚାଷୀ ଉପକୃତ ହୋଇପାରୁଛନ୍ତି।

# ୧୨୨ ଅଭିଯୋଗ ପଞ୍ଜୀକରଣ

**ଭବାନୀପାଟଣା, ୪।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ସୋମବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଏସ୍‌ପି ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୨ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୯୯ଟି ବ୍ୟକ୍ତିଗତ ଓ ୧୭ଟି ସାମୂହିକ ରହିଥିବା ବେଳେ ୨୭ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା ଆଦି ଅଭିଯୋଗର ଶୁଣାଣି କରି



ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ଜିଲାପାଳ ଓ ଏସ୍‌ପି।

**ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର**

ତୁରନ୍ତ ସମାଧାନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେସ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଧର୍ମଗଡ଼ ଭାରପ୍ରାପ୍ତ ଉପଜିଲାପାଳ ଅଜୟ ପ୍ରକାଶ ତିର୍କୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାଏକ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

## ଯୁବକଙ୍କ ମୃତଦେହ ଜବତ

**କର୍ଲାମୁଣ୍ଡା/ରକ୍ଷିଡ଼ା, ୪।୮ (ପ୍ରଦୀପ କୁମାର ସାହୁ/ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲି କେନାଲ ପୋଲରୁ ସୋମବାର ଜଣେ ଯୁବକଙ୍କ ମୃତଦେହକୁ କର୍ଲାମୁଣ୍ଡା ଫାଣ୍ଡି ପୋଲିସ ଜବତ କରିଛି। ମୃତକ ହେଲେ କର୍ଲାମୁଣ୍ଡା ବସ୍ତିରେ ରହୁଥିବା ରାଜା ରାମ ନିଆଲ (୩୦)। ସୂଚନାକ୍ରମେ ରବିବାର ସନ୍ଧ୍ୟାରେ ରାଜା କୌଣସି କାମରେ ନିକଟସ୍ଥ ଗ୍ରାମ ଅଗାଧୁପୁର ଯାଇଥିଲେ। ସେଠାରୁ ଫେରିବା ସମୟରେ କେନାଲରେ ପଡ଼ି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ପ୍ରତ୍ୟୁଷରେ ରାଜାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହା ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ରାଜାଙ୍କ ସମ୍ପର୍କୀୟ ଶଳା ଚୁନୁ ନନ୍ଦ ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାଜାଙ୍କ ନିଜ ଘର କୋକସରା ବ୍ଲକ୍‌ର ଢୁଙ୍ଗୁରିଗୁଡ଼ା ଗ୍ରାମରେ। ୨୦୧୫ରେ ସେ କର୍ଲାମୁଣ୍ଡାରେ ବିବାହ କରି ପନିପରିବା ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ। ରାଜାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ୨ ଦୁଇ ଶିଶୁପୁତ୍ର ଅସହାୟ ହୋଇପଡ଼ିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

**କେସିଙ୍ଗା, ୪।୮ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ଆସନ୍ତା ୧୫ ତାରିଖରେ ପାଳନ ହେବାକୁ ଥିବା ସ୍ୱାଧୀନତା ଦିବସ ପାଇଁ ସୋମବାର ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନୃପରାଜ ଯାଦବ ଏଥିରେ ସଭାପତିତ୍ୱ କରିଥିଲେ। କିଭଳି ସୁରୁଖୁରୁରେ ଏହି ଦିବସ ପାଳନ କରାଯିବ ସେ ନେଇ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଆୟବ୍ୟୟ, ମଞ୍ଚ, ଲାଇଟ, ମାଇକ୍‌ସେଟ, ଟେଣ୍ଟ ଆଦି ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସହରର ସମସ୍ତ ଘରୋଇ ସ୍କୁଲ, କଲେଜ ଛାତ୍ରୀଛାତ୍ର କିଭଳି ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବେ ସେ ନେଇ ସିଟିଜେନ କମିଟି ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।ଏ ବୈଠକରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାରୀୟ, ଉପାଧ୍ୟକ୍ଷା ସରସ୍ୱତୀ ସାହାଙ୍କ ସମେତ ସମସ୍ତ କାଉନସିଲର, ସିଟିଜେନ କମିଟି ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ନିଖୋଜର ୬ଦିନ ପରେ ମିଳିଲା ବୃଦ୍ଧଙ୍କ ମୃତଦେହ

**ଲାଞ୍ଜିଗଡ଼, ୪।୮ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଲାଞ୍ଜି ପଞ୍ଚାୟତ କାଣ୍ଡାମା ଗାଁର ବୃଦ୍ଧ ରଘୁ ପାତ୍ରଙ୍କ ନିଖୋଜ ଘଟଣାର ୬ଦିନ ପରେ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ଅଭିଯୁକ୍ତମାନେ ହତ୍ୟା ପରେ ବୃଦ୍ଧଙ୍କ ମୃତଦେହକୁ ରେଳଧାରଣାରେ ଫିଙ୍ଗିଦେଇଥିଲେ। ସୂଚନାନୁସାରେ ଗତ ୩୦ ତାରିଖରେ ରଘୁ ଧାନଚାଷ ପାଇଁ ହଳଲଙ୍ଗଳ ଯୋଗାଡ଼ କରିବାକୁ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଇ ଘରକୁ ନ ଫେରି ନ ଥିଲେ। ଖୋଜାଖୋଜି କରି ନ ପାଇବାରୁ ୩୧ ତାରିଖରେ ରଘୁଙ୍କ ପୁଅ ମୁରଲୀ ପାତ୍ର ବିଶ୍ୱନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସର ତଦନ୍ତ ଆଗଉ ନ ଥିବାରୁ ଗାଁରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବରଙ୍କୁ ପଚାରିବାରୁ

**ହତ୍ୟା ପରେ ରେଳ ଧାରଣାରେ ଫିଙ୍ଗିଦେଇଥିଲେ**

ଗାଁକୁ ଯାଇ ତଦନ୍ତ କରିଛୁ, ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଗାଁ ନିକଟରେ ରକ୍ତଛିଟା ପଡିଥିବା ଜାଗା ଦେଖିଛୁ। ସୋମବାର ଫରେନସିକ ଟିମ୍ ଆସି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପ୍ରକାଶ କରିଥିଲେ। ସୋମବାର ବିଶ୍ୱନାଥପୁର ଥାନାଧିକାରୀ ଶବର, କେସିଙ୍ଗା ଏସଡ଼ିପିଓ ସନ୍ଦୀପ କୁମାର ମାଝୀ, ଫରେନସିକ ସାଇଣ୍ଟିଫିକ ଟିମ୍‌ର ପୁଷ୍ପାଞ୍ଜଳି ତାଣ୍ଡି, ସନ୍ଧାନୀ କୁକୁର ସହଯୋଗରେ ତଦନ୍ତ କରିଥିଲେ। ଥାନାଧିକାରୀ ଶବରଙ୍କ କହିବା ଅନୁଯାୟୀ ତଦନ୍ତ ପରେ ଉକ୍ତ ଗ୍ରାମର ସୁଶାନ୍ତ ହରିଜନ(୨୫), ନରେଶ ଦୋରା (୩୦) ଓ ପ୍ରଦୀପ ନାଏକ(୩୦)ଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲୁ। ତିନିଜଣଙ୍କୁ ଜେରା କରିବା ପରେ ବୃଦ୍ଧ ରଘୁଙ୍କୁ ମାରି ରାୟଗଡା ଜିଲା ଆମ୍ବାଦୋଳାଠାରୁ ଦହିଖାଲକୁ ସଂଯୋଗ କରୁଥିବା ମଞ୍ଜୁରକୁପା ନିକଟ ରେଳଧାରଣାରେ ଫୋପାଡିଥିବା ସ୍ୱୀକାର କରିଥିଲେ। ଗତ ୩୦ ତାରିଖ ରାତିରେ ହତ୍ୟାକରି ରେଳଧାରଣାରେ ପକାଇଥିବା ବେଳେ ୩୧ରେ ଆମ୍ବାଦୋଳା ରେଳବାଇ ପୋଲିସ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ରାୟଗଡା ଡାକ୍ତରଖାନାକୁ ନେଇଥିଲା। ସୋମବାର ବିଶ୍ୱନାଥପୁର ପୋଲିସ ଆମ୍ବାଦୋଳା ରେଳବାଇ ପୋଲିସ ସହିତ ଯୋଗାଯୋଗ କରି ପରିବାର ଲୋକଙ୍କ ସହିତ ରାୟଗଡ଼ା ଯାଇ ଶବ ଜବତ କରିବା ସହିତ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ହତ୍ୟାର କାରଣ ଜାଣିବା ପାଇଁ ୩ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଥିବା ଥାନାଧିକାରୀ ଶବର ପ୍ରକାଶ କରିଛନ୍ତି ।

## ବାନରସେନା ମଞ୍ଚ ପକ୍ଷରୁ ଭଣ୍ଡାରା କାର୍ଯ୍ୟକ୍ରମ

**ନୂଆପଡ଼ା, ୪।୮ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ବୃନ୍ଦିକୋମନା ପାତାଳେଶ୍ୱର ଶିବ ମନ୍ଦିରଠାରେ ସୋମବାର ବାନର ସେନା ମଞ୍ଚ ପକ୍ଷରୁ ଭଣ୍ଡାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଶେଷଦେବ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ସତ୍ୟବ୍ରତ ବରାଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

# ୧୧ରୁ ସମୂହ ଛୁଟିରେ ରହିବ ରାଜସ୍ୱ ଅମଲା ସଂଘ

**ନୂଆପଡା, ୪।୮ (ମକାରୁ ବେମାଲ)**

ରାଜସ୍ୱ ଅମଲା ସଂଘ ବିଭିନ୍ନ ସମସ୍ୟା ସମାଧାନ ନେଇ ଦାବି କରିଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆସନ୍ତା ୧୧ରୁ ଅନିର୍ଦ୍ଦିଷ୍ଟ କାଳ ସମୂହ ଛୁଟିରେ ଯିବେ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏ ନେଇ ଅଗଷ୍ଟ ୮ରେ ନିଜ କାର୍ଯ୍ୟାଳୟ ଅଧିକାରୀଙ୍କୁ ଦରଖାସ୍ତ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘ ଆଭାସୀ ଜରିଆରେ ବିଭିନ୍ନ ଜିଲାର ସଂଘ କର୍ମକର୍ତ୍ତାଙ୍କ ସହିତ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ଜିଲା ସଂଘ ପକ୍ଷରୁ ଜୁନ ୨୫ରେ ୧୦ଦଫା ଦାବି ନେଇ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହିସବୁ ଦାବିକୁ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇ କ୍ୟାଡର ପୁନର୍ଗଠନ ଓ ଓଡିଶା ରାଜସ୍ୱ ସେବାରେ ରାଜସ୍ୱ ଅମଲାଙ୍କ ଶତପ୍ରତିଶତ ପଦୋନ୍ନତି ନିମନ୍ତେ ସୁଯୋଗ ଉପଲବ୍ଧ ନିର୍ଦ୍ଦେଶ ନାମା ୧୫ ଦିନ ମଧ୍ୟରେ ପ୍ରକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ମାସେ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ରାଜସ୍ୱ ଅମଲା ସଂଘ ନୂଆପଡା ତ୍ରିଲୋଚନ ରଥ, ମନୋଜ କୁମାର ମହାରଣା, ମୋହନ ବାଗ, ମଦନ ସୁନ୍ଦର ସାହୁ, ଲକ୍ଷ୍ମୀ ବାଗ, ଗୀତା ବେହେରା, ବୁଧୁରାମ ନାଏକ, ବିରଞ୍ଚି ନାରାୟଣ ନାଏକ, ପ୍ରବୀଣ କୁମାର ସାହୁ, ମମତା ଶବର ଉପସ୍ଥିତ ଥିଲେ।

# ମୀନା କୁମାରୀ ମୁଣ୍ଡଙ୍କ ପ୍ରଥମ ପ୍ରବନ୍ଧ ସଂକଳନ 'ଅନ୍ଧପୁତୁଳି' ଲୋକାର୍ପିତ

**ଜୟପାଟଣା, ୪।୮ (ଓମ୍ ପ୍ରକାଶ ବୈଠାରୁ)**

ସୋମବାର ଜୟପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମୀନା କୁମାରୀ ମୁଣ୍ଡଙ୍କ ପ୍ରବନ୍ଧ ସଂକଳନ 'ଅନ୍ଧପୁତୁଳି' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ପୂର୍ଣ୍ଣାନନ୍ଦ ପୁରୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପକ ଲିଙ୍ଗରାଜ ପାତ୍ର, ଖବରଦାତା ଶେଷଦେବ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ସୁଶାନ୍ତ କୁମାର ଲେଙ୍କା, ସାହିତ୍ୟିକ ତଥା ନାଟ୍ୟକାର ସୋହନଲାଲ ଅଗ୍ରୱାଲ, ଲେଖିକା ମୀନା କୁମାରୀ ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ବଙ୍କିମ ମୁଣ୍ଡ ପୁସ୍ତକ ସମୀକ୍ଷା କରିଥିଲେ। ସାହିତ୍ୟିକ ପ୍ରଶାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବକବି ଆଶୁତୋଷ ପୁରୋହିତ ମଞ୍ଚ ପରିଚାଳନା କରିଥିବାବେଳେ ବ୍ୟଙ୍ଗକବି ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କବି ଝରଣା ପାଢ଼ୀ ଶାନ୍ତିପାଠ କରିଥିଲେ। ଏଥିରେ କବି କାଜଲ ମହାରଣା, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିଶ୍ୱ ଜୀବନ ପାଢୀଙ୍କ ସହ ଅନୁଷ୍ଠାନର ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ।




ପ୍ରବନ୍ଧ ସଂକଳନ ଲୋକାର୍ପଣ କରାଯାଉଛି।

# ଶିକ୍ଷକ ବଦଳି ନେଇ ସ୍କୁଲରେ ତାଲା

**ନୂଆପଡ଼ା, ୪।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ କୁରୁମପୁରି ପଞ୍ଚାୟତ ଦଳଦଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ନେଇ ସୋମବାର ଅଭିଭାବକମାନେ ଗେଟ୍‌ରେ ତାଲା ପକାଇ ଛାତ୍ରୀଛାତ୍ରଙ୍କୁ ରାସ୍ତାରେ ବସାଇ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୨୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ଚଳିତ ଶିକ୍ଷକ ବଦଳି ପର୍ବରେ ୩ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଫଳରେ ଶିଶୁ ବାଟିକାକୁ ମିଶାଇ ୯ ଶ୍ରେଣୀରେ ୫ ଜଣ ଶିକ୍ଷକ କିଭଳି ଶିକ୍ଷାଦାନ କରିବେ ବୋଲି ଗ୍ରାମବାସୀ, ଅଭିଭାବକ ପ୍ରଶ୍ନକରି ଧାରଣା ଦେଇଥିଲେ। କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିତା ପଣ୍ଡା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ତାଣ୍ଡି ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ନିୟମ ଅନୁଯାୟୀ ବଦଳି ହୋଇଛି।



ଧାରଣାରେ ଛାତ୍ରୀଛାତ୍ର ଓ ଅଭିଭାବକ।

ଛାତ୍ରୀଛାତ୍ର ଓ ଶ୍ରେଣୀ ଅନୁପାତରେ ଶିକ୍ଷକ ଦିଆଯାଉଛି। ଆଉ ଜଣେ ଶିକ୍ଷକ ଦିଆଯିବ ବୋଲି କହିଥିଲେ ମଧ୍ୟ ଅଭିଭାବକମାନେ ୩ଜଣ ଶିକ୍ଷକ ଦେବାକୁ ଅଡିବସିଥିଲେ। ପରେ ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି, ବୈରବ ସାହୁ ଓ ସୁଧୀର ମିଶ୍ର ଧାରଣାସ୍ଥଳରୁ ଜିଲାପାଳଙ୍କୁ ଫୋନକରି ଜଣାଇବା ସହ ୩ ଜଣ ଶିକ୍ଷକ ଦିଆଯାଉ ବୋଲି ଦାବି କରିଥିଲେ । ଫୋନ ଯୋଗେ ଜିଲାପାଳ ୨ ଜଣ ଶିକ୍ଷକ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସ୍କୁଲରେ ୨୪ ଘଣ୍ଟା ଭିତରେ ୨ ଜଣ ଶିକ୍ଷକ ଯୋଗଦାନ ନ କଲେ ପୁଣି ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତ। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫିରୋଜ ଖାନ, ଶିବ ବାଗ, ଚୈତନ ମାଝି, ଡେବିଡ ସାହୁ, ନେହେରୁ ଲୋହାର, ନନ୍ଦୁ ମାଝି, ଫୁଲସିଂ ମାଝି, ଯଶୋଦା ମାଝି, ନନ୍ଦିନୀ ମାଝି, ପ୍ରଭୁଲାଲ ମାଝି ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### କେନ୍ଦୁକାଠ ବୋଝେଇ ପିକ୍‌ଅପ୍ ଜବତ

ପଦ୍ମପୁର,୪।୮(ପ୍ରଦୀପ୍ତ ଦାଶ): ପଦ୍ମପୁର ବନ ବିଭାଗ ଦ୍ୱାରା ରବିବାର ରାତିରେ ପଦ୍ମପୁର ପାଟନାଗଡ ରାସ୍ତା ଦହିତାଠାରେ ଏକ କେନ୍ଦୁ କାଠ ବୋଝେଇ ପିକଅପ ଗାଡି (ଓଆର ୦୫ଏଇ ୮୩୨୫)କୁ ଜବତ କରାଯାଇଛି। ଚଢ଼ାଉରେ ପଦ୍ମପୁର ରେଞ୍ଜର ରଣଜିତ ସିଂ ବାବୁ, ଫରେଷ୍ଟର ସରୋଜ କୁମାର ସାହୁ, ରାଧାକାନ୍ତ କୁମ୍ଭାର, ପଦ୍ମିନୀ ଭୋଇ ସମେତ ମନ ଟେଟୁଆ,ସୁଧାଂଶୁ ଶେଖର ଭଏସା, ତରଣୀ ଦାସ ପ୍ରମୁଖ ସାମିଲ ଥିଲେ ।

### ଶବ୍ଦ ପ୍ରଦୂଷଣକାରୀ ୬ ବାଇକ୍ ଜବତ



ପଦ୍ମପୁର ୪।୮(ପ୍ରଦୀପ୍ତ ଦାଶ): ପଦ୍ମପୁର ପୋଲିସ ସୋମବାର ଶବ୍ଦ ପ୍ରଦୂଷଣ କରୁଥିବା ୬ଟି ବାଇକ୍‌କୁ ଜବତ୍ କରିଛି। ଆରୋହୀମାନେ ସାଇଲେନ୍ସରକୁ ମୋଡିଫାଇଡ କରି ଏକ ଭିନ୍ନ ଶବ୍ଦ ଧ୍ୱନୀ ସୃଷ୍ଟି କରୁଥିଲେ। ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣଙ୍କ ସହ ରୋଗୀ, ଛାତ୍ରୀଛାତ୍ର, ବୃଦ୍ଧବୃଦ୍ଧାଙ୍କୁ ବିଶେଷ ଅସୁବିଧା ହେଉଥିଲା। ଏଥିପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏହି ବୁଲେଟ ଗୁଡିକୁ ଜବତ କରି ଚାଲାନ କଟାଯାଇଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭେଡେନ, ୪।୮(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଭେଡେନ ବ୍ଲକ ସହରାଟିକ୍ରା ସାଧନ କେନ୍ଦ୍ର ଅଧୀନ ବହଲପାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରୀକ୍ଷିତ ନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୁଷ୍ମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାଧନ କେନ୍ଦ୍ର ସଂଯୋଜକ ସୋମନାଥ ସାହୁ, ସୁରେନ୍ଦ୍ର ଭୋଇ, ଅଶୋକ ପ୍ରଧାନ ଓ ଭୋଜରାଜ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଲଳିତ ସାହୁ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ମନୀଷା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବହଲପାଲି ସଂସ୍କୃତ ହାଇସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଝାରବନ୍ଧ,୪।୮ (ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ତହସିଲଦାର ଅଲେଖ ଘୁଟା, ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ ବେହେରା, ବିଇଓ ଶୁଭମ କୁମାର ପତି, ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ କୁମାର କଣ୍ଡୁଲନା, ଏଏସ୍‌ଆଇ ଶଶିକାନ୍ତ ବାରିକ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା, ସମିତି ସଭ୍ୟ ଧନୁର୍ଜ୍ୟ ସିଦାର, ମାନଭଞ୍ଜନ ମିର୍ଦ୍ଧା ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ସରଳୀକରଣ ହୋଇନି ପଞ୍ଜୀକରଣ, ମିଳିନି କ୍ଷତିପୂରଣ

ବରଗଡ଼, ୪।୮(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲାପାଳଙ୍କୁ ଭେଡେନ କୃଷକ ସଂଗଠନ ଦାବିପତ୍ର ପ୍ରଦାନ କରୁଛି।

- ମନ୍ତ୍ରୀ-ଅଧିକାରୀଙ୍କ କଥାରେ ନାହିଁ ତାଳମେଳ
- ତେଜିଲା ଚାଷୀ ଅସନ୍ତୋଷ, ଜିଲାପାଳଙ୍କୁ ଫେରାଦ
- ଦାବି ସମୂହ ପୂରଣ ନ ହେଲେ ପୁଣି ଆନ୍ଦୋଳନ

ବରଗଡ଼ ଜିଲାରେ ପୁଣି ଚାଷୀ ଅସନ୍ତୋଷ ତେଜି ଉଠିଛି। ଖରିଫ ଧାନବିକ୍ରି ପଞ୍ଜୀକରଣ ବ୍ୟବସ୍ଥାରେ ଜଟିଳତା, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଇନ୍‌ପୁଟ ସବ୍‌ସିଡି ନ ମିଳିବା, ବୀମା କ୍ଷତିପୂରଣ ଅପହଞ୍ଚ ଆଦି ସମସ୍ୟାକୁ ନେଇ ଜିଲାର ଚାଷୀମାନେ ତାତି ଉଠିଛନ୍ତି। ସୋମବାର ଜିଲାର ଭେଡେନ କୃଷକ ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଉପରୋକ୍ତ ସମସ୍ୟା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ସହିତ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାନବିକ୍ରି ପଞ୍ଜୀକରଣ ବ୍ୟବସ୍ଥାକୁ ନେଇ ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀମାନଙ୍କ କଥାରେ ତାଳମେଳ ରହୁ ନାହିଁ ଏବଂ ଅଯଥାରେ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)କୁ ଧାଁ ଧପଡ଼ ହୋଇ ହଇରାଣ ହରକତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷକ ସଙ୍ଗଠନ ନେତୃବୃନ୍ଦ ଅଭିଯୋଗ କରି ପ୍ରକାଶ କରିଛନ୍ତି, ଧାନବିକ୍ରି ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମ ସମ୍ମୁଖରେ କହି ଚାଲିଛନ୍ତି। ମନ୍ତ୍ରୀଙ୍କ କହିବା ଅନୁସାରେ, ଜମି ରେକର୍ଡଧାରୀଙ୍କ ମୃତ୍ୟୁ କ୍ଷେତ୍ରରେ କେବଳ ସ୍ୱ ଘୋଷଣାନାମା ଦେଇ ଧାନବିକ୍ରି ପଞ୍ଜୀକରଣ କରି ହେବ। କିନ୍ତୁ କୌଣସି ପାକ୍ସ କର୍ତ୍ତୃପକ୍ଷ ତାକୁ କାର୍ଯ୍ୟକାରୀ କରୁନାହାନ୍ତି ଏବଂ ପୂର୍ବ ଘୋଷିତ ବଂଶାବଳୀ ଏବଂ ସହମତିପତ୍ର ନ ଦେଲେ ଧାନବିକ୍ରି ପଞ୍ଜୀକରଣ କରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ମନ୍ତ୍ରୀ ମିଛ କହୁଛନ୍ତି ନା ଅଧିକାରୀ ମନ୍ତ୍ରୀଙ୍କ କଥା ମାନୁ ନାହାନ୍ତି ବୋଲି ସଂଗଠନ ପ୍ରଶ୍ନ କରିଛି।

ସେହିପରି ରବି ଧାନ ଅମଳ ଓ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ସମୟରେ ଜିଲାରେ ଅଦିନିଆ ବର୍ଷା ହୋଇଥିଲା। ଏଥିରେ ଜିଲାର ଅନେକ ଚାଷୀଙ୍କ ଅମଳ ଏବଂ ଅମଳ ଅପେକ୍ଷାରେ ରହିଥିବା ଧାନ ନଷ୍ଟ ହୋଇଥିଲା। ତେବେ ଚାଷୀଙ୍କ ଦୃଢ଼ ଦାବି ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅଦିନିଆ ବର୍ଷାଜନିତ ଇନ୍‌ପୁଟ ସବ୍‌ସିଡି ପ୍ରଦାନ ନେଇ ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିପାଇଁ ବରଗଡ଼ ଜିଲାକୁ ୭କୋଟି ୫୫ଲକ୍ଷ ୪୪ହଜାର ଟଙ୍କା ଇନ୍‌ପୁଟ ସବ୍‌ସିଡି ମିଳିଥିବା ନେଇ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଘୋଷଣା କରିଥିଲେ। କିନ୍ତୁ ଘୋଷଣାକୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ମିଳି ନାହିଁ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣା ଘୋଷଣାରେ ସୀମିତ ରହି ଯାଇଛି ବୋଲି କୃଷକ ସଂଗଠନ ଅଭିଯୋଗ କରିଛି। ଫସଲ ବୀମା କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ମଧ୍ୟ ଅନୁରୂପ ସମସ୍ୟା ରହିଛି। ଧାନପେଟା କୁହା କ୍ଷତିପୂରଣ ପାଇଁ ଆବେଦନର ୧୦ଦିନ ମଧ୍ୟରେ ସର୍ଭେ ହେବ ଏବଂ ୧୫ଦିନରେ କ୍ଷତିପୂରଣ ଦେବା ନିୟମ ରହିଛି, କିନ୍ତୁ ଏପର୍ଯ୍ୟନ୍ତ କାହିଁକି ବୀମା କ୍ଷତିପୂରଣ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ପ୍ରଦାନ କରାଯାଇ ନାହିଁ ବୋଲି କୃଷକ ସଙ୍ଗଠନର ନେତୃବୃନ୍ଦ ପ୍ରଶ୍ନ କରିଛନ୍ତି।

ତେବେ ଉକ୍ତ ସମସ୍ୟା ସମୂହର ସମାଧାନ ଶୀଘ୍ର କରା ନ ଗଲେ ଯେକୌଣସି ମୁହୂର୍ତ୍ତରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ କୃଷକ ସଙ୍ଗଠନ ଚେତାବନୀ ଦେଇଛି। ସଂଗଠନର ଉତ୍ପଳ କୁମାର ଭୋଇ, ସୁଦାମ ପାତ୍ର, ବିକାଶ ମାଝୀ, ମୋତିଲାଲ ମହାକୁଡ଼, ଭିଜନ ପାଢ଼ୀ, ସୁଧାଂଶୁ ଦୀପ, ଚୂଡ଼ାମଣି ଛନ୍ଦ, ଦଶମାଇଲ କୃଷକ ସଙ୍ଗଠନର ରବିଶଙ୍କର ପଧାନ, ଡୋଳାମଣି ମେହେର, ରମେଶ ମହାପାତ୍ର ଏବଂ ନିମାଇଁ ପଧାନ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଧାନବିକ୍ରି ପଞ୍ଜୀକରଣରେ ଜଟିଳତା ପ୍ରସଙ୍ଗ ସମାଧାନ ପାଇଁ କୃଷକ ସଙ୍ଗଠନ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ, ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହା ସହିତ ଜିଲାର ୪୫ପାକ୍ସ ସମ୍ପାଦକଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରି କୃଷକ ସଙ୍ଗଠନ ପୁଣି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

### ଶୈବପୀଠରୁ ୯୦ୟୁନିଟ ରକ୍ତ ସଂଗୃହୀତ

ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ସୋମବାର ବିଭିନ୍ନ ଶୈବପୀଠରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବରଗଡ଼ ବ୍ଲକ ଗାଇସୀମାସ୍ଥିତ ଅଷ୍ଟଶମ୍ଭୁ ଶୈବପୀଠ ଶ୍ରୀ ଶ୍ରୀ ବାବା ବରାଡ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଶିବିରରୁ ୩୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାର ଓ ମନ୍ଦିର ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସ୍ତ୍ରୀ କଳ୍ପନା ଷଡ଼ଙ୍ଗୀ, ଗାଇସିମା ସରପଞ୍ଚ ଧୀରେନ ମହାପାତ୍ର ଶୁଭାରମ୍ଭ କରିଥିଲେ। ବୁର୍ଲା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସେହିପରି ରେଙ୍ଗାଲପାଲିସ୍ଥିତ ଝାଡ଼େଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ମଧ୍ୟ ଅନୁରୂପ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଝାଡେଶର ଶିବ ମନ୍ଦିରର ସଭାପତି ଅମିୟ ଭୋଇ ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ୫୭ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଉଭୟ ଶିବିରରୁ ୯୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶ୍ରାବଣ ମାସର ଶେଷ ସୋମବାର ଅବସରରେ ମନ୍ଦିରକୁ ପ୍ରଭୁଙ୍କ ପୂଜାର୍ଚ୍ଚନା ପାଇଁ ଆସୁଥିବା ଭକ୍ତମାନେ ସ୍ୱତଃ ରକ୍ତଦାନ କରିଥିଲେ । ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ନିଷ୍ଠା ପରିବାରର ସଦସ୍ୟା, ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

## ଏନ୍‌ଏସି ସମସ୍ୟା ନେଇ ଉପଜିଲାପାଳଙ୍କୁ ଦାବିପତ୍ର

ପଦ୍ମପୁର,୪।୮(ପ୍ରଦୀପ୍ତ ଦାଶ)



ପଦ୍ମପୁର ଉପଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଦ୍ମପୁର ଏନ୍‌ଏସିର ବିଭିନ୍ନ ମୌଳିକ ସମସ୍ୟା ନେଇ ସୋମବାର ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଉପଜିଲାପାଳ ସ୍ନେହା ଅରଗୁଲଙ୍କ ସହିତ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଟଙ୍କଧର ସାହୁ ଓ ଟାଉନ କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ୧୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବିଶେଷ କରି ସହରରେ ସଫେଇ, ଜମି ରହୁଥିବା ପାଣିର ନିଷ୍କାସନ, ଡ୍ରେନ୍ ଗୁଡିକ ନିୟମିତ ସଫେଇ, ଦୈନିକ ବଜାରର ବିଭିନ୍ନ ସମସ୍ୟା ସହିତ ବଜାରରେ ସ୍ଥାୟୀ ପିଣ୍ଡିର ନିର୍ମାଣ,ବସ୍ତି ରାସ୍ତା ସମେତ ବିଭିନ୍ନ ରାସ୍ତାର ଶୀଘ୍ର ମରାମତି କରିବା, ପଦ୍ମପୁର ଡାକ୍ତର ଖାନାରେ ଖାଲି ପଡ଼ିଥିବା ବିଭିନ୍ନ ପଦବୀକୁ ଶୀଘ୍ର ପୂରଣ କରିବା। ସହରରେ ବଢିଚାଲିଥିବା ନିଶାଦ୍ରବ୍ୟ ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ସମସ୍ତ ଦାବିକୁ ଆସନ୍ତା ୧୫ ତାରିଖ ସୁଦ୍ଧା ପୂରଣ କରା ନ ଗଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଚେତାବନୀ ଦିଆଯାଇଛି।

### ଅଭିଯୋଗର ତ୍ୱରିତ ସମାଧାନ ନିର୍ଦ୍ଦେଶ

ଭେଡେନ,୪।୮(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଭେଡେନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ ଏବଂ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାଶନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ, ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ଗୋଟିଏ ଅଭିଯୋଗର ତତ୍‌କ୍ଷଣାତ୍ ଶୁଣାଣି କରି ଅନ୍ୟ ସମସ୍ତ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଅନ୍ନ ଭୋଗ ବଣ୍ଟନ



ଅନ୍ନ ଭୋଗ ବଣ୍ଟନ କରାଯାଉଛି ।

ଅତାବିରା,୪।୮(ଯୁଧିଷ୍ଠିର ମହାପାତ୍ର)

ଶ୍ରାବଣ ମାସ ଶେଷ ସୋମବାର ଅବସରରେ ପ୍ରସିଦ୍ଧ ଅଷ୍ଟଶମ୍ଭୁ ସରଣ୍ଡାର ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ବାବା ଶୈବ ପୀଠରେ ଭକ୍ତଙ୍କ ମହାସମାଗମ ଦେଖିବାକୁ ମିଳିଥିଲା। ହଜାର ହଜାର ଭକ୍ତ ଆସି ବାବାଙ୍କୁ ଜଳାଭିଷେକ କରିଥିଲେ। ଏହି ଅବସରରେ ବରଗଡ଼ ଭଟଲି ରୋଡ଼ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଅନ୍ନ ଭୋଗ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଭୋର ୪ଟାରୁ ଅନବରତ ସନ୍ଧ୍ୟା ୫ଟା ଯାଏ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିଲା। ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ସୋମବାର ପାହାନ୍ତିଆରେ ମନ୍ଦିରକୁ ପହଞ୍ଚି ପ୍ରଥମେ ବାବା ବିଶ୍ୱେଶ୍ୱରଙ୍କୁ ପୂଜାପାଠ ସହ ଜଳାଭିଷେକ କରିଥିଲେ। ପାଲି ପୂଜକ ଦାରାସିଂ ମହାପାତ୍ର ବାବାଙ୍କୁ ଜଳ ଅର୍ପଣ କରି ଭୋଗ ମଣ୍ଡପରେ ଖେଚୁଡ଼ି ଭୋଗଲାଗି କରିଥିଲେ। ପରେ ପାହାନ୍ତିଆ ୪ଟାରେ ଭକ୍ତଙ୍କୁ ଭୋଗ ବଣ୍ଟନ ଆରମ୍ଭ କରିଥିଲେ ସମ୍ପାଦିକା କର୍ଣ୍ଣ। ମଧ୍ୟାହ୍ନରେ ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣ ମନ୍ଦିରକୁ ପହଞ୍ଚି ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ ନେଇଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ତିନୋଟି ଅନ୍ନ ଭୋଗ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ନିଜେ ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଫକୀର କର୍ଣ୍ଣ ଉପସ୍ଥିତ ରହି ଭକ୍ତଙ୍କୁ ଅନ୍ନ ଭୋଗ ବଣ୍ଟନ କରିଥିଲେ। ଏହି ଅବସରରେ ସରଣ୍ଡା ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

## ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କଲେ ବିଧାୟକ

ସୋହେଲା,୪।୮(ଅଶ୍ୱିନୀ କୁମାର ପାତ୍ର)



ବିଧାୟକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ସୋମବାର ସୋହେଲା ବ୍ଲକରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବୁଲି ତଦାରଖ କରିଛନ୍ତି। ପ୍ରଥମେ ସୋହେଲା ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆସି ପହଞ୍ଚିଥିଲେ। ସେ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଯାଇ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପରିସର ବୁଲି ନିର୍ମାଣ କାମର ତଦାରଖ କରିଥିଲେ। ପରେ ସରଧାପାଲି ପ୍ରାଥମିକ ବିଦ୍ୟାଳୟ ଯାଇଥିଲେ, ସେଠାରେ ନିର୍ମାଣାଧୀନ ଅତିରିକ୍ତ ଶ୍ରେଣୀ କୋଠରି ବୁଲି ଦେଖିଥିଲେ। ସେହିପରି ବିଧାୟକ ପେଟୁପାଲି ଯାଇ ସୁଭଦ୍ରା ଶକ୍ତିକେନ୍ଦ୍ରର ନିର୍ମାଣ କାମ ତଦାରଖ କରିଥିଲେ। ଏହି ସମୟରେ ବିଧାୟକଙ୍କ ସହ ସୋହେଲା ବିଡିଓ କରିଶ୍ମା ବେଶ୍ରା,ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋହର ଉଟି, ଛୁରିଆପାଲି ସରପଞ୍ଚ, ପେଟୁପାଲି ସରପଞ୍ଚ, ପେଟୁପାଲି ସମିତି ସଭ୍ୟ, ଭାଜପା ସୋହେଲା ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର

ଝାରବନ୍ଧ,୪।୮(ଦେବେନ୍ଦ୍ର ସାହୁ): ଝାରବନ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଦୁଇ ଦଫା ଦାବି ନେଇ ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆଶାରାମ ବରିହାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ପ୍ରାଥମିକ ଶିକ୍ଷକ ଝାରବନ୍ଧ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିରେ ମୁଖ୍ୟତଃ ସମସ୍ତ ପ୍ରକାର ଭିତ୍ତିଭୂମି, ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ପଦ ପୂରଣ ନ ହେବା ଯାଏ ୟୁଏଏସ୍ ବ୍ୟବସ୍ଥାକୁ ସ୍ଥଗିତ ରଖାଯାଉ, ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ନିୟୋଜିତ ଠିକା ଶିକ୍ଷକଙ୍କୁ ନିୟମିତ କରି ଏକ୍ସ କେଡର ତଥା ସମସ୍ତ ଶିକ୍ଷକଙ୍କୁ ଗୋଟିଏ କେଡର ଭୁକ୍ତ କରାଯାଉ ବୋଲି ଉଲ୍ଲେଖ ରହିଛି।

## ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ବୌଦ୍ଧ,୪।୮(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣି କରିଥିଲେ। ଜିଲାପାଳ ଭାବେ ଯୋଗଦେବା ପରେ ଏହା ତାଙ୍କର ପ୍ରଥମ ଜନଶୁଣାଣି ଥିଲା। ଶିବିରରେ ସମୁଦାୟ ୭୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଥିବାବେଳେ ୧୨ଟି ସାମୂହିକ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜଣଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ, ବିଡିଓ ଯୁଧିଷ୍ଠିର ମେହେର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଜଣଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରୁଛନ୍ତି।

# ଶ୍ରାବଣର ଶେଷ ସୋମବାର, ଶୈବପୀଠରେ ଭକ୍ତଙ୍କ ଭିଡ଼

## ପାପନାଶିନୀ ଝରଣାରୁ ଜଳ ଉଠାଇଲେ



ସରଣ୍ଡା ଅଷ୍ଟଶମ୍ଭୁ ବିଶ୍ୱେଶ୍ୱର ଶୈବ ପୀଠରେ ଭକ୍ତଙ୍କ ଅସମ୍ଭାଳ ଭିଡ଼

ଅତାବିରା, ୪।୮(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ସରଣ୍ଡାରେ ଥିବା ବିଶ୍ୱେଶ୍ୱରଙ୍କ ଶୈବ ପୀଠରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ବୋଲବମ ଭକ୍ତଙ୍କ ସହ ଅସଂଖ୍ୟ ଶ୍ରଦ୍ଧାଳୁ ଜଳାଭିଷେକ କରିଛନ୍ତି । ଲମ୍ବାଧାଡ଼ିରେ ଶାନ୍ତିଶୃଙ୍ଖଳା ସହ ଶୃଙ୍ଖଳିତ ଭାବେ ଦୀର୍ଘ ସମୟ ଅପେକ୍ଷା କରି ବାବା ବିଶ୍ୱେଶ୍ୱରଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟିର ସ୍ୱେଚ୍ଛାସେବୀଙ୍କ ସହ ଅତାବିରା ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ସୋମବାର ବୋଲବମ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ପରିସର। ସୋମବାର ପାହାନ୍ତିଆ ୨ଟା ୩ମିନିଟ ସମୟରେ ଶଙ୍ଖ ଧ୍ୱନୀ ଦିଆଯାଇଥିଲା। ପରେ ବାବାଙ୍କ ଦ୍ୱାର ଖୋଲି ପାଳି ପୂଜକ ଦାରାସିଂ ମହାପାତ୍ର ବାବାଙ୍କୁ ଗଙ୍ଗାଜଳରେ ସ୍ନାନ କରି ଯଥାରୀତ ପୂଜାପାଠ ପରେ ଭକ୍ତ ବାବା ବିଶ୍ୱେଶ୍ୱରଙ୍କ ଦର୍ଶନ କରିବା ଆରମ୍ଭ କରିଥିଲେ। ପ୍ରାରମ୍ଭରୁ ଅସମ୍ଭାଳ ଭିଡ଼ ମନ୍ଦିର ପରିସର ଶିବମୟ ହୋଇପଡ଼ିଥିଲା। ଚଳିତ ଥର ମଧ୍ୟ ଶ୍ରାବଣ ଶେଷ ସୋମବାର ଅପରାହ୍ନ ୨ଟା ୩୦ ମିନିଟରେ ସାମୂହିକ ପୂର୍ଣ୍ଣ ଜଳାଶାୟୀ କରାଯାଇଥିଲା।

**ପାଇକମାଳ(ବଡ ଶତପଥୀ):** ସେହିପରି ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଭକ୍ତଙ୍କର ଭିଡ଼ ଜମିଥିଲା। ଗନ୍ଧମାର୍ଦ୍ଦନ ପର୍ବତରେ ଥିବା କପିଳଧାରା ଜଳପ୍ରପାତ ଦେଖିବା ପାଇଁ ଭକ୍ତମାନେ ପାହାଡ଼ ଚଢୁଥିବା ବେଳେ ନୃସିଂହନାଥ ପାପନାଶିନୀ ଝରଣାରୁ ଜଳ ଉଠାଇ ହରିଶଙ୍କର ଶିବ ମନ୍ଦିରରେ ଜଳ ଢାଳିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ପର୍ବତ ଚଢୁଥିବା ଦେଖିବାକୁ ମିଳିଥିଲା।

### ରେଙ୍ଗାଲପାଲି ଝାଡେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡ଼



ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାର ଶୈବପୀଠଗୁଡିକ ସୋମବାର ଉତ୍ସବମୁଖର ହୋଇପଡ଼ିଥିଲା। ଭୋର୍ ସକାଳୁ ଶ୍ରଦ୍ଧାଳୁମାନେ ଜିଲାର ଶୈବାଳୟକୁ ଧୂପ, ଦୀପ ଏବଂ ପୂଜା ସାମଗ୍ରୀ ଧରି ପହଞ୍ଚିଥିଲେ ଏବଂ ଦେବ ଦେବ ମହାଦେବଙ୍କୁ ଦର୍ଶନ କରିଥିଲେ। ବୋଲବମ ଭକ୍ତଙ୍କ ମଧ୍ୟ ଭିଡ଼ ଜମିଥିଲା। ଏହି କ୍ରମରେ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମାର ବରାଡ ବାଲୁଙ୍କେଶର, ରେଙ୍ଗାଲପାଲିର ଝାଡେଶ୍ୱର, ଦେଓଗାଁର ବାବା ବୈଦ୍ୟନାଥ, ଭଟଲି ବ୍ଲକ ଅନ୍ତର୍ଗତ ନିଲଜୀର ନୀଳକଣ୍ଠେଶ୍ୱର, ଅମ୍ବାଭୋନାର କେଦାରନାଥ ଆଦି ମନ୍ଦିରରେ ଶୈବଭକ୍ତଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ଗ୍ରାହକ ହୋଇ ସୁନାଗହଣା ଦୋକାନରୁ ଚୋରି

**କୁଆଁରମୁଣ୍ଡା,୪।୮(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଞ୍ଚଳରେ ଗ୍ରାହକ ହୋଇ ଜଣେ ମହିଳା ସୁନାଗହଣା ଦୋକାନରୁ ଚୋରି କରି ଧରାପଡ଼ିଛନ୍ତି। ରବିବାର ଅପରାହ୍ନରେ ଝାଡ଼ଖଣ୍ଡ ରାଜ୍ୟ ଠେଠେଇଟାଙ୍ଗର ଥାନା ଅନ୍ତର୍ଗତ ପୁନ୍ଦ୍ରିପାନି ଗ୍ରାମର ବାସନ୍ତୀ ଦେବୀ(୫୨) ବୀରମିତ୍ରପୁର ସିନେମା ହଲ ନିକଟରେ ଥିବା ଏକ ସୁନା ଗହଣା ଦୋକାନରୁ ୧ ହଳ ପାଉଁଜି ଓ ୧ ଟି ବ୍ରେସଲେଟ କିଣିଥିଲେ।ଏହି ସମୟରେ ସେ ନିଜ ନାମ ବାସନ୍ତୀ ନାୟକ ବୋଲି ଦୋକାନୀଙ୍କୁ ବିଲ୍ କରିବାକୁ କହିଥିଲେ। ଦୋକାନୀ ବିଲ୍ କରିବାର ସୁଯୋଗରେ ବାସନ୍ତୀ ଲୁଚେଇକି ଆଉ ୧୦ ହଳ ପାଉଁଜି ଓ ଗୋଟିଏ ବ୍ରେସଲେଟ ନେଇଯାଇ ଫେରାର ହୋଇଯାଇଥିଲେ। ଦୋକାନୀ ଏହି ଘଟଣା ନିଜ ସିସିଟିଭି ଫୁଟେଜରୁ ଦେଖିବା ପରେ ବୀରମିତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।ଏ ନେଇ ଥାନାରେ ଏକ ମାମଲା (ନଂ.୩୬୧/୨୦୨୫) ରୁଜୁ ହୋଇଛି। ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ ଅଭିଯୁକ୍ତ ମହିଳା ବାସନ୍ତୀ ଦେବୀଙ୍କୁ ତାଙ୍କ ଗ୍ରାମରୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହାସହ ଚୋରି ସୁନା ଗହଣାକୁ ମଧ୍ୟ ପୋଲିସ ଜବତ କରିଛି।

### ମୀନା ବଜାରରେ ଅଗ୍ନିକାଣ୍ଡ, ୨୫ ଦୋକାନ ଭସ୍ମୀଭୂତ

**ରାଉରକେଲା,୪।୮(ସଙ୍ଗୀତା ଜେନା):** ଝିରପାଣି ଥାନା ଅନ୍ତର୍ଗତ ଝିରପାଣି ବିଜୟ ଫିଲ୍ଡରେ ଥିବା ମୀନା ବଜାରରେ ସୋମବାର ଭୋର ସମୟରେ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଫୁଡ୍‌କୋର୍ଟର ପ୍ରାୟ ୨୫ଟି ଦୋକାନ ଜଳିପୋଡି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ଅପପରକ୍ଷେ ଦୋକାନୀମାନେ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁ ଏହାର କ୍ଷତିଭରଣା ଦାବି କରିଥିଲେ। ଘଟଣାସ୍ଥଳରେ ତହସିଲଦାର, ରାଜସ୍ୱ ନିରୀକ୍ଷକ, ପ୍ରଶାସନିକ ଅଧିକାର ତଥା ପୋଲିସ ପହଞ୍ଚି ଯାଞ୍ଚ କରିଥିଲେ। ସୂଚନା ଅନୁଯାୟୀ, ପ୍ରତ୍ୟେକ ବର୍ଷ ଏହି ମୀନବଜାର ଆୟୋଜିତ ହୋଇଥାଏ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବ୍ୟବସାୟୀ ଦୋକାନ କରିଥାନ୍ତି। ଚଳିତ ବର୍ଷ ଜୁଲାଇ ୨୦ରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଏଥିପାଇଁ ଅନୁମତି ମିଳିଥିଲା। ହେଲେ ମୀନାବଜାର ଗତ ଜୁଲାଇ ୩୦ରେ ଆରମ୍ଭ ହୋଇଥଲା। ବ୍ୟବସାୟୀମାନେ ରାତିରେ ଦୋକାନଗୁଡ଼ିକ ସୁରକ୍ଷିତ ଭାବେ ବନ୍ଦ କରିଥିଲେ। କିପରି ଅଗ୍ନିକାଣ୍ଡ ହେଲା ସେ ନେଇ ସଂଶୟ ପ୍ରକାଶ ପାଇଛି।

### ଉପଜିଲାପାଳଙ୍କୁ ଦାବିପତ୍ର ଦେଲା ଆପ୍

**ରାଉରକେଲା,୪।୮(ଦିନେଶ ମିଶ୍ର):** ରାଉରକେଲା ବେଦବ୍ୟାସ ସ୍ଥିତ ଲୁଙ୍ଗେଇ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଆମ୍ ଆଦମୀ ପାର୍ଟି ପକ୍ଷରୁ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲୁଙ୍ଗେଇ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟରେ ୫ଟି ଶ୍ରେଣୀଗୃହ କାନ୍ଥ ଫାଟି ଆଁ କରିଛି। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ନାହିଁ। ବିଦ୍ୟାଳୟ ପରିବେଶରେ ଅନାବନା ଗଛ ଉଠି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ଡେସ୍କ ବେଞ୍ଚ, ବ୍ଲାକବୋର୍ଡ ପ୍ରଦାନ ସାଙ୍ଗକୁ ଖେଳ ପଡିଆର ବିକାଶ ଓ ଶୌଚାଳୟ ବ୍ୟବସ୍ଥା କରିବା ପାଇଁ ଆପ୍‌ର କର୍ମୀମାନେ ଦାବି କରିଥିଲେ। ଆପ୍‌ର ରାଜ୍ୟ ସଭାପତି ବିନୟ ତିୱାରୀ, ଚିନ୍ତାମଣି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିଦ୍ୟାଳୟରେ ଅଭିଭାବକ ପକାଇଲେ ତାଲା

**ବଣାଇଁ, ୪।୮(ପ୍ରଦୀପ ତ୍ରିପାଠୀ)**

- ଶିକ୍ଷକଙ୍କୁ ଫେରାଇ ଦେବାକୁ ଦାବି
- ୫ଘଣ୍ଟା ପରେ ପହଞ୍ଚିଲେ ଗୁରୁଣ୍ଡିଆ ବିଡିଓ
- ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ହଟିଲେ

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ତଥା ଗୁରୁଣ୍ଡିଆ ବ୍ଲକ ଅଧୀନ ଝାରବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକ ତାଲା ପକାଇ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖାଯାଇଛି। ବିଦ୍ୟାଳୟରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ଏଠାରେ ରହିଛି ୪୦ ଶଯ୍ୟା ବିଶିଷ୍ଟ ଆଦିବାସୀ ଛାତ୍ରାବାସ। ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ୪ଜଣ ଶିକ୍ଷୟିତ୍ରୀ ଥିଲେ। କିନ୍ତୁ ଅଗଷ୍ଟ ୧ ତାରିଖରେ ଏକମାତ୍ର ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଆଦେଶ ପରେ ଏବେ ପାଠପଢାରୁ ଆରମ୍ଭ କରି ସୁରକ୍ଷା ଚିନ୍ତାରେ ରହିଛନ୍ତି ଅଭିଭାବକ। ପ୍ରତିବାଦ ସ୍ୱରୂପ ପୂର୍ବାହ୍ନରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କର ଦାବି ବିଦ୍ୟାଳୟରୁ ବଦଳି କରାଯାଇଥିବା ଶିକ୍ଷକ ରାଜେଶ ଓରାମଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରାଇ ଦିଆଯାଉ ନଚେତ ତାଲା ଖୋଲିବ ନାହିଁ। ୪ଜଣ ଶିକ୍ଷୟିତ୍ରୀ ପାଠ ପଢାଇ ପାରନ୍ତି କିନ୍ତୁ ସୁରକ୍ଷା ପାଇଁ ଶିକ୍ଷକ ଆବଶ୍ୟକ ବୋଲି ସେମାନେ ଯୁକ୍ତିବାଢ଼ି ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଥିଲା। ସାମ୍ପ୍ରତିକ ସ୍ଥିତିରେ ଏବେ ଆବାସିକ ଛାତ୍ରାବାସ ଗୁଡିକରେ ସୁରକ୍ଷା ନେଇ ଉଠୁଥିବା ପ୍ରଶ୍ନକୁ ଯଦି ତର୍ଜମା କରାଯାଏ ତେବେ ସେମାନଙ୍କ ଦାବି ଠିକ୍ ଲାଗୁଥିବା ବିଷୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ନାୟକ ସ୍ୱୀକାର ମଧ୍ୟ କରି ସମବେତ ଅଭିଭାବିକା ଓ ଅଭିଭାବକଙ୍କୁ ସହଯୋଗ କରିଥିଲେ। ଖବର ପ୍ରଚାରିତ ହେବା ପରେ ଗୁରୁଣ୍ଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାବିଲ ଖାଖା ବିଦ୍ୟାଳୟରେ ପହଞ୍ଚି ଗୋଟିଏ ଦିନ ମଧ୍ୟରେ ସମାଧାନ ପୂର୍ବକ ଶିକ୍ଷକ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାୟ ୫ ଘଣ୍ଟା ଧରି ଚାଲିଥିବା ବିକ୍ଷୋଭରୁ ସମସ୍ତେ କ୍ଷାନ୍ତ ହୋଇଥିବା ଜଣାପଡିଛି। ଯଦି ପୁଣି ପ୍ରତିଶ୍ରୁତିରେ ଖିଲାପ ପରିଲକ୍ଷିତ ହେବ ତା'ହେଲେ ପୁନର୍ବାର ବିଦ୍ୟାଳୟ ବନ୍ଦ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡିଲେଶ୍ୱର ସାହୁ, ପରିଚାଳନା କମିଟି ଉପ ସଭାପତି ଅନୁଶୟା ସାହୁ ଚେତାବନୀ ଦେଇଛନ୍ତି।

## ଜିଲାପାଳଙ୍କ ସ୍ୱାସ୍ଥ୍ୟକେନ୍ଦ୍ର, ଉଦ୍ୟୋଗୀ କେନ୍ଦ୍ର ପରିଦର୍ଶନ

**ବଡ଼ଗାଁ, ୪।୮(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲାପାଳ ଡ଼. ଶୁଭଙ୍କର ମହାପାତ୍ର ସୋମବାର ପୂର୍ବାହ୍ନରେ ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଦେଓକରଣପୁର ହାଇସ୍କୁଲ, ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଲଟାପଡା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ସିଲେଇ କେନ୍ଦ୍ର, ଡୁଡୁଙ୍ଗପଡାସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ବଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସମୟରେ ଜିଲାପାଳ ରୋଗୀମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନେ ସ୍ୱାସ୍ଥ୍ୟ କାର୍ଡ ପାଇଛନ୍ତି କି ନାହିଁ, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସାମିଲ ହୋଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ବଡ଼ଗାଁ ଡାକ୍ତରଖାନା ପରିସରରେ ଥିବା ଫିଜୋଥୋରାପି କେନ୍ଦ୍ର ଦେଖିଥିଲେ। ସ୍ଥାନୀୟ ଗ୍ରାମବାସୀ ବଡ଼ଗାଁ ଡାକ୍ତରଖାନାରେ ବିଶେଷଜ୍ଞ ପଦବୀ ଖାଲି ପଡିଥିବା, ଡାକ୍ତର ମାନେ ବହୁ ସମୟରେ ଅନୁପସ୍ଥିତ ରହୁଥିବା,ଏକ୍ସରେ ମେସିନ ନଥିବା ଆଦି କେତେକ ସମସ୍ୟା ଉପରେ ଜିଲାପାଳଙ୍କୁ ଜଣାଇଥିଲେ।ଜିଲାପାଳ ଅତିଶିଘ୍ର ବଡ଼ଗାଁ ଡାକ୍ତରଖାନା ରେ ଏକ୍ସରେ ମେସିନ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଦେଓକରଣପୁର ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ପାଠପଢା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଉଦ୍ୟୋଗୀ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ସେମାନଙ୍କ ଉତ୍ପାଦନ ଓ ରୋଜଗାର ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳ ଙ୍କ ପରିଦର୍ଶନ ସମୟରେ ଜିଲା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପ୍ରୋବେସନାର ଆଇଏଏସ ଫାବି ରସିଦ, ବଡ଼ଗାଁ ବିଡ଼ିଓ ପୁର୍ଣ୍ଣଚନ୍ଦ୍ର ଭୋଇ ଓ ବିଭାଗୀୟ ବ୍ଲକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି

**ସୁନ୍ଦରଗଡ଼,୪।୮(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଭଶ୍ମା ଥାନା ଅନ୍ତର୍ଗତ ସାଗରପାଲି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ଘରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାରୁପା ଅଳଙ୍କାର ଚୋରି କରିନେଇଛନ୍ତି। ଏନେଇ ଭଶ୍ମା ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ସନ୍ଧାନୀ ପୋଲିସ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ଗୋଟିକ ପରେ ଗୋଟିଏ ତାଲା ଭାଙ୍ଗି ଏହି ଚୋରି କରି ଫେରାର ମାରିଛନ୍ତି। ତେବେ ପରିବାର କେବଳ ଜଣେ ବୋହୂଙ୍କର ୨୨ ଭରି ସୁନା ଅଳଙ୍କାର ଓ ପାଖାପାଖି ୨୫ ଭରି ରୁପା ଅଳଙ୍କାର ଚୋରି ହୋଇଥିବା ସ୍ପଷ୍ଟ ହୋଇଛି। କେବଳ ସେତିକି ନୁହେଁ, ଚୋର ତାଙ୍କ ଶାଶୁଙ୍କ ଶୋଇବା ଘରେ ପଶି କଳା କନା ମଧ୍ୟ ବୁଲାଇଛନ୍ତି। ଅପରପକ୍ଷେ ସୂଚନା ପାଇବା ପରେ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଭଶ୍ମା ଆଇଆଇସି ସୁଶାନ୍ତ କୁମାର ପରିଡ଼ା ଡଗ୍ ସ୍କାଡ୍ ଓ ସାଇଣ୍ଟିଫିକ ଟିମ୍ ସାହାଯ୍ୟରେ ତଦନ୍ତ ଚାଲୁ ରଖିଥିବା ଜଣାପଡିଛି। ଏ ନେଇ ଭଶ୍ମା ଥାନାରେ ଏକ ମାମଲା (ନଂ.୨୪୨/୨୦୨୫) ରୁଜୁ ହୋଇଥିବା ପୋଲିସ କହିଛି।

## ଆଇନ ସଚେତନତା ଶିବିର

**ସୁନ୍ଦରଗଡ଼,୪।୮(ଜୟନାରାୟଣ ମେଣ୍ଡୁଲି)**




ସେଣ୍ଟ ମେରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିରରେ ଅତିଥି।

ସୁନ୍ଦରଗଡ଼ ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ସୋମବାର ସ୍ଥାନୀୟ ସେଣ୍ଟ ମେରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଶିବିରରେ ପାଠପଢା ଛାଡିଥିବା ଛାତ୍ରୀଙ୍କୁ ନାମଲେଖା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧୀକରଣର ସଚିବ ଡ. ରୀନତି ମିଶ୍ର ତାଙ୍କ ବକ୍ତବ୍ୟରେ ଶିକ୍ଷା ମଣିଷକୁ ମଣିଷ ପରି ଗଢିଥାଏ। ସମସ୍ତଙ୍କୁ ନିରବଚ୍ଛିନ୍ନ ଶିକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ। ଅଧାରୁ ପାଠପଢା ଛାଡିବା ଉନ୍ନତି ପଥରେ ବାଧକ ଅଟେ। ଏଣୁ ଏହାକୁ ମିଳିତ ଭାବରେ ବନ୍ଦ କରିବାକୁ ସମସ୍ତଙ୍କ ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଣ୍ଟ ମେରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାଟ୍ରେସିଆ ଲାକ୍ରା, ଅନିଶା ପୁଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ଫାଇଲେରିଆ ନିରାକରଣ ନେଇ ପ୍ରସ୍ତୁତି ବୈଠକ

**ଲହୁଣୀପଡ଼ା, ୪।୮(ଦାଶରଥି ପଣ୍ଡା)**

**ଅଗଷ୍ଟ ୧୦ ରୁ ୧୯ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ସଭାକକ୍ଷ ଠାରେ ସୋମବାର ଫାଇଲେରିଆ ନିରାକରଣ ଓ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଅନୁରାଗ ମିଶ୍ର ବୈଠକରେ ଅଧକ୍ଷତା କରିଥିଲେ।

ସମସ୍ତ ବିଭାଗୀୟ ଅଧିକାରୀ ନିଜ ସ୍ତରରେ ସହଯୋଗ କରିବା ସହ ପ୍ରଚାର ଓ ବିଭିନ୍ନ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱାସ୍ଥ୍ୟବାର୍ତ୍ତାକୁ ପ୍ରଚାର କରିବା ନିମନ୍ତେ ବିଡ଼ିଓ ପରାମର୍ଶ ଦେଇଥିଲେ। ଫାଇଲେରିଆ ରୋଗ ତଥା ରୋଗୀଙ୍କ ସ୍ଥିତି, ଏହା କିଭଳି ଭାବେ ହୋଇଥାଏ କହିଥିଲେ। ରୋଗର ଲକ୍ଷଣ, ଏହି ରୋଗର ଭୟାବହତା ତଥା ରୋଗର ନିରାକରଣ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦେବା ସହ ବିସ୍ତୃତ ଭାବେ କହିଥିଲେ।

ଏହି କ୍ରମରେ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଜିଲାରେ ଚଳିତ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କର୍ଯ୍ୟକ୍ରମ ଚାଲିବ। ଏଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ମଧ୍ୟ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ଆଶା ଓ ଅଙ୍ଗନୱାଡ଼ି କର୍ମୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଘରକୁ ଘର ଯାଇ ଔଷଧ ସେବନ କରେଇବା ଏବଂ ଏଥି ନିମନ୍ତେ ବ୍ଲକରେ ୨୦୮ଟି ଟିମ ଗଠନ କରାଯାଇଛି। ସେମାନଙ୍କୁ ସାମୂହିକ ଔଷଧ ସେବନ ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ସେବନ ବ୍ୟବସ୍ଥା ରହିଛି ଏବଂ ଏଥି ନିମନ୍ତେ ୪ଟି ଔଷଧ ସେବନ କେନ୍ଦ୍ର ମଧ୍ୟ କାର୍ଯ୍ୟକାରୀ ହେବ। ସେହିପରି ୧୪ଟି ମୋବାଇଲ ଟିମ୍ ମଧ୍ୟ ଗଠନ କରାଯାଇଛି, ଯାହା କି ସ୍କୁଲ, କଲେଜ, ବିଭିନ୍ନ କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନରେ ଔଷଧ ସେବନ କରାଯିବ।

ଏହି କାର୍ଯ୍ୟକ୍ରମକୁ କ୍ଷେତ୍ରସ୍ତରୀୟ ସମନ୍ୱୟ ନିମନ୍ତେ ୪୨ଜଣ କ୍ଷେତ୍ର ପରିଦର୍ଶନକାରୀ ନିୟୋଜିତ କରାଯିବ। ଆଶାକର୍ମୀ, ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ସ୍କୁଲ କଲେଜ ତଥା ଅନ୍ୟ ଅନୁଷ୍ଠାନର ସଦସ୍ୟଙ୍କୁ ତାଙ୍କ ବୟସ ଅନୁଯାୟୀ ଫାଇଲେରିଆ ବଟିକା ଖୁଆଇବେ। କେବଳ ଗର୍ଭବତୀ ମହିଳା, ୨ବର୍ଷରୁ କମ ବୟସ୍କ ଶିଶୁ, ଗୁରୁତର ରୋଗୀ ତଥା ପ୍ରସୂତି ମା'ଙ୍କୁ ଶିଶୁ ଜନ୍ମର ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ସଞ୍ଜୟ କୁମାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

## ସୁନ୍ଦରଗଡ଼ ଜିଲାପାଳଙ୍କ ରାଜଗାଙ୍ଗପୁର ଗସ୍ତ



ସୁନ୍ଦରଗଡ଼ ଜିଲାପାଳ ପ୍ରସିଦ୍ଧ ଶୈବପୀଠ ଘୋଘରରେ ପୂଜାର୍ଚ୍ଚନା କରୁଛନ୍ତି।

**ରାଜଗାଙ୍ଗପୁର, ୪।୮(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ପ୍ରଥମ ଥର ପାଇଁ ସୋମବାର ଅଚାନକ ରାଜଗାଙ୍ଗପୁର ଗସ୍ତରେ ଆସିଥିଲେ। ରାଜଗାଙ୍ଗପୁର ବ୍ଲକ ପରିଦର୍ଶନରେ ଯାଇଥିଲେ। ବ୍ଲକର କେତେକ ଉନ୍ନୟନ କାର୍ଯ୍ୟକ୍ରମ ଉପରେ ବୁଝିଥିଲେ। ପୌରପରିଷଦର ଉପନଗରପାଳ ମହମ୍ମଦ ଇରଫାନଙ୍କ ସମେତ କେତେକ କାଉନସିଲର ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ରାଜଗାଙ୍ଗପୁର ମୁସଲିମ ପଞ୍ଚାୟତ କମିଟିର ସଭାପତି ଓ ସମ୍ପାଦକ ଜିଲାପାଳଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପୌରାଧକ୍ଷା ଓ ଅନ୍ୟମାନେ ମଧ୍ୟ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ କେତେକ ସମସ୍ୟା ମଧ୍ୟ ଶୁଣିଥିଲେ। ଏହା ପରେ ଜିଲାପାଳ ପ୍ରସିଦ୍ଧ ଶୈବପୀଠ ଘୋଘର ଧାମ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟିର ସଦସ୍ୟମାନଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ବିଧାୟକ ଡକ୍ଟର ସି.ଏସ. ରାଜନ ଏକ୍କା ମଧ୍ୟ ମନ୍ଦିରରେ ଉପସ୍ଥିତ ଥିଲେ। ଜିଲାପାଳଙ୍କ ସହ ବିଡିଓ, ତହସିଲଦାର ତଥା ଘୋଘର ମନ୍ଦିର କମିଟିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଭିନ୍ନ ଗ୍ରାମରେ ଖେଳସାମଗ୍ରୀ ବଣ୍ଟନ



ଗ୍ରାମବାସୀଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଉଛି।

**ଟେନ୍‌ସା, ୪।୮(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ଅନ୍ତର୍ଗତ ଭୂତୁଡ଼ା ଗ୍ରାମ ପଞ୍ଚାୟତରେ ଥିବା ମହୁଲ ସୁଖା ଲୌହ ଏବଂ ମାଙ୍ଗାନିଜ ଖଣି, ମେସର୍ସ ରୁଙ୍ଗଟା ସନ ପ୍ରାଇଭେଟ ଲିମିଟେଡ଼ର ଔଦୋଗିକ ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ବିଭିନ୍ନ ଗ୍ରାମକୁ ଫୁଟବଲ, ଜର୍ସି ସେଟ ପ୍ରଦାନ କରାଯାଇଛି। ଗ୍ରାମରେ ଖେଳକୁଦର ଉନ୍ନତି ପାଇଁ ରୁଙ୍ଗଟା ଗ୍ରୁପ ସବୁବେଳେ ଗ୍ରାମବାସୀଙ୍କୁ ସହଯୋଗ କରିଆସଛି। ଏ ନେଇ ଭୁତୁଡା ଗ୍ରାମପଞ୍ଚାୟତର ରନ୍ଧା, ରଣ୍ଡା, ସାରକୁଣ୍ଡା,ଲସି, ଭୂତୁଡ଼ା, ଭୂତୁଡ଼ା ହଟିଂ ଆଦି ଗ୍ରାମରେ ଫୁଟବଲ, ଜର୍ସି ସେଟ ଏବଂ ଜୋତା ବଣ୍ଟନ କରାଯାଇଛି। ସରପଞ୍ଚ ବାସନ୍ତୀ ମୁଣ୍ଡାଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଛି। ରୁଙ୍ଗଟା କମ୍ପାନୀର ଏହିପରି ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ସ୍ୱାଗତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଖଣିର ବରିଷ୍ଠ ମହାପ୍ରବନ୍ଧକ ଭାବଗ୍ରାହୀ ମହାପାତ୍ର ଓ ଭାରପ୍ରାପ୍ତ ଖଣି ପରିଚାଳକ ସୁନୀଲ ଭାରତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ମିକ ବିଭାଗ ମୁଖ୍ୟ ଅଜୟ କୁମାର କର ଓ କୈଳାସ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

## ବିହାର କପ୍ ବକ୍ସିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କଲେ ଆୟୁଷ

**ବଡ଼ଗାଁ/ସୁନ୍ଦରଗଡ଼,୪।୮ (ଅଶୋକ ଷଡଙ୍ଗୀ/ଜୟନାରାୟଣ ମେଣ୍ଡୁଲି)**



ବିହାର ରାଜ୍ୟ ଭାଗଲପୁରରେ ଅବସ୍ଥିତ ତିଲକମାଞ୍ଜି ବହୁମୁଖି ଇଣ୍ଡୋର ଷ୍ଟାଡିୟମ ପରିସରରେ ପ୍ରଥମ ବିହାର କପ-୨୦୨୫ ଯୁବ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତା ଅଗଷ୍ଟ ୧ରୁ ଆରମ୍ଭ ହୋଇ ୪ ତାରିଖ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ଯୁବ ପୁରୁଷ ଖେଳାଳି ଆଦିବାସୀ ଅଧୁଷିତ ସୁନ୍ଦରଗଡ଼ ଜିଲା ଭଶ୍ମା ଥାନା ଅନ୍ତର୍ଗତ କଦଳୀ ମୁଣ୍ଡା ଗ୍ରାମର ହଦୋ ମୁଣ୍ଡା ଓ ସରୋଜିନୀ ମୁଣ୍ଡାଙ୍କ ପୁଅ ଆୟୁଷ ମୁଣ୍ଡା ଅଂଶଗ୍ରହଣ କରିଥିଲେ। ସେ ୭୫ ରୁ ୮୦ କେଜି ବର୍ଗରେ ଉତ୍ତମ ଖେଳ ପ୍ରଦର୍ଶନ କରି ସେମି ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ହେଲେ ସେମି ଫାଇନାଲ ମ୍ୟାଚରେ ତାମିଲନାଡୁର କେ ପ୍ରଧିପ କମଳ ପ୍ରତିଯୋଗୀଙ୍କ ସହ ତିନି ରାଉଣ୍ଡ ସଂଘର୍ଷମୟ ଲଢେଇରେ ପରାଜିତ ହୋଇ ବ୍ରୋଞ୍ଜ ପଦକ ହାତେଇବାରେ ସକ୍ଷମ ହୋଇଥିଲେ। ସେ ସପ୍ତମ ଶ୍ରେଣୀ ପଢୁଥିବା ସମୟରୁ ଜିଲାର ଅଗ୍ରଣୀ ଅନୁଷ୍ଠାନ ଯୋଗୀମାଲ ଗ୍ରାମର ଜନସେବା ସମିତିର ସୁଦକ୍ଷ କୋଚମାନଙ୍କ ଠାରୁ ତାଲିମ ନେଇ ଅନେକ ଥର ଜିଲା, ରାଜ୍ୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ସୁନ୍ଦରଗଡ ଜିଲା ପାଇଁ ଗୌରବ ଆଣିଛନ୍ତି। ବର୍ତ୍ତମାନ ବଡ଼ଗାଁରେ ଅବସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିକ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ର । ସୁନ୍ଦରଗଡ଼ ଜିଲା ରାଉରକେଲାର ଅର୍ଜୁନ ଭୂୟାଁ ଅଫିସିଆଲ ଭାବେ ସେଠାରେ ନିଯୁକ୍ତ ଥିଲେ। ଇଣ୍ଡିଆ ଆମେଚର ବକ୍ସିଂ ଫେଡେରେସନ ତରଫରୁ ପ୍ରଥମ ବିହାର କପ ପ୍ରତିଯୋଗିତା ଭାଗଲପୁରରେ ସଫଳତାର ସହ ହୋଇଥିଲା। ବ୍ରୋଞ୍ଜ ପଦକ ବିଜେତା ଆୟୁଷ ମୁଣ୍ଡାଙ୍କୁ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ବକ୍ସିଂ ଓଡ଼ିଶା ସେକ୍ରେଟାରୀ କବିରାଜ ଗୌଡ,ସୁନ୍ଦରଗଡ଼ ଜିଲା ଆମେଚର ବକ୍ସିଂ ଆସୋସିଏସନ ଓ ଜନ ସେବା ସମିତି ଯୋଗୀମାଲର ସମସ୍ତ ସଦସ୍ୟ ଏବଂ ବଡଗାଁ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷଙ୍କ ସହିତ ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**୮୯ ଅଭିଯୋଗରୁ ୬ଟି ସମାଧାନ**

**କୁତ୍ରା, ୪।୮ (ଦେବାଶିଷ ସାହୁ)**



ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

ସୋମବାର ସୁନ୍ଦରଗଡ଼ ଜିଲା କୁତ୍ରା କଲ୍ୟାଣ ମଣ୍ଡପରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ଅଧିବେଶନରେ ଜିଲାପାଳଙ୍କ ନିକଟରେ ମୋଟ ୮୯ ଟି ଅଭିଯୋଗ ଆସିଥିଲା । ତେବେ ତ୍ୱରିତ ଢଙ୍ଗରେ ନ୍ୟାୟ ଦେବାକୁ ଯାଇ ୬ଟି ଅଭିଯୋଗର ଘଟଣା ସ୍ଥଳରେ ହିଁ ସମାଧାନ କରିଥିଲେ ଜିଲାପାଳ। ଲୋକେ ଆସି ଜିଲାପାଳଙ୍କୁ ନିଜ ଅସୁବିଧା ଜଣାଇ ଥିଲେ ଏବଂ ଅଭିଯୋଗଗୁଡିକୁ ଜିଲାପାଳ ଗମ୍ଭୀରତାର ସହ ଶୁଣିଥିଲେ। ନିଷ୍ପତ୍ତି ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା, ଏସ୍‌ପି ସୁନ୍ଦରଗଡ଼ ପ୍ରତ୍ୟୁଷ ଦିବାକର , ପ୍ରୋବେସନର ଆଇଏଏସ୍ ଫବି ରସିଦ, ସିଡିଓ ସୁରଞ୍ଜନ ସାହୁ, ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଡ଼ିଓ ଯୁଗଳକିଶୋର ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଲୋକଙ୍କୁ ଭତ୍ତା ବଣ୍ଟନ, ଭିନ୍ନକ୍ଷମ ବାହାଘର ସହାୟତା ରାଶି ପ୍ରଦାନ ଓ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ପରେ ଜିଲାପାଳ ତୁନମୁରା ଗ୍ରାମ ପଞ୍ଚାୟତରେ ପୋଖରୀ କାମ ଦେଖିବା ସହିତ ଝାରବେଡା ଗ୍ରାମ ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଭେଟି ବିଭିନ୍ନ ଆଲୋଚନା କରିଥିଲେ।

**ଗଞ୍ଜେଇ ଚୋରା ଚାଲାଣ, ଯୁବକ ଗିରଫ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ମଧ୍ୟପ୍ରଦେଶ ଭୋପାଳ ଅଞ୍ଚଳର ସଚିନ ଗୌର(୨୩)ଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ରବିବାର ବିଳମ୍ବିତ ରାତିରେ ସେ ବ୍ୟାଗରେ ୧୦ କେଜି ଗଞ୍ଜେଇ ଧରି ରେଳଷ୍ଟେସନ ପାର୍କିଂ ସ୍ଥାନରେ ଛିଡ଼ା ହୋଇଥିଲେ। ଆର୍‌ପିଏଫ୍ ପାଟ୍ରୋଲିଂ ଟିମ୍ ସେଠାରେ ପହଞ୍ଚି ଉକ୍ତ ବ୍ୟାଗ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଡକାୟତି ଉଦ୍ୟମ, ୫ ଗିରଫ

**ବ୍ରଜରାଜନଗର,୪।୮(ବିଜୟ ବରାଡ଼)**

ବ୍ରଜରାଜନଗର ଥାନା ଅନ୍ତର୍ଗତ ଛୁଆଲିବେର୍ଣ୍ଣା ଜଙ୍ଗଲରେ ଡକାୟତି ଉଦ୍ୟମ ଅଭିଯୋଗରେ ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନିଖିଲ କୁମ୍ଭାର, ସଞ୍ଜୟ ତାଣ୍ଡି, ଖାସକେତନ ଭୋଇ, କିରଣ ଚୌହାନ ଓ ଦିନେଶ ମହୋତ। ସେମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଛି। ଶନିବାର ରାତିରେ ସେମାନେ ଜଙ୍ଗଲରେ ଡକାୟତି ପାଇଁ ଉଦ୍ୟମ କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

### ୬ରେ ନିଃଶୁଳ୍କ ଚିକିତ୍ସା ଶିବିର

**ବେଲପାହାଡ଼, ୪।୮(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବାସନ୍ତୀ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ସ୍ୱର୍ଗତ ବାସନ୍ତୀ ପ୍ରଧାନଙ୍କ ଜୟନ୍ତୀ ଉପଲକ୍ଷେ ଆସନ୍ତା ୬ ତାରିଖ ସକାଳ ୯ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଏହି ଶିବିର ହେବ ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉକ୍ତ ହସ୍ପିଟାଲର ଏମ୍‌ଡି ରାଜକୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଶିବିରରେ କ୍ରିଟିକାଲ କେୟାର, ୟୁରୋଲୋଜି, ଗାଇନାକୋଲୋଜି, ଇଏନ୍‌ଟି, ଡେଣ୍ଟିଷ୍ଟ, ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ବିଭାଗର ବିଶେଷଜ୍ଞ, ଡାକ୍ତର ଯୋଗଦେଇ ଚିକିତ୍ସା ସେବା ଯୋଗାଇବେ। ଆର୍‌ବିଏସ୍, ଏଚ୍‌ବିଏୱାନ୍‌ସି, ଏଚ୍‌ବି, ୟୁରିକ୍ ଏସିଡ୍, ପେରି ଫେରିଆଲ ନ୍ୟୁରୋପାଥି ଡାଇଗ୍ନୋସିସ୍ ଆଦି ପରୀକ୍ଷା ନିଃଶୁଳ୍କ ଭାବରେ କରାଯିବ।

### ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ହୀରାଖଣ୍ଡ ବୁନ୍ଦିଆ ଖଣି ପକ୍ଷରୁ ନୂତନ କମିଟି ଗଠିତ

**ବ୍ରଜରାଜନଗର,୪।୮(ବିଜୟ ବରାଡ଼)**

ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ହୀରାଖଣ୍ଡ ବୁନ୍ଦିଆ ଖଣି ପକ୍ଷରୁ ରାମପୁର ଅଫିସର୍ସ କ୍ଲବଠାରେ ରବିବାର ସାଧାରଣ ସଭା ସହିତ ନୂତନ କମିଟି ଗଠନ କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷ ଭାବେ ମହମ୍ମଦ ଏହସାନୁଲ ଅଂଶାରୀ ଏବଂ ସଚିବ ଭାବରେ ଆଶିଷ ସାମଲଙ୍କୁ ଚୟନ କରାଯାଇଛି। ଗୋବିନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଞ୍ଚାଳନ ସଙ୍ଗଠନର ସୁଜିତ୍ କୁମାର ଝା, ଭାରତୀୟ ମଜଦୁର ସଂଘର ମହେଶ୍ୱର ମହନ୍ତ ପ୍ରମୁଖ ସଂଘର ବିଭିନ୍ନ ରୀତିନୀତି ବିଷୟରେ ବିବରଣୀ ପ୍ରଦାନ କରିଥିଲେ।

### ସାମାଜିକ ସମୀକ୍ଷା ଗ୍ରାମସଭା

**ଦେବଗଡ଼,୪।୮(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ବ୍ଲକ ଅଧୀନ ଗୁଣ୍ଡିଆପାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସାମାଜିକ ସମୀକ୍ଷା ଗ୍ରାମସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହି ପଞ୍ଚାୟତକୁ ସମୀକ୍ଷା ମଡେଲ ପଞ୍ଚାୟତ ଭାବେ ଚୟନ କରାଯାଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ହିତାଧିକାରୀ ସନ୍ତୋଷ କୁମାର ପାନ୍ନା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ୍ ପୃଷ୍ଟି, ବ୍ଲକ ସାମାଜିକ ସମୀକ୍ଷକ ହିମାଂଶୁ ଶେଖର ଦାଶ, ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜିତେନ୍ଦ୍ରିୟ ସାମଲ ଯୋଗଦେଇଥିଲେ। ଏହି ପଞ୍ଚାୟତ ଅଧୀନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ସମୀକ୍ଷା କରାଯାଇଥିଲା।

# ସାର ଯୋଗାଣ ଦାବିରେ ଆନ୍ଦୋଳନ

**ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଲେ କଂଗ୍ରେସ କର୍ମୀ**



କଂଗ୍ରେସ କର୍ମୀମାନେ ଫାଟକରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

**ଦେବଗଡ଼,୪।୮ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ରୁଆ, ବେଉଷଣ ସମୟରେ ସାରର ଅଭାବ ଦେଖାଦେଇଛି। ଏଥିଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଜିଲା କଂଗ୍ରେସ ପକ୍ଷରୁ ସୋମବାର ଆନ୍ଦୋଳନ କରାଯାଇଛି। ଜିଲା କଂଗ୍ରେସ ସଂଯୋଜକ ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଚାଷୀଙ୍କୁ ତୁରନ୍ତ ଆବଶ୍ୟକ ପରିମାଣର ସାର ଉଚିତ୍ ଦରରେ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଜିଲାରେ ଏବେ ରୁଆ, ବେଉଷଣ ଜୋର୍‌ସୋର୍‌ରେ ଚାଲିଥିବାବେଳେ ସାରର ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅପରପକ୍ଷରେ ଚଢ଼ା ଦରରେ ଦୋକାନରେ ସାର ବିକ୍ରି କରାଯାଉଛି। ଫଳରେ ଚାଷୀମାନେ ଅଧିକ ଦାମ୍‌ରେ ବାଧ ହୋଇ ସାର କିଣୁଛନ୍ତି। ପୂର୍ବରୁ କଂଗ୍ରେସ ଏହାକୁ ବିରୋଧ କରିବା ସହ ତୁରନ୍ତ ସାର ଯୋଗାଇ ଦେବାକୁ ଦାବି କରିଥିଲା। କିନ୍ତୁ ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନ ନେବାରୁ କଂଗ୍ରେସ ପକ୍ଷରୁ ସୋମବାର କୃଷି କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ସକାଳ ୯ଟାରୁ ଅପରାହ୍ଣ ପ୍ରାୟ ୪ଟା ପର୍ଯ୍ୟନ୍ତ ତାଲା ପଡିଥିବାରୁ କାର୍ଯ୍ୟାଳୟ ଭିତରକୁ ଅଧିକାରୀ କିମ୍ବା କର୍ମଚାରୀ ଯାଇପାରି ନ ଥିଲେ। ଏଥିଯୋଗୁ ଦୀର୍ଘ ସମୟ ଧରି ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରେ କୃଷି ଅଧିକାରୀ ମନୋଜ ମାରାଣ୍ଡି କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ସାର ଅଭାବ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ହଟିଥିଲା। ଏହି ଆନ୍ଦୋଳନରେ ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ କୁମାର ସାହୁ, ଆକାଶ ଦାସ, ରମେଶ ଚନ୍ଦ୍ର ପାତ୍ର, ଗୁଣନିଧି ବେହେରା, ରମା ପାତ୍ର, ସୁମନ୍ତ କୁମାର ବେହେରା ଓ ମୁରଲୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ପାଇଁ ଚାରାରୋପଣ ଜରୁରୀ




ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଦେବଗଡ଼,୪।୮ (ଶଶାଙ୍କ ଶେଖର ଝାଙ୍କର)**

**ଚାରାରୋପଣ କାର୍ଯ୍ୟକ୍ରମ**

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏନ୍‌ଏସ୍‌ଏସ୍ ଦାୟିତ୍ୱରେ ଥିବା ଅଧ୍ୟାପିକା ଡ. ସୁଦେବୀ ଗିରି ଓ ମିନତି ବାସ୍କେଙ୍କ ସଂଯୋଜନାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ତଥା ପ୍ରକୃତିମିତ୍ର ଲଳିତ ମୋହନ ସାହୁ ଯୋଗଦେଇ ବର୍ତ୍ତମାନ ସଙ୍କଟଜନକ ପରିସ୍ଥିତିରେ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ସରୂପା ମିଶ୍ର କହିଥିଲେ, ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣ ଜରୁରୀ। ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀଙ୍କ ପକ୍ଷରୁ ନୀତେଶ ସ୍ୱାଇଁ, ଶୁଭମ୍ ସ୍ୱର୍ଣ୍ଣକାର ଓ ରେଣୁକା କିଷାନ ବକ୍ତୃତା ଦେଇଥିଲେ। ଏହି ଅବସରରେ କଲେଜ ପ୍ରାଙ୍ଗଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଚାରା ରୋପଣ କରିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୪।୮(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୨୮ଟି ଅଭିଯୋଗର ଶୁଣାଣି କରିଥିଲେ। ବିଶେଷକରି ବଳମଠାରୁ ଟୁଗୁଲା ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଚଳ, କଳାକାର ଭତ୍ତା, ଲୋକକଳା ଗ୍ରାମର ଉନ୍ନତୀକରଣ, ବିଦ୍ୟୁତ୍ ଯୋଗାଣ, ଜମିବାଡ଼ି ବିବାଦ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ଡେପୁଟି କଲେକ୍ଟର ଏଜଲିନ ବାରା, ଏସିଏଫ୍ ସ୍ୱାଧୀନତା ସାହାଣୀଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# 'ପୁସ୍ତକକୁ ବନ୍ଧୁ କରି ସାମାଜିକ ଗଣମାଧ୍ୟମରୁ ଦୂରେଇ ରୁହନ୍ତୁ'

**ଦେବଗଡ଼ କଲେଜ ରାଜନୀତି ବିଜ୍ଞାନ ବିଭାଗର ସେମିନାର ଲାଇବ୍ରେରି ଉଦ୍‌ଘାଟିତ**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଦେବଗଡ଼, ୪।୮(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଉଚ୍ଚଶିକ୍ଷା ବିକାଶର ବିନ୍ଧାଣି ସାଜିଥିବା ଦେବଗଡ଼ କଲେଜ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗ ମୁଖ୍ୟ ସସ୍ମିତା ପ୍ରଧାନଙ୍କ ଦାନରେ ୧୨୦ଟି ପୁସ୍ତକକୁ ନେଇ ବିଭାଗରେ ଏକ ସେମିନାର ଲାଇବ୍ରେରି ସୋମବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସୁଦାମ କୁମାର ପରିଡ଼ାଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୁସ୍ତକଦାତା ଅବସରପ୍ରାପ୍ତ ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ସଫଳତା ପାଇଁ ପୁସ୍ତକକୁ ବନ୍ଧୁ କରିବା ସହ ସାମାଜିକ ଗଣମାଧ୍ୟମରୁ ଦୂରେଇ ରୁହନ୍ତୁ। ଉକ୍ତ ବହିଗୁଡ଼ିକ ଯୁକ୍ତ ୨, ଯୁକ୍ତ ୩ ଓ ପିଜି ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସହାୟକ ହେବ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗୁରୁ ଚରଣ କିଷାନ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଜମି ଅଧିଗ୍ରହଣକୁ ୫ ପଞ୍ଚାୟତବାସୀଙ୍କ ବିରୋଧ

**ଝାରସୁଗୁଡ଼ା, ୪।୮ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ମରାକୁଠା, ଜମେରା, ଏଚ୍. କଟାପାଲି, ବଡ଼ମାଲ, ହିର୍ମା ପଞ୍ଚାୟତ ସମେତ ଝାରସୁଗୁଡ଼ା ମ୍ୟୁନିସିପାଲିଟି ଏକାଠି ମୌଜାର ଚାଷଜମିଗୁଡ଼ିକୁ ଅଧିଗ୍ରହଣ କରିବା ପାଇଁ ଏକ ଇସ୍ପାତ କାରଖାନା ପକ୍ଷରୁ ଜନଶୁଣାଣି ହୋଇଥିଲା। ସେହି ସମୟରୁ ସ୍ଥାନୀୟ ବାସିନ୍ଦା ଏହାକୁ ବିରୋଧ କରିଆସୁଛନ୍ତି। ତଥାପି ଇଡକୋ ମାଧ୍ୟମରେ ଉକ୍ତ କମ୍ପାନୀ ପ୍ରଥମେ ସରକାରୀ ଜମି ଓ ପରେ ଚାଷୀଙ୍କ ରୟତି ଜମି ନେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାରୁ ଏହି ପଞ୍ଚାୟତ ବାସିନ୍ଦା ସୋମବାର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁସାରେ କୌଣସି ହିସାବରେ ଜମି ଛାଡିବେ ନାହିଁ। ଦରକାର ପଡ଼ିଲେ ବିରାଟ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହା ଉପରେ ତଦନ୍ତ କରାଯିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ



ଦିବ୍ୟାଙ୍ଗ ଛାତ୍ରୀଙ୍କୁ ବିଧାୟକ ହୁଇଲ ଚେୟାର ପ୍ରଦାନ କରୁଛନ୍ତି।

**ଝାରସୁଗୁଡ଼ା, ୪।୮ (ଆଶିଷ ରଞ୍ଜନ ଦାଶ)**

ଶ୍ରାବଣର ଶେଷ ସୋମବାରରେ ଝାରସୁଗୁଡ଼ା ଜିଲାର ଝାଡ଼େଶ୍ୱର, ମରାକୁଠା, ବୃନ୍ଦାମାଲ, କୁମ୍ଭାରୀ ଓ କୋଇଲିଘୁଗର ଆଦି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ବୋଲ୍‌ବମ୍ ଭକ୍ତ ଠାକୁରଙ୍କ ପାଖରେ ଜଳଲାଗି କରିଥିଲେ। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମରାକୁଠାସ୍ଥିତ ଶିବ ମନ୍ଦିର ଓ ଝାରସୁଗୁଡାସ୍ଥିତ ଝାଡ଼େଶ୍ୱର ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମରାକୁଠା ଶିବ ମନ୍ଦିରରେ କେତେଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବିଧାୟକ ହୁଇଲ ଚେୟାର ପ୍ରଦାନ କରିଥିଲେ।

# ଦାବି ପୂରଣ ନିମନ୍ତେ ଜିଲାପାଳଙ୍କୁ ଭେଟିଲେ ଆମିଷ ବ୍ୟବସାୟୀ

**ଝାରସୁଗୁଡ଼ା, ୪।୮ (ଆଶିଷ ରଞ୍ଜନ ଦାଶ)**

ବିଭିନ୍ନ ଦାବି ପୂରଣ ପାଇଁ ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ଅଞ୍ଚଳର ଆମିଷ ବ୍ୟବସାୟୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସରବାହାଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆମିଷ ବ୍ୟବସାୟ କରି ୫୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ୧୫ ବର୍ଷ ହେବ ଜୀବିକା ନିର୍ବାହ କରୁଥିଲେ। ହେଲେ ଅଭିଯୋଗ ହେବା ପରେ ପୌର ପରିଷଦ ପକ୍ଷରୁ ଜାଗା ଖାଲି କରିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏଥିସହ ଆମିଷ ଦୋକାନକୁ ସୁନାରୀମୁଣ୍ଡାସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖ ପୌର ପରିଷଦ ଥିବା ଜାଗାରେ ଖୋଲିବା ପାଇଁ କୁହାଯାଇଥିଲା। ହେଲେ ସେଠାରେ ପାଣି, ବିଦ୍ୟୁତ୍ ଓ ବିକ୍ରି ପାଇଁ କୌଣସି ସୁବିଧା ନ ଥିବାରୁ ବ୍ୟବସାୟୀ ଯିବା ପାଇଁ ଅମଙ୍ଗ ହୋଇଥିଲେ। ଫଳରେ ପୌର ପରିଷଦ ପକ୍ଷରୁ ପୁଣି ନୋଟିସ୍ ହେବାରୁ ସରବାହାଲର ସମସ୍ତ ଆମିଷ ବ୍ୟବସାୟୀ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ପାଣି, ବିଜୁଳି ଓ ପିଣ୍ଡି ନିର୍ମାଣ ପାଇଁ ଦାବି କରିଥିଲେ। ଆମିଷ ବ୍ୟବସାୟୀଙ୍କ ଅଭିଯୋଗକୁ ଗ୍ରହଣ କରି ଜିଲାପାଳ କୁନାଲ ମୋତିରାମ ଚୌହାନ ଏହି ସବୁର ବ୍ୟବସ୍ଥା କରିବା ପାଇଁ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପରେ ଆମିଷ ବ୍ୟବସାୟୀ ସଂଘର ଉମେଶ କୁମାର ନାଇକ, ତାଡିଆ କାକ, ପୀର ମହମ୍ମଦ, ଭକ୍ତ ଚରଣ ବେହେରା, କୁନି ବେହେରା ପ୍ରମୁଖ ଖୁସି ପ୍ରକାଶ କରିଛନ୍ତି।

# ଜନ ଶୁଣାଣି ଶିବିରରେ ୮୭ ଅଭିଯୋଗ

**ଝାରସୁଗୁଡ଼ା, ୪।୮ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟର ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁନାଲ ମୋତିରାମ ଚୌହାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ୍ ପି. ପରମାର, ଆଇଏଏସ୍ ଅଧିକାରୀ (ପ୍ରୋବେସନର) ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ ୧୩ଟି ସାମୁହିକ ଓ ୭୪ଟି ବ୍ୟକ୍ତିଗତ ଅଭିଯୋଗ ଆଗତ ହୋଇଥିଲା। ଏହି ଅବସରରେ ଚିକିତ୍ସା ସହାୟତା ବାବଦକୁ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ବିଶେଷକରି ତାଳମାଳରୁ ମଙ୍ଗଲୁପଡା ପର୍ଯ୍ୟନ୍ତ ପକ୍କା ସଡକ ନିର୍ମାଣ, ସାଲେଟିକ୍ରାରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ, ଏମ୍‌ଏସ୍‌ପି କମ୍ପାନୀରେ ପୂର୍ବ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ, ଜୁନାପାଲି, ନୂଆପଡ଼ା, ପଣସିପଡ଼ା ଓ କଙ୍କରାମୁଣ୍ଡକୁ ବସ୍ ଚଳାଚଳ ଭଳି ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ୟା ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପୋଷ୍ୟ ସନ୍ତାନ ଗ୍ରହଣ କଲେ ମୟୂରଭଞ୍ଜ ଦମ୍ପତି



ଜିଲାପାଳ ମୟୂରଭଞ୍ଜ ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ହସ୍ତାନ୍ତର କରୁଛନ୍ତି।

**ଝାରସୁଗୁଡ଼ା,୪।୮(ଆଶିଷ ରଞ୍ଜନ ଦାଶ)**

ମୟୂରଭଞ୍ଜ ଜିଲାର ଜଣେ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ କରିଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ କୁନାଲ ମୋତିରାମ ଚୌହାନ ଏକ ଶିଶୁପୁତ୍ରକୁ ମୟୂରଭଞ୍ଜର ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତି ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# କାଦୋପଡ଼ା ବସ୍‌ଷ୍ଟାଣ୍ଡ ପୁନରୁଦ୍ଧାର ଦାବି

**ଦେବଗଡ଼,୪।୮(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ କାଦୋପଡ଼ା ପଞ୍ଚାୟତ ସଦର ମହକୁମାସ୍ଥିତ ୧୪୩ ନମ୍ବର ଜାତୀୟ ରାଜପଥରେ ଥିବା ବସ୍‌ଷ୍ଟାଣ୍ଡ ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଯାତ୍ରୀ ଏବଂ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପୁନରୁଦ୍ଧାର ନିମନ୍ତେ କାଦୋପଡ଼ା ସ୍ଥିତ ପଲ୍ଲୀ ପ୍ରଗତି କ୍ଲବ୍ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଆକାରରେ ଦାବି କରାଯାଇଛି। କ୍ଲବ୍‌ର ପରେଶ କୁମାର ପ୍ରଧାନ, ପୁରୁଷୋତ୍ତମ ସାହୁ, ଶ୍ରୀକାନ୍ତ ନାୟକ, ସାଗର ରାଉତ, ଜିତେନ୍ଦ୍ର ସାହୁ, କରନ ସିଂ, ସାଣ୍ଡିଲ ବଲାଣି ଗ୍ରାମରେ ଥିବା ଏନ୍‌ଏଚ୍‌ଏଆଇ ଅଧୀନ ଟୋଲ୍ ପ୍ଲାଜାକୁ ଯାଇ ଏନ୍‌ଏଚ୍‌ଏଆଇର ଭାରପ୍ରାପ୍ତ ଅଧିକାରୀଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ଛାତର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ବର୍ଷା ସମୟରେ ସେଥିରୁ ପାଣି ଝରୁଛି। ଆବଶ୍ୟକତା ଅନୁଯାୟୀ ଆଲୋକୀକରଣ ଏବଂ ପରିମଳ ବ୍ୟବସ୍ଥା ନାହିଁ। ସୂଚନାଫଳକ କ୍ଷତିଗ୍ରସ୍ତ ହୋଇଥିବାରୁ ଅଞ୍ଚଳବାସୀ ଠିକ୍ ସୂଚନା ପାଇପାରୁନାହାନ୍ତି। ସେହିପରି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ସେଠାରେ ଯାତ୍ରୀମାନଙ୍କୁ ବସ୍‌କୁ ଅପେକ୍ଷା କରିବାକୁ ପଡୁଛି । ଏଣୁ ତୁରନ୍ତ ଏହାର ମରାମତି ଏବଂ ପୁନରୁଦ୍ଧାର ପାଇଁ ଦାବି କରାଯାଇଛି।




ଦାବିପତ୍ର ଦେବାକୁ ଆସିଥିବା କ୍ଲବ୍ ସଦସ୍ୟମାନେ।

# ଶିକ୍ଷକ ପଦବୀ ପୂରଣ କରାଯାଉ

**ଜିଲାପାଳଙ୍କ ନିକଟରେ ଦାବି କଲେ ଏସ୍‌ଏମ୍‌ସି ସଦସ୍ୟ**



ଏସ୍‌ଏମ୍‌ସି ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

**ଝାରସୁଗୁଡ଼ା, ୪।୮ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ପତ୍ରାପାଲି ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ସୋମବାର ପୂର୍ବାହ୍ଣରେ ସ୍କୁଲ ପରିଚାଳନା କମିଟି(ଏସ୍‌ଏମ୍‌ସି) ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପତ୍ରାପାଲି ଗ୍ରାମ ଝାରସୁଗୁଡ଼ା ସଦର ମହକୁମାଠାରୁ ୩୦ କିମି ଦୂରରେ ଅବସ୍ଥିତ। ବଣଜଙ୍ଗଲ ଘେରା ଏହି ଗ୍ରାମର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ଉଦ୍ଦେଶ୍ୟ ନେଇ ଗ୍ରାମବାସୀଙ୍କ ଉଦ୍ୟମରେ ୧୯୮୧ରେ ସ୍କୁଲ ଖୋଲାଯାଇଥିଲା। ତେବେ ଏହି ସ୍କୁଲ ସରକାରୀ ମାନ୍ୟତା ପାଇବା ପରେ ପାଠପଢ଼ା ଠିକ୍ ଭାବରେ ଚାଲିଥିଲା। ପୂର୍ବ ସରକାର ସମୟରେ ଏହି ସ୍କୁଲକୁ ୫-ଟିରେ ସାମିଲ କରାଯାଇଥିଲା। ଫଳରେ ସ୍କୁଲ ପରିସରରେ ନୂତନ ଗୃହ ନିର୍ମାଣ, ସ୍ମାର୍ଟ କ୍ଲାସ୍‌ରୁମ୍, ସୌନ୍ଦର୍ଯ୍ୟକରଣ, ପାନୀୟଜଳ ସୁବିଧା କରାଯାଇଥିଲା। ମାତ୍ର ଦୁଃଖର ବିଷୟ ଏସବୁ ଥାଇ ମଧ୍ୟ ବର୍ତ୍ତମାନ ସ୍କୁଲରେ ପାଠପଢ଼ା ଠିକ୍ ଭାବରେ ହେଉନାହିଁ। ଏବେ ଏହି ବିଦ୍ୟାଳୟରେ ନବମ, ଦଶମ ଶ୍ରେଣୀରେ ୧୪୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ହେଲେ ସେମାନଙ୍କ ପାଇଁ ମାତ୍ର ୫ ଜଣ ଶିକ୍ଷକ ଅଛନ୍ତି। ସେଥିମଧ୍ୟରୁ ଜଣେ ଖେଳ ଶିକ୍ଷକ। ଶିକ୍ଷକ ଅଭାବ କାରଣରୁ ଅଭିଭାବକମାନେ ସେମାନଙ୍କ ଝିଅପୁଅଙ୍କୁ ଅନ୍ୟତ୍ର ପଢ଼ାଇବା ପାଇଁ ଚିନ୍ତା କରୁଛନ୍ତି। ଶିକ୍ଷକ ଅଭାବ ଥିବାବେଳେ ବିଭାଗୀୟ ଅଧିକାରୀ ଉକ୍ତ ବିଦ୍ୟାଳୟର ପିଅନ, କ୍ଲର୍କ ଏବଂ ଶିକ୍ଷକଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଉଥିବା କମିଟି ସଦସ୍ୟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଣୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରିବା ଏବଂ ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଏସ୍‌ଏମ୍‌ସି ସଦସ୍ୟଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ କହିଛନ୍ତି, ଏହା ଉପରେ ତଦନ୍ତ କରି ପଦକ୍ଷେପ ନିଆଯିବ।

# ସିସିଟିଭି ଫୁଟେଜ୍‌କୁ ନେଇ କ୍ରାଇମ୍‌ବ୍ରାଞ୍ଚର ତନାଘନା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

**ଜେଲ ଗଲେ ଜ୍ୟୋତି ପ୍ରକାଶ, ଶୁଭ୍ରସମ୍ବିତ**

ବାଲେଶ୍ୱର,୪।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ଏବେବି ରହସ୍ୟଘେରରେ। କ୍ରାଇମବ୍ରାଞ୍ଚ, ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏଯାବତ୍ ୪ଜଣ ଗିରଫ ହୋଇଥିଲେ ହେଁ ପ୍ରକୃତ ଘଟଣାର ପର୍ଦ୍ଦାଫାସ ହୋଇପାରୁନି। ଘଟଣାଦିନର ଏକ ନୂତନ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତନାଘନା ଜାରି ରହିଛି।

ପୀଡ଼ିତାଙ୍କ ନିକଟରେ କିପରି ପେଟ୍ରୋଲ ପହଞ୍ଚିଲା ଏଯାଏ କ୍ରାଇମବ୍ରାଞ୍ଚ ହାତରେ କୌଣସି ଠୋସ୍ ପ୍ରମାଣ ଲାଗିନି। ତେବେ ଆତ୍ମାହୁତି ପୂର୍ବରୁ ପୀଡ଼ିତା ସାଇକେଲରେ ଯାଉଥିବାର ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଆତ୍ମାହୁତି ଉଦ୍ୟମ ଦିନ


ପୀଡ଼ିତା ଆତ୍ମାହୁତି ଦେବାର କିଛି ଘଣ୍ଟା ପୂର୍ବରୁ ସାଇକେଲରେ ଯାଉଥିବାର ସିସିଟିଭି ଦୃଶ୍ୟ।

ପୀଡ଼ିତା ସାଇକେଲରେ ଉକ୍ତ ପେଟ୍ରୋଲ ପମ୍ପ ରାସ୍ତାରେ ଯାଉଥିବା କୁହାଯାଉଛି। ଏହା ଜୁଲାଇ ୧୨ ତାରିଖ ପୂର୍ବାହ୍ନ ୧୦ଟା ୪୪ ମିନିଟ ବେଳର ସିସିଟିଭି ଫୁଟେଜ ବୋଲି ଜଣାପଡ଼ିଛି। ଫକୀରମୋହନ କଲେଜରୁ ଚାନ୍ଦିପୁର ଆଡ଼କୁ ଯାଉଥିବା ରାସ୍ତାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ପ୍ରକୃତରେ ପୀଡ଼ିତା ସାଇକେଲରେ କୁଆଡ଼େ ଯାଉଥିଲେ ତାହାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ଏଥିସହ ଆଖପାଖରେ ଥିବା ଅନ୍ୟ ସିସିଟିଭି ଫୁଟେଜକୁ ବି ଖୋଜୁଛି କ୍ରାଇମବ୍ରାଞ୍ଚ।

ଅପରପକ୍ଷରେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାର ୨୩ ଦିନ ପରେ କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ରବିବାର ବିଳମ୍ବିତ ରାତିରେ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଛାତ୍ର ହେଲେ ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଅଣଛାତ୍ର ଶୁଭ୍ରସମ୍ବିତ ନାୟକ। ଉଭୟଙ୍କୁ ରାତିରେ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ ଆବାସିକ କାର୍ଯ୍ୟାଳୟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଜ୍ୟୋତିପ୍ରକାଶ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା। ଅପରପକ୍ଷରେ ଶୁଭ୍ରସମ୍ବିତ ଏବିଭିପି ଛାତ୍ର ସଙ୍ଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଛନ୍ତି। ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିଲେ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡ଼ି ହୋଇଥିଲେ। ୧୪ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆତ୍ମାହୁତି ନିମନ୍ତେ ଗିରଫ ଛାତ୍ର ଦ୍ୱୟଙ୍କ ସମ୍ପୃକ୍ତି ନେଇ କ୍ରାଇମବ୍ରାଞ୍ଚ ପ୍ରମାଣ ପାଇଥିବା କୁହାଯାଉଛି। ଛାତ୍ରୀଜଣକ ନ୍ୟାୟ ପାଇଁ ଲଢ଼େଇ କରୁଥିବାବେଳେ କିଛି ଛାତ୍ର ଓ ସହଯୋଗୀ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇ ଥିଲେ। ଘଟଣା ଦିନ ସୌମ୍ୟାଶ୍ରୀଙ୍କ ପାଖରେ ରହି ଜ୍ୟୋତିପ୍ରକାଶ ମୋବାଇଲରେ ଭିଡିଓ ଉତ୍ତୋଳନ କରିବା ସହ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ।

# କୋଟିପତି ଏମ୍‌ଭିଆଇ ଗୋଲାପଙ୍କ ୬୩୦% ଆୟ ବହିର୍ଭୂତ ସମ୍ପତ୍ତି

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ବାରିପଦା, ୪।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଗିରଫ ପରେ ଜେଲ ଗଲେ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ଗୋଲାପ ଚନ୍ଦ୍ର ହାଁସଦାଙ୍କୁ ସୋମବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ଠାବ ହୋଇଥିବା ବିପୁଳ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୬୩୦ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସମ୍ପତ୍ତି ନେଇ ଗୋଲାପଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଗୋଲାପଚନ୍ଦ୍ରଙ୍କୁ


ଗୋଲାପ ଚନ୍ଦ୍ର ହାଁସଦା

ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରବିବାର ଗୋଲାପଙ୍କ ଘର ସମେତ ବାରିପଦା, ବୌଦ୍ଧ ଓ ଭୁବନେଶ୍ୱରର ୬ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବାରିପଦା ପ୍ରଫୁଲ୍ଲ ନଗରରେ ତାଙ୍କର ଏକ ଦୁଇମହଲା କୋଠା, ବାରିପଦାରେ ୪ଟି ଫ୍ଲାଟ୍ ଓ ବାଲେଶ୍ୱର ଟାଉନ ଉପକଣ୍ଠରେ ଗୋଟିଏ ଫ୍ଲାଟ୍ ଠାବ ହୋଇଥିଲା। ଏହାବ୍ୟତୀତ ଗୋଲାପଙ୍କ ଘରୁ ନଗଦ ୨.୩୮ ଲକ୍ଷ ଟଙ୍କା, ଏକ କେଜି ସୁନା ଓ ୨.୧୨୬ କେଜି ରୁପା ଅଳଙ୍କାର ମିଳିଥିଲା। ସେହିପରି ସେ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମାରେ ୧.୩୪ କୋଟି ରଖିଥିବାବେଳେ ଝିଅର ଡାକ୍ତରୀ ପଢ଼ା ବାବଦକୁ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଥିଲା। ଏଥିସହ ଗୋଟିଏ କାର୍, ୩ଟି ଦୁଇଚକିଆ ଯାନ ଓ ୧୬.୬ ଲକ୍ଷ ଟଙ୍କାର ଘରୋଇ ଉପକରଣକୁ ସମ୍ପତ୍ତି ତାଲିକାରେ ଯୋଡ଼ିଛି ଭିଜିଲାନ୍ସ। ଏସବୁର କାଗଜପତ୍ର ଜବତ କରିବା ସହ ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ୟୁନୋ ପାସ୍‌ୱାର୍ଡ ଚେଞ୍ଜ୍ ବେଳେ ଆକାଉଣ୍ଟରୁ କଟିଗଲା ୫.୫ ଲକ୍ଷ

କାମାକ୍ଷାନଗର, ୪।୮ (ସୁଧୀର କୁମାର ପରିଡ଼ା)

**ଡିଜିଟାଲ ଠକେଇର ଶିକାର ହେଲେ ବୟସ୍କ ନାଗରିକ**

ଏସ୍‌ବିଆଇ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ଚେଞ୍ଜ କରୁଥିବା ବେଳେ ଡିଜିଟାଲ ଠକେଇର ଶିକାର ହୋଇଛନ୍ତି ଜଣେ ବୟସ୍କ ନାଗରିକ । ତାଙ୍କ ଆକାଉଣ୍ଟରୁ ୫ଲକ୍ଷ ୪୯ ହଜାର ୯୯୫ ଟଙ୍କା କଟିଯାଇଛି। କାମାକ୍ଷାନଗର ସହର ୬ ନମ୍ବର ୱାର୍ଡର କାର୍ତ୍ତିକ ବିଶ୍ୱାଳ ରବିବାର ନିଜ ମୋବାଇଲରେ ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ କରିବାକୁ ଚାହୁଁଥିଲେ । ସେ ମୋବାଇଲରେ ଏ ସମ୍ପର୍କରେ ଦେଖୁଥିବା ବେଳେ ତାଙ୍କ ଫୋନ୍‌କୁ ଏକ ଲିଙ୍କ୍ ଆସିଥିଲା। ପରେ କାର୍ତ୍ତିକ ସେହି ଲିଙ୍କ୍‌କୁ ଖୋଲିବା ପରେ ତାହା ୟୁନୋ କଷ୍ଟମର କେୟାର ତରଫରୁ ହୋଇଥିବା ନେଇ ସୂଚନା ମିଳିଥିଲା। ଏଥିରେ ନିଜ ଆଧାର କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ନମ୍ବର ଇତ୍ୟାଦି ଅପଲୋଡ କରିଥିଲେ। ପରେ


ଠକେଇର ଶିକାର ହୋଇଥିବା କାର୍ତ୍ତିକ ବିଶ୍ୱାଳ।

ୟୁନୋ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ ହୋଇପାରିବା ନେଇ ଏକ ମେସେଜ ଆସିଥିଲା। ମେସେଜ ଅନୁସାରେ କ୍ଲିକ କରିବା ପରେ କାର୍ତ୍ତିକଙ୍କ ହ୍ୱାଟସ୍ ଆପ୍‌କୁ ୟୋନୋ ଲୋଗୋ ଥିବା ଏକ ମେସେଜ ଆସିବା ସହ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ଫୋନ ରିସିଭ କରିବାର କିଛି ସମୟ ପରେ କାର୍ତ୍ତିକ ଆକାଉଣ୍ଟର ପାସ୍‌ୱାର୍ଡ ପରିବର୍ତ୍ତନ ହୋଇଥିବା ବେଳେ ହଠାତ ତାଙ୍କ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ଫଳରେ ଫୋନ୍‌କୁ କୌଣସି କଲ କିମ୍ବା ମେସେଜ ଆସିପାରି ନ ଥିଲା। କାର୍ତ୍ତିକ ସନ୍ଦେହ କରି ନିକଟରେ ଥିବା ଏକ ଦୋକାନରେ ମୋବାଇଲ୍ ମରାମତି କରିବା ପରେ ତାଙ୍କ ଆକାଉଣ୍ଟରୁ ତିନିଥରରେ ୫ ଲକ୍ଷ ୪୯ ହଜାର ୯୯୫ ଟଙ୍କା କଟିଯାଇଥିବା ଜାଣିବାକୁ ପାଇଥିଲେ। ସେ ନିକଟରେ ଥିବା ଏସ୍‌ବିଆଇ ଶାଖାକୁ ଯାଇ ନିଜ ଆକାଉଣ୍ଟର ଷ୍ଟେଟ୍‌ମେଣ୍ଟ ଆଣିବା ସହ ଆକାଉଣ୍ଟକୁ ବ୍ଲୋକ୍ କରିଦେଇଥିଲେ। ସେ ଡିଜିଟାଲ ଠକେଇର ଶିକାର ହୋଇଥିବା ଜାଣିପାରି କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ତାମିଲନାଡୁରୁ ଶିବକୁମାରଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୪।୮(ସତ୍ୟଜିତ୍ ରାଉତ)

**୧୭ କୋଟିରୁ ଉର୍ଦ୍ଧ୍ୱ ଚିଟ୍‌ଫଣ୍ଡ୍ ଠକେଇ**

ଓଡ଼ିଶାରେ ୧୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଫେରାର ଥିବା ଶିବକୁମାର ଗଙ୍ଗାଧରନ ଓରଫ ଜି. ଶିବକୁମାର (୪୯) ଧରାପଡ଼ିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭୁବନେଶ୍ୱର ଶାଖା ତାଙ୍କୁ ତାମିଲନାଡୁ କରୁରରୁ ରବିବାର ଗିରଫ କରିଛି। ତାଙ୍କୁ ସିଜେଏମ୍ କୋର୍ଟକୁ ଚାଲାଣ କରାଯିବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସିବିଆଇ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୋମବାର ସୂଚନା ଦିଆଯାଇଛି। ଶିବକୁମାର ତାମିଲନାଡୁ କୋଏମ୍ବାଟୁର୍ ଅଞ୍ଚଳର ବାସିନ୍ଦା। ସେ ହେଉଛନ୍ତି 'ରାଇଟ୍‌ମ୍ୟାକ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଲିମିଟେଡ୍'ର ନିର୍ଦ୍ଦେଶକ। ରାଇଟ୍‌ମ୍ୟାକ୍ସର ଚିଟ୍‌ଫଣ୍ଡ ସ୍କାମ୍ ନେଇ ସିବିଆଇ ପକ୍ଷରୁ ୨୦୧୪ରେ ମାମଲା ରୁଜୁ କରାଯାଇଥିଲା। ତେବେ ୨୦୧୮ ମସିହାରୁ କମ୍ପାନୀର ଏମ୍‌ଡି ଶିବକୁମାରଙ୍କୁ ଗିରଫଦାରିକୁ ଏଡାଇବା ପାଇଁ ନିୟମିତ ନିଜ ସ୍ଥାନ ବଦଳାଇ ଚାଲିଥିଲେ। ୨୦୧୯ରେ ସିବିଆଇ ପକ୍ଷରୁ ତାଙ୍କୁ ଅପରାଧୀ ଭାବେ ଘୋଷଣା କରିବା ସହ ଖୋଜାଖୋଜି ଚଳାଇଲେ ମଧ୍ୟ ପାଇ ନ ଥିଲା। ପରେ ଟେକ୍ନିକାଲ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ତାଙ୍କୁ ତାମିଲନାଡୁରେ ଠାବ କରାଯିବା ପରେ ଧରିବାକୁ ଯୋଜନା କରାଯାଇଥିବା ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ପଞ୍ଜୀକୃତ ଶିବକୁମାରଙ୍କ କମ୍ପାନୀ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଠକେଇ କରିଥିଲା। ଗୋଟିଏ ଥର ୧୦ ହଜାର ଡିପୋଜିଟ୍ କଲେ ୩୩ ମାସ ପର୍ଯ୍ୟନ୍ତ ମାସକୁ ହଜାରରେ ଟଙ୍କା ଲେଖାଏଁ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲା। ବିଶେଷକରି ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲାରେ ବହୁ ଲୋକ ଏହି ଠକେଇ ଜାଲରେ ପଡ଼ିଥିଲେ। ଅଧିକ ଲାଭ ମିଳିବା ଲୋଭରେ ନିବେଶକାରୀମାନେ ଉକ୍ତ କମ୍ପାନୀରେ ବହୁ ଟଙ୍କା ଲଗାଇଥିବା ବେଳେ ଠକାମିର ଶିକାର ହୋଇଥିଲେ।

BUSINESS

# ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭ ୧୨୬୨ କୋଟି

ଭୁବନେଶ୍ୱର,୪।୮ (ଅଭୟ ଦାଶ)

ଟାଟା ପାୱାରର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ବ୍ୟବସାୟ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ କମ୍ପାନୀ ୬% ବୃଦ୍ଧି ସହ ୧୨୬୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ଫଳରେ କମ୍ପାନୀର ରାଜସ୍ୱ ପରିମାଣ ୪% ବୃଦ୍ଧି ପାଇ ୧୭,୪୬୪ କୋଟି ଟଙ୍କା ହୋଇଛି। କମ୍ପାନୀର ଏବିଟଡା ୧୭% ବୃଦ୍ଧି ପାଇ ୩୯୦୦ କୋଟି ଟଙ୍କା ଏବଂ ଅକ୍ଷୟ ଶକ୍ତିର ଟିକସ ପରବର୍ତ୍ତୀ ଲାଭ ୯୫% ବୃଦ୍ଧି ସହ ୫୩୧ କୋଟି ଟଙ୍କା ହୋଇଛି। ସେହିଭଳି ପ୍ରଥମ ତ୍ରୈମାସିକରେ କମ୍ପାନୀ ୯୪ମେଗାୱାଟର ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିଛି। ଫଳରେ

ଏହାର ମୋଟ ଅକ୍ଷୟ ଶକ୍ତି କ୍ଷମତା ୫.୬ ଗିଗାୱାଟକୁ ବୃଦ୍ଧି ପାଇଛି। ଏପରିକି ରୁଫଟପ ସୋଲାର କ୍ଷେତ୍ରରେ କମ୍ପାନୀ ଏକ ନମ୍ବର ସ୍ଥାନ ବଜାୟ ରଖିଛି। କମ୍ପାନୀ ମୋଟ ୨ ଲକ୍ଷ ରୁଫଟପ ସୋଲାର ସ୍ଥାପନ କରିଛି। ଏହି ବର୍ଗରୁ କମ୍ପାନୀ ୮୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି। କେବଳ ପ୍ରଥମ ତ୍ରୈମାସିକରେ ୪୫,୫୦୦ରୁ ଅଧିକ ରୁଫଟପ ସୋଲାର ସ୍ଥାପନ କରାଯାଇଛି। ସେହିପରି କମ୍ପାନୀ ଏଥିରେ ୯୦ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ହାସଲ କରିଛି। ଏହା ସହ ୨୨୭୦ ମେଗାୱାଟ୍ ଯୁଟିଲିଟି ପ୍ରକଳ୍ପ କାର୍ଯ୍ୟକାରୀ କରିଛି। ଏହା ଗତ ବର୍ଷର ୧୧୧ ମେଗାୱାଟ୍ ତୁଳନାରେ ୧୪୩% ଅଧିକ ବୋଲି କୁହାଯାଇଛି। କମ୍ପାନୀ ପାଇଁ ବିନିର୍ମାଣ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଉଭା ହୋଇଛି। ଟିପି ସୋଲାର ଟିକସ ପରବର୍ତ୍ତୀ ଲାଭ ୧୦୦କୋଟି ଟଙ୍କା ଥିବାବେଳେ ରାଜସ୍ୱ ୧୬୧୩ କୋଟି ଟଙ୍କା ରହିଛି। ଏହି ସମୟରେ କମ୍ପାନୀ ୯୯୯ ମେଗାୱାଟର ସୋଲାର ମଡ୍ୟୁଲ ଓ ୯୦୪ ମେଗାୱାଟର ସୋଲାର ସେଲ ଉତ୍ପାଦନ କରିଛି। ଟାଟା ପାୱାରର ସଂଚରଣ ଓ ବଣ୍ଟନ (ଟିଆଣ୍ଡଡି) ବ୍ୟବସାୟର ଟିକସ ପରବର୍ତ୍ତୀ ଲାଭ ୨୬% ବୃଦ୍ଧି ପାଇ ୪୪୦ କୋଟି ଟଙ୍କା ହୋଇଛି। ଓଡ଼ିଶା ଡିସକମଗୁଡ଼ିକର ଟିକସ ପରବର୍ତ୍ତୀ ଲାଭ ୧୫୬% ବୃଦ୍ଧି ପାଇ ୧୦୫ କୋଟି ଟଙ୍କା ହୋଇଛି। କମ୍ପାନୀ ମହାରାଷ୍ଟ୍ରରେ ବଣ୍ଟନ ଲାଇସେନ୍ସ ସମ୍ପ୍ରସାରଣ ପାଇଁ ଆବେଦନ କରିଛି। ଭୁଟାନରେ ଖୁଜୁ ଜଳ ବିଦ୍ୟୁତ ପ୍ରକଳ୍ପରୁ ୧୮ମେଗାୱାଟ ପାଇଁ ବିଦ୍ୟୁତ ବିନିମୟ ଚୁକ୍ତି ଜରିଆରେ ସୀମାପାର ବିଦ୍ୟୁତ ବିକ୍ରି ଆରମ୍ଭ କରିଛି।

ଏ ସମ୍ପର୍କରେ ଟାଟା ପାୱାରର ଏମ୍‌ଡି ତଥା ସିଇଓ ଡ.ପ୍ରବୀର ସିହ୍ନା କହିଛନ୍ତି, ସମସ୍ତ ବ୍ୟବସାୟ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ସହ ଚଳିତ ଆର୍ଥିକ ବର୍ଷରୁ ଆମେ ଦୃଢ଼ ଭାବେ ଅଭିବୃଦ୍ଧି ଆରମ୍ଭ କରିଛୁ। ସ୍ୱଚ୍ଛ ଶକ୍ତି ମୂଲ୍ୟ ଶୃଙ୍ଖଳାରେ ଆମେ ନବସୃଜନ, ଦକ୍ଷତା ଓ ବ୍ୟାପକତାକୁ ସୁଦୃଢ଼ କରୁଥିବାବେଳେ ଅକ୍ଷୟ ଶକ୍ତି ପୋର୍ଟଫୋଲିଓ ଆମ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି। ବିଦ୍ୟୁତ ଉତ୍ପାଦନ ଏବଂ ଟିଆଣ୍ଡଡି ବ୍ୟବସାୟ ଉଲ୍ଲେଖନୀୟ ଭାବେ ଲାଭ ପ୍ରଦାନ କରିଛନ୍ତି। ଡିସକମଗୁଡ଼ିକ ୧୩ ନିୟୁତ ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଉଛନ୍ତି। ସର୍ବାଙ୍ଗୀନ ପ୍ରଦର୍ଶନ ଜରିଆରେ ଆମର ଓଡ଼ିଶା ଡିସକମଗୁଡ଼ିକ ଉତ୍କର୍ଷ ସଂସ୍ଥାରେ ଜାତୀୟ ମଡେଲ ଭାବେ ଉଭା ହୋଇଛନ୍ତି। ୨୦୩୦ ସୁଦ୍ଧା ୪୦ ନିୟୁତ ଗ୍ରାହକ ସଂଖ୍ୟାରେ ପହଞ୍ଚିବା ଲକ୍ଷ୍ୟ ଅନୁସାରେ ଆମେ ମହାରାଷ୍ଟ୍ରର ପ୍ରମୁଖ ଅଞ୍ଚଳଗୁଡ଼ିକରେ ଆମ ବିଦ୍ୟୁତ ବଣ୍ଟନ ଉପସ୍ଥିତି ବଢ଼ାଇବା ନିମନ୍ତେ ଲାଇସେନ୍ସ ପାଇଁ ଆବେଦନ କରିଛୁ।



# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୪।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ କରିବାର ପରିଲକ୍ଷିତ। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୪୧୮ (୪୧୮.୮୧)ପଏଣ୍ଟ ବୃଦ୍ଧିଘଟି ୮୧,୦୧୮ (୮୧,୦୧୮.୭୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି- ୫୦ରେ ମଧ୍ୟ ୧୫୭ (୧୫୭.୪୦) ପଏଣ୍ଟ ବଢ଼ି ୨୪,୭୨୨ (୨୪,୭୨୨.୭୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ୍ ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜଡ଼ିବୁଟି ଦିବସ ମାନବଜାତିର ଜୀବନ ରକ୍ଷାର ଏକ ଉପକ୍ରମ



ଭୁବନେଶ୍ୱର,୪।୮(ଅନୁରାଧା ମହାରଣା)

ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିନ ପତଞ୍ଜଳି ୱେଲନେସ୍ ଓ ପତଞ୍ଜଳି ଯୋଗପୀଠ-୨ରେ 'ଜଡ଼ିବୁଟି ଦିବସ' ଭାବେ ପାଳିତ ହୋଇଛି। ଏହି ଅବସରରେ ସ୍ୱାମୀ ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣ ରକ୍ତଦାନ ଓ ବୃକ୍ଷରୋପଣ କରିଛନ୍ତି। ସ୍ୱାମୀ ରାମଦେବ କହିଛନ୍ତି, ଜଡ଼ିବୁଟି କେବଳ ଚିକିତ୍ସା ପାଇଁ ନୁହେଁ, ଆତ୍ମସାକ୍ଷାତକାର ପାଇଁ ମଧ୍ୟ ଏକ ମାଧ୍ୟମ। ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ଜଡ଼ିବୁଟି ଦିବସ ମାନବଜାତିର ଜୀବନ ରକ୍ଷାର ଏକ ଉପକ୍ରମ। ଏ ଅବସରରେ ଆଚାର୍ଯ୍ୟ ଦେଶବାସୀଙ୍କୁ ଅଧିକ ସଂଖ୍ୟାରେ ଜଡ଼ିବୁଟି ରୋପଣ କରି ସ୍ୱାସ୍ଥ୍ୟ ଓ ପରିବେଶ ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଦ୍ୱାରା ରଚିତ ୧୧ଟି ଗ୍ରନ୍ଥର ଲୋକାର୍ପଣ କରାଯାଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନର ନିର୍ଦ୍ଦେଶନାରେ ରକ୍ତଦାନ, ଚକ୍ଷୁ ଓ ଦାନ୍ତ ପରୀକ୍ଷା ଶିବିର ହୋଇଥିଲା। ଏମ୍ସ ଋଷିକେଶ ଓ ହିମାଳୟନ ହସ୍ପିଟାଲର ବ୍ଲଡ ବ୍ୟାଙ୍କ ଟିମ୍ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୪୫୦ ୟୁନିଟ ରକ୍ତଦାନ କରାଯାଇଥିଲା। ୫୮୮ ଜଣଙ୍କର ଆଖି ପରୀକ୍ଷା କରାଯାଇ ୨୦୭ ଜଣଙ୍କୁ ଚଷମା ବିତରଣ କରାଯାଇଥିଲା। ପତଞ୍ଜଳି ଦନ୍ତ ଚିକିତ୍ସା ଓ ଅନୁସନ୍ଧାନ କେନ୍ଦ୍ର ମାଧ୍ୟମରେ ୪୭୦ ଜଣଙ୍କର ଦନ୍ତ ପରୀକ୍ଷା ଓ ଚିକିତ୍ସା କରାଯାଇ ଡେଣ୍ଟାଲ କିଟ୍ ଦିଆଯାଇଥିଲା। ପତଞ୍ଜଳି ଯୋଗ ସମିତି ମାଧ୍ୟମରେ ଦେଶର ପ୍ରାୟ ସମସ୍ତ ଜିଲା, ତହସିଲ, ବ୍ଲକ ଓ ଗ୍ରାମ ସ୍ତରରେ ଜଡ଼ିବୁଟି ଦିଆଯାଇଛି। ଭାରତ ସହ ନେପାଳ, ଯୁକ୍ତରାଷ୍ଟ୍ର ଆଦି ଦେଶରେ ମଧ୍ୟ ଔଷଧୀୟ ଗଛଗୁଡ଼ିକ ବିତରଣ କରାଯାଇଛି।

# ହାଇଟେକ୍ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୪।୮

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଏପରିକି ଭାରତରେ ଏହା ପ୍ରଥମ ଥର ପାଇଁ ସଫଳ ହୋଇଥିବା କୁହାଯାଇଛି। ବଲାଙ୍ଗୀରର ୩୮ ବର୍ଷୀୟ ଭିକାରୀ ଚରଣ ନାୟକ ଦୀର୍ଘଦିନ ଧରି ଓଡ଼ିଶାର ବିଭିନ୍ନ ଚିକିତ୍ସାଳୟରେ ତାଙ୍କର ପଡି ଯାଇଥିବା ଡାହାଣ ଗୋଡ଼ ବୁଢ଼ା ଆଙ୍ଗୁଠିକୁ ଦେଖାଉଥିଲେ। ହେଲେ କେଉଁଠି ବି ଉପଯୁକ୍ତ ଚିକିତ୍ସା କିମ୍ବା ପରାମର୍ଶ ମିଳିନାହିଁ। ସେ ବହୁଦିନରୁ ଅତ୍ୟନ୍ତ କଷ୍ଟ ଭୋଗି ଆସୁଥିବାବେଳେ ସମ୍ପୃକ୍ତ ପାଖରେ ସେଇ ଗୋଡ଼ିଟି କଥା ଯେ ସେହି ଆଙ୍ଗୁଠିଟି କଟାଯିବ। ଯେହେତୁ ସେ ଆଙ୍ଗୁଠିକୁ ରକ୍ତପ୍ରବାହ ହେବାରେ ବାଧକ ସୃଷ୍ଟି ହେଉଛି। କିନ୍ତୁ ହାଇଟେକ୍ ମେଡିକାଲ କଲେଜର 'ସିଭିଟିଏସ୍' ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡା. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଚେଷ୍ଟା ଓ ସଫଳ ଅସ୍ତ୍ରୋପଚାର ଯୋଗୁ ରୋଗୀ ଜଣକ ସୁସ୍ଥ ଅନୁଭବ କରୁଛନ୍ତି। ଏ ନେଇ ଡା. ସାହୁ କହିଥିଲେ, ଶରୀରର କୌଣସି ଅଙ୍ଗକୁ ଯଦି ରକ୍ତ ପ୍ରବାହ ନ ହୋଇପାରେ, ତାହା ଅକାମୀ ହୋଇଯାଏ। କିନ୍ତୁ ଠିକ୍ ସମୟରେ ସର୍ଜରୀ ଓ ସୁଦକ୍ଷ ଚିକିତ୍ସିବିତ୍‌ମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନକୌଶଳରେ ପୁନର୍ବାର ରକ୍ତ ପ୍ରବାହ ହୋଇପାରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ଡା. ସାହୁଙ୍କର ଅଦମ୍ୟ ଉତ୍ସାହକୁ ପ୍ରଶଂସା କରିଥିଲେ। (ଡା. ସାହୁଙ୍କର ଅଦମ୍ୟ ଉତ୍ସାହ, ସାହସ ଏବଂ କୃତବିଦ୍ୟ ବିଶେଷଜ୍ଞ ଭାବେ ଭୂୟସୀ ପ୍ରଶଂସା କରିବା ସହ) ଏବେଠୁ ଆଗାମୀ ଦିନରେ ସମସ୍ତ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ଠିକ୍ ସମୟରେ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଦୀର୍ଘ ନିରାମୟ ଜୀବନ ଅତିବାହିତ କରିପାରିବେ ବୋଲି ଉଭୟେ ମତବ୍ୟକ୍ତ କରିଛନ୍ତି।

# ଅକ୍ଟୋବରରେ ଆଲେନର ଟଲେନଟେକ୍ସ-୨୦୨୬

ଭୁବନେଶ୍ୱର,୪।୮

ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ବହୁ ପ୍ରତୀକ୍ଷିତ ବୃତ୍ତି ପରୀକ୍ଷା ତଥା ଜାତୀୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା 'ଟଲେନଟେକ୍ସ-୨୦୨୬' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ବୃତ୍ତି ପରୀକ୍ଷା ୨୦୨୫ ଅକ୍ଟୋବର ୫ ଏବଂ ୧୨ରେ ଅନୁଷ୍ଠିତ ହେବ। ବିଶେଷ କରି ଏହି ପରୀକ୍ଷା ୫ମରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଡିଜାଇନ୍ କରାଯାଇଛି। ଯେଉଁଥିରେ ପ୍ରାୟ ୨.୫ କୋଟି ଟଙ୍କାର ନଗଦ ପୁରସ୍କାର ଏବଂ ୨୫୦ କୋଟି ଟଙ୍କାର ଛାତ୍ରବୃତ୍ତି ଅନ୍ତର୍ଭୁକ୍ତ ରହିଛି।

ଏ ନେଇ ଆଲେନ କ୍ୟାରିଅର ଇନ୍‌ଷ୍ଟିଚ୍ୟୁଟର ଉପାଧ୍ୟକ୍ଷ ତଥା ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଜୋନାଲ୍ ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଚଳିତ ବର୍ଷ ଆମେ ଟଲେନଟେକ୍ସ ପରୀକ୍ଷା ପାଇଁ ଓଡ଼ିଶାରୁ ଏକ ଉଲ୍ଲେଖନୀୟ ପ୍ରତିକ୍ରିୟା ପାଉଛୁ। ଏପରିକି ଆମେ



ଆଶା କରୁଛୁ ଯେ ରାଜ୍ୟର ୨୫୦ ସିବିଏସଇ ଏବଂ ଆଇସିଏସଇ ସ୍କୁଲରୁ ୧୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଯୋଗଦେବେ। ଏ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୬୦,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଟଲେନଟେକ୍ସ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି। ସେହିପରି ଏହି ବୃତ୍ତି ପରୀକ୍ଷା ପାଇଁ ସମଗ୍ର ଓଡ଼ିଶାରେ ୪୦ଟି ଅଫଲାଇନ୍ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଉଛି। ଏହି ପରୀକ୍ଷା ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ଆୟୋଜିତ ହେଉଛି। ଅଫଲାଇନ୍ ପରୀକ୍ଷା ୨୦୨୫ ଅକ୍ଟୋବର ୧୨ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି, ଯେତେବେଳେ ପରୀକ୍ଷାର ଅନଲାଇନ ମୋଡ୍ ୨୦୨୫ ଅକ୍ଟୋବର ୫ରେ ଅନୁଷ୍ଠିତ ହେବ। ଏପରିକି ଟଲେନଟେକ୍ସ ୨୦୨୬ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅଫିସିଆଲ ୱେବସାଇଟ୍ www.tallentex.com ପରିଦର୍ଶନ କରି ଅନ୍‌ଲାଇନରେ ପଞ୍ଜୀକରଣ କରିପାରିବେ।

# ଉତ୍କଳ ହସ୍ପିଟାଲରେ ଜାତୀୟ ଅସ୍ଥି ଓ ସନ୍ଧି ଦିବସ ପାଳିତ

ଭୁବନେଶ୍ୱର,୪।୮(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ଉତ୍କଳ ହସ୍ପିଟାଲ ପକ୍ଷରୁ ଜାତୀୟ ଅସ୍ଥି ଓ ସନ୍ଧି ଦିବସ ସୋମବାର ପାଳନ କରାଯାଇଛି। ଏହି ଅବସରରେ ଉତ୍କଳ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ଦିବ୍ୟସିଂହ ଦାସଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୭୦ରୁ ଅଧିକ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଡା. ଦିବ୍ୟସିଂହ ଦାସ ବୃଦ୍ଧାବସ୍ଥାରେ ହାଡ଼ ସ୍ୱାସ୍ଥ୍ୟ: ପ୍ରତିରୋଧ, ଜୀବନଶୈଳୀ ଓ ପ୍ରାରମ୍ଭିକ ଚିକିତ୍ସା ବିଷୟରେ ମୁଖ୍ୟ ବ୍ୟାଖ୍ୟାନ ଦେଇଥିଲେ। ସେ ଅସ୍ଥି ଦୃଢ଼ତ୍ୱ, ଜୀବନଶୈଳୀରେ ପରିବର୍ତ୍ତନ ଓ ନିୟମିତ ସ୍କ୍ରିନିଂର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ଦାସ କହିଥିଲେ, ଅସ୍ଥି ଓ ସନ୍ଧି ଚିକିତ୍ସା କେବଳ ଚିକିତ୍ସା ପ୍ରକ୍ରିୟା ନୁହେଁ ଏହା ହେଉଛି ସାଧାରଣ ଲୋକଙ୍କୁ ସଚେତନ କରିବା, ରୋଗ ପ୍ରତିରୋଧ କରିବା, ଗତିଶୀଳତାକୁ ରକ୍ଷା କରିବା ଓ ଜୀବନ ଗୁଣବତ୍ତା ବଢ଼େଇବା ଉପରେ ଗଭୀର ଧ୍ୟାନ ଦେବା। ଫିଜିଓଥେରାପି ଓ ରହିବାକୁ ଏହିପରି ଯୋଗ୍ୟତା ସହ ପ୍ରାଚୀନ ଚିକିତ୍ସା ପ୍ରଣାଳୀରେ ଅଭିଜ୍ଞତା ଯୋଗଦେଇ ସ୍ୱାସ୍ଥ୍ୟସମ୍ମତ ଜୀବନଶୈଳୀ ଓ ମନୋବଳ ବଢ଼େଇବା ବିଷୟରେ ଦୃଢ଼ ମତ ପ୍ରକାଶ କରିଥିଲେ। ଅନ୍ୟମାନେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଯୋଗଦେଇ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରିଥିଲେ। ସେହିପରି ଉତ୍କଳ ହସ୍ପିଟାଲ ସିଇଓ ସୁବୋଧ ସିଂହ, ଅତିରିକ୍ତ ନିର୍ଦ୍ଦେଶକ ଡା. ଆର.କେ. ମହାପାତ୍ର, ଡା ସୁଧାର କାନ୍ତି ପଣ୍ଡା ନିଜର ବକ୍ତବ୍ୟ ରଖିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁଇଦିନ ଅଧିକ ବର୍ଷିବ

**ଭୁବନେଶ୍ୱର,୩।୮ (ଅନୁରାଧା ମହାରଣା)**

ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଛି। ମଙ୍ଗଳବାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହାସହ ବଜ୍ରପାତ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ରହିଛି। ମାତ୍ର ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷାହୋଇପାରେ। ଏଥିପାଇଁ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଆଦି ଜିଲାକୁ ସତର୍କ କରାଯାଇଛି। ସୋମବାର ବାରିପଦାରେ ସର୍ବାଧିକ ୨୭.୭ ମିମି ବର୍ଷା ହୋଇଥିବାବେଳେ ଦାରିଙ୍ଗିବାଡ଼ିରେ ୧୯ ମିମି, ବରଗଡ଼ରେ ୧୦.୨ ମିମି, ଦେବଗଡ଼ରେ ୨.୪ ମିମି ଏବଂ ସମ୍ବଲପୁରରେ ୦.୭ ମିମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।

# ଟ୍ରେନ୍ ଧକ୍କାରେ ଯୁବକ ମୃତ



ଭଦ୍ରକ-ଧାମରା ରେଳପଥର ବଳସାହି ଲେଭଲକ୍ରସିଂ ନିକଟରେ ଟ୍ରେନ୍ ଲାଇନରେ ବସିଛନ୍ତି ମୃତକଙ୍କ ପରିବାର।

**ଚାନ୍ଦବାଲି,୪।୮ (ଅଶୋକ ପଣ୍ଡା/କିଷାନ ପାତ୍ର)**

ଭଦ୍ରକ-ଧାମରା ରେଳ ଧାରଣାରେ ସୋମବାର ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ବ୍ଲକ ଯଶିପୁର ପଞ୍ଚାୟତ ବଳସାହି ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଶଶିକାନ୍ତ(୩୦)। କ୍ଷତିପୂରଣ ଦାବିରେ ମୃତ ଶଶିକାନ୍ତଙ୍କ ପରିବାର ଲୋକେ ରେଳରୋକୋ କରିଛନ୍ତି।

ସୂଚନା ଅନୁଯାୟୀ, ଶଶିକାନ୍ତ ଭୋର ସମୟରେ ନିଜ ଚାଷଜମିକୁ ଯିବା ପାଇଁ ବଳସାହି ଲେଭଲକ୍ରସିଂ ନିକଟରେ ରେଳ ଧାରଣା ପାର୍ ହେଉଥିବା ବେଳେ ଭଦ୍ରକ ପଟୁ ଧାମରା ଅଭିମୁଖେ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ପରିବାରର ଚିତ୍ତରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସଙ୍କ ସମେତ ପରିବାର ଲୋକେ କ୍ଷତିପୂରଣ ଦାବିରେ ସକାଳ ପ୍ରାୟ ୬ଟାରୁ ଅପରାହ୍ଣ ୨ଟା ଯାଏ ମୃତଦେହ ରଖି ରେଳଧାରଣା

### କ୍ଷତିପୂରଣ ଦାବିରେ ରେଳରୋକୋ

ଉପରେ ବସି ରହିଥିଲେ। ଫଳରେ ଏହି ରେଳପଥରେ ମାଲବାହୀ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଶଶିକାନ୍ତ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଲେଭଲକ୍ରସିଂରେ ଜଗୁଆଳି ମୁତୟନ ପାଇଁ ଗ୍ରାମବାସୀ ଦାବି କରିଥିଲେ। ବାଂଶଡ଼ା ଥାନା ପୋଲିସ ଓ ଧାମରା ବନ୍ଦର କମ୍ପାନୀ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ମୃତକଙ୍କ ପରିବାର, ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସନ୍ଧ୍ୟାରେ ଯଶିପୁର ପଞ୍ଚାୟତରେ ଆଲୋଚନା ପରେ ଧାମରା ବନ୍ଦର କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ୨୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି।


# ମନେ ପଡ଼ନ୍ତି

### ଦଶମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଜ୍ୟୋତି ମହାନ୍ତି (ଝୁନୁ)**

ବରୁଣେଇ ସାହି, ଖୋର୍ଦ୍ଧା

ମା' ଚାହୁଁ ଚାହୁଁ ଆଜିକୁ ଦଶ ବର୍ଷ ହୋଇଗଲା। ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲୁ। ଆମ୍ଭର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋ ଅମର ଆତ୍ମାର ସଦ୍‌ଗତି ହେଉ। ତୋର ସ୍ନେହ ଓ ଆଶୀର୍ବାଦ ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ।

ଶୋକସନ୍ତପ୍ତ: ତୋର ପିଲାମାନେ ।

ଧ-୧୪୬୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ଅନାଦି ଚରଣ ସାହୁ**

ଅବସରପ୍ରାପ୍ତ ପୋଲସ ଅଧିକାରୀ

ଜାଗମରା, ଭୁବନେଶ୍ୱର

ଆବିର୍ଭାବ: ୦୮।୦୨।୧୯୪୮
ତିରୋଧାନ: ୧୧।୦୮।୨୦୨୪

ଚାହୁଁ ଚାହୁଁ ବର୍ଷେ ବିତିଗଲା, ତୁମେ ଯେଉଁଠି ଥାଅ ଭଲରେ ଥାଅ । ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମ ଜୀବନର ଆଦର୍ଶ ହୋଇ ରହିବ । ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର: ପ୍ରକାଶ, ପୁତ୍ରବଧୂ: ଉର୍ମିଳା, କନ୍ୟା: ସନ୍ଧ୍ୟାରାଣୀ, ବିଷ୍ଣୁପ୍ରିୟା, ସମିତା, ନମିତା, ଜାମାତା: କିଶୋର, ସଞ୍ଜୟ, ହେମନ୍ତ, ନାତି/ନାତୁଣୀ: କାହ୍ନା, ମାମାଲି, ତିତିଲି, ହର୍ଷିଲ୍, ନିଖିଲ୍, ମାମନ, @ଦେବଶ୍ରିତା ଓ ପରିବାରବର୍ଗ

ଧ-୧୫୪୭

# Classified Everyday

0674-2580101, 9692975378




## REAL ESTATE

### SALE

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376



5-Story Building for rent approx 10,000sqft Palasuni, Bhubaneswar Spacious 1BHK & 2BHK units available. Ideal for Ladies/Gents Hostel, Tutorial Center, Bank or Office Setup. Prime location: Behind Bhubaneswar Water Works, Palasuni. Contact- 9437035347, 9437468247. D-1519



Positively health benifits SPA expert female therapist homely atmosphere. 9114559830. D-1516

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special Offer @ 799 Bapujinagar. 7327058897. D-76931


## AFFIDAVIT

By virtue of an affidavit sworn before the Executive Magistrate, Jharbandh, Dist.- Bargarh, No.-01, date 31.7.25, I, Rukhmani Mirdha, R/o. Village/ P.O.- Bhainsadarha, P.S./TAH.- Jharbandh, Dist.-Bargarh, PIN-768042 declare that I have changed my name from Rukhmani Dhruv to Rukhmani Mirdha. Henceforth, I shall be known as Rukhmani Mirdha for all purposes.
Rukhmani Mirdha
D-1550

By virtue of an affidavit sworn before the Executive Magistrate, Balangir, No.-2529, date 31.07.25, I, Sukeshi Mishra, W/o- Narendra Mishra, R/o. Village- Raikeda, P.O.- Kamsara, P.S.- Tarbha, Dist.- Sonepur, Odisha, PIN-767016 declare that I have changed my name from Sukeshi Satpathy to Sukeshi Mishra. Henceforth, I shall be known as Sukeshi Mishra for all purposes.
Sukeshi Mishra
D-1549

By virtue of an affidavit sworn before Executive Magistrate, Cuttack, No.- 8520, dated 01.08.2025, I, Pradeep Kumar Dhal, H/o- Gokul Chandra Nayak, Jibanaranga Lane, Dagarpada, Cuttack-753002, Odisha declare that I have changed the name of my daughter from Stsiti Pragnya to Sthiti Pragnya Dhal. Henceforth, she shall be known as Sthiti Pragnya Dhal for all purposes.
D-1555

I, Sangram Das, S/o- Late Sisir Kumar Das resident of Ward No.- 11, V.S.S. Nagar, P.O./P.S.- Saheednagar, PIN- 751007, Odisha declare by this affidavit No.- 900, dtd. 04.11.2024. That now onwards I shall be known as Sangram Keshari Das for all future purposes.
D-1547

By virtue of an affidavit sworn before Pabitra Mohan Rajguru, Notary Public, Khordha, dt. 29.07.2025, I, Tulasi Gajendra, W/o- Late Bipin Gajendra, At/P.O.- Kumarbasta, P.S.- Ind. Est., Khordha, Dist.-Khordha, PIN-752055 declare that I have changed my name from Tikotama Baliarsingh to Tulasi Gajendra. Henceforth, I shall be known as Tulasi Gajendra for all purposes.
D-1554

By virtue of an affidavit sworn before Executive Magistrate, Bhadrak, dated 29.07.2025, I, Santilata Pati (38 yrs), W/o - Manoranjan Pati, Vill /P.O.- Aradi, P.S.- Dhusuri, Dist.- Bhadrak declare that I have changed my name in my LIC Policy bearing No.- 588437448 from Rashmi Rekha Pati to Santilata Pati. Henceforth, I shall be known as Santilata Pati for all future purposes.
D-1548

By virtue of an affidavit before Notary Public, Kantabanji on 04.08.2025 that before marriage I known as Duhkhita Gahir D/o- Champeswar Gahir which is mentioned in my Aadhaar Card and S.B. Account and after marriage to Satyanarayan Bag of Village- Budhibahal ,Turekela P.O./P.S.- Turekela, Dist.- Balangir, I updated my Aadhaar Card and known as Duhkhita Baga, W/o- Satyanarayan Bag whereas Duhkhita Gahir and Duhkhita Baga, W/o- Satyanarayan Bag is same and one person.
D-1546


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before the Executive Magistrate, Bari, dated 01.08.2025, I PRAVAT KUMAR BARIK, S/o- KARUNAKAR BARIK, permanent resident of Vill/P.O.- Ishanpur, P.S.- Bari Ramachandrapur, Dist.- Jajpur declare that I have changed my name from PRAVAT BARIK to PRAVAT KUMAR BARIK. Henceforth, I shall be known as PRAVAT KUMAR BARIK for all purpose.
PRAVAT KUMAR BARIK
D-1551

By virtue of an affidavit before the Executive Magistrate, Bari, on dated- 01.08.2025, I, SUSHANT KUMAR NAYAK, At/P.O.- Madhusudanpur, P.S.- Binjharpur. Dist.- Jajpur, PIN- 755004 declare that I have changed my minor son's name from SATYA SUNDAR NAYAK to SOUMYA RANJAN NAYAK. Henceforth, he will known as SOUMYA RANJAN NAYAK for all purpose.
D-1552

By virtue of an affidavit sworn before the Executive Magistrate, Jatni, dtd. 24.12.2024, I, Deepika Sahoo, W/o- Subhakanta Sahoo, resident of At/P.O.- Gangapada, P.S.- Infovally, Dist.- Khordha, Odisha-752054 declare that I have changed my name from Dipa Sahoo to Deepika Sahoo. Henceforth, I shall be known as DEEPIKA SAHOO for all purposes.
Deepika Sahoo
D-60985

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No.75AA162581 sworn before the Notary Public, Cuttack, dtd- 01.08.2025. I, BRATISUNDAR JENA, S/o BIBHUTI BHUSAN JENA, At/P.O.- Dadhibamanpur, P.S.-Bentkar 42 Mouza, Dist.-Cuttack, Odisha, declare that my father's actual name is BIBHUTI BHUSAN JENA which has been mentioned my Aadhaar Card. But wrongly my father's name has been mentioned BIBHUTIBHUSAN JENA in my all Educational Certificates. That BIBHUTI BHUSAN JENA & BIBHUTIBHUSAN JENA is one and same person.
Bratisundar Jena
D-1556

By virtue of an affidavit sworn before Executive Magistrate, Jajpur, dated 02.08.2025, I, Mir Maniruddin, At-Jagannathprasad, P.O.- Akhuapada, P.S.- Bhandaripokhari, Dist.-Bhadrak, PIN-756122 declare that I have changed the name of my daughter from Fanzoom to Afiya Anjum. Henceforth, she shall be known as Afiya Anjum for all purposes.
Mir Maniruddin
D-1558


ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## LEGAL NOTICE

FORM No. 3
(See Rule 7)

In the Court..........Family Court,Paralakhemundi(Gpt.)
IN THE FAMILY COURT AT Paralakhemundi, Gajapati
Proceeding No.- CP-17 of 2025
Smt. Nandita Patra
....Petitioner
Versus
Sri Kishore Kumar Jena ....Respondent, S/o- Panchanan Jena, C/o- Sudhakar Patra, House No.-17, Rashkola Para Land Mark- Near Rashkola Grama, Rakshi Bahini, Post- B.D. Sopan, P.S.-Khardaha @ 4PGS (N), Dist.-24 Paragana (North), Kolkata-700116

Whereas the above named petitioner has instituted a petition against you, as set out in the petition (annexed with the petition & annexure) and whereas the petition will be placed for directions on 11th day of August, 2025

You are hereby summoned to appear before the Family Court to answer the petitioner's claim on the said 11th day of August, 2025 at 10:00 O'clock and

Take notice that on the day before mentioned after hearing parties who appear directions will be given by the Judge a to the date of hearing before a counsellor of the Family Court and other matters concerning the petition and

Take further notice that if you fail to appear before the Judge on the day the petition may be ordered to be set down on Board on the same day or any subsequent days as undefended and you will be liable to have a decree or order passed against you.

Witness..... Judge at..... aforesaid this .......... 15th day of July, 2025.
Sd./- Judge, Family Court, Paralakhemundi (Gajapati)
D-1553

I.R. No.- 1293,
Date- 29.07.25

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀ ପ୍ରଦୀପ କୁମାର ନାୟକ, IAS)ଙ୍କ ଅତିରିକ୍ତ ରିଭିଜନ କୋର୍ଟ ନଂ.-୨ ଅଧିକାରୀ ନ୍ୟାୟାଳୟ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ନଅ ମହଲା, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.- ୩୪୧/୨୦୨୪
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା- ୧୫ (ବି) ଅନୁଯାୟୀ
ଶ୍ରୀ ପଦ୍ମଲୋଚନ ଦାସ
....ବାଦୀ
ବନାମ
ତହସିଲଦାର, ଜଟଣୀ ଓଗେର
....ପ୍ରତିବାଦୀମାନେ
ପ୍ରତିବାଦୀ ନଂ.-୪
ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ, ସ୍ୱା- ୰ଭାସ୍କର ଚନ୍ଦ୍ର ସାମନ୍ତରାୟ, ସା- ଦକ୍ଷିଣମୁଣ୍ଡ ମୁହାଣ, ପୋ.ଅ.- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ଦେୱାନୀ ଆଇନର ଅର୍ଡର-୫, ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା- ଓଗାଳପଡ଼ା, ଥାନା- ଜଟଣୀ, ନଂ.-୪୮, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.- ୯୦, ହାଲ୍ ପ୍ଲଟ୍ ନଂ.- ୧୨୯୧ ଏ.୦.୧୨୫ଡି. ସାବକ ମୌଜା- ଓଗାଳପଡ଼ା, ସାବକ ଖାତା ନଂ.- ୪୪, ସାବକ ପ୍ଲଟ୍ ନଂ.- ୫୯୬, ଏ.୧୧.୪୯୦ଡି. ମ୍ୟୁଟେସନ ଖାତା ନଂ.- ୨୫୫/୩୩୯, ପ୍ଲଟ୍ ନଂ.- ୫୯୬/୧୫୭୨, ଏ.୧୧.୪୯୦ଡି. ସ୍ୱଧରୁ ଏ.୦.୧୨୫ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ବନ୍ଦୋବସ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୨, ଓଡ଼ିଶା, ଭୁବନେଶ୍ୱର ବିଭାଗୀୟ ମୁଖ୍ୟ ଦପ୍ତର, ୯ ମହଲାଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୬।୦୮।୨୦୨୫ରିଖ ଦିବା ଘ ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲ ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.-୨, ଭୁବନେଶ୍ୱର
ଧ-୧୫୪୪

# ଅମୃତର ଉତ୍ସ

(୧ ଅଗଷ୍ଟ ରୁ ୭ ଅଗଷ୍ଟ ଯାଏଁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ)



ଜନ୍ମହେବା ପରେ ଶିଶୁ ବଞ୍ଚିବା ଲାଗି ପ୍ରକୃତି ମା' ସ୍ତନରେ ଭରିଦେଇଛି ଅମୃତର ଉତ୍ସ, ଯେଉଁଥିରେ ଶିଶୁର ଶାରୀରିକ ତଥା ମାନସିକ ବିକାଶ ନିମନ୍ତେ ଭରିରହିଥାଏ ସମସ୍ତ ଆବଶ୍ୟକ ପୋଷକତତ୍ତ୍ୱ। ତେଣୁ ଜନ୍ମହେବାର ୬ମାସ ପର୍ଯ୍ୟନ୍ତ ପ୍ରତି ଶିଶୁକୁ ମା' କ୍ଷୀର ଖୁଆଇବା ନିହାତି ଆବଶ୍ୟକ। ଆଉ ଏ ଦିଗରେ ସଚେତନତା ସୃଷ୍ଟିକରିବା ପାଇଁ ସାରା ବିଶ୍ୱରେ ଅଗଷ୍ଟ ପ୍ରଥମ ସପ୍ତାହକୁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଉପଲକ୍ଷେ ବିଶେଷ ଉପସ୍ଥାପନା...

– ପୌର୍ଣ୍ଣମାସୀ

## ସ୍ତନ୍ୟଦାତ୍ରୀଙ୍କ ପାଇଁ ଜରୁରୀ ସୂଚନା

★ପ୍ରଥମେ ଶିଶୁ ଜନ୍ମ ପରେ ପରେ କ୍ଷୀରର ପରିମାଣ କମ୍ ଥାଏ। ସାଧାରଣତଃ ତୃତୀୟ ଦିନ କ୍ଷୀର ସର୍ବାଧିକ ଝରିଥାଏ। ତେଣୁ ତା' ପର ଠାରୁ ସ୍ତନ ଟାଣହେବା ଏବଂ ଦରଜ ହେବା ଆରମ୍ଭ ହୋଇଥାଏ। କେବଳ ଏତିକି ନୁହେଁ, କେବେ କେବେ ଜ୍ୱର ମଧ୍ୟ ହୋଇଥାଏ। ତେଣୁ ମା'ମାନେ ବ୍ୟସ୍ତ ନ ହୋଇ ଶିଶୁକୁ ଯେତେ ପାରିବେ କ୍ଷୀର ପିଆଇବା ଦ୍ୱାରା ଏହି ସମସ୍ୟା ଦୂରହୋଇଥାଏ। ଆବଶ୍ୟକ ସ୍ଥଳେ ମ୍ୟାନୁଆଲ ଏକ୍ସପ୍ରେଶନ ବା ହାତରେ ଚିପି କ୍ଷୀର ବାହାର କରିବାକୁ ପଡ଼ିଥାଏ।

★ଅନେକ ସ୍ତନ୍ୟଦାତ୍ରୀଙ୍କଠାରେ ସ୍ତନର ଅଗ୍ରଭାଗ ବା ନିପ୍‌ଲରେ କ୍ରାକ୍ ହେବା ବା ଫାଟିବା ସମସ୍ୟା ଦେଖାଦେଇଥାଏ। ଫଳରେ ମା'ଙ୍କୁ ସ୍ତନ୍ୟପାନ କରାଇବା ସମୟରେ ଅତ୍ୟଧିକ ବ୍ୟଥା ହୋଇଥାଏ। ତେଣୁ ଏପରି ସମସ୍ୟା ଦେଖାଦେବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଅଏଣ୍ଟମେଣ୍ଟ ଲଗାଇବା ଆବଶ୍ୟକ। ଏହାଦ୍ୱାରା ନିପଲ ନରମ ହେବା ସହ ସ୍ତନ ପାନ ସମୟରେ କଷ୍ଟ କମ୍ ହୋଇଥାଏ। ହେଲେ ଏହି ଅଏଣ୍ଟମେଣ୍ଟ ବ୍ୟବହାର କରୁଥିଲେ ଶିଶୁକୁ ସ୍ତନପାନ କରାଇବା ପୂର୍ବରୁ ଭଲ ଭାବେ ନିପଲରୁ ଅଏଣ୍ଟମେଣ୍ଟ ପୋଛି ସଫା କରିବାକୁ ପଡ଼ିବ ନଚେତ୍ ତା' ଶିଶୁର ପେଟକୁ ଚାଲିଯିବ। କ୍ରାକ୍ ନିପଲ୍ କଷ୍ଟର ଉପଶମ ପାଇଁ ନିପଲ୍



ଶିଲ୍ଡ ମଧ୍ୟ ବ୍ୟବହାର କରାଯାଇଥାଏ।

★ ବେଳେ ବେଳେ ନିପଲ ସ୍ତନ ବାହାରକୁ ନ ଥାଇ ଭିତରକୁ ପଶିଲା ଭଳି ରହିଥାଏ। ଯାହାକୁ ରିଟ୍ରାକ୍ଟେଡ୍ ନିପଲ ବୋଲି କୁହାଯାଇଥାଏ। ଫଳରେ ମା' ଶିଶୁକୁ କ୍ଷୀର ଖୁଆଇ ପାରନ୍ତି ନାହିଁ ଓ କ୍ଷୀର ରହିବା ଯୋଗୁ ଅତ୍ୟଧିକ କଷ୍ଟ ହୋଇଥାଏ। ଏକ୍ଷେତ୍ରରେ ତୁରନ୍ତ ସମାଧାନ କରିବାକୁ ପଡ଼ିଥାଏ। ଅର୍ଥାତ୍ ଡାକ୍ତରଖାନାରେ ସିରିଞ୍ଜି ମାଧ୍ୟମରେ ପ୍ରେସର ଦେଇ ନିପଲକୁ ବାହାରକୁ ଟଣାଯାଇଥାଏ।

★ ଶିଶୁ ଏନ୍‌ଆଇସିୟୁରେ ରହିବା କିମ୍ବା କୌଣସି କାରଣରୁ କ୍ଷୀର ନ ଖାଇବା ଦ୍ୱାରା ସ୍ତନରେ କ୍ଷୀର ଜମାଟ ବାନ୍ଧି ଖୁବ୍ ବ୍ୟଥା ହୋଇଥାଏ। ଏହା ପ୍ରଭାବରେ ଜ୍ୱର ହୋଇଥାଏ। କେବେ କେବେ କ୍ଷୀର ରହିଯାଇ ବଥ ହୋଇଯାଏ। ତେଣୁ କ୍ଷୀର ରହିଯାଇ ସ୍ତନ ଟାଣ ଲାଗିବା ମାତ୍ରେ ଡାକ୍ତରଙ୍କ ପରାମର୍ଶକ୍ରମେ ଯଥା ସମୟରେ ବିଭିନ୍ନ ଉପାୟରେ କ୍ଷୀର କାଢ଼ିବାକୁ

## ସ୍ତନ୍ୟପାନକୁ ପ୍ରାଥମିକତା

–ଡା. ସରୋଜିନୀ ଷଡ଼ଙ୍ଗୀ

ମା' କ୍ଷୀର ଶିଶୁ ପାଇଁ ଅମୃତର ଭଣ୍ଡାର। ଏହା ଶିଶୁର ଶାରୀରିକ ତଥା ମାନସିକ ବୃଦ୍ଧି ପାଇଁ ସମସ୍ତ ପ୍ରକାର ପୋଷଣ ଶିଶୁ ଦେହରେ ପହଞ୍ଚାଇଥାଏ। ଏହା ଶିଶୁକୁ ସୁସ୍ଥ, ସବଳ ଓ ନୀରୋଗ ରଖିବା ସହ ଶିଶୁ ମୃତ୍ୟୁହାର ମଧ୍ୟ କମାଇଥାଏ। ସ୍ତନ୍ୟପାନର ପ୍ରୋତ୍ସାହନ ପାଇଁ ଓ ସହରାଞ୍ଚଳ ତଥା ଗାଁ ଗହଳରେ ସଚେତନତା ସୃଷ୍ଟି ଏବଂ ସ୍ତନ୍ୟପାନ ସଚେତନତା ପ୍ରତି ବିଶ୍ୱସ୍ତରୀୟ ପ୍ରତିବଦ୍ଧତାକୁ ଦୃଢ଼ କରିବା ପାଇଁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ପାଳିତ ହୋଇଥାଏ, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ , ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ବିଶ୍ୱର ନାଗରିକ ସମାଜର ସହଭାଗୀମାନଙ୍କ ଦ୍ୱାରା ସମର୍ଥିତ । ଏଥିପାଇଁ ପ୍ରତିବର୍ଷ ଅଲଗା ଅଲଗା ବିଷୟବସ୍ତୁ ସ୍ଥିରୀକୃତ ହୋଇଥାଏ । ୨୦୨୫ର ବିଷୟ ବସ୍ତୁ ହେଉଛି 'ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ, ସ୍ଥାୟୀ ସହାୟତା ପ୍ରଣାଳୀ ସୃଷ୍ଟି କରନ୍ତୁ'।

ଏହି ବିଷୟବସ୍ତୁ ସ୍ତନ୍ୟପାନ ପାଇଁ ଶକ୍ତିଶାଳୀ ଏବଂ ସ୍ଥାୟୀ ସହାୟତା ପ୍ରଣାଳୀ ନିର୍ମାଣ ଉପରେ ଗୁରୁତ୍ୱାରୋପ କରେ ତଥା ବ୍ୟକ୍ତିଗତ କଲ୍ୟାଣ ଏବଂ ପରିବେଶ ଉପରେ ଏହାର ପ୍ରଭାବକୁ ସ୍ୱୀକୃତି ଦିଏ । ଏହି ବିଷୟକୁ ବିଶ୍ୱ ସ୍ୱାସ୍ଥ୍ୟ ସଭା ( World Health Assembly) ୨୦୨୫ ପୁଷ୍ଟି ସାଧନ ଲକ୍ଷ୍ୟ ସହିତ ମଧ୍ୟ ସଂଯୁକ୍ତ ଏବଂ ପରିବେଶ ସ୍ଥିରତା ତଥା ଜଳବାୟୁ ସ୍ଥିରତା ପାଇଁ ସ୍ତନ୍ୟପାନକୁ ଏକ ଶକ୍ତିଶାଳୀ ଉପକରଣ ଭାବରେ ଗୁରୁତ୍ୱଦେବାକୁ ଲକ୍ଷ୍ୟ ରଖିଛି। ଏଥିରେ ପ୍ରତ୍ୟେକ ମା' ସ୍ତନ୍ୟପାନ କରାଇବାକୁ ଚାହୁଁଥିବା ପର୍ଯ୍ୟନ୍ତ ସହାୟତା ଏବଂ ସୂଚନା ପାଇବା ଉଚିତ।

ମା' କ୍ଷୀରରେ ଶିଶୁ ପାଇଁ ଆବଶ୍ୟକ ପୁଷ୍ଟି ସାଧନକାରୀ ଶ୍ୱେତସାର, ପୁଷ୍ଟିସାର ଓ ସ୍ନେହସାର

ଖାଦ୍ୟ ତଥା ୧୦୦ ପ୍ରକାର ଅନ୍ୟାନ୍ୟ ଉପାଦାନ ରହିଛି, ଯାହା ଗାଈ କ୍ଷୀରରେ ବା ଡବା କ୍ଷୀରରେ ନ ଥାଏ । ମା' କ୍ଷୀର ଶିଶୁର ଚାହିଦା, ସମୟ ଏବଂ ବୟସ ମୁତାବକ ପରିବର୍ତ୍ତନ ହୋଇଥାଏ । ମା' କ୍ଷୀରରେ ଥିବା ପ୍ରୋଟିନ୍(ଲାକ୍ଟାଲ୍‌ବୁମିନ୍) ଏବଂ ଫ୍ୟାଟିଏସିଡ୍ ଓ ଲାକ୍ଟୋଜ୍ ଶିଶୁ ସହଜରେ ହଜମ କରିଥାଏ । ଏହା ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟକରେ।

ମା' କ୍ଷୀର ଅନ୍ତନାଳୀରେ କ୍ଷତିକାରକ ଜୀବାଣୁ ବୃଦ୍ଧିକୁ ବାଧାଦିଏ । ତେଣୁ ଶିଶୁକୁ ସଂକ୍ରମଣଜନିତ ପେଟରୋଗ ଓ ଝାଡ଼ା ହୁଏ ନାହିଁ। ଶିଶୁର ପେଟଟଣା, କଲିକ୍ ଓ ବାୟୁଦୋଷ ରହେନାହିଁ। ଏହା ଶରୀରର ଉତ୍ତାପ ସହ ସମାନ ଥାଏ ଓ ଏହା ବିଶୁଦ୍ଧ।

ପ୍ରସବ ପରେ ମା' ସ୍ତନରୁ ବାହାରୁଥିବା ଗାଢ଼ ହଳଦିଆ ରଙ୍ଗର କୋଲୋଷ୍ଟ୍ରମକୁ 'ବହଳ କଷ କ୍ଷୀର' କୁହାଯାଏ । ଏହା ପ୍ରତିରକ୍ଷାକାରୀ ଜୀବକୋଷରେ ଭରପୂର ଥାଏ । କଷକ୍ଷୀର ଶିଶୁର ପ୍ରଥମ ଟିକା । ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଇମ୍ୟୁନୋଗ୍ଲୋବିନ୍, ଭିଟାମିନ୍ 'ଏ' ଓ ଭିଟାମିନ୍ 'ଡି' ପ୍ରଚୁର ପରିମାଣରେ ଥାଏ। ଏହା ତାକୁ ରିକେଟ୍ସ ଭଳି ରୋଗରୁ ରକ୍ଷାକରେ। ଯେଉଁ ଶିଶୁମାନେ ମା' କ୍ଷୀର ଖାଆନ୍ତି ସେମାନଙ୍କର ଅନ୍ୟ ଶିଶୁଙ୍କଠାରୁ କାନ ସଂକ୍ରମଣ ୩ଗୁଣ କମ୍ ହୋଇଥାଏ, ପରିସ୍ରା ସଂକ୍ରମଣ ୫ଗୁଣ କମ୍ ହୋଇଥାଏ, ଗୁରୁତର ସଂକ୍ରମଣଜନିତ ରୋଗ ୫ ଗୁଣ କମ୍ ହୋଇଥାଏ , ଆଲର୍ଜି ୭ଗୁଣ କମ୍ ହୋଇଥାଏ । ଅପରପକ୍ଷେ ମା' କ୍ଷୀର ଖାଉଥିବା ଶିଶୁଙ୍କର ମଧୁମେହ ରୋଗ ଓ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ । ମା' କ୍ଷୀର ସାରା ଜୀବନ ସୁସ୍ଥ ରହିବାର ଅୟମାରମ୍ଭ କରିଥାଏ।

**ସ୍ତନ୍ୟପାନ ମା' ପାଇଁ ମଧ୍ୟ ଉପକାରୀ :**

– ଯେଉଁ ମା'ମାନେ ନିଜ ଶିଶୁକୁ ସ୍ତନ୍ୟପାନ କରାଇଥାନ୍ତି, ସେମାନଙ୍କର ସ୍ତନକର୍କଟ ରୋଗ ଓ ଡିମ୍ବକୋଷର କର୍କଟରୋଗ କମ୍ ହୋଇଥାଏ । ୨ବର୍ଷ ଯାଏ ଶିଶୁକୁ ସ୍ତନ୍ୟପାନ କରାଇଥିଲେ ,ମାସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡା ୪୦ ଭାଗ 'ସ୍ତନକର୍କଟ' ରୋଗ ହେବାର ଚାନ୍ସ କମିଯାଇଥାଏ ।

– ୬ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ମେନୋପଜ୍ ଆଗରୁ ସ୍ତନକର୍କଟ ରୋଗ ହେବାର ଚାନ୍ସ ଶତକଡ଼ା ୬୬ ଭାଗ କମିଯାଇଥାଏ। ୭ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ସ୍ତନକର୍କଟ ରୋଗ ହେବାର ଚାନ୍ସ ପ୍ରାୟ ନ ଥାଏ କହିଲେ ଚଳେ । ମା' ସ୍ତନ୍ୟପାନ କରାଇଲେ ଡିମ୍ବକୋଷ କ୍ୟାନ୍‌ସର, ଜରାୟୁ କ୍ୟାନ୍‌ସର ତଥା ହାଡ଼ପୋରିଆ ରୋଗ ନ ହେବା ପାଇଁ ସୁରକ୍ଷା ପ୍ରଦାନ କରିଥାଏ।

ତେଣୁ ସବୁ ମା' ନିଜର ଦୃଢ଼ ଇଚ୍ଛାଶକ୍ତି ସହ ନିଜ ଶିଶୁକୁ ସ୍ତନ୍ୟପାନ କରାଇବା ଉଚିତ । ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ହିଁ ସମସ୍ତେ ଏଥିପାଇଁ ଦାୟିତ୍ୱବାନ୍ ହୋଇ ସ୍ତନ୍ୟପାନକୁ ପ୍ରୋତ୍ସାହନ କରିବା ଉଚିତ।

*– ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ–୧୨*
*ମୋ–୯୪୩୭୦୫୫୦୦୭*

## ସ୍ତନ୍ୟପାନର ଉପକାରିତା

ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହୋଇଯିବ ବୋଲି ଅନେକ ମହିଳା ଭୟରେ ପିଲାଙ୍କୁ କ୍ଷୀର ଖୁଆନ୍ତି ନାହିଁ। ହେଲେ ଜାଣନ୍ତି କି, ସ୍ତନ୍ୟପାନ କରାଇବା ଦ୍ୱାରା କେବଳ ଶିଶୁଟି ସୁସ୍ଥ ସବଳ ରହିଥାଏ ତା' ନୁହେଁ ବରଂ ମା'ଙ୍କୁ ମଧ୍ୟ ଅନେକ ଉପକାର ମିଳିଥାଏ। ଜାଣି ରଖନ୍ତୁ ଏହା ସମ୍ପର୍କରେ...



❖ସ୍ତନ୍ୟପାନ କରାଇବା ଦ୍ୱାରା ମା' ଦେହରୁ ଅଯଥା ଚର୍ବିଅଂଶ ହ୍ରାସ ହୁଏ। ଫଳରେ ପ୍ରସବ ପରବର୍ତ୍ତୀ ମୋଟାପଣ ଦୂରହୋଇଥାଏ।

❖କ୍ଷୀର ଖୁଆଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ। ଏହାର ଆକାର କମିଯାଇଥାଏ ଏବଂ ପ୍ରସବ ପରେ ରକ୍ତ କ୍ଷରଣ ମଧ୍ୟ କମ୍ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ।

❖ସ୍ତନ୍ୟପାନ ମଧ୍ୟ ମା'କୁ ସ୍ତନକର୍କଟ(ବ୍ରେଷ୍ଟ କ୍ୟାନ୍‌ସର), ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ କ୍ୟାନ୍‌ସର), ଜରାୟୁଗ୍ରୀବା କର୍କଟରୋଗ (ସର୍ଭାଇକାଲ କ୍ୟାନ୍‌ସର), ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍, ହାଡ଼ ପୋରିଆ ରୋଗ (ଓଷ୍ଟିଓପୋରୋସିସ୍) ଆଦି। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସେରାଇଡ୍ (ରକ୍ତରେ ଚର୍ବିଅଂଶ) କମ୍ ପରିମାଣରେ ଥାଏ। ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।

## ଶିଶୁ ଗଠନରେ ସ୍ତନ୍ୟପାନର ଅବଦାନ

– ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

ମାତୃସ୍ତନ୍ୟରେ ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର, ଭିଟାମିନ୍, ଦରକାରୀ ଖଣିଜ ଲବଣ, ଉପଯୁକ୍ତ ପରିମାଣର ଜଳୀୟ ଅଂଶ ଆବଶ୍ୟକ ଅନୁପାତରେ ଭରି ରହିଛି। ଶିଶୁର ଶାରୀରିକ, ମାନସିକ ବୃଦ୍ଧି ନିମନ୍ତେ ମା' କ୍ଷୀରର ବିକଳ୍ପ ନାହିଁ। ତେଣୁ ଜନ୍ମରୁ ଅତି କମ୍‌ରେ ୬ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା' କ୍ଷୀର ଖୁଆଇବା ନିହାତି ଆବଶ୍ୟକ ...

ମା' ତାର ସମସ୍ତ ସ୍ନେହ ନିଜର ଶିଶୁ ଉପରେ ଅଜାଡ଼ି ଦେଇଥାଏ ଓ ଶିଶୁକୁ ସ୍ତନ୍ୟପାନ କରାଇ ସ୍ୱର୍ଗୀୟ ସୁଖ ଅନୁଭବକରେ। ଶିଶୁର ଭବିଷ୍ୟତ ଜୀବନ ଗଠନ ମାତୃଗର୍ଭରୁ ପ୍ରଥମ



ଦିନରୁ ଆରମ୍ଭ ହୋଇଥାଏ। ଜୀବନର ପ୍ରଥମ ୧୦୦୦ ଦିନର ଲାଳନ ପାଳନ ଶିଶୁ ଭବିଷ୍ୟତ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ଜୀବନର ପ୍ରଥମ ୬ ମାସ ଶିଶୁଟିକୁ ସୁସ୍ଥ, ଜ୍ଞାନୀ ଓ ଗୁଣୀ କରିଥାଏ।

ପ୍ରଥମ ୧୦୦୦ ଦିନ କହିଲେ ଗର୍ଭରେ ରହିବା ସମୟ ୨୭୦ ଦିନ ବା ୯ ମାସ ଏବଂ ଜନ୍ମ ପରେ ପ୍ରଥମ ୨ ବର୍ଷ ଯାହାକି ୭୩୦ ଦିନ। ଏହି ସମୟରେ ଶିଶୁର ଯତ୍ନ ପ୍ରାୟତଃ ମା' ଉପରେ ନିର୍ଭର କରିଥାଏ। ଏହି ସମୟରେ ମା' ତା'ର ଅମୃତର ଧାରା ଯାହାକି ମାତୃସ୍ତନ୍ୟ ପ୍ରଦାନକରି ଭବିଷ୍ୟତ ପାଇଁ ତାକୁ ଏକ ସୁରକ୍ଷା ବଳୟ ଦେଇଥାଏ। ଏଥିପାଇଁ କୁହାଯାଇଛି–

ମା' କ୍ଷୀର ଅମୃତଧାର
ପିଇଲେ ଶିଶୁ ହେବ ଅମର।

ସେଥିପାଇଁ ମା'ମାନଙ୍କୁ ଶିଶୁର ପ୍ରଥମ ୬ ମାସ କେବଳ ମାତୃ ସ୍ତନ୍ୟପାନ କରାଇବା ନିହାତି ଆବଶ୍ୟକ। ଏହି ସମୟରେ ଅନ୍ୟ କୌଣସି ଜଳୀୟ ପଦାର୍ଥ ଦେବା ଉଚିତ ନୁହେଁ। କେବଳ ଡାକ୍ତରଙ୍କ ପରାମର୍ଶରେ ଔଷଧ ଦିଆଯାଇପାରେ।

ପୂର୍ବରୁ ଆମେ ଜାଣିଛେ ଶିଶୁ ଜନ୍ମର ପ୍ରଥମ ଘଣ୍ଟାରେ ସ୍ତନ୍ୟପାନ କରାଇବା ଦରକାର। ଶିଶୁର ମୁଖ ମା'ର ସ୍ତନାଗ୍ରକୁ ସ୍ପର୍ଶକଲେ, ମା' ଶିଶୁ କାନ୍ଦ ଶୁଣିଲେ ତା'ର ପ୍ରୋଲାକ୍ଟିନ୍ ହର୍‌ମୋନ୍ ନିର୍ଗତ ହୋଇ ସ୍ତନରୁ କ୍ଷୀର ପ୍ରସ୍ତୁତ ହୋଇ ସ୍ତନାଗ୍ରର ମୁଖ ଦେଇ ନିର୍ଗତ ହୋଇଥାଏ, ଯାହାକି ପୂର୍ବରୁ ଲାକ୍ଟିଫେରସ୍ ଡକ୍ଟ ମଧ୍ୟରେ ସଞ୍ଚିତ ହୋଇଥାଏ।

**ସନ୍ତୁଳିତ ଖାଦ୍ୟ:** ପ୍ରଥମ ୬ ମାସ ଶିଶୁଟି ଅନ୍ୟ କୌଣସି ଖାଦ୍ୟ ଖାଇଲେ ତା'ର ଶାରୀରିକ, ମାନସିକ ଓ ସାମାଜିକ ବୃଦ୍ଧି ହେବ ନାହିଁ। ମାତୃସ୍ତନରେ ସ୍ନେହସାର, ପୁଷ୍ଟିସାର, ଶ୍ୱେତସାର, ଭିଟାମିନ୍, ଦରକାରୀ ଖଣିଜ ଲବଣ, ଉପଯୁକ୍ତ ପରିମାଣର ଜଳୀୟ ଅଂଶ ଆବଶ୍ୟକ ଅନୁପାତରେ ଭରି ରହିଛି।

ସ୍ତନ୍ୟପାନ ସମୟରେ ଗୋଟିଏ ହାତରେ ଶୁଆଇ ପେଟକୁ ଆଉଜି ଖାଇବାକୁ ଦେବା ଉଚିତ। ଶିଶୁର ମୁଖକୁ ମା'ର ସ୍ତନ ପାଖକୁ ଆଣିବା ଉଚିତ। ସ୍ତନାଗ୍ରକୁ ଶିଶୁ ନିକଟକୁ ନେବା ଦରକାର ନାହିଁ। ଗୋଟିଏ ପଟ ସ୍ତନରୁ ଖାଦ୍ୟ ଥରକରେ ଦେବା ଭଲ। ଶିଶୁଟି ଉଠିଲା ପରେ ଅନ୍ୟ ସ୍ତନରୁ ପିଆଇବା ଉଚିତ। ସ୍ତନ୍ୟପାନ ଅତି କମ୍‌ରେ ଦିନକୁ ୮ଥର କରାଇବା ଉଚିତ। ମା' ଶିଶୁକୁ ଭୋକ ହେବାର ଲକ୍ଷଣ ଜାଣି ତାକୁ ଖୁଆଇବା ଉଚିତ। ପ୍ରସୂତି ମା'ର ଖାଦ୍ୟକୁ ବୟସ୍କା ସ୍ତ୍ରୀମାନେ ପ୍ରତିବନ୍ଧକ ଲଗାଇଥାନ୍ତି ଯେପରି, ପ୍ରସୂତି ଆମ୍ବ, ପଣସ, ଶାଗ, ମାଛ, ମାଂସ, ପୋଇଶାଗ, ପିଠା ଖାଇବା ମନା ଓ ଅଳ୍ପ ତେଲଯୁକ୍ତ ସନ୍ତୁଳା ଖାଦ୍ୟ ଦେଇଥାନ୍ତି। ଏହା ଫଳରେ ମା'ର ସ୍ୱାସ୍ଥ୍ୟହାନି ହୋଇଥାଏ। କ୍ଷୀର କମିଯାଇଥାଏ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିଥାଏ। ଏହି ଭୁଲ୍ ଧାରଣା ଆଦୌ ଗ୍ରହଣୀୟ ନୁହେଁ। ମା' ସମସ୍ତ ଖାଦ୍ୟ ଖାଇବା ଉଚିତ। ଦିନକୁ ୨ ଲିଟରରୁ ଅଧିକ ପାଣି ପିଇବା ଆବଶ୍ୟକ।

ଜନ୍ମ ପରେ ପ୍ରଥମ ୨/୩ ମାସ ପର୍ଯ୍ୟନ୍ତ ୭–୮ଥର ପତଳା ଝାଡ଼ା ହୋଇଥାଏ। ଯାହାକି ରୋଗ ନୁହେଁ ଏଥିପାଇଁ ମା'ର ଖାଦ୍ୟ ବନ୍ଦ କରିବା ଅନୁଚିତ। ଶିଶୁର ପରିପକ୍ୱ ଯନ୍ତ୍ର ଅନ୍ୟ ଖାଦ୍ୟ ଖାଇ ହଜମକରି ଶରୀରକୁ ସକ୍ଷମ ହୋଇ ନ ଥାଏ। ତେଣୁ ୬ ମାସ ପରେ ବହଳ ଖାଦ୍ୟ ଯେପରି ଛତୁଆ, ସୁଜି ହାଲୁଆ, ଖେଚୁଡ଼ି, ଜନ୍ତା ରୁଟି ଖାଇପାରେ।

**ରୋଗ ପ୍ରତିରୋଧକ:** ପ୍ରଥମ ଦିନରେ ବାହାରୁଥିବା କଷକ୍ଷୀରରେ ଅଧିକ ରୋଗ ପ୍ରତିରୋଧକ ଶକ୍ତି , ଜୀବାଣୁକୁ ନଷ୍ଟକରୁଥିବା ରସାୟନ, ଜୀବନ ରକ୍ଷାକାରୀ ଜୀବାଣୁ, ଲାକ୍ଟୋ ବାସିଲ୍‌ସ ବାଇଫିଡ୍, ଲାକ୍ଟୋ ବାସିଲ୍‌ସ ରୁଟେରୀ ବିଫିଡୋବ୍ୟାକ୍ଟେରିଅମ୍ ରହିଛି। ଏଥିରେ ଥିବା ଗ୍ରୋଥ୍ ଫ୍ୟାକ୍ଟର ଶିଶୁର ଶରୀର ବୃଦ୍ଧିରେ ସହାୟକ ହୁଏ। ଏଥିରେ ଥିବା ଜିଙ୍କ୍, କପର, ମ୍ୟାଗ୍ନେସିୟମ ଦୃଷ୍ଟିଶକ୍ତି ଓ ଅସ୍ଥି ମଜଭୁତ ରଖିବାରେ ସହାୟକ ହୋଇଥାଏ। ତେଣୁ ଅନିଷ୍ଟକାରୀ ଜୀବାଣୁଠାରୁ ଶିଶୁକୁ ସୁରକ୍ଷା ଦେଇଥାଏ।

– କମ୍ ବୟସର ଶିଶୁମାନଙ୍କଠାରେ ତରଳ ଝାଡ଼ା, ଶ୍ୱାସରୋଗ, କ୍ୟାନ୍‌ସର, କାନପଚା ରୋଗ ହୁଏ ନାହିଁ, ଯାହାକି ଶିଶୁ ମୃତ୍ୟୁ ହ୍ରାସ କରିଥାଏ। ଅପରିପକ୍ୱ ଶିଶୁଙ୍କଠାରେ ଦେଖା ଯାଉଥିବା ଏକ ସାଘାତିକ ରୋଗ ନେକ୍ରୋଟାଇଜିଂ ଏଣ୍ଟେରୋକୋଲାଇଟିସ୍ ହୋଇ ନ ଥାଏ।

**ମସ୍ତିଷ୍କ ବୃଦ୍ଧି ଓ ମେଧାଶକ୍ତି ବୃଦ୍ଧି:** ମାତୃସ୍ତନରେ ଥିବା ଡିଏଚ୍ଏ (DHA) ଓ ଏଚ୍ଏମ୍ଓ(HMO) ଶିଶୁର ଧୀଶକ୍ତି, ମେଧାଶକ୍ତି ବୃଦ୍ଧିରେ ସାହାଯ୍ୟକରେ, ଯାହାକି ଶିଶୁର ବୟସ ଅନୁପାତରେ ବିକାଶ କରାଇଥାଏ।

**ଭବିଷ୍ୟତ:** ମା'କ୍ଷୀର ଖାଇଲେ ଶିଶୁ ଠାରେ ଭବିଷ୍ୟତରେ ପୃଥୁଳତା, ମଧୁମେହ ରୋଗ, ଉଚ୍ଚ ରକ୍ତଚାପ ରୋଗ, ହୃଦ୍‌ରୋଗ, ମାନସିକ ରୋଗ ଆଦି ଦେଖାଯାଏ ନାହିଁ। ଶିଶୁର ସ୍ନେହରେ ମା' ବାନ୍ଧି ହୋଇଥାଏ। ସେହି ଅତୁଟ ବନ୍ଧନ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ମଧ୍ୟ ରହିଥାଏ।

**ମା' ସ୍ୱାସ୍ଥ୍ୟର ଉପକାର:** ସୁନ୍ଦର ସ୍ୱାସ୍ଥ୍ୟ, ମଧୁମେହ ଟାଇପ୍– ୨, ଅଷ୍ଟିଓପୋରୋସିସ୍, ଡିପ୍ରେଶନ୍, ବ୍ଲଡ୍ ପ୍ରେସର ରୋଗରୁ ରକ୍ଷା ମିଳିଥାଏ।

ବର୍ତ୍ତମାନ ଶିକ୍ଷିତା, କର୍ମଜୀବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସ୍ତନ୍ୟପାନର ସୁବିଧା ପାଇଁ ୬ମାସ ପର୍ଯ୍ୟନ୍ତ ସରକାରୀ ଛୁଟି ପ୍ରଦାନ କରାଯାଉଛି। ଅଫିସ୍ ଓ ଏରୋଡ୍ରମ୍, ବସ୍‌ଷ୍ଟାଣ୍ଡ ଆଦିରେ ସ୍ତନ୍ୟପାନ ପାଇଁ କୋଠରି ନିର୍ମିତ ହୋଇଛି। ଏହା ବ୍ୟତୀତ ସ୍ତନ୍ୟପାନ କରାଉଥିବା ମହିଳା ନିଜର କ୍ଷୀର ବାହାରକରି ଫ୍ରିଜ୍ ମଧ୍ୟରେ ରଖିପାରିବେ ଓ ଆବଶ୍ୟକ ସ୍ଥଳେ ବାହାରକରି ନର୍ମାଲ ରୁମ୍ ଟେମ୍ପେରେଚରକୁ ଆସିବା ପରେ ଶିଶୁକୁ ପିଆଇପାରିବେ। କେବଳ ମାତୃ ସ୍ତନ୍ୟ ୬ମାସ ପର୍ଯ୍ୟନ୍ତ ପିଉଥିବା ଶିଶୁ ପରବର୍ତ୍ତୀ ସମୟରେ ୨ ବର୍ଷ ପର୍ଯ୍ୟନ୍ତ ଅନ୍ୟ ଖାଦ୍ୟ ସହ ମାତୃ ସ୍ତନ୍ୟ ପିଉଥିବା ଶିଶୁ ମୃତ୍ୟୁଞ୍ଜୟୀ ଓ ଭବିଷ୍ୟତରେ ସୁସ୍ଥ ସବଳ ହୋଇଥାନ୍ତି।

*–ଶିଶୁରୋଗ ବିଶେଷଜ୍ଞ, ନ୍ୟାଶନାଲ ହେଲ୍‌ଥ ମିଶନ, ଭୁବନେଶ୍ୱର*



ପଡ଼ିଥାଏ।

– ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଗୋଟିଏ ସ୍ତନରେ ଅଧିକ କ୍ଷୀର ଜମାହୋଇ ପରବର୍ତ୍ତୀ ସମୟରେ ଗୋଟାଳି ହୋଇ ବିନ୍ଧିବା, ପୂଯ ହେବା ଏବଂ କେବେ କେବେ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ।

– ଶୋଇବା ଅବସ୍ଥାରେ ଶିଶୁକୁ ସ୍ତନ୍ୟପାନ କରାଇବା ଅନୁଚିତ। କାରଣ ଏହାଦ୍ୱାରା ଶିଶୁର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧ ହେବା ଆଶଙ୍କା ଥାଏ। ତେଣୁ ସର୍ବଦା ବସିରହି ସ୍ତନ୍ୟପାନ କରାଇବା ନିରାପଦ।

– ମା' ଅତି ଦୁର୍ବଳ, ପୁଷ୍ଟିହୀନତାର ଶିକାର, ସ୍ତନରେ ଘା' ହୋଇଥିଲେ କିମ୍ବା ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ୍ ଆଦି ରୋଗ ଥିଲେ ସ୍ତନ୍ୟପାନ କରାଇବା ଅନୁଚିତ।

# ଗାବାଠାରୁ ବଡ଼ ବିଜୟ



ଇଂଲଣ୍ଡ ବିପକ୍ଷରେ ଅନ୍ତିମ ଟେଷ୍ଟ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଭାରତୀୟ ଖେଳାଳି।

**ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟରେ ରୋମାଞ୍ଚକ ବିଜୟ ପରେ ଭାରତୀୟ ଦଳଙ୍କୁ କ୍ରିକେଟ୍ ଜଗତରେ ଖୁବ୍ ପ୍ରଶଂସା କରାଯାଉଛି। ଭାରତର କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକରଙ୍କ ଭଳି ଅନେକ ପୂର୍ବତନ ଓ ବର୍ତ୍ତମାନ କ୍ରିକେଟର ସୋସିଆଲ ମିଡିଆ ଜରିଆରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଯୁବ ଭାରତୀୟ ଦଳର ବିଜୟ ପରେ ସେମାନଙ୍କ ପ୍ରତିକ୍ରିୟା ରଖିଛନ୍ତି।**

ଏହି ବିଜୟ ଗାବାଠାରୁ ବଡ଼।

-ସୁନୀଲ ଗାଭାସ୍କର, ମହାନ ବ୍ୟାଟର

ରୋମାଞ୍ଚିତ କଲା ଭଳି ଟେଷ୍ଟ ମ୍ୟାଚ୍। ସିରିଜ୍ ୨-୨ ଓ ପ୍ରଦର୍ଶନ ୧୦/୧୦। ସୁପରମ୍ୟାନ ଭାରତର। ଜବରଦସ୍ତ ବିଜୟ।

- ସଚିନ ତେନ୍ଦୁଲକର, କ୍ରିକେଟ୍ ଆଇକନ

ଜାଡେଜା, ୱାଶିଂଟନ, ପନ୍ତ ପୂରା ସିରିଜ୍‌ରେ ଅସାଧାରଣ ପ୍ରଦର୍ଶନ କରିଥିଲେ। ଯୁବ ଦଳର ଏଭଳି ସ୍ଥିର ପ୍ରଦର୍ଶନ ପ୍ରଶଂସନୀୟ।

- ସୌରଭ ଗାଙ୍ଗୁଲି, ପୂର୍ବତନ ଅଧିନାୟକ ଓ ବିସିସିଆଇ ସଭାପତି

ସିରିଜ୍ ଡ୍ର' ହେଲା। ହେଲେ ବାଉଣ୍ଡ୍ରୀ ଗଣନା ନିୟମରେ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଜିତିଲା।

-ୱାସିମ ଜାଫର, ପୂର୍ବତନ ଓପନର

ଭାରତୀୟ ଦଳ ଖୁବ ଭଲ ଖେଳିଲା। ଚମତ୍କାର ସିରିଜ୍। ଉଭୟ ଦଳ ସହ ଜଡ଼ିତ ପ୍ରତ୍ୟେକଙ୍କୁ ୱେଲଡନ। ସିରାଜ ଓ ପ୍ରସିଦ୍ଧ ଅନ୍ତିମ ଦିନରେ ଜବରଦସ୍ତ ପ୍ରଦର୍ଶନ କଲେ। ଚମତ୍କାର ସିରିଜ୍ ଲାଗି ଗିଲ୍‌ଙ୍କୁ ଅଭିନନ୍ଦନ।

-ଅନିଲ କୁମ୍ବଲେ, ପୂର୍ବତନ ଅଧିନାୟକ

ଜବରଦସ୍ତ ପ୍ରଦର୍ଶନ। ଏହି ଦଳର ଲଢ଼େଇ ଓ ଦୃଢ଼ ଭାବେ ଶେଷ କରିବା ଦେଖି ମୁଁ ଖୁବ ଆନନ୍ଦିତ।

-ସୂର୍ଯ୍ୟକୁମାର ଯାଦବ, ଭାରତୀୟ ଟି୨୦ ଦଳର ଅଧିନାୟକ

ଟେଷ୍ଟ କ୍ରିକେଟ୍‌କୁ ଏହାଠାରୁ ଭଲ ସିରିଜ୍ ମିଳିବ ନାହିଁ। ମ୍ୟାଚ୍‌ରେ ରୋମାଞ୍ଚକ ଅନ୍ତ, ଚାପପୂର୍ଣ୍ଣ ମୁହୂର୍ତ୍ତ ଓ ଖେଳାଳିଙ୍କ ଚରିତ୍ର ଦେଖିବାକୁ ମିଳିଲା। ୱେଲ ଡନ ବିସିସିଆଇ।

-ଅଜିଙ୍କ୍ୟ ରାହାନେ, ଭେଟେରାନ କ୍ରିକେଟର

## ରୋନାଲ୍ଡୋଙ୍କ ୱାଲପେପର ଉତ୍ସାହିତ କରିଥିଲା: ସିରାଜ

ଲଣ୍ଡନ,୪।୮(ପି.ଟି.)

ଭାରତୀୟ ଦଳକୁ ଯେକୌଣସି ମୁହୂର୍ତ୍ତରେ ମ୍ୟାଚ୍ ଜିତାଇ ପାରିବେ ବୋଲି ପେସର ମହମ୍ମଦ ସିରାଜ ସର୍ବଦା ବିଶ୍ୱାସ ରଖିଥିଲେ। ପୂରା ସିରିଜ୍‌ରେ ସିରାଜ ୧୮୫.୩ ଓଭର ବୋଲିଂ କରି ୨୩ ଉଇକେଟ ନେଇଥିଲେ। 'ମୁଁ ସକାଳେ ଉଠିବା ପରେ ଗୁଗଲ କରି ରୋନାଲ୍ଡୋଙ୍କ 'ବିଲିଭ' ୱାଲପେପର ଫୋନରେ ସେଟ୍ କରିଥିଲି। ନିଜକୁ କହିଥିଲେ ଯେ, ମୁଁ ମୋ ଦେଶ ପାଇଁ ଏହା କରିବି। ମୁଁ ସର୍ବଦା ବିଶ୍ୱାସ କରୁଥିଲେ ଯେ, ମୁଁ ଯେକୌଣସି ମୁହୂର୍ତ୍ତରେ ଦଳକୁ ଜିତାଇପାରିବି। ଭଲ ଅଞ୍ଚଳରେ ବୋଲିଂ କରିବା ମୋର ଏକମାତ୍ର ଯୋଜନା ଥିଲା। ଉଇକେଟ ମିଳୁ କିମ୍ବା ରନ୍ ଯାଉ, ତାହା ମାନେ ରଖେ ନାହିଁ ବୋଲି ସିରାଜ ମ୍ୟାଚ୍ ଶେଷ ହେବା ପରେ କହିଛନ୍ତି। ମ୍ୟାଚ୍‌ର ଚତୁର୍ଥ ଦିନରେ ବାଉଣ୍ଡ୍ରୀ ଲାଇନ୍‌ରେ ଫିଲ୍ଡିଂ କଲା ବେଳେ ହ୍ୟାରୀ ବ୍ରୁକଙ୍କ ଏକ ଶଟ୍‌କୁ ସିରାଜ୍ କ୍ୟାଚ୍ କରିଥିଲେ। ହେଲେ କ୍ୟାଚ୍ ନେବା ପ୍ରକ୍ରିୟାରେ ସେ ବାଉଣ୍ଡ୍ରୀ ଲାଇନ ମାଡ଼ିଯାଇଥିଲେ। ଏ ଘଟଣା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ମୁଁ କ୍ୟାଚ୍ ଧରିଲା ବେଳେ ବାଉଣ୍ଡ୍ରୀ ଲାଇନ୍ ଛୁଇଁଦେବି କଦାପି ଚିନ୍ତା କରିନଥିଲି। ତାହା ମ୍ୟାଚ୍ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଟର୍ଣ୍ଣିଂ ପଏଣ୍ଟ ଥିଲା। ସେହି ଛକା ପରେ ବ୍ରୁକ୍ ଟି୨୦ ଷ୍ଟାଇଲରେ ବ୍ୟାଟିଂ କରିଥିଲେ। ଆମେ ମ୍ୟାଚ୍‌ରେ ପଛରେ ପଡ଼ିଯାଇଥିଲୁ। କିନ୍ତୁ ମ୍ୟାଚ୍ ଜିତିଥିବାରୁ ଭଗବାନଙ୍କ ଧନ୍ୟବାଦ। ମୁଁ ନିଜ ବୋଲିଂ ଉପରେ ଖୁବ କଠିନ ପରିଶ୍ରମ କରିଛି ବୋଲି ସିରାଜ କହିଛନ୍ତି।



ରୋଥ୍‌ସେ ଓ ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜ୍ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ।

## ରେକର୍ଡ୍ସ

– ସିରିଜ୍‌ରେ ଦୁଇ ଦଳ ଦ୍ୱାରା ସର୍ବମୋଟ ୭,୧୮୭ ରନ୍ କରାଯାଇଥିଲା, ଯାହାକି ଟେଷ୍ଟ କ୍ରିକେଟ୍ ଇତିହାସରେ ମିଳିତ ଦ୍ୱିତୀୟ ସର୍ବାଧିକ।

– ସିରିଜ୍‌ରେ ଦୁଇ ଦଳ ମୋଟ ଉପରେ ୧୪ ଥର ୩୦୦ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲେ, ଯାହାକି ମିଳିତ ସର୍ବାଧିକ।

– ସିରିଜ୍‌ରେ ଦୁଇ ଦଳର ୯ ଜଣ ବ୍ୟାଟର ୪୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ, ଯାହାକି ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ।

– ଦୁଇ ଦଳର ବ୍ୟାଟରମାନେ ମୋଟ ଉପରେ ୫୦ଟି ଅର୍ଦ୍ଧଶତକ ହାସଲ କରିଥିଲେ, ଯାହାକି ମିଳିତ ସର୍ବାଧିକ।

– ଦୁଇ ଦଳର ବ୍ୟାଟରମାନେ ମୋଟ ଉପରେ ୨୧ଟି ଶତକ ହାସଲ କରିଥିଲେ, ଯାହାକି ମିଳିତ ସର୍ବାଧିକ।

– ଦୁଇ ଦଳର ବ୍ୟାଟରଙ୍କ ମଧ୍ୟରେ ୧୯ ଥର ଶତକୀୟ ଭାଗୀଦାରି ହୋଇଥିଲା, ଯାହାକି ମିଳିତ ସର୍ବାଧିକ।

– ବିଦେଶରେ ଖେଳାଯାଇଥିବା ୫ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଏହା ଭାରତର ପ୍ରଥମ ବିଜୟ। ଏଥିପୂର୍ବରୁ ଭାରତ ବିଦେଶରେ ୧୭ଟି ଅତିକମ୍‌ରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିଥିଲା। ଏଥିରୁ ୧୦ ଥର ପରାଜିତ ହୋଇଥିବା ବେଳେ ୭ ଥର ମ୍ୟାଚ୍‌କୁ ଭାରତ ଡ୍ର' ରଖିଥିଲା। ଭାରତରେ ଏହି ରେକର୍ଡ ୭–୪ ରହିଛି।

– ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିବାରେ ଇଂଲଣ୍ଡ ଲଗାତର ଚତୁର୍ଥ ଥର ପାଇଁ ବିଫଳ ହୋଇଛି। ଭାରତ ବିପକ୍ଷରେ ଇଂଲଣ୍ଡ ଅନ୍ତିମ ଥର ୨୦୧୮ରେ ଘରୋଇ ମାଟିରେ ଟେଷ୍ଟ ସିରିଜ୍ ଜିତିଥିଲା।

– ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟକୁ ଭାରତ ୬ ରନରେ ଜିତିଛି, ଯାହାକି ଭାରତୀୟ ଦଳ ପାଇଁ ସବୁଠୁ କମ୍ ରନ ବ୍ୟବଧାନରେ ମିଳିଥିବା ଟେଷ୍ଟ ବିଜୟ। ଏଥିପୂର୍ବରୁ ୨୦୦୪ରେ ଭାରତ ୧୩ ରନରେ ଅଷ୍ଟ୍ରେଲିଆ ବିପକ୍ଷ ମୁମ୍ବାଇ ଟେଷ୍ଟ ଜିତିଥିଲା।

– ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଦ୍ୱିତୀୟ ଭାରତୀୟ ଯୋଡ଼ି ଭାବେ ଏକ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସରେ ଅତିକମ୍‌ରେ ୪ ଉଇକେଟ ନେଇଥିଲେ। ଏଥିପୂର୍ବରୁ ବିଶେନ ସିଂ ବେଦୀ ଓ ଏରାପଲି ପ୍ରସନା ୧୯୬୯ରେ ଅଷ୍ଟ୍ରେଲିଆ ବିପକ୍ଷ ଦିଲ୍ଲୀ ଟେଷ୍ଟରେ ଏହି ସଫଳତା ପାଇଥିଲେ।

– ଜୋ ରୁଟ୍ ଓ ହ୍ୟାରୀ ବ୍ରୁକଙ୍କ ମଧ୍ୟରେ ୧୯୫ ରନର ପାର୍ଟନରଶିପ ହୋଇଥିଲା, ଯାହାକି ପରାଜୟ କ୍ଷେତ୍ରରେ ଚତୁର୍ଥ ଇନିଂସରେ ଦ୍ୱିତୀୟ ସର୍ବାଧିକ। ଏହି କ୍ଷେତ୍ରରେ ସର୍ବାଧିକ ହେଉଛି ୨୦୪, ଯାହାକି ଲୋକେଶ ରାହୁଲ ଓ ରିଷଭ ପନ୍ତ ୨୦୧୮ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲଠାରେ ହାସଲ କରିଥିଲେ। ପରାଜୟ କ୍ଷେତ୍ରରେ ରୁଟ୍ ଓ ବ୍ରୁକ ଏକ ଟେଷ୍ଟ ମ୍ୟାଚର ଚତୁର୍ଥ ଇନିଂସରେ ସପ୍ତମ ଯୋଡ଼ି ଭାବେ ଶତକ ହାସଲ କରିଥିଲେ।

## ସ୍ୱିଟେକ୍‌ଙ୍କୁ ହରାଇଲେ ଟସନ

ମଣ୍ଟ୍ରିଲ, ୪।୮ (ଏପି)

ଡେନମାର୍କର କ୍ଲାରା ଟସନ ନ୍ୟାଶନାଲ ବ୍ୟାଙ୍କ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ତଥା ୱିମ୍ବଲଡନ ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ୭–୬ (୧), ୬–୩ ସେଟ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏଥିସହିତ ସେ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୧୬ତମ ସିଡ୍ ତଥା ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ଟସନ ତାଙ୍କର ଏହି ବିଜୟ ଦ୍ୱାରା ୱିମ୍ବଲଡନରେ ସ୍ୱିଟେକଙ୍କଠାରୁ ପରାଜୟର ପ୍ରତିଶୋଧ ନେଇଛନ୍ତି। ମଙ୍ଗଳବାର ସେ ଅଷ୍ଟ୍ରେଲିଆନ ଓପନ ବିଜେତା ଆମେରିକାର ମାଡିସନ କିଜ୍‌ଙ୍କ ସହ ମୁକାବିଲା କରିବେ। ଟସନ ଏପର୍ଯ୍ୟନ୍ତ ତାଙ୍କ କ୍ୟାରିୟରରେ ଏକମାତ୍ର ଟୁର୍ ଟାଇଟଲ ଜାନୁଆରୀରେ ନ୍ୟୁଜିଲାଣ୍ଡରେ ଜିତିଛନ୍ତି। ସେ ପ୍ରତିଯୋଗିତାର ଫାଇନାଲରେ ଜାପାନର ନାଓମି ଓସାକାଙ୍କୁ ହରାଇ ଦେଇଥିଲେ। ମାଡିସନ କିଜ୍ ୧୧ଶ ସିଡ୍ କାରୋଲିନା ମୁଚୋଭାଙ୍କୁ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ।

## ଏଆଇଏଫ୍‌ଏଫ୍-ଆଇଏସ୍ଏଲ ସିଇଓ ବୈଠକ ୭ରେ

ନୂଆଦିଲ୍ଲୀ, ୪।୮ (ପି.ଟି.)

ଏଥର ଦେଶର ପ୍ରମୁଖ ଫୁଟ୍‌ବଲ ଲିଗ୍ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଆୟୋଜନ ନେଇ ଅନିଶ୍ଚିତତା ଦେଖାଦେବା ପରେ ସମସ୍ୟାର ସମାଧାନ ପନ୍ଥା ବାହର କରିବା ପାଇଁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଏବଂ ୮ଟି ଆଇଏସ୍ଏଲ କ୍ଲବର ସିଇଓଙ୍କ ମଧ୍ୟରେ ଏକ ବୈଠକ ଅଗଷ୍ଟ ୭ ବସିବ। ଜାତୀୟ ମହାସଂଘ ସହ ଲିଗ୍‌ର ଆୟୋଜକ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ୍) ମଧ୍ୟରେ ହୋଇଥିବା ମାଷ୍ଟର୍ସ ରାଇଟ୍ ଏଗ୍ରିମେଣ୍ଟ (ଏମ୍ଆର୍ଏ)ରେ ସ୍ପଷ୍ଟତା ନ ଥିବାରୁ ଏହି ଅନିଶ୍ଚିତତା ସୃଷ୍ଟି ହୋଇଛି। ଜାତୀୟ ମହାସଂଘର ମାର୍କେଟିଂ ପାର୍ଟନର ଏଫ୍ଏସ୍‌ଡିଏଲ୍ ଓ ଏଆଇଏଫ୍ଏଫ୍ ମଧ୍ୟରେ ହୋଇଥିବା ଏମ୍ଆର୍ଏର ମିଆଦ ଡିସେମ୍ବର ୧୮ରେ ଶେଷ ହେଉଛି। ପୂର୍ବରୁ ୮ଟି ଆଇଏସ୍ଏଲ୍ କ୍ଲବ ଏଆଇଏଫ୍ଏଫ୍‌କୁ ଏକ ଚିଠି ଲେଖିଥିଲେ। ଏଆଇଏଫ୍ଏଫ୍ ଓ ଏଫ୍ଏସ୍‌ଡିଏଲ୍ ସହିତ ସେମାନଙ୍କର ଉପଯୁକ୍ତ ଆଲୋଚନା ହୋଇଥିବାରୁ ପ୍ରଫେସନାଲ ଫୁଟ୍‌ବଲ ପାଇଁ ଆବଶ୍ୟକତା ଦୃଷ୍ଟିରୁ ସେମାନେ ସେମାନଙ୍କ ଗେମ୍ ପ୍ଲାନ ପ୍ରସ୍ତୁତ କରିପାରୁ ନାହାନ୍ତି। ଏକ ଗଠନମୂଳକ ଆଲୋଚନା ପାଇଁ ସେମାନେ ଏଥିରେ ନିବେଦନ କରିଥିଲେ। ଚିଠିରେ ବେଙ୍ଗାଲୁରୁ ଏଫ୍‌ସି, ଜାମସେଦପୁର ଏଫ୍‌ସି, ଏଫ୍‌ସି ଗୋଆ, ହାଇଦ୍ରାବାଦ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି, ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ଆଦି ସ୍ୱାକ୍ଷର କରିଛନ୍ତି। କୋଲକାତାର ତିନୋଟି କ୍ଲବ ମୋହନ ବାଗାନ ସୁପର ଜାଏଣ୍ଟ୍ସ, ଇଷ୍ଟ ବେଙ୍ଗଲ, ମହମ୍ମଡ଼ାନ ସ୍ପୋର୍ଟିଂ ସମେତ ମୁମ୍ବାଇ ସିଟି ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସିର ଦସ୍ତଖତ ଏହି ଚିଠିରେ ସ୍ଥାନ ପାଇନାହିଁ। ଏହି ସିଜନରେ ଆଇଏସ୍ଏଲ ହେବ ବୋଲି ଗତ ମାସରେ ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଦେଶର ଏହି ପ୍ରମୁଖ ଫୁଟ୍‌ବଲ ପ୍ରତିଯୋଗିତା କେବେ ହେବ ସେ ସମ୍ପର୍କରେ ସ୍ପଷ୍ଟ କରି ନ ଥିଲେ। ଲିଗ୍ ଯଦି ନ ହୁଏ ତେବେ ଏହା କେବଳ ଫୁଟ୍‌ବଲରମାନଙ୍କୁ ନୁହେଁ ଏହା ସହିତ ସମ୍ପୃକ୍ତ ଲୋକମାନେ ପ୍ରଭାବିତ ହେବେ। ଲିଗ୍ ଯେପରି ଜାରି ରୁହେ ସେ କ୍ଷେତ୍ରରେ ଯଥାସମ୍ଭବ ଉଦ୍ୟମ ହେବ ବୋଲି ସେ କହିଥିଲେ। ଆଇଏସ୍ଏଲ୍ ଅୟୋଜକ ଏଫ୍ଏସ୍‌ଡିଏଲ୍ ଜୁଲାଇ ୧୧ରେ ଘୋଷଣା କରିଥିଲା ଯେ, ୨୦୧୦ରେ ଏଆଇଏଫ୍ଏଫ୍ ସହିତ ହୋଇଥିବା ଏମ୍ଆରଏ ଚୁକ୍ତି ନବୀକରଣ କରାଯାଇ ନ ଥିବାରୁ ୨୦୨୫–୨୬ ସିଜନକୁ ଅଟକ ରଖାଯାଇଛି। ଆଇଏସଏଲ୍ ସାଧାରଣତଃ ସେପ୍ଟେମ୍ବରରୁ ଏପ୍ରିଲ ପର୍ଯ୍ୟନ୍ତ ଖେଳାଯାଇଥାଏ।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ହକି ଦଳ ଘୋଷିତ

ନୂଆଦିଲ୍ଲୀ, ୪।୮ (ପି.ଟି.)

**ଓଡ଼ିଶାର ୩ ଖେଳାଳି ସାମିଲ**

ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଭାରତୀୟ ହକି ଦଳ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ସିରିଜ ପାଇଁ ସୋମବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ ଓ ଶୀଳାନନ୍ଦ ଲାକ୍ରା। ଡାରକା ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଦଳର ନେତୃତ୍ୱ ନେଉଥିବାବେଳେ ଯୁବ ଡିଫେଣ୍ଡର ପିଭନ୍ନା ସି.ବି.ଙ୍କୁ ସ୍ଥାନ ମିଳିଛି। ଚଳିତ ମାସ ୧୫ରେ ପର୍ଥଠାରେ ପ୍ରଥମ ମ୍ୟାଚ ଖେଳାଯିବ। ଅଗଷ୍ଟ ୨୯ରୁ ରାଜଗିରଠାରେ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଏହା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ। ତେଣୁ ଆଷ୍ଟ୍ରେଲିଆ ଗସ୍ତରେ ଭାରତ ଭଲ ଅଭ୍ୟାସ ସୁଯୋଗ ପାଇବ। ''ବିହାରରେ ହେବାକୁଥିବା ଏସିଆ କପ୍ ପୂର୍ବରୁ ପ୍ରସ୍ତୁତିକୁ ଚୂଡ଼ାନ୍ତ ଦେବାକୁ ଆମେ ଅଷ୍ଟ୍ରେଲିଆ ଗସ୍ତ କରୁଛୁ। କ୍ୱାଲିଟି ଟ୍ରେନିଂ ଓ ୱାର୍ମଅପ୍ ମ୍ୟାଚ ଖେଳି ଫିଜିକାଲ କଣ୍ଡିଶନିଂ ସହ ବୈଷୟିକ ଦୃଷ୍ଟି କୋଣରୁ ଅଧିକ ଦୃଢ଼ ହେବା ଉପରେ ମୁଖ୍ୟତଃ ଫୋକସ ରହିବ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି। ଉପଯୋଗୀ ଏକ୍ସପୋଜର ଏବଂ ଚାପ ସ୍ଥିତିରେ ସନ୍ତୁଳନକୁ ସଜାଡ଼ିବା ପାଇଁ ଆମେ କେତେଜଣ ଯୁବ ଖେଳାଳିଙ୍କୁ ଦଳରେ ନେଇଛୁ। କ୍ୟାମ୍ପରେ ସମସ୍ତେ କଠିନ ପରିଶ୍ରମ କରି ଆଗାମୀ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଛନ୍ତି ବୋଲି ଫୁଲଟନ କହିଛନ୍ତି।



ଅଷ୍ଟ୍ରେଲିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ହକି ଦଳ।

**ଭାରତୀୟ ଦଳ**

ଗୋଲକିପର୍ସ: କ୍ରିଷ୍ଣନ ବାହାଦୂର ପାଠକ, ସୂରଜ କରକେରା।

ଡିଫେଣ୍ଡର୍ସ: ସୁମିତ, ଜରମନପ୍ରୀତ ସିଂ, ହରମନପ୍ରୀତ ସିଂ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ୍, ଯୁଗରାଜ ସିଂ, ପୁଭନ୍ନା ସି.ବି.।

ମିଡ୍‌ଫିଲ୍ଡର୍ସ: ରାଜିନ୍ଦର ସିଂ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ବିଷ୍ଣୁ କାନ୍ତ ସିଂ।

ଫରୱାର୍ଡ: ମନଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂ, ଦିଲପ୍ରୀତ ସିଂ, ସେଲଭାବ କାର୍ଥି, ଆଦିତ୍ୟ ଲାଲାଗେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ